# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୫/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, October 25/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୩୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 330 | ମୂଲ୍ୟ ₹୭/-




**ୱାଶିଂଟନଙ୍କୁ ୭ ଉଇକେଟ ସଫଳତା**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୭ଉଇକେଟ ଅକ୍ତିଆର କରିଛନ୍ତି ଭାରତୀୟ ବୋଲର ୱାଶିଂଟନ ସୁନ୍ଦର। ୧୬

୧୨ **୫ ବର୍ଷ ପରେ ଫେରୁଛନ୍ତି ପ୍ରିୟଙ୍କା**

ଦୀର୍ଘ ୫ ବର୍ଷର ବ୍ୟବଧାନ ପରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପୁଣି ଥରେ ବଲିଉଡ଼କୁ ଫେରିବା ନେଇ ପ୍ରସ୍ତୁତ ଅଛନ୍ତି ବୋଲି ଗୁରୁବାର ଏକ ସାକ୍ଷାତ୍କାରରେ କହିଛନ୍ତି।



# ଉପକୂଳରେ ତୁହାକୁ ତୁହା ବର୍ଷା

ବାତ୍ୟା 'ଦାନା' ସ୍ଥଳଭାଗ ନ ଛୁଇଁଣୁ ଗୁରୁବାର ମଧ୍ୟାହ୍ନରୁ ଉପକୂଳ ଓଡ଼ିଶାରେ ଦେଖିବାକୁ ମିଳିଛି ଏହାର ପ୍ରକୋପ। କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଜଗତ୍‌ସିଂହପୁର ଜିଲାରେ ପ୍ରବଳ ସହ ତୁହାକୁ ତୁହା ବର୍ଷା ଲାଗି ରହିଛି। କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର ଓ କେନ୍ଦୁଝର ଜିଲାରେ ମଧ୍ୟ 'ଦାନା' ଜନିତ ଲଗାଣ ବର୍ଷା ଦେଖିବାକୁ ମିଳିଛି। ବାତ୍ୟା ଗୁରୁବାର ମଧ୍ୟରାତ୍ରି ପରେ ସ୍ଥଳଭାଗ ଛୁଇଁବା ପରଠୁ ତାହା ପଶ୍ଚିମ ଓ ପଶ୍ଚିମ-ଦକ୍ଷିଣ ଦିଗରେ ଗତିଶୀଳ ହେବ। ଏଥିଯୋଗୁ ଅଧା ଓଡ଼ିଶା ପ୍ରଭାବିତ ହେବ। ଉପରୋକ୍ତ ଜିଲାଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉଦ୍ଧାର, ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସରକାର ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦେଉଥିବାବେଳେ ବାତ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ଆହ୍ୱାନପୂର୍ଣ୍ଣ ହୋଇପାରେ ବୋଲି କୁହାଯାଉଛି।

## ଅଧା ଓଡ଼ିଶାକୁ ପ୍ରଭାବିତ କରିବ 'ଦାନା'

- ଅତି ପ୍ରବଳ ବର୍ଷା ସମ୍ଭାବନା
- ୯ ଜିଲାକୁ ରେଡ୍‌ୱାର୍ନିଂ



ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠାରେ ଗୁରୁବାର ଅପରାହ୍ନରେ ସାମୁଦ୍ରିକ ଜୁଆର ମାଡ଼।

**ଭୁବନେଶ୍ୱର,୨୪।୧୦(ଅନିଲ ଦାସ)**

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା (ଦାନା) ପ୍ରଭାବରେ ଗୁରୁବାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା, ପବନ ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଗୁରୁବାର ପାରାଦୀପରେ ୬୨.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଚାନ୍ଦବାଲିରେ ୪୬.୨, ରାଜକନିକା ୨୭, ରାଜନଗର ୨୪, ନୀଳଗିରି ୨୩, ପଟ୍ଟାମୁଣ୍ଡାଇ ୨୨.୫, ସୋରୋ ୧୯, ବେତନଟୀ ୧୯, ଓଉପଦା ୧୮, ଧାମନଗର ୧୬, ସାରସକଣାରେ ୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର କେନ୍ଦୁଝର, ଅନୁଗୋଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର ଓ ପୁରୀ ଜିଲାର କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି ☞ପୃଷ୍ଠା-୪

# ରାଜନଗରରେ ଭାଙ୍ଗିଲା ଗଛ, ଘର

**ରାଜନଗର,୨୪।୧୦ ( ଭାସ୍କର ରାଉତରାୟ)**

ବାତ୍ୟା ଦାନା ଭିତରକନିକା-ଧାମରା ମଧ୍ୟରେ ଥିବା ରାଜନଗର ବ୍ଲକର ତାଲଚୁଆରେ ମାଡ଼ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୁରୁବାର ସକାଳୁ ତାଲଚୁଆରେ ବର୍ଷା ସହ ପବନ ଲାଗିରହିଛି। ବୈତରଣୀ ନଦୀ ଓ ଧାମରା ମୁହାଣ ସାମୁଦ୍ରିକ ଉଚ୍ଚ ଜୁଆର ଉଠୁଛି। ଉଚ୍ଚ ଜୁଆର ଭିତରକନିକାର ଲୁଣା ଜଙ୍ଗଲ ଉପରେ ମାଡ଼ ହେଉଛି। ଉଚ୍ଚ ଜୁଆର ଯୋଗୁ ନଦୀ କୂଳରେ ବନ୍ଧା ହୋଇଥିବା ଟ୍ରଲର ଓ ଭୁଟୁଭୁଟି ମଧ୍ୟରେ ପାଣି ପଶିଯାଇଛି। ତାଲଚୁଆ ଘାଟ ରାସ୍ତା ଉପରକୁ ଜୁଆର ପାଣି ଚାଲି ଆସୁଛି। ଅପରାହ୍ନ ସୁଦ୍ଧା ତୁହାକୁ ତୁହା ବର୍ଷା ସାଙ୍ଗକୁ ୭୦ରୁ ୮୦ କିମି ବେଗରେ ପବନ ମାଡ଼ ହେଉଛି। ରାଜନଗର-ଗୁପ୍ତି, ନଳିତାପାଟିଆ-ଡାଙ୍ଗମାଳ, ରାଜନଗର-ତାଲଚୁଆ ରାସ୍ତାରେ ଗଛ ଭାଙ୍ଗି ପଡ଼ିଛି। ଭାଙ୍ଗି ଯାଇଥିବା ଗଛକୁ ବନ ବିଭାଗ, ଅଗ୍ନିଶମ ବାହିନୀ ଓ ପୋଲିସ ପକ୍ଷରୁ ସଙ୍ଗେ ସଙ୍ଗେ ☞ପୃଷ୍ଠା-୪



ରାଜନଗର ବ୍ଲକ ତାଲଚୁଆ-ଡାଙ୍ଗମାଳ ରାସ୍ତାରେ ଭାଙ୍ଗିପଡ଼ିଥିବା ଗଛକୁ କଟାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ମୋଦି, ଶାହା

**ଭୁବନେଶ୍ୱର,୨୪।୧୦(ଅନିଲ ଦାସ)**

ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସନ୍ଧ୍ୟାରେ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଚାଲିଥିବା ଲୋକଙ୍କ ସ୍ଥାନାନ୍ତର ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହିତ ଲୋକଙ୍କ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ଆଲୋଚନା ପରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୮ ଦିନରେ ୨୦୩ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୨୪।୧୦ (ଅନୁରାଧା ମହାରଣା)**

ବାତ୍ୟା 'ଦାନା' ପାଇଁ ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ପୂର୍ବରୁ ୧୯୭ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇଛି। ଗତ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ୮ଦିନ ମଧ୍ୟରେ ମୋଟ ୨୦୩ଟି ଟ୍ରେନ୍ ବାତିଲ କରାଯାଇଛି। ଏହା ମଧ୍ୟରେ ୧୭୫ଟି ଇଣ୍ଟର ଜୋନାଲ ଟ୍ରେନ୍ ରହିଥିବାବେଳେ ୨୮ଟି ଇଣ୍ଟ୍ରାଜୋନାଲ ଟ୍ରେନ୍ ରହିଛି। ଶୁକ୍ରବାର ପାଇଁ ୪୪ଟି ଇଣ୍ଟର ଜୋନାଲ ଏବଂ ୧୦ଟି ଇଣ୍ଟର ଜୋନାଲ ଟ୍ରେନ୍ ବାତିଲ କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ୟୁକ୍ରେନ୍‌ର ଭବିଷ୍ୟତ

# ଜୁଆର ମାଡ଼ରେ ଓଲଟିଲା ବୋଟ୍

**ଭଦ୍ରକ/ଚାନ୍ଦବାଲି,୨୪।୧୦ (ସନାତନ ରାଉତ/କିଷାନ ପାତ୍ର)**

ବାତ୍ୟା 'ଦାନା' ପ୍ରଭାବରେ ଜୁଆର ମାଡ଼ି ଆସିବାରୁ ଧାମରା ମୁହାଣ ନିକଟରେ ପୂର୍ବରୁ ଫସି ରହିଥିବା ଏକ ବୋଟ୍ ଓଲଟି ପଡ଼ିଛି। ସେଥିରେ ବୋଟ୍‌କୁ ଜଗିଥିବା ଜଣେ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, କଷିଆ ଅଞ୍ଚଳର ମଖନ ପାଲ(୫୫) ଦୀର୍ଘବର୍ଷ ଧରି ଚଳାଉଥିବା ବୋଟ୍‌ଟି ସେହି ଅଞ୍ଚଳରେ ପାଣି ନ ଥିବା ସ୍ଥାନରେ ୮ ଦିନ ପୂର୍ବରୁ ମୁହାଣସ୍ଥିତ ବାଲିରେ ଫସି ରହିଥିଲା। ବାରମ୍ବାର ଚେଷ୍ଟା ପରେ ମଧ୍ୟ ବୋଟ୍‌ଟିକୁ ଚଲାଇ ପାରି ନ ଥିଲେ। ଏବେ ବାତ୍ୟା ପ୍ରଭାବରେ ଜୁଆର ମାଡ଼ି ଆସିବାରୁ ବୋଟ୍‌ଟି ଅଧା ଓଲଟିବା ଅବସ୍ଥାରେ ରହିଥିଲା। ଏପରି ଅବସ୍ଥାରେ ମଖନ ବୋଟ୍ ମଧ୍ୟରେ ରହିଥିଲେ। ବିପଜ୍ଜନକ ଅବସ୍ଥାରେ ବୋଟ୍‌ରେ ସେ ରହିଥିବା ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଏବଂ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପରାମର୍ଶକ୍ରମେ ଅନ୍ୟ ୨ଜଣ ବୋଟ୍ କର୍ମଚାରୀ ପାଣି ଭିତରକୁ ଯାଇ ମଖନଙ୍କୁ ବୁଝାଶୁଝା କରି ବାହାରକୁ ଆଣିଥିଲେ। ପାଣି ହେବା ପରେ ଫସିଥିବା ବୋଟ୍‌କୁ ଆଗକୁ ନେଇହେବ ବୋଲି ସେ ସେଥିରେ ରହିଥିଲେ। ମାଲିକଙ୍କ ନିର୍ଦ୍ଦେଶରେ ସେ ବୋଟ୍ ଛାଡ଼ି ଆସି ନ ଥିଲେ। ଅତ୍ୟଧିକ ପାଣି ହେଲେ ବୋଟ୍‌ରୁ ପଳାଇ ଆସିବାକୁ ମାଲିକ କହିଥିଲେ ବୋଲି ମଖନ ପ୍ରକାଶ କରିଛନ୍ତି। ମାଲିକଙ୍କ ଏହି ବୋଟ୍ ଚଲାଇ ଦୀର୍ଘଦିନ ଧରି ପରିବାର ପ୍ରତିପୋଷଣ ☞ପୃଷ୍ଠା-୪




ସମୁଦ୍ରରେ ବୋଟ୍ ଓଲଟି ବିପଦସଙ୍କୁଳ ଅବସ୍ଥାରେ ରହିଛି।

# ଭୁବନେଶ୍ୱର, ଝାରସୁଗୁଡ଼ା ଏୟାରପୋର୍ଟରେ ବୋମା ଯାଞ୍ଚ




ବୋମା ଧମକ ପରେ ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଯାଞ୍ଚ କରାଯାଉଛି।

**ଭୁବନେଶ୍ୱର,୨୪।୧୦ (ସତ୍ୟଜିତ୍ ରାଉତ)**

ସୋସିଆଲ ମିଡିଆରେ କିଛିଦିନ ମଧ୍ୟରେ ଘରୋଇ ଓ ଅନ୍ତର୍ଜାତୀୟ ସଂସ୍ଥାର ଶତାଧିକ ବିମାନକୁ ବୋମା ଧମକ ଆସୁଛି। ଏଥିଯୋଗୁ ବିମାନ ସେବା ମଧ୍ୟ ପ୍ରଭାବିତ ହେଉଛି। ଏହା ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଗୁରୁବାର ପୁଣି ବୋମା ଧମକ ବିମାନଯାତ୍ରୀଙ୍କୁ ଆତଙ୍କିତ କରିଛି। ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସୁଥିବା ଆକାଶା ଏୟାର ଫ୍ଲାଇଟ୍‌କୁ ବୋମା ଧମକ ମିଳିଥିବା ବେଳେ ବେଙ୍ଗାଲୁରୁରୁ ଝାରସୁଗୁଡ଼ା ଆସୁଥିବା ଏକ ଇଣ୍ଡିଗୋ ଫ୍ଲାଇଟ୍‌କୁ ସମାନ ଧମକ ମିଳିଛି। ଦୁଇଟି ଫ୍ଲାଇଟ୍ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ପରେ ଏହା ଏକ ଗୁଜବ ବୋଲି ଜଣାପଡ଼ିଛି। ତେବେ ଗୋଟିଏ ଦିନରେ ବିଭିନ୍ନ ସ୍ଥାନକୁ ଯାଉଥିବା ☞ପୃଷ୍ଠା-୪

## ଦିନକରେ ୮୫ ବିମାନକୁ ବୋମା ଧମକ

**ନୂଆଦିଲ୍ଲୀ,୨୪।୧୦**

ଭାରତୀୟ ଏୟାରଲାଇନ୍ସର ବିମାନଗୁଡ଼ିକୁ ବୋମାରେ ଉଡ଼ାଇଦେବା ପାଇଁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ହେଲା କ୍ରମାଗତ ଭାବେ ଧମକପୂର୍ଣ୍ଣ ବାର୍ତ୍ତା ଆସୁଛି। ଏଭଳି ହୋକ୍ସ କଲ୍ ଯୋଗୁ ଯାତ୍ରୀମାନେ ହଇରାଣ ହେବା ସହ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ବିପୁଳ କ୍ଷତି ସହୁଛନ୍ତି। ବିମାନ ଉଡ଼ାଣ ବିଳମ୍ବିତ ହେବା ସହ ଅନେକ ଫ୍ଲାଇଟ୍‌କୁ ବାତିଲ କରିବାକୁ ପଡୁଛି। ଗୁରୁବାର ୨୪ ଘଣ୍ଟା ମଧ୍ୟରେ ୮୫ରୁ ଅଧିକ ବିମାନକୁ ଏଭଳି ବାର୍ତ୍ତା ଆସିଥିବା ଜଣାପଡ଼ିଛି। ସେଥିରୁ ଏୟାର ଇଣ୍ଡିଆର ୨୦ଟି ବିମାନ ରହିଥିବାବେଳେ ଇଣ୍ଡିଗୋର ୨୦, ଭିସ୍ତାରାର ୨୦ ଏବଂ ଆକାଶ ଏୟାରଲାଇନ୍ସର ☞ପୃଷ୍ଠା-୪




## ସଂକ୍ଷେପରେ

### ବୟସ ନିର୍ଦ୍ଧାରଣ ପାଇଁ ଆଧାର କାର୍ଡ ବୈଧ ଦସ୍ତାବିଜ୍ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୧୦(ପି.ଟି.)

ବୟସ ନିର୍ଦ୍ଧାରଣ ପାଇଁ ଆଧାର କାର୍ଡ ବୈଧ ଦସ୍ତାବିଜ୍ ନୁହେଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିବା ସହ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଏ ସମ୍ପର୍କିତ ଏକ ରାୟକୁ ଖାରଜ କରିଦେଇଛନ୍ତି। ଏକ ସଡ଼କ ଦୁର୍ଘଟଣା ମାମଲାରେ କ୍ଷତିପୂରଣ ପାଇଁ ମୃତ ବ୍ୟକ୍ତିଙ୍କ ବୟସ ନିର୍ଦ୍ଧାରଣ ନିମନ୍ତେ ହାଇକୋର୍ଟ ଆଧାର କାର୍ଡକୁ ଗ୍ରହଣ କରିଥିଲେ। ଜୁଭେନାଇଲ୍ ଜଷ୍ଟିସ୍ (ପିଲାଙ୍କ ସୁରକ୍ଷା ଓ ଯତ୍ନ) ଆଇନ, ୨୦୧୫ର ଧାରା ୯୪ ଅନୁଯାୟୀ ସ୍କୁଲ୍ ଲିଭିଙ୍ଗ୍ ସାର୍ଟିଫିକେଟରେ ପ୍ରଦତ୍ତ ଜନ୍ମତାରିଖରୁ ମୃତକଙ୍କ ବୟସ ନିର୍ଦ୍ଧାରଣ କରାଯିବାର ଥିଲା ବୋଲି ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ୨୦୧୮ ଡିସେମ୍ବର ୨୦ରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ମେମୋରେଣ୍ଡମ୍ ଅନୁଯାୟୀ ପରିଚୟ ପାଇଁ ଆଧାରକୁ ବ୍ୟବହାର କରାଯାଇପାରିବ, ଜନ୍ମ ତାରିଖର ପ୍ରମାଣ ଭାବେ ନୁହେଁ ବୋଲି ଉଲ୍ଲେଖ ଥିବା ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

### ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ: ୫ ଯବାନ ଆହତ

ଶ୍ରୀନଗର,୨୪।୧୦

ଆତଙ୍କବାଦୀମାନେ ଗୁରୁବାର ରାତିରେ ଉତ୍ତର କଶ୍ମୀରର ଗୁଲମାର୍ଗ ଅନ୍ତର୍ଗତ ବୋଟାପଥର ଅଞ୍ଚଳରେ ସେନା ଗାଡ଼ି ଉପରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଅନ୍ୟୂନ ୫ ଯବାନ ଆହତ ହୋଇଛନ୍ତି। ପୁଲ୍‌ୱାମା ଜିଲାର ବାଟ୍‌ଗୁଣ୍ଡ ଟ୍ରାଲ୍ ଅଞ୍ଚଳରେ ଜଣେ ଶ୍ରମିକଙ୍କୁ ଆତଙ୍କବାଦୀମାନେ ଗୁଳି କରିବାର କିଛି ଘଣ୍ଟା ପରେ ସେନା ଗାଡ଼ିକୁ ଟାର୍ଗେଟ କରାଯାଇଥିଲା। ଗତ କିଛିଦିନ ମଧ୍ୟରେ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଇଛି। ଚଳିତ ମାସରେ ଅନେକ ଆକ୍ରମଣ ଘଟିଲାଣି। ଗତ ୨୦ ତାରିଖରେ ଆତଙ୍କବାଦୀମାନେ ଗନ୍ଦରବଲ ଜିଲା ଅନ୍ତର୍ଗତ ଶ୍ରୀନଗର-ଲେହ ଜାତୀୟ ରାଜପଥରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗ ଉପରେ ଆକ୍ରମଣ କରିବାରୁ ୬ ଜଣ ଶ୍ରମିକ ପ୍ରାଣ ହରାଇଥିଲେ।

### ଟ୍ରାଫିକ୍ ନିୟମ ଉଲ୍ଲଂଘନ ରୋକିବାକୁ ଏଆଇ ଉପଯୋଗ ହେବ: ଗଡ଼କରୀ

ନୂଆଦିଲ୍ଲୀ,୨୪।୧୦(ପି.ଟି.)

ଟ୍ରାଫିକ ନିୟମ ଉଲ୍ଲଂଘନକୁ ରୋକିବା ଏବଂ ଉପଯୁକ୍ତ ଭାବେ ଜରିମାନା ସୁନିଶ୍ଚିତ କରିବା ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଅନ୍ୟାନ୍ୟ ଅଭିନବ ପଦ୍ଧତି ବ୍ୟବହାର କରିବା ଉପରେ ସରକାର ବିଚାର କରୁଛନ୍ତି। ଟ୍ରାଫିକ୍ ଇନ୍‌ଫ୍ରାଟେକ୍ ଏକ୍ସପୋର ଦ୍ୱାଦଶ ସଂସ୍କରଣକୁ ଉଦ୍‌ବୋଧନ ଦେଇ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁବାର ଏହା କହିଛନ୍ତି। ଟୋଲ୍ ସଂଗ୍ରହ ପଦ୍ଧତିରେ ଉନ୍ନତି ପାଇଁ ସାଟେଲାଇଟ୍ ଟୋଲ୍ ସିଷ୍ଟମ୍‌କୁ ସାମିଲ କରିବା ଯୋଜନା ହେଉଛି। ଫଳରେ ଟୋଲ୍ ସଂଗ୍ରହ ଅଧିକ ପ୍ରଭାବୀ ଓ ସ୍ୱଚ୍ଛ ହୋଇପାରିବ। ନୂତନ ଇଞ୍ଜିନିୟରିଂ ପଦ୍ଧତି ସାମିଲ କରିବା, ଆଇନର କାର୍ଯ୍ୟକାରିତା ଏବଂ ଏଆଇ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିର ଉପଯୋଗ ବିନା ସଡ଼କ ସୁରକ୍ଷା ହାସଲ କରାଯାଇପାରିବ ନାହିଁ ବୋଲି ଗଡ଼କରୀ କହିଛନ୍ତି।

# ଚର୍ଚ୍ଚାରେ ବ୍ରିକ୍ସ ବ୍ୟାଙ୍କନୋଟ୍




## ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ପ୍ରସ୍ତୁତି

**ରାଜାରାଜୁଡ଼ା ଅମଳର ବହୁ ପୂର୍ବରୁ ପଣ୍ୟ ବିନିମୟ ଚାଲିଥିଲା। ଲୋକେ ଖାଦ୍ୟ ଦେଇ ଏହା ବଦଳରେ ବସ୍ତ୍ର ଓ ବାସଗୃହ ଭଳି ମୌଳିକ ଆବଶ୍ୟକତା ପୂରଣ କରିପାରୁଥିଲେ। ପରେ ଶାସକ ବର୍ଗ ଭାଗମାପ ହିସାବ ରଖିବା ଓ କୋଷବୃଦ୍ଧି ପାଇଁ ମୁଦ୍ରା ତିଆରି କଲେ। କାଳକ୍ରମେ ମୁଦ୍ରାର ରୂପ ଓ ଆକୃତି ବଦଳିବାରେ ଲାଗିଲା। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ମୁଦ୍ରା ପ୍ରଚଳିତ। ପୃଥିବୀର ସବୁଠୁ ଓଜନଦାର ଓ ସର୍ବାଧିକ ଗ୍ରହଣୀୟ କରେନ୍ସି ହେଉଛି ଆମେରିକୀୟ ଡଲାର। ବିଶ୍ୱର ପ୍ରାୟ ୮୮% ବାଣିଜ୍ୟିକ କାରବାର ଡଲାରରେ ହୋଇଥାଏ। ତେବେ ସାମ୍ପ୍ରତିକ ଭୂରାଜନୈତିକ ପରିସ୍ଥିତିରେ କେତେକ ଦେଶ ଡଲାର ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ନୂଆ କରେନ୍ସି ପ୍ରଚଳନକୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଲାଣି। ଏହିକ୍ରମରେ ସର୍ବଶକ୍ତିଶାଳୀ ରାଷ୍ଟ୍ରର 'କିଙ୍ଗ୍ ଡଲାର'କୁ ଘେରିଛନ୍ତି ରୁଷିଆର ରୁବଲ, ଚାଇନାର ୟୁଆନ୍ ଓ ଭାରତୀୟ ଟଙ୍କା ଭଳି ଆଉ କିଛି ହେଭିୱେଟ୍ କରେନ୍ସି। ରୁଷିଆର କଜାନ ସହରରେ ୩ ଦିନ ଧରି ଚାଲିଥିବା ବ୍ରିକ୍ସ ସମ୍ମିଳନୀରେ 'ଦି ୟୁନିଟ୍' ନାମରେ ଏକ ପ୍ରତୀକାତ୍ମକ ବ୍ୟାଙ୍କନୋଟ୍ ଜାରି କରାଯାଇଥିବା କୁହାଯାଉଛି। ତେବେ ଏଭଳି ଖବରକୁ ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଖଣ୍ଡନ କରିଛି।**


ବ୍ରିକ୍ସ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକ କରେନ୍ସି ନୋଟ୍ ଦେଖାଉଛନ୍ତି।

ମସ୍କୋ/ନୂଆଦିଲ୍ଲୀ,୨୪।୧୦

ରୁଷିଆର କଜାନରେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ସଦ୍ୟ ଅନୁଷ୍ଠିତ ୧୬ତମ ବ୍ରିକ୍ସ ସମ୍ମିଳନୀରେ ଏହି ରାଷ୍ଟ୍ରଗୋଷ୍ଠୀ ପକ୍ଷରୁ ଏକ ପ୍ରତୀକାତ୍ମକ ଭାବେ ସ୍ୱତନ୍ତ୍ର ବ୍ୟାଙ୍କନୋଟ୍ ଜାରି କରାଯାଇଛି। ବ୍ରିକ୍ସ ବ୍ୟାଙ୍କନୋଟ୍‌ରେ ଏହି ରାଷ୍ଟ୍ରଗୁଡ଼ିକର ଜାତୀୟ ପତାକା ରହିଛି। ସୀମାପାର ବ୍ୟବସାୟିକ କାରବାର ବେଳେ ଆମେରିକୀୟ ଡଲାରର ପ୍ରଭୁତ୍ୱ ହ୍ରାସ କରି ଏହାର ବିକଳ୍ପ ଭାବେ ନୂଆ କରେନ୍ସି ବ୍ୟବହାର କରିବା ଲକ୍ଷ୍ୟରେ ବ୍ରିକ୍ସ ବ୍ୟାଙ୍କନୋଟ୍‌କୁ ଅଣାଯାଇଛି। ଏହାଦ୍ୱାରା ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକ ଅଧିକ ସ୍ୱାଧୀନ ଅର୍ଥନୈତିକ ବ୍ୟବସ୍ଥା କରି ପ୍ରତିଷ୍ଠା ପୂର୍ବକ ପାଶ୍ଚାତ୍ୟର ଆର୍ଥିକ ଢାଞ୍ଚା ଉପରେ ନିଜ ନିର୍ଭରଶୀଳତା ହ୍ରାସ କରିପାରିବେ ବୋଲି କୁହାଯାଉଛି। ତେବେ ଡଲାରକୁ ପ୍ରତ୍ୟାଖ୍ୟାନ କରାଯାଇ ନାହିଁ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ଡଲାରର ଉପଲବ୍ଧତାକୁ ସୀମିତ କରିବା ଜାରି ରହିଲେ ସମ୍ଭାବ୍ୟ ସ୍ଥିତି ପାଇଁ ଏକ ବିକଳ୍ପ ନିମନ୍ତେ ପ୍ରସ୍ତୁତି ଚାଲିଥିବା ନେଇ ବ୍ରିକ୍ସ ସମ୍ମିଳନୀରେ ପୁଟିନ୍ ସ୍ପଷ୍ଟ କରିଛନ୍ତି।

### ଡଲାରକୁ ପ୍ରତ୍ୟାଖ୍ୟାନ ନୁହେଁ, ବିକଳ୍ପ ପାଇଁ ପ୍ରସ୍ତୁତି: ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ମତରେ ଡଲାର ବୈଶ୍ୱିକ ବଜାରରେ ନିଜ ଗୁରୁତ୍ୱ ବଜାୟ ରଖିଛି। କିନ୍ତୁ ଏହାକୁ ଏକ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରାଯିବା ଦ୍ୱାରା ଏହି ମୁଦ୍ରାର ଆସ୍ଥା ନ୍ୟୂନ ହୋଇଯାଉଛି। ବ୍ରିକ୍ସ ଡଲାର ବିରୋଧରେ ଲଢ଼େଇ କରିବ ନାହିଁ, ବରଂ ଜରୁରୀ ସ୍ଥିତିରେ ଆବଶ୍ୟକ ପଡ଼ିଲେ ବିକଳ୍ପ ରୂପେ ବ୍ୟବହୃତ ହେବ। ସେମାନେ ଯଦି ଆମକୁ ବ୍ଲକ୍ କରନ୍ତି, ତେବେ ଆମେ ବିକଳ୍ପ ପଦ୍ଧତି ବାହାର କରିବୁ। ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଆର୍ଥିକ କଟକଣା ଜାରି କରିଥିବାରୁ ମସ୍କୋ ଅନେକ ଡଲାରଭିତ୍ତିକ ନେଟ୍‌ୱର୍କରୁ ବିଚ୍ଛିନ୍ନ ହୋଇଯାଇଛି। ରୁଷିଆର ବୈଶ୍ୱିକ କାରବାର ସଙ୍କୁଚିତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପୁଟିନ୍‌ଙ୍କ ଉପରୋକ୍ତ ମନ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ମନେହେଉଛି। ବାଣିଜ୍ୟ ପାଇଁ ଡଲାରର ବିକଳ୍ପ ମୁଦ୍ରା ବାହାର କରି ବ୍ରିକ୍ସ ଏଭଳି ରାଜନୈତିକ ପଦକ୍ଷେପଜନିତ ରିସ୍କକୁ ହ୍ରାସ କରିବା ପାଇଁ ଉଦ୍ୟମ କରିଛି। ପୁଟିନ୍‌ଙ୍କ ମତରେ ଡଲାରକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରାଗଲେ ବ୍ରିକ୍ସ ବ୍ଲକ୍ ଆର୍ଥିକ କାରବାରର ଏହି ନୂଆ ଢାଞ୍ଚାକୁ ଆପଣାଇବା ସହ ଏକ ଉନ୍ନତ ଆର୍ଥିକ ବ୍ୟବସ୍ଥା ଆଡ଼କୁ ଗତି କରିବ। ସେହିପରି ନ୍ୟୁ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ଅଧ୍ୟକ୍ଷା ଡିଲ୍‌ମା ରୋସେଫ୍ ମଧ୍ୟ ପୁଟିନ୍‌ଙ୍କ ସହ ସ୍ୱର ମିଳାଇଛନ୍ତି। ଡଲାରକୁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଦ୍ୱାରା ବୈଶ୍ୱିକ ଅର୍ଥନୀତିରେ ଏହା ନିର୍ଭରଶୀଳତା ହରାଉଛି ବୋଲି ସେ କହିଛନ୍ତି।

ବ୍ରିକ୍ସ ସମ୍ମିଳନୀରେ ବୁଧବାର ଏହି ବ୍ଲକ୍‌ର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସ୍ଥାନୀୟ ମୁଦ୍ରାଗୁଡ଼ିକରେ ସୀମାପାର କାରବାର ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦେଇଛନ୍ତି। ଡଲାର ଉପରୁ ବ୍ରିକ୍ସ ବ୍ୟବସାୟିକ ସହଭାଗୀଙ୍କ ନିର୍ଭରଶୀଳତା ହ୍ରାସ କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ବୋଲି କଜାନ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି। ଏହାକୁ ବିସ୍ତୃତ ବ୍ରିକ୍ସ କ୍ରସ୍-ବ୍ରଡର ପେମେଣ୍ଟସ ଇନିସିଏଟିଭ୍‌ର ଏକ ଅଂଶବିଶେଷ ମନେକରାଯାଉଛି, ଯହିଁରେ ଦେଶ ଦେଶ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ବ୍ରିକ୍ସ ବ୍ୟାଙ୍କନୋଟ୍‌କୁ ବ୍ୟବହାର କରାଯାଇପାରିବ।

### ଭାରତର ଭୂମିକା

ସ୍ଥାନୀୟ ମୁଦ୍ରା ବ୍ୟବସ୍ଥା ଆପଣାଇବା କ୍ଷେତ୍ରରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି। ଡଲାର ପରିବର୍ତ୍ତେ ବିକ୍ସ ବ୍ୟାଙ୍କନୋଟ୍‌ର ପ୍ରଚଳନ ଦ୍ୱାରା ସଦସ୍ୟ ରାଷ୍ଟ୍ର ସମୂହ ମଧ୍ୟରେ ଆର୍ଥିକ ସମ୍ପର୍କ ସୁଦୃଢ଼ ହେବ। ଏହା ବାଣିଜ୍ୟ ପାଇଁ ପ୍ରତିକୂଳ ସ୍ଥିତିକୁ ସାମ୍ନା କରିବାରେ ଏହା ଏକ ଅଧିକ ନମନୀୟ ଢାଞ୍ଚା ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଛନ୍ତି। ଭାରତ ଏହି ଦିଗରେ ପୂର୍ବରୁ କେତେକ ପଦକ୍ଷେପ ନେଇସାରିଛି। ଏହାଦ୍ୱାରା ରୁଷିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭାରତ ସହ ଟଙ୍କାରେ କାରବାର କରୁଥିବାବେଳେ ଇଣ୍ଡୋନେସିଆ ଭଳି ଆଉ କେତେକ ରାଷ୍ଟ୍ର ସହ ଆଲୋଚନା ଚାଲିଛି।

### ବ୍ରିକ୍ସ କରେନ୍ସି: ଏକ ପ୍ରତୀକାତ୍ମକ ଆରମ୍ଭ

ପ୍ରତୀକାତ୍ମକ ବ୍ରିକ୍ସ ବ୍ୟାଙ୍କନୋଟ୍ ଏକ ସାଧାରଣ କରେନ୍ସି ରୂପେ ଅନେକ ଆଶା ଉଜ୍ଜୀବିତ କରିଥିବାବେଳେ କର୍ତ୍ତୃପକ୍ଷମାନେ ଆର୍ଥିକ ବଜାରଗୁଡ଼ିକୁ ସମନ୍ୱିତ କରି ସ୍ଥାନୀୟ ମୁଦ୍ରାରେ କାରବାର କ୍ଷେତ୍ରରେ ସତର୍କତା ଅବଲମ୍ବନ କରିଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ବ୍ରିକ୍ସ ବ୍ୟାଙ୍କନୋଟ୍‌ର 'ଦି ୟୁନିଟ୍' ନାମକରଣ କରାଯାଇଛି। ସୁନା ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକର କରେନ୍ସିକୁ ଏହା ସହାୟକ ହେବ ବୋଲି ମନେକରାଯାଉଛି। ତେବେ ସମ୍ମିଳନୀରେ ବ୍ରିକ୍ସ କରେନ୍ସିର ପ୍ରଚଳନ ଆରମ୍ଭ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ବ୍ରିକ୍ସ ନେତାମାନେ ନିଜ ନିଜ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରମାନଙ୍କୁ ସ୍ଥାନୀୟ ମୁଦ୍ରା ଓ ଆର୍ଥିକ ଏକୀକରଣ ଦିଗରେ ଅଧିକ ପଦକ୍ଷେପ ଅନ୍ୱେଷଣ କରିବାକୁ ପରାମର୍ଶ ଦେଇଛନ୍ତି। ସମ୍ମିଳନୀରେ ଅନ୍ତର୍ଜାତୀୟ କାରବାରକୁ ସୁଗମ କରିବା ଲାଗି ଏକ ବିସ୍ତୃତ ସୀମାପାର ସେଟେଲ୍‌ମେଣ୍ଟ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଯୋଜନା ହୋଇଛି, ଯାହାର ନାମ ସମ୍ଭବତଃ 'ବ୍ରିକ୍ସ କ୍ଲିୟର' ରଖାଯାଇପାରେ।

### ଚ୍ୟାଲେଞ୍ଜ ଓ ଆଭିମୁଖ୍ୟ

ସ୍ଥାନୀୟ ମୁଦ୍ରାକୁ ସ୍ୱୀକୃତି ଏକ ଦୁଃସାହସିକ ପଦକ୍ଷେପ ହୋଇଥିବାବେଳେ ବ୍ରିକ୍ସ ପାଇଁ ଏହି ରାସ୍ତା ଆଗକୁ ସହଜ ହୋଇ ନ ପାରେ। ବ୍ରିକ୍ସ ମୁଦ୍ରାରେ କାରବାର କରାଯିବା ଦ୍ୱାରା ଉକ୍ତ ବ୍ଲକ୍‌ର ସଦସ୍ୟମାନେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ପ୍ରତୀକାତ୍ମକ ବ୍ରିକ୍ସ ବ୍ୟାଙ୍କନୋଟ୍ ଏବଂ ଏକ ସାଧାରଣ କରେନ୍ସିକୁ ନେଇ ଆଲୋଚନା ପରିବର୍ତ୍ତନ ପାଇଁ ଏକ ଆଗ୍ରହର ସଙ୍କେତ ହୋଇଥିବାବେଳେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ତତ୍କାଳ ପ୍ରତିଷ୍ଠା କରିବା ସହଜ ହୋଇ ନ ପାରେ। ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ନୂଆ ସ୍ଥାନୀୟ ମୁଦ୍ରାର ଅବମୂଲ୍ୟାୟନ ବା ଏହା ଉପରୁ ଆସ୍ଥା ତୁଟିବା। ନୂଆ ମୁଦ୍ରାକୁ ଡଲାର ଭଳି ଗ୍ରହଣ କରା ନ ଗଲେ ଆର୍ଥିକ ଅସ୍ଥିରତା ସୃଷ୍ଟି ହେବା ସହ କାରବାରରେ ବାଧା ଉପୁଜିବ। ନ୍ୟୁ କରେନ୍ସିକୁ ସୁଇଚ୍‌ଅଫ୍ କରିବା ପୂର୍ବରୁ ଏହା ଉପରେ ବିଶ୍ୱାସ ଜନ୍ମାଇବା ଆବଶ୍ୟକ। ଆଉ ଏକ ଚ୍ୟାଲେଞ୍ଜ ହେଲା, ସୁନା ଓ ତୈଳ ଭଳି ଅନେକ ସାମଗ୍ରୀ (କମୋଡିଟିଜ୍)ର ମୂଲ୍ୟ ଡଲାରରେ ସ୍ଥିର ରହିଥାଏ। କିନ୍ତୁ ଅନ୍ତର୍ଜାତୀୟ ବଜାରରେ ନୂଆ କରେନ୍ସିର ଗ୍ରହଣୀୟତା ସେତେଟା ରହି ନ ପାରେ। କଜାନ ସମ୍ମିଳନୀ ୟୁରୋପୀୟ ସଂଘର 'କାର୍ବନ ବର୍ଡର ଆଡ୍‌ଜଷ୍ଟମେଣ୍ଟ ମେକାନିଜମ୍'କୁ ଏକ 'ରକ୍ଷଣବାଦୀ ପଦକ୍ଷେପ' ଦର୍ଶାଇ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଏହି ଆଭିମୁଖ୍ୟରୁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପାଶ୍ଚାତ୍ୟ ପ୍ରତିରୋଧୀ ମନୋଭାବ ପ୍ରତିଫଳିତ ହୋଇଛି। ତେବେ ବର୍ତ୍ତମାନର ପାଶ୍ଚାତ୍ୟ ଆଧିପତ୍ୟ ଢାଞ୍ଚାରେ ବ୍ରିକ୍ସ କାର୍ଯ୍ୟ ନ କଲେ କୌଣସି ଅସୁବିଧା ହେବ ନାହିଁ ବୋଲି ପୁଟିନ୍ କହିଛନ୍ତି।

## ଗାଜାରେ ଇସ୍ରାଏଲର ମିଶାଇଲ ମାଡ଼, ୭ ଶିଶୁଙ୍କ ସମେତ ୧୭ ମୃତ


ରଫାହ, ୨୪।୧୦

ଇସ୍ରାଏଲ ପକ୍ଷରୁ ଗୁରୁବାର କେନ୍ଦ୍ରୀୟ ଗାଜାରେ ମିଶାଇଲ ମାଡ଼ କରାଯାଇଛି। ବିସ୍ଥାପିତମାନଙ୍କର ଆଶ୍ରୟସ୍ଥଳୀ ପାଲଟିଥିବା ଏକ ସ୍କୁଲରେ ମିଶାଇଲ ମାଡ଼ ହେବାରୁ ୧୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବର୍ଷକରୁ କମ୍ ୭ ଶିଶୁ ରହିଥିବା ନେଇ ସ୍ଥାନୀୟ ପାଲେଷ୍ଟିନୀୟ ଅଧିକାରୀ କହିଛନ୍ତି। ସେହିପରି ଉକ୍ତ ଏୟାର ଷ୍ଟ୍ରାଇକ୍‌ରେ ୩ ମହିଳାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଆହତମାନଙ୍କୁ ସ୍ଥାନୀୟ ଅଲ୍ ଅଦ୍‌ଵା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଇସ୍ରାଏଲୀ ସେନାର ତ୍ୱରିତ ପ୍ରତିକ୍ରିୟା ମିଳିପାରି ନାହିଁ।

## କାନାଡା ଆଇନଶୃଙ୍ଖଳା, ପ୍ରତିରକ୍ଷା ବଳରେ ଖଲିସ୍ତାନୀ: ଭାରତୀୟ କୂଟନୀତିଜ୍ଞ

ନୂଆଦିଲ୍ଲୀ,୨୪।୧୦

କାନାଡାର ଆଇନଶୃଙ୍ଖଳା ବ୍ୟବସ୍ଥାଠାରୁ ଆରମ୍ଭ କରି ପ୍ରତିରକ୍ଷା ବାହିନୀରେ ଖଲିସ୍ତାନୀ ସପକ୍ଷବାଦୀ ତତ୍ତ୍ୱ ରହିଥିବା ଭାରତୀୟ ଉଚ୍ଚାୟୁକ୍ତ ସଞ୍ଜୟ ବର୍ମା କହିଛନ୍ତି। ଏପରିକି ସେଠାର ପାର୍ଲାମେଣ୍ଟରେ ମଧ୍ୟ ଖଲିସ୍ତାନୀଙ୍କୁ ସ୍ଥାନ ମିଳିଛି। କାନାଡାର ଆଚରଣ ଅତ୍ୟନ୍ତ ଖରାପ। ଏହା ଭାରତକୁ ପଛରୁ ଛୁରିକାଘାତ କରିବା ସହ ଅତ୍ୟନ୍ତ ଅଣପେସାଦାରି ଢଙ୍ଗରେ ଦେଖିଥାଏ ବୋଲି ବର୍ମା କହିଛନ୍ତି।


ସଞ୍ଜୟ ବର୍ମା

ମୁଷ୍ଟିମେୟ ଖଲିସ୍ତାନୀ ସମର୍ଥକ ସେହି ଦେଶର ବିଚାରଧାରାକୁ ଆପରାଧିକ ଉଦ୍ୟୋଗରେ ପରିଣତ କରିଛନ୍ତି। ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଏବଂ ମାନବ ଚାଲାଣ କାର୍ଯ୍ୟ ବଢ଼ିଥିବାବେଳେ କାନାଡା କର୍ତ୍ତୃପକ୍ଷ ଏଥିପ୍ରତି ଆଖି ବୁଜିଦେଇଛନ୍ତି। କାରଣ ସ୍ଥାନୀୟ ରାଜନୀତି ପାଇଁ ସେମାନେ ଭୋଟବ୍ୟାଙ୍କ ରାଜନୀତିର ଅଂଶବିଶେଷ ହୋଇଯାଇଛନ୍ତି। ୨୦୨୩ ଜୁନ୍‌ରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାରଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଭାରତୀୟ ଉଚ୍ଚାୟୁକ୍ତ ବର୍ମା ସମ୍ପୃକ୍ତ ବୋଲି ଗତ ୧୩ ତାରିଖରେ କାନାଡା ତଦନ୍ତ ରିପୋର୍ଟରେ ଦର୍ଶାଯିବା ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ତୀବ୍ର ହୋଇଥିଲା। ଭାରତ କାନାଡାରୁ ଉଚ୍ଚାୟୁକ୍ତ ବର୍ମାଙ୍କ ସମେତ ଅନ୍ୟ ୫ ଜଣ କୂଟନୀତିଜ୍ଞଙ୍କୁ ପ୍ରତ୍ୟାହାର କରିଆଣିଥିଲା।

## ବେଙ୍ଗାଲୁରୁ ବର୍ଷା: କାର୍ ଛାଡ଼ି ଚାଲିଚାଲି ଗଲେ ଲୋକେ


ବେଙ୍ଗାଲୁରୁରେ ଲଗାଣ ବର୍ଷା ଯୋଗୁ ରାସ୍ତାଘାଟ ବୁଡ଼ି ଯାଇଥିବାବେଳେ ଜଣେ ବ୍ୟକ୍ତି ଏକ କବାଟକୁ ଭେଳା କରି ସେଥିରେ ନିଜ ସ୍କୁଟିକୁ ନେଉଛନ୍ତି।

ବେଙ୍ଗାଲୁରୁ, ୨୪।୧୦

ବେଙ୍ଗାଲୁରୁରେ ଲଗାଣ ବର୍ଷା ଯୋଗୁ ବୁଧବାର ରାତିରେ ଟ୍ରାଫିକ୍ ଜାମ୍‌ର ସମ୍ମୁଖୀନ ହୋଇ ସହରବାସୀ ନାକେଦମ ହୋଇଛନ୍ତି। ବେଙ୍ଗାଲୁରୁକୁ ତାମିଲନାଡୁ ସହ ଯୋଡୁଥିବା ଇଲେକ୍ଟ୍ରୋନିକ୍ ସିଟି ଫ୍ଲାଏ ଓଭର ବ୍ରିଜ୍‌ରେ ୨ରୁ ୨.୫ ଘଣ୍ଟା ଟ୍ରାଫିକ୍ ଜାମ୍ ହୋଇଥିଲା। ପାଣି ଜମି ରହିଥିବାରୁ ପୋଲିସ ଫ୍ଲାଏଓଭରର ଏକ ପାର୍ଶ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା। ଫଳରେ ଟ୍ରାଫିକ୍ ଜାମ୍ ସ୍ଥିତି ଉପୁଜିଥିଲା। ଦୀର୍ଘ ସମୟ ଜାମ୍‌ରେ ଫସି ରହିବା ପରେ ଲୋକମାନେ ଅତିଷ୍ଠ ହୋଇ ନିଜ ନିଜ କାର୍‌କୁ ଛାଡ଼ି ଚାଲିକରି ଘରକୁ ଫେରିଥିଲେ। ଏହାର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ପିଏସି ବୈଠକକୁ ଆସିଲେନି ସେବି ଅଧ୍ୟକ୍ଷା

ନୂଆଦିଲ୍ଲୀ,୨୪।୧୦(ପି.ଟି.)

### ବେଣୁଗୋପାଲଙ୍କ ବିରୋଧରେ ବାଚସ୍ପତିଙ୍କ ପାଖରେ ଫେରାଦ ହେଲା ଭାଜପା

ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଗୁରୁବାର ସଂସଦୀୟ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ବୈଠକରେ ଯୋଗ ନ ଦେବାରୁ କମିଟି ଅଧ୍ୟକ୍ଷ କେ.ସି. ବେଣୁଗୋପାଳ ବୈଠକକୁ ସ୍ଥଗିତ ରଖିଥିଲେ। ବେଣୁଗୋପାଳ ଏକପାଖିଆ ନିଷ୍ପତ୍ତି ନେଉଥିବା ଅଭିଯୋଗ କରି ଏନ୍‌ଡିଏ ସଦସ୍ୟମାନେ ଲୋକ ସଭା ବାଚସ୍ପତିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜରୁରୀ କାର୍ଯ୍ୟ ପାଇଁ ବୁଚ୍ ଓ ତାଙ୍କ ଟିମ୍ ପିଏସି ବୈଠକରେ ଯୋଗଦେଇପାରିବେ ନାହିଁ ବୋଲି ପୂର୍ବାହ୍ନ ୯ଟା ୩୦ରେ କମିଟିକୁ ଜଣାଇଥିଲେ। ତାଙ୍କ ନିବେଦନକୁ ବିଚାରକୁ ନେଇ ଆଜିର ବୈଠକ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଲେ ବୋଲି ବେଣୁଗୋପାଳ ଗଣମାଧ୍ୟମକୁ କହିଛନ୍ତି। ବୈଠକ ଆରମ୍ଭ ହୋଇଥିଲେ ମଧ୍ୟ ଶାସକ ମେଣ୍ଟ ଏବଂ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନଙ୍କ ମଧ୍ୟରେ କଥା କଟାକଟି ହେବା ପରେ ବିରୋଧୀ ସଦସ୍ୟମାନେ ବୈଠକ ସ୍ଥଳ ଛାଡ଼ି ଚାଲିଯାଇଥିଲେ। ଅନ୍ୟପକ୍ଷରେ ବେଣୁଗୋପାଳ ଏନ୍‌ଡିଏ ଏମ୍‌ପିମାନଙ୍କ ମତାମତ ନ ନେଇ ନିଜ ଇଚ୍ଛାରେ ନିଷ୍ପତ୍ତି ନେଇଥିଲେ ବୋଲି ଭାଜପା ସଦସ୍ୟମାନେ ଅଭିଯୋଗ କରିଛନ୍ତି।

## କୁର୍ଦ୍ଦ ଆତଙ୍କବାଦୀଙ୍କ ଠିକଣାରେ ତୁର୍କୀର ବୋମାମାଡ଼

ଆଙ୍କାରା, ୨୪।୧୦

ତୁର୍କୀର ରାଜଧାନୀ ଆଙ୍କାରାସ୍ଥିତ ଡିଫେନ୍ସ ଓ ଏରୋସ୍ପେସ୍ କମ୍ପାନୀ 'ତୁର୍କୀ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍' ମୁଖ୍ୟାଳୟରେ ବୁଧବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୨ ଜଣ ଆହତ ହୋଇଥିଲେ। ଏହି ଆତଙ୍କବାଦୀ ଆକ୍ରମଣ ପଛରେ କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟି(ପିକେକେ)ର ହାତ ରହିଥିବା ଜଣାପଡ଼ିଛି। ଏହାପରେ ତୁର୍କୀ ବାୟୁସେନା ପକ୍ଷରୁ ବୁଧବାର ଇରାକ୍ ଏବଂ ସିରିଆରେ ଥିବା କୁର୍ଦ୍ଦ ଆତଙ୍କବାଦୀଙ୍କ ଠିକଣାକୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଗୁରୁବାର ମଧ୍ୟ ତୁର୍କୀ ଇରାକ୍ ଏବଂ ସିରିଆରେ ଥିବା କୁର୍ଦ୍ଦ ଆତଙ୍କବାଦୀଙ୍କ ଠିକଣାକୁ ଟାର୍ଗେଟକରି ବୋମାମାଡ଼ କରିଛି। ପିକେକେ ଦ୍ୱାରା ବ୍ୟବହୃତ ଅନେକ ରଣନୈତିକ ସ୍ଥାନକୁ ଟାର୍ଗେଟ କରି ବୋମାମାଡ଼ କରାଯାଇଥିବା ନେଇ ତୁର୍କୀର ଜାତୀୟ ଗୋଇନ୍ଦା ସଂସ୍ଥା ସୂଚନା ଦେଇଛି। ଏହି ଆକ୍ରମଣରେ କୁର୍ଦ୍ଦର ୩୨ ଠିକଣାକୁ ନଷ୍ଟ କରିଦିଆଯାଇଛି। ତୁର୍କୀର ପ୍ରତିରକ୍ଷା ମନ୍ତ୍ରୀ ୟାସର ଗୁଲେର କହିଛନ୍ତି, ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ତୁର୍କୀ ସରକାର ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଆତଙ୍କବାଦର ସମାପ୍ତି ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଜରୁରୀ। ତେବେ ତୁର୍କୀ ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକ୍‌କୁ ନେଇ ପିକେକେ ପକ୍ଷରୁ କୌଣସି ବିବୃତି ଦିଆଯାଇନାହିଁ। ତେବେ ସିରିଆରେ ଉକ୍ତ ଏୟାର ଷ୍ଟ୍ରାଇକ ଯୋଗୁ ୧୨ ଜଣ ସାଧାରଣ ଲୋକଙ୍କର ମୃତ୍ୟୁ ଘଟିଛି ବୋଲି କୁର୍ଦ୍ଦ ଆତଙ୍କବାଦୀ ସଙ୍ଗଠନ ଦ୍ୱାରା ପରିଚାଳିତ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ ଦାବି କରିଛି।

## ରାଜ୍ୟ ବିରୋଧରେ ଅଦାଲତ ଅବମାନନା ମାମଲାକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୪।୧୦(ପି.ଟି.)


### ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ

ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହାର ଉଲ୍ଲଂଘନ କରି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ରାଜସ୍ଥାନ କର୍ତ୍ତୃପକ୍ଷ ଘର ଭାଙ୍ଗିଥିବାରୁ ଉକ୍ତ ରାଜ୍ୟଗୁଡ଼ିକ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ପାଇଁ ପିଟିଶନ ଦାଏର ହୋଇଥିଲା। ଏହାକୁ ବିଚାର ପାଇଁ ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ମନା କରିଦେଇଛନ୍ତି। ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସମ୍ପୃକ୍ତ ନ ଥିବା ଜଣେ ବ୍ୟକ୍ତି କଣ୍ଟେମ୍ପ୍ଟ ଅଭିଯୋଗ ଆଣିଥିଲେ। ଆମେ 'ଭାନୁମତୀ ପେଡ଼ି' ଖୋଲିବାକୁ ଚାହୁଁନାହୁଁ, ଗୃହ ଉଚ୍ଛେଦ ଯୋଗୁ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନେ ଅଦାଲତଙ୍କୁ ଆସନ୍ତୁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ, ପି.କେ. ମିଶ୍ରା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ବିନା ଅନୁମତିରେ ଘର ନ ଭାଙ୍ଗିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହରିଦ୍ୱାର, ଜୟପୁର ଏବଂ କାନପୁରରେ ସରକାରୀ କର୍ତ୍ତୃପକ୍ଷ କେତେଜଣଙ୍କ ଘର ଉପରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଏହା ଅଦାଲତ ଅବମାନନା ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତେବେ ଆବେଦନକାରୀ ଜଣେ ତୃତୀୟ ପକ୍ଷ ହୋଇଥିବାରୁ କ'ଣ ପାଇଁ ଘର ଭଙ୍ଗାଗଲା, ତାହା ସେ ଜାଣନ୍ତି ନାହିଁ ବୋଲି ୟୁପି ସରକାରଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜ କୋର୍ଟଙ୍କୁ ଜଣାଇଥିଲେ। ଫୁଟ୍‌ପାଥକୁ ଅବରୋଧ କରି ଗୃହ ନିର୍ମାଣ କରାଯାଇଥିବାରୁ କର୍ତ୍ତୃପକ୍ଷ ଏହାକୁ ଭାଙ୍ଗିଥିବା ସେ କହିଥିଲେ। ଆବେଦନକାରୀଙ୍କର କାର୍ଯ୍ୟାନୁଷ୍ଠାନ ସହ ସମ୍ପର୍କ ନ ଥିବାରୁ ପିଟିଶନ୍ ଶୁଣାଣି ପାଇଁ ଗ୍ରହଣ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି।


## ନ୍ୟାୟଦେବୀଙ୍କ ମୂର୍ତ୍ତିରେ ପରିବର୍ତ୍ତନକୁ ଏସ୍‌ସିବିଏର ବିରୋଧ

ନୂଆଦିଲ୍ଲୀ,୨୪।୧୦(ପି.ଟି.)

ବାର୍ ଆସୋସିଏଶନ ସହ ପରାମର୍ଶ କରା ନ ଯାଇ ନ୍ୟାୟଦେବୀଙ୍କ ମୂର୍ତ୍ତି ଏବଂ ସର୍ବୋଚ୍ଚ ଅଦାଲତଙ୍କ ପ୍ରତୀକର କ୍ରାନ୍ତିକାରୀ ପରିବର୍ତ୍ତନ କରାଯାଇଥିବାରୁ ସୁପ୍ରିମକୋର୍ଟର ବାର୍ ଆସୋସିଏଶନ (ଏସ୍‌ସିବିଏ) ଏହା ଉପରେ ଆପତ୍ତି ଉଠାଇ ଏକ ସର୍ବସମ୍ମତ ପ୍ରସ୍ତାବ ଆଣିଛି। ସୁପ୍ରିମକୋର୍ଟର ବିଚାରପତିମାନଙ୍କ ଲାଇବ୍ରେରିରେ ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ନୂତନ ନ୍ୟାୟଦେବୀ ମୂର୍ତ୍ତି ସ୍ଥାପନ କରାଯାଇଛି। ଉକ୍ତ ମୂର୍ତ୍ତିଙ୍କ ଗୋଟିଏ ହାତରେ ସ୍କେଲ୍ ରହିଥିବାବେଳେ ଅନ୍ୟ ହାତରେ ଖଣ୍ଡା ବଦଳରେ ସମ୍ବିଧାନ



ରହିଛି। ପାରମ୍ପରିକ ପୋଷାକରେ ଥିବା ନ୍ୟାୟଦେବୀଙ୍କ ଆଖିରେ ପଟି ଏବଂ ହାତରେ ଖଣ୍ଡା ନାହିଁ। ତାଙ୍କ ମୁଣ୍ଡରେ ଏକ ମୁକୁଟ ରହିଛି। ଏହାକୁ ବିରୋଧ କରି ଅଣାଯାଇଥିବା ପ୍ରସ୍ତାବରେ ଏସ୍‌ସିବିଏ ଅଧ୍ୟକ୍ଷ କପିଲ ସିବଲ ଏବଂ କାର୍ଯ୍ୟନିର୍ବାହୀ କମିଟିର ଅନ୍ୟ ସଦସ୍ୟମାନେ ସ୍ୱାକ୍ଷର କରିଛନ୍ତି। ବାର୍ ସଦସ୍ୟମାନେ କାଫେ ଏବଂ ଲାଉଞ୍ଜ ପାଇଁ ଦାବି କରୁଥିବା ସ୍ଥାନରେ ସଂଗ୍ରହାଳୟ ସ୍ଥାପନ ପ୍ରସ୍ତାବ ରହିଥିବାରୁ ଏସ୍‌ସିବିଏ ଏହାର ବିରୋଧ କରିଛି। ନ୍ୟାୟିକ ପ୍ରଶାସନରେ ଆମ୍ଭେମାନେ ସମାନ ଅଂଶୀଦାର ହୋଇଥିଲେ ମଧ୍ୟ ଉପରୋକ୍ତ ପରିବର୍ତ୍ତନ ପ୍ରସ୍ତାବ ସମ୍ପର୍କରେ ଆମ ଦୃଷ୍ଟି ଆକର୍ଷଣ କରାଯାଇ ନ ଥିଲା ବୋଲି ବାର୍ ଆସୋସିଏଶନ୍ କାର୍ଯ୍ୟନିର୍ବାହୀ କମିଟି କହିଛି।




## ୨୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ

**ଭୁବନେଶ୍ୱର, ୨୪।୧୦(ସୁନିତ୍ ମିଶ୍ର)**

ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହିଦିନ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନ୍‌ଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ୩ ଓଏଏସ୍ ଅଧିକାରୀଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର, ୨୪।୧୦(ସୁନିତ୍ ମିଶ୍ର)**

ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ୩ ଜଣ ଓଏଏସ୍ ଅଧିକାରୀଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି। ନବରଙ୍ଗପୁରର ପୂର୍ବତନ ଏକ୍‌ଜିକ୍ୟୁଟିଭ ଅଫିସର ଶଙ୍କର କର୍କେଟା ବିଏମ୍‌ସିର ଜୋନାଲ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ବାରିପଦା ମ୍ୟୁନିସିପାଲିଟିର ଏକଜିକ୍ୟୁଟିଭ ଅଫିସର ମଧୁସ୍ମିତା ସାମନ୍ତରାୟଙ୍କୁ ବିଏମ୍‌ସି ଡେପୁଟି କମିଶନର ଏବଂ ଚୌଦ୍ୱାର ମ୍ୟୁନିସିପାଲିଟି ଏକ୍‌ଜିକ୍ୟୁଟିଭ ଅଫିସର ଦେବୀପ୍ରସାଦ ରାଉତଙ୍କୁ ବାରିପଦା ମ୍ୟୁନିସିପାଲିଟିର ଏକ୍‌ଜିକ୍ୟୁଟିଭ ଅଫିସର ଭାବେ ନୂଆ ନିଯୁକ୍ତି ମିଳିଛି।

## ଓଜେଇଇ କାଉନ୍‌ସେଲିଂ ତାରିଖ ବଦଳିଲା

**ଭୁବନେଶ୍ୱର,୨୪।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ବାତ୍ୟା ପାଇଁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ( ଓଜେଇଇ) ପକ୍ଷରୁ ମେଡିକାଲ ନାମଲେଖା କାଉନ୍‌ସେଲିଂ ତାରିଖରେ ପରିବର୍ତ୍ତନ କରାଯାଇଛି। ପୂର୍ବ କାର୍ଯ୍ୟସୂଚୀରେ ୨୪ ତାରିଖ ଗୁରୁବାରଠାରୁ ୨୬ ତାରିଖ ଶନିବାର ମଧ୍ୟରେ ସିଟ୍ ଆବଣ୍ଟିତ ହୋଇଥିବା କଲେଜରେ ରିପୋର୍ଟ କରିବାକୁ କୁହାଯାଇଥିଲା। ମାତ୍ର ଏହାକୁ ୩୦ ଯାଏ ବୃଦ୍ଧି କରାଯାଇଛି। ସେହିପରି ୨୬ ତାରିଖରେ ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ ମୁଖ୍ୟାଳୟରେ ନୂତନ ଭାବେ ଆବଣ୍ଟିତ

**ତୃତୀୟ ରାଉଣ୍ଡ୍ ଏମ୍‌ବିବିଏସ୍, ବିଡିଏସ ନାମଲେଖା ପାଇଁ ବିଜ୍ଞପ୍ତି**

ଆବେଦନକାରୀଙ୍କୁ ରିପୋର୍ଟ ପାଇଁ କୁହାଯାଇଥିଲା। ମାତ୍ର ଏଥିରେ ପରିବର୍ତ୍ତନ କରାଯାଇ ୨୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏନେଇ ଗୁରୁବାର ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଓଜେଇଇ ପକ୍ଷରୁ ବୁଧବାର ତୃତୀୟ ରାଉଣ୍ଡ୍ ଏମ୍‌ବିବିଏସ୍ ଏବଂ ବିଡିଏସ୍ ନାମଲେଖା ପାଇଁ କାଉନ୍‌ସେଲିଂ ପ୍ରକ୍ରିୟା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁମାନଙ୍କୁ ନାମଲେଖା ପାଇଁ ସିଟ୍ ଆବଣ୍ଟନ କରାଯାଇଛି, ସେମାନେ ୨୪ରୁ ୨୬ ତାରିଖ ମଧ୍ୟରେ ଚୟନ ହୋଇଥିବା କଲେଜରେ ରିପୋର୍ଟିଂ କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ମାତ୍ର ବାତ୍ୟା ସମୟରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାରୁ ଓଡ଼ିଶା ପ୍ରଶାସନିକ ସେବା ଭଳି ପରୀକ୍ଷାକୁ ଓଡ଼ିଶା ଲୋକ ସେବା ଆୟୋଗ ବାତିଲ କରିଥିଲା। ସେହିପରି ଓଜେଇଇ ମେଡିକାଲ କାଉନ୍‌ସେଲିଂ ବାତିଲ କରୁ ବୋଲି ଶିକ୍ଷାର୍ଥୀମାନେ ଦାବି କରିଥିଲେ। ଏହି ଆଧାରରେ ଓଜେଇଇ ପକ୍ଷରୁ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୩ ଲକ୍ଷରୁ ଊର୍ଦ୍ଧ୍ୱ ସ୍ଥାନାନ୍ତରିତ

**ବାତ୍ୟା ପ୍ରସ୍ତୁତି ସମୀକ୍ଷା**



**ଭୁବନେଶ୍ୱର,୨୪।୧୦ (ଅନିଲ ଦାସ)**

- **୧୧ ଜିଲାପାଳଙ୍କ ସହିତ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ**
- **ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ଦେବାକୁ ନିର୍ଦ୍ଦେଶ**
- **ସ୍ଥିତି ଉପରେ ନଜର ରଖିଛନ୍ତି ପ୍ରଧାନମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନଠାରେ ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲାପାଳଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୧ଟି ଜିଲାର ୩୮ଟି ବ୍ଲକର ୧୬୫୩ଟି ଗ୍ରାମ , ୯ଟି ପୌରାଞ୍ଚଳ ଓ ୨୬ଟି ୱାର୍ଡ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହି ସବୁ ଅଞ୍ଚଳରେ ଥିବା ତଳିଆ ଓ ବିପଦସଙ୍କୁଳ ଅଞ୍ଚଳରୁ ସମୁଦାୟ ୩,୬୨,୦୦୦ ଲୋକଙ୍କୁ ସ୍ଥାନାନ୍ତରିତ କରିବାର ଲକ୍ଷ୍ୟ ରଖାଯାଇଛି। ଗୁରୁବାର ୧୧ଟା ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ୨୩୩୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନା ଓ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକରେ ୮୪୨ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଓ ୬୪୪୩ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ମିଶାଇ ମୋଟ ୭୨୮୫ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ଅଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଓଡ଼ିଶାର ବାତ୍ୟା ପରିସ୍ଥିତି ଉପରେ ନଜର ରଖିଛନ୍ତି। ବାତ୍ୟା ମୁକାବିଲା ପାଇଁ ଆବଶ୍ୟକ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କ୍ଷତିଗ୍ରସ୍ତ ସମ୍ଭାବନା ଥିବା ୧୧ଟି ଜିଲାକୁ ଅଭିଜ୍ଞତାସମ୍ପନ୍ନ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ପଠାଯାଇଛି। ସେମାନେ ପଞ୍ଚାୟତ ଓ ଗାଁ ସ୍ତର ପର୍ଯ୍ୟନ୍ତ ଯାଇ ସ୍ଥାନାନ୍ତର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳର ୯ ଜଣ ମନ୍ତ୍ରୀ ମଧ ପ୍ରଭାବିତ ଜିଲାଗୁଡ଼ିକରେ ଉପସ୍ଥିତ ରହି ଏହି କାର୍ଯ୍ୟକୁ ତଦାରଖ କରି ସରକାରଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି। ଆଶ୍ରୟସ୍ଥଳରେ ଥିବା ଲୋକଙ୍କୁ ନିୟମିତ ଭାବେ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ପୋଲିସ ମୁତୟନ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାପାଳମାନଙ୍କ ସହିତ ଆଲୋଚନାରେ ମୁଖ୍ୟମନ୍ତ୍ରୀ ଶତ ପ୍ରତିଶତ ସ୍ଥାନାନ୍ତରଣ, ଜିରୋ କାଜୁଆଲିଟି, ଡାକ୍ତରଖାନାଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର କିରୋସିନ, ପେଟ୍ରୋଲ, ଡିଜେଲ ମହଜୁଦ ରଖିବା, ଆଶ୍ରୟସ୍ଥଳୀଗୁଡ଼ିକୁ ରନ୍ଧା ଖାଦ୍ୟ ଯୋଗାଣ ସହିତ ଶୌଚାଳୟକୁ ସଫାସୁତରା ରଖିବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା କ୍ଷତିଗ୍ରସ୍ତ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍‌ସଫର୍ମରଗୁଡ଼ିକର ତୁରନ୍ତ ମରାମତି କରି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପୁନଃକ୍ଷମ କରିବା ପାଇଁ ଅତିରିକ୍ତ ଟିମ୍ ମହଜୁଦ ରଖିବାକୁ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସବୁ ଜିଲାଗୁଡ଼ିକରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ନିମନ୍ତେ ଏନ୍‌ଡିଆର୍‌ଏଫ୍‌ର ୧୯ଟି ଟିମ୍ ଓ ଓଡ୍ରାଫ୍‌ର ୫୧ଟି ଟିମ୍ ଏବଂ ଅଗ୍ନିଶମ ବାହିନୀର ୨୨୦ଟି ଟିମ୍ ମୁତୟନ ଅଛନ୍ତି। ଏଥିସହିତ ୧୫୭ ପ୍ଲାଟୁନ ପୋଲିସ ଫୋର୍ସ ମଧ ନିୟୋଜିତ ଅଛନ୍ତି। ପ୍ରଭାବିତ ଅଞ୍ଚଳରେ ମନୁଷ୍ୟ ଓ ଗୃହପାଳିତ ପ୍ରାଣୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ୯୨ଟି ଡାକ୍ତରୀ ଟିମ୍ ଓ ୫୮ଟି ପ୍ରାଣୀ ସମ୍ପଦ ଚିକିତ୍ସା ଟିମ୍ ମୁତୟନ ଅଛନ୍ତି। ଗୃହପାଳିତ ପ୍ରାଣୀମାନଙ୍କୁ ବାନ୍ଧି ନ ରଖି ଖୋଲା ରଖିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେବାପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ କହିଛନ୍ତି। ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ। ବାତ୍ୟା ସମ୍ଭାବନା ଥିବା ଜିଲାର ଜିଲାପାଳମାନେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।

## ବାଲେଶ୍ୱର
- ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବାତ୍ୟା କ୍ଷୟକ୍ଷତି ଆକଳନ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ବାତ୍ୟା ମୁକାବିଲା ପାଇଁ ବ୍ଲକ୍ ପ୍ରଶାସନର ବିଭିନ୍ନ ଅଞ୍ଚଳ, ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ, ବୈଠକ ଏବଂ ସମୀକ୍ଷା, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଆନନ୍ଦପୁର ବିଧାୟକଙ୍କ ବନ୍ୟା ପ୍ରଭାବିତ ବିଭିନ୍ନ ପଞ୍ଚାୟତ ପରିଦର୍ଶନ, ସ୍ଥାନ: ହାଟଡ଼ିହୀ ଏବଂ ଆନନ୍ଦପୁର ବ୍ଲକ୍, ସମୟ: ସକାଳ ୯ ଟା।
- ଚନ୍ଦ୍ରଶେଖର ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ : ସକାଳ ୯ ।।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ଭଜନ, ପୂଜା, ନାମ ସଂକୀର୍ତ୍ତନ, ସ୍ଥାନ: ହାବଲେଶ୍ୱର, ସମୟ: ଅପରାହ୍ନ ୫ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ, କୀର୍ତ୍ତନ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କରଞ୍ଜିଆ ନାଟ୍ୟ ଉତ୍ସବ-୨୦୨୪ର ନାଟକ 'ଜୀବନ ଯେମିତି', ସ୍ଥାନ:ପଲ୍ଲବୀ ମଣ୍ଡପ, କରଞ୍ଜିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ପଞ୍ଚମ ଦିବସ ଦିପୁ କିଙ୍ଗସ୍ ବନାମ ଦି ରୟାଲ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ପଞ୍ଚମ ଦିବସରେ ଅଶୋକ କିଙ୍ଗସ୍ ବନାମ ଦିପୁ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ:ସନ୍ଧ୍ୟା ୭ଟା ।

## ଢେଙ୍କାନାଳ
- ଭସାଣି ଉତ୍ସବ ପାଇଁ ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ପଥ ଉତ୍ସବ ନେଇ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ : କୋରାପୁଟ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ମଧ୍ୟାହ୍ନ ୧୨ ଟା ୩୦।

## ସମ୍ବଲପୁର
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟ, ଧନକଉଡା ହାଇସ୍କୁଲ ବନାମ ବିକାଶ କନସେପ୍ଟ ସ୍କୁଲ, ସ୍ଥାନ: ସିଂହପାଲି -କାଇଁଶିର ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବୁର୍ଲା ଜ୍ୟୋତିବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୨ଟା।
- ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ୍ ଭାଗବତ କଥାମୃତ, ସ୍ଥାନ: ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗିତା, ସ୍ଥାନ: ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ସମୟ: ସକାଳ ୯ଟା।
- ମେହେନ୍ଦି ପ୍ରତିଯୋଗିତା, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର ,ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ସପ୍ତାହ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଓ ରାମାୟଣ ପାରାୟଣର ଅନ୍ତିମ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ଜନତା ଦଳର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ସାହଜଲଥା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନବାହ୍ନ ପାରାୟଣ, ସ୍ଥାନ: ଶୃଙ୍ଗଦର୍ହ, ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମୁରାସୁର ଦରବାରର ଶେଷ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼
- ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ କାର୍ଟୁନ, କ୍ୟାପ୍‌ଶନ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ କାର୍ଟୁନ, କ୍ୟାପ୍‌ଶନ ପ୍ରତିଯୋଗିତା, ସ୍ଥାନ: ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା।
- ମୁସଲମାନ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ହତଲିପଡ଼ା ଓ ମଙ୍ଗଳବଜାର ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୫ଟା ୩୦।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: କଣ୍ଢେଇ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରକାଶ ଡାନ୍ସ ଗ୍ରୁପ, ପୁରୀ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ ପୂଜା ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଟିକେଟ ଶୋ' ଅପେରା ଗୌରୀ, ସ୍ଥାନ: କଣ୍ଢେଇ ଗ୍ରାମ ମଣ୍ଡପ ନିକଟ, ସମୟ: ରାତି ୧୧ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୪ଟା।
- ଖଣି ପ୍ରସ୍ତାବ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ବିବିସିପଡ଼ା କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ବୃନ୍ଦିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡ଼ା ପକ୍ଷରୁ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୫ମ ଦିବସ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ମା' ବସ୍ତ୍ରାଣୀ ଖେଳପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ଷଷ୍ଠ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ଖଡିଆଳ ବ୍ଲକ ଡୁଆଝର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ନିଯୁକ୍ତି ଦାବିରେ ତାଲାବନ୍ଦ ଆନ୍ଦୋଳନ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଶ୍ରୀମଦ୍‌ଦେବୀ ଭାଗବତ ନବଦୀନାତ୍ମକ ପାରାୟଣ ଓ ପ୍ରବଚନର ଅଷ୍ଟମ ଦିବସ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୁଡ ମନ୍ଦିର ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ଦୃଷ୍ଟ ଚନ୍ଦ୍ରଙ୍କ ହେତୁ ଅସ୍ଥିରତାଜନିତ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆର୍ଥିକ ସମସ୍ୟା ସୁଧୁରିଯିବ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, ସଂଗଠନ ତଥା ସାଂସ୍କୃତିକ କ୍ଷେତ୍ରରୁ ପ୍ରଶଂସା ମିଳିବ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** କର୍ମସ୍ଥ ଶନିଙ୍କୁ ବ୍ୟୟାଧିପ ମଙ୍ଗଳ ଅବଲୋକନ କରୁଥିବାରୁ କୌଣସି ବିବାଦୀୟ ସ୍ଥିତି ସକାଶେ ଅର୍ଥବ୍ୟୟ କରିବାକୁ ହେବ। କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟାଜନିତ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ମନସ୍ତାପ କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** ଦୁର୍ବଳ ରବିଙ୍କ ବୁଧାଦିତ୍ୟ ଯୋଗଜନିତ ସୁବିଧା ସୁଯୋଗ ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ଆଲୋଚନା ପରିପ୍ରେକ୍ଷୀରେ ମନକଥା ଖୋଲି କହିବାକୁ ବାଧ ହେବେ। ପ୍ରଶାସନିକ କ୍ଷେତ୍ରରେ ଦୃଢ଼ ନିଷ୍ପତ୍ତି ନେବାକୁ ପଡ଼ିବ। ବନ୍ଧୁଙ୍କ ସହାନୁଭୂତି ପରିସ୍ଥିତିକୁ ଲାଘବ କରିବାରେ ସହାୟକ ହେବ।

**କର୍କଟ** ଅଭାବ ଅସୁବିଧା ନ ଥିଲେ ମଧ୍ୟ ଅଯଥା ବାକ୍ୟାଳାପ ସମସ୍ୟାର କାରଣ ହେବ। ଚନ୍ଦ୍ରଙ୍କ ପ୍ରଭାବରେ ଭାବପ୍ରବଣତା ବୃଦ୍ଧି ପାଇବାରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ହାତକୁ ନେଇଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବାର ଆଶା କରାଯାଇପାରେ। ସାମାଜିକ ସ୍ତରରେ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ସିଂହ** ମୁଖଭାବସ୍ଥ ବୁଧ ଯୋଗୁ କୌଣସି ବିସ୍ମୟକର ଖବର ସକାଳୁ ସକାଳୁ ମନକୁ ଖୁସି କରିଦେବ। ତଥାପି ଆତ୍ମୀୟମାନଙ୍କ ଶତ୍ରୁତା ହେତୁ ବିଚଳିତବୋଧ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବେ।

**କନ୍ୟା** ଧନାଧିପଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ଯୋଗୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାମ ହାସଲ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅର୍ଥସଂକଟ ଲାଗିରହିବା ହେତୁ କାମଗୁଡ଼ିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା** ସ୍ୱଗୃହୀ କର୍ମାଧିପ ଯୋଗୁ କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ କାମ ହାସଲ କରିବେ। ସ୍ୱାତୀ ନକ୍ଷତ୍ରର ବ୍ୟବସାୟ, ପରିବହନ ଓ ସାମ୍ବାଦିତାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ବିଛା** ଦ୍ୱାଦଶସ୍ଥ ରବି ଓ ବୁଧ ହେତୁ କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କମ୍ ଆଶା ରହିଛି। ଦୂରସ୍ଥାନକୁ ଯାଇଥିବା ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ଧନୁ** ବୁଧଙ୍କ ସୁପ୍ରଭାବରୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବେ କିନ୍ତୁ ସମୟାନ୍ତରରେ ସମାଧାନ ହୋଇପାରିବ। ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ସମ୍ପର୍କୀୟଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ପ୍ରତ୍ୟାବର୍ତ୍ତନ ଦୁଃଖର କାରଣ ହୋଇପାରେ।

**ମକର** ରାହୁ ଦୃଷ୍ଟ ଚନ୍ଦ୍ର ଯୋଗୁ ଭୁଲ୍ ବୁଝାମଣା କାରଣରୁ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ହେତୁ ବିଚଳିତ ହେବେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ଆଶାରେ ବିନୟପୂର୍ଣ୍ଣ କଥା କହିବାକୁ ପଡ଼ିପାରେ। ଶ୍ରବଣା ନକ୍ଷତ୍ରର ଜଣେ ବନ୍ଧୁଙ୍କଠାରୁ କୌଣସି ଖବର ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ଶେଷ ସମୟରେ ବିଚାର ବଦଳି ଯାଇପାରେ।

**କୁମ୍ଭ** ସ୍ଥଗିତ କାମ ହାସଲ ସକାଶେ ଟିକେ ନରମି କଥାବାର୍ତ୍ତା କରିବା ଭଲ ହେବ। ରାଜନୀତି କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଫିସରଙ୍କ ମୁହଁ ସାମ୍ନାରେ ପ୍ରକାଶ କରିବାକୁ ପଛେଇଯିବେ। ଆଲୋଚନା କାଳରେ ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** କର୍ମକ୍ଷେତ୍ରର ବହୁବିଧ ସମସ୍ୟା ଲାଗିରହିଥିବାରୁ ମାନସିକ ସ୍ଥିତି ଭଲ ରହିବନାହିଁ। ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହେବାକୁ ପଡ଼ିବ।

ଆଜି ଅକ୍ଟୋବର ୨୫ ତାରିଖ, କାର୍ତ୍ତିକ କୃଷ୍ଣ ନବମୀ ଶୁକ୍ରବାର, ରାଶିନକ୍ଷତ୍ର-ଦିବା ଘ.୦୭.୪୦ ଗତେ ଅଶ୍ଲେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୮ ଗତେ ଘ.୦୬.୩୪ ମଧ୍ୟେ, ଘ.୦୭.୧୯ ଗତେ ଘ.୦୮.୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୫ ଗତେ ଘ.୧୧.୩୦ ମଧ୍ୟେ ରାହୁ କାଳ।

# ସାବତ ଝିଅକୁ ହତ୍ୟା ଅଭିଯୋଗ

## ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଜବତ ପରେ ମା' ଅଟକ

**ନୟାଗଡ଼,୨୪।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ପୋଲିସ ଜିଲା ଫତେଗଡ଼ ଥାନା ବାଉଁଶବାଟି ପୋଡାସାହି ଗାଁର ତୁଳସୀ ସ୍ୱାଇଁ (୧୪) ନାମ୍ନୀ ଜଣେ ନାବାଳିକାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମାମୁ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ଏକ ମାମଲା(ନଂ.୨୭୪/୨୪) ରୁଜୁ କରି ସାବତ ମା' ମଣ୍ଡା ସ୍ୱାଇଁଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ତୁଳସୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଗୁରୁବାର ଦାହ କରାଯାଇଛି। ତୁଳସୀକୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାର ପ୍ରକୃତ କାରଣ ଜଣା ପଡି ନ ଥିଲେ ହେଁ ସାବତ ମା' ବାରମ୍ବାର କଥା ପରିବର୍ତ୍ତନ କରିବା, ଜଙ୍ଗଲରୁ ମୃତଦେହ ଉଦ୍ଧାର ହେବା ଘଟଣା ସନ୍ଦେହ ଘେରକୁ ଆସିଛି। ତେବେ ୨୦ ଟଙ୍କା ଜଳଖିଆ ଖାଇବା ଦେବାରୁ ତୁଳସୀକୁ ମରିବାକୁ ପଡିଥିବା କୁହାଯାଉଛି। ଶାଳପଡା ପଞ୍ଚାୟତ ବାରବାଟୀ ଗାଁର ବ୍ରଜବନ୍ଧୁ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ୨୦ ବର୍ଷ ତଳେ ସାନ ଭଉଣୀ ଶଶୀ ଫତେଗଡ଼ ଥାନା ବାଉଁଶବାଟୀ ପୋଡାସାହି ଗାଁର ସୁକୁଟା ସ୍ୱାଇଁଙ୍କୁ ବିବାହ କରିଥିଲେ। ଶଶୀଙ୍କର ୨ଟି ଝିଅ ଥିବାବେଳେ ୯ ବର୍ଷ ତଳେ ଶଶୀଙ୍କର ମୃତ୍ୟୁ ହୋଇଥିଲା। ଶଶୀଙ୍କ ମୃତ୍ୟୁ ପରେ ସୁକୁଟା କଳପଙ୍ଗୀ ଗାଁର ମଣ୍ଡା ସ୍ୱାଇଁଙ୍କୁ ୨ୟ ବିବାହ କରିଥିଲେ। ତେବେ ବଡ଼ ଝିଅକୁ ତୁଳସୀଙ୍କୁ ସାବତ ମା'ପାଖରେ ରଖିଥିବାବେଳେ ସାନ ଝିଅକୁ ପଡ଼ୋଶୀ ଘରକୁ ଦେଇ ଦେଇଥିଲେ। ସାନ ଝିଅ ସମ୍ବଲପୁରରେ ରହୁଛି। ପରବର୍ତ୍ତୀ ସମୟରେ ମଣ୍ଡାଙ୍କର ପୁଅଟିଏ ହୋଇଥିଲା। ମଣ୍ଡା ସବୁବେଳେ ତୁଳସୀଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ମାତ୍ର ୨୦ଟଙ୍କାରେ ତୁଳସୀ ଜଳଖିଆ ଖାଇ ଦେବାରୁ ସାବତ ମା' ପିଟି ପଟି ମାରି ଦେଇ ଜଙ୍ଗଲରେ ଫୋପାଡ଼ି ଦେଇଥିଲେ। ଏଭଳିଆ ଘଟଣା ଜଣା ପଡ଼ିବା ପରେ ପୋଲିସ ଜଙ୍ଗଲରୁ ମୃତଦେହ ବୁଧବାର ରାତିରେ ଜବତ କରିଛି। ଅନ୍ୟପକ୍ଷେ ତୁଳସୀର ମୃତ୍ୟୁ ନେଇ କେତେବେଳେ ସାବତ ମା' ଆତ୍ମହତ୍ୟା କରିଥିବା କହୁଥିବାବେଳେ ଆଉ କେତେବେଳେ ଝିଅକୁ ମାରିଥିବା କହୁଛନ୍ତି। ପୋଲିସ ସାବତ ମା'ଙ୍କୁ ୨ଦିନ ହେଲା ଅଟକ ରଖିଥିଲେ ମଧ୍ୟ ହତ୍ୟା ନେଇ ଟେର ପାଇ ନାହିଁ। ଏନେଇ ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ା କୁହନ୍ତି ତୁଳସୀଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି ଜଣା ପଡିନି। ତେବେ ଘଟଣାର ତଦନ୍ତ ଚାଲିଛି। ଅଭିଯୋଗ ପରେ ସାବତ ମା'ଅଟକ ଅଛନ୍ତି ବୋଲି ସେ କହିଛନ୍ତି।

# ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲିଲେ ମନ୍ତ୍ରୀ, ଏମ୍‌ପି

**ବାଲିଆପାଳ, ୨୪।୧୦ (ଗୋପାଳ ଚନ୍ଦ୍ର ସାହୁ)**



ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ବାଲେଶ୍ୱର ଜିଲା ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ବାଲିଆପାଳ ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ଲୋକଙ୍କ ସୁରକ୍ଷା ଓ ବିଭିନ୍ନ ବ୍ୟବସ୍ଥା ବିଷୟରେ ପଚାରିବୁଝିଥିଲେ। ମନ୍ତ୍ରୀ ନାଏକ ଏବଂ ଏମ୍‌ପି ଷଡ଼ଙ୍ଗୀ ବିଷ୍ଣୁପୁର, ଚଉମୁଖ, କଙ୍କଡ଼ାପାଳ, ଡଗରା, ଜମ୍ବୀରାଇ ଆଦି ସ୍ଥାନଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ଭେଟି ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଚଉମୁଖ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନେ ସୁବର୍ଣ୍ଣରେଖା ନଦୀମୁହାଣ ଓ ସମୁଦ୍ର ପାର୍ଶ୍ୱ ପଥର ପ୍ୟାଚିଂ ଓ ପ୍ରଧାନମନ୍ତ୍ରୀ ଆବାସ ପାଇ ନ ଥିବା ଲୋକଙ୍କୁ ଘର ଯୋଗାଇଦେବା କଥା ମନ୍ତ୍ରୀଙ୍କୁ କହିବାରୁ ମନ୍ତ୍ରୀ ନାଏକ ସମସ୍ତ ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଡଗରା ଓ ଜମ୍ବୀରାଇ ଆଦି ସମୁଦ୍ରକୂଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଷ୍ଣୁପୁର ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ଲୋକଙ୍କୁ ସକାଳେ ଜଳଖିଆ ଦିଆଯାଇ ନ ଥିବାରୁ ପଞ୍ଚାୟତ ପିଇଓଙ୍କ ଉପରେ ଏମ୍‌ପି ଷଡ଼ଙ୍ଗୀ ବିରକ୍ତି ହେବା ସହିତ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଜଣେ ବ୍ୟକ୍ତିଙ୍କର ଟିକିଏ ବି ଅସୁବିଧା ନ ହୁଏ ସେଥିପ୍ରତି ସଜାଗ ରହିବା ପାଇଁ ବିଡିଓଙ୍କୁ ତାଗିଦ୍ କରିଥିଲେ। ଆବଶ୍ୟକସ୍ଥଳେ ଯାହା ଆବଶ୍ୟକ ପଡ଼ିବ ସରକାର ସବୁ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ମନ୍ତ୍ରୀ ନାଏକ, ଏମ୍‌ପି ଷଡ଼ଙ୍ଗୀଙ୍କ ସହିତ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବିଡିଓ ପୁନମ ରାଉତ, ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ବସ୍ତା ନିର୍ବାଚନମଣ୍ଡଳୀ ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ଅରବିନ୍ଦ ବେହେରା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଏବଂ ବହୁ ଭାଜପା ଦଳୀୟ କର୍ମୀ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଉପକୂଳରେ ତୁହାକୁ...

କରାଯାଇଛି। ଏହି ସମୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନୟାଗଡ଼, ବୌଦ୍ଧ ଏବଂ ସୋନପୁର ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ବାତ୍ୟା ଦାନା ଦକ୍ଷିଣ-ପୂର୍ବ ଦିଗ ପାରାଦୀପଠାରୁ ୨୦୦ କି.ମି. ଏବଂ ଧାମରାର ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗଠାରୁ ୨୨୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ୧୨ କିଲୋମିଟର ବେଗରେ ସ୍ଥଳଭାଗମୁହାଁ ହୋଇଛି। ବାତ୍ୟା ଗୁରୁବାର ମଧ୍ୟରାତ୍ରି କିମ୍ବା ଶୁକ୍ରବାର ସକାଳୁ କେନ୍ଦ୍ରାପଡ଼ା ଜିଲାର ରାଜନଗର ଓ ଭଦ୍ରକ ଜିଲାର ଧାମରା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ଇତ୍ୟାଦି ବନ୍ଦ ରହିଛି। ସରକାର ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ସମ୍ବେଦନଶୀଳ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ବାତ୍ୟାକୁ ନେଇ ଚାଷୀକୁଳ ଆଶା ଆଶଙ୍କାରେ ରହିଛନ୍ତି।

## ରାଜନଗରରେ ଭାଙ୍ଗିଲା...

କାଟି ହଟାଇ ଦିଆଯାଇଛି। କେତେକ ସ୍ଥାନରେ କଚ୍ଚାଘର ପବନ ମାଡ଼ରେ ଶୋଇପଡ଼ିଛି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ମୁଖ୍ୟତଃ ରାଜନଗର ବ୍ଲକର ତାଳଚୁଆ, ବାଘମାରି, ରଙ୍ଗଣୀ, କୃଷ୍ଣନଗର, ଖମାରସାହି, ଡାଙ୍ଗମାଳ, ଗୁପ୍ତି, ସାତଭାୟା, ପେଣ୍ଠ ଆଦି ଅଧିକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ଓ ପୋଲିସ ବାହିନୀ ତାଳଚୁଆ ଅଞ୍ଚଳରେ ଡେରା ପକାଇଛନ୍ତି। ବାତ୍ୟା ରାଜନଗର ବ୍ଲକର ତାଳଚୁଆରେ ମାଡ଼ ହେବା ବୋଲି ପାଣିପାଗ ବିଭଗର ପୂର୍ବାନୁମାନ ପରେ ରାଜନଗରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଅପରାହ୍ନ ୪ଟା ସୁଦ୍ଧା ପ୍ରାୟ ୧୩ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୪୫ଟି ବାତ୍ୟା ଆଶ୍ରୟସ୍ଥଳ ଓ ୮୦ଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ଲୋକଙ୍କୁ ଆଣି ରଖାଯାଇଛି। ରାଜନଗର ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ୧୪ଟି ପଞ୍ଚାୟତରୁ ଅଧିକାଂଶ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ବୋଲି ବିଡିଓ ନିଶାନ ମିଶ୍ର କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜନଗର ବ୍ଲକର ମହଁଷାସୁର, ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିଛନ୍ତି। ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ଅଶାନ୍ତ ସମୁଦ୍ର ଦେଖି ଫେରି ଯାଇଛନ୍ତି। ଡିଆଇଜି ଚରଣ ସିଂ ମିନା, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ରାଜନଗର ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ଲୋକଙ୍କୁ କି କି ସୁବିଧା ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ପଚାରି ବୁଝିବା ସହ ସ୍ଥିତି ପରଖିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି।

## ଜୁଆର ମାଡ଼ରେ...

କରୁଥିବାରୁ ତାହାକୁ ଛାଡ଼ି ଆସିବାକୁ ସେ ରାଜି ହେଉ ନ ଥିଲେ। ସୁରକ୍ଷିତ ଉଦ୍ଧାର ହୋଇ ସେ ଆସିବା ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ତାଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ବୋଟ୍ ଭିତରେ କୌଣସି ଲୋକ ନ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବୋଟ୍ ମାଲିକ ଏହାକୁ ଅମାନ୍ୟ କରି ବୋଟ୍‌ରେ ଲୋକ ଜଗାଇଥିଲେ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ହେଲିକପ୍ଟର ଯୋଗେ ସମୁଦ୍ରରେ କୌଣସି ମତ୍ସ୍ୟଜୀବୀ ନ ରହିବାକୁ ଘୋଷଣା କରାଯାଇଥିଲା ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ୮ ଦିନରେ ୨୦୩...

ସେହିପରି ୨୬ ତାରିଖ ଶନିବାର ୧୦ଟି ଇଣ୍ଟର ଜୋନାଲ ଏବଂ ୨୭ ତାରିଖରେ ୨ଟି ଇଣ୍ଟର ଜୋନାଲ ଓ ୨ଟି ଇଣ୍ଟ୍ରାଜୋନାଲ ଟ୍ରେନ୍ ଚଳାଚଳ ବନ୍ଦ ରହିବ। ୨୯ ତାରିଖରେ ବାତିଲ ହୋଇଥିବା ଟ୍ରେନ୍ ମଧ୍ୟରେ ୩ଟି ଇଣ୍ଟର ଜୋନାଲ ଟ୍ରେନ୍ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଭୁବନେଶ୍ୱର, ଝାରସୁଗୁଡ଼ା...

ଆକାଶ ଏୟାରର ଏଭଳି ୧୪ଟି ଓ ଇଣ୍ଡିଗୋ ଏୟାରଲାଇନ୍ସର ଏକାଧିକ ବିମାନକୁ ବୋମା ଧମକ ମିଳିଥିବା ସୂଚନା ମିଳିଛି। 'ଏକ୍ସ' ଜରିଆରେ ଏଭଳି ଧମକ ମିଳିଥିବାବେଳେ ଧମକଦାତାଙ୍କୁ ଚିହ୍ନଟ କରିବା ଚ୍ୟାଲେଞ୍ଜ ହୋଇଛି। ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଆକାଶ ଏୟାରର ଉକ୍ତ ଫ୍ଲାଇଟ୍‌ଟି ବିମାନ ବନ୍ଦରରେ ପହଞ୍ଚିବା ପରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି)କୁ ଅନୁସରଣ କରାଯାଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଉକ୍ତ ଫ୍ଲାଇଟ୍‌ରେ ବୋମା ନ ଥିବା ଜଣାପଡ଼ିଥିଲା। ପରେ ବିମାନକୁ କ୍ଲିୟରାନ୍ସ ଦିଆଯାଇଥିଲା ବୋଲି ସେ କହିଛନ୍ତି। ଆକାଶ ଏୟାରର ଉକ୍ତ ଫ୍ଲାଇଟ୍‌ଟି ଭୁବନେଶ୍ୱରରେ ଅପରାହ୍ନ ୩ଟା ୧୦ରେ ପହଞ୍ଚିବାର ଥିଲା। ବୋମା ଧମକ ମିଳିବା ପରେ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସୁରକ୍ଷା ଓ ଯାଞ୍ଚକୁ ନେଇ ବନ୍ଦର ଅଧିକାରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ପରେ ଫ୍ଲାଇଟ୍‌ଟି ପହଞ୍ଚିବା ପରେ ସୁରକ୍ଷିତ ଭାବେ ଯାତ୍ରୀମାନଙ୍କୁ ବାହାର କରାଯିବା ପରେ ଯାଞ୍ଚ ହୋଇଥିଲା। ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ର ଯବାନ ଓ ଇଞ୍ଜିନିୟର ଟିମ୍ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ତେବେ ଏହା ଏକ ନନ୍ ସ୍ପେସିଫିକ୍ ଧମକ ଥିବା ଜଣାପଡ଼ିଥିଲା। ପରେ ଅପରାହ୍ନ ୪ଟା ୩୦ ବେଳେ ପୁଣି ସେହି ଫ୍ଲାଇଟ୍‌ଟି ଯାତ୍ରୀଙ୍କୁ ନେଇ ବେଙ୍ଗାଲୁରୁକୁ ଉଡ଼ାଣ କରିଥିଲା। ସେହିପରି ଝାରସୁଗୁଡ଼ାକୁ ବେଙ୍ଗାଲୁରୁରୁ ଆସୁଥିବା ଇଣ୍ଡିଗୋ ଫ୍ଲାଇଟକୁ ସମାନ ଧମକ ମିଳିବା ପରେ ପଦକ୍ଷେପ ନିଆଯାଇଥିଲା। ମଧ୍ୟାହ୍ନ ୧୨ଟା ୩୦ ବେଳେ ଫ୍ଲାଇଟ୍‌ଟି ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ଯାଞ୍ଚ ହୋଇଥିଲା। ବିମାନଟି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଜଣାପଡ଼ିବା ପରେ ଅପରାହ୍ନରେ ପୁଣି ଉଡ଼ାଣ କରିଥିଲା।

ଅନ୍ୟପକ୍ଷରେ ଦେଶବ୍ୟାପୀ ବିଭିନ୍ନ ବିମାନକୁ ବାରମ୍ବାର ଏଭଳି ଧମକ ଆସୁଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଚିନ୍ତାରେ ପଡ଼ିଛି। ଗତ ସପ୍ତାହ ମଧ୍ୟରେ ଏଭଳି ୧୦୦ରୁ ଊର୍ଦ୍ଧ୍ୱ ଘରୋଇ ଓ ଅନ୍ତର୍ଜାତୀୟ ବିମାନକୁ ଧମକ ଆସିଲାଣି। ଏହାକୁ କେନ୍ଦ୍ର କରି ଅକ୍ଟୋବର ୧୬ରେ ଏକ ସଂସଦୀୟ ସ୍ଥାୟୀ କମିଟି ବୈଠକରେ ବିଭିନ୍ନ ଦିଗ ପ୍ରତି ଆଲୋଚନା ହୋଇଥିଲା। ତେବେ ଏଭଳିସ୍ଥିତିରେ 'ଏକ୍ସ' ଜରିଆରେ ଧମକପୂର୍ଣ୍ଣ ମେସେଜ୍ ଆସୁଥିବାରୁ କେନ୍ଦ୍ର ସରକାର କଠୋର ହୋଇଛନ୍ତି। 'ଏକ୍ସ' ଅପରାଧକୁ ଉସୁକାଉଥିବା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍ ଭୋଣ୍ଡବେ ବୁଧବାର ଏକ ବୈଠକରେ କହିଥିଲେ। ହୋକ୍ସ କଲ୍‌କୁ ନେଇ ଭୋଣ୍ଡବେ ବୁଧବାର ଏୟାରଲାଇନ୍ସ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର ପ୍ରତିନିଧିମାନଙ୍କ ସହ ଭର୍ଚୁଆଲ୍ ମୋଡରେ ବୈଠକ କରିବା ସହ ପଦକ୍ଷେପ ନେଇ ପ୍ରଶ୍ନ କରିଥିଲେ। ଏଭଳି ଧମକପୂର୍ଣ୍ଣ ମେସେଜ ତଥା କଲ୍ ରୋକିବା ଦିଗରେ କ'ଣ ପଦକ୍ଷେପ ନେଇଛ ବୋଲି 'ଏକ୍ସ' ପ୍ରତିନିଧିଙ୍କୁ ପ୍ରଶ୍ନ କରିବା ସହ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଦିନକରେ ୮୫ ବିମାନକୁ...

୨୫ ବିମାନ ରହିଛି। ଏହାକୁ ମିଶାଇ ଗତ କିଛିଦିନ ମଧ୍ୟରେ ପ୍ରାୟ ୨୦୦ ବିମାନ ଏଭଳି ଧମକପୂର୍ଣ୍ଣ ବାର୍ତ୍ତା ପାଇଲେଣି। ଏଭଳି ଧମକପୂର୍ଣ୍ଣ କଲ୍ ରୋକିବା ପାଇଁ ସରକାର କଠୋର ଆଇନ ଆଣିବେ ଓ ଅଭିଯୁକ୍ତଙ୍କୁ ନୋ-ଫ୍ଲାଏ ତାଲିକାରେ ରଖିବେ ବୋଲି କହୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ। ଦିଲ୍ଲୀ ପୋଲିସ କେତେକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବିମାନବନ୍ଦରଗୁଡ଼ିକରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଥିବାବେଳେ ଦିଲ୍ଲୀରେ ମଙ୍ଗଳବାର ଏୟାରଲାଇନ୍ସ ଏବଂ ସୋସିଆଲ୍ ମିଡିଆଗୁଡ଼ିକର ପ୍ରତିନିଧିମାନଙ୍କ ସହ କେନ୍ଦ୍ର ସରକାର ବୈଠକ କରିଥିଲେ। ଅଧିକାଂଶ ଧମକପୂର୍ଣ୍ଣ ବାର୍ତ୍ତା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ ଜରିଆରେ ଆସୁଥିବାରୁ ଏହାକୁ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସରକାର ଏହାର କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ହୋକ୍ସ ବୋମା ଧମକ ପଛରେ ପ୍ରଯୁକ୍ତି ବିଶେଷଜ୍ଞମାନଙ୍କର ଏକ ଗୋଷ୍ଠୀ ରହିଥିବା କେନ୍ଦ୍ରୀୟ ସାଇବର ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି। ସୋସିଆଲ ମିଡିଆ ଏବଂ ଇ-ମେଲ୍‌ରେ ଆସୁଥିବା ବାର୍ତ୍ତାଗୁଡ଼ିକର ଆଇପି ଠିକଣାରୁ କୌଣସି କାର୍ଯ୍ୟକଳାପ ଚିହ୍ନଟ କରାଯାଇପାରୁ ନାହିଁ। ପ୍ରକୃତ ଆଇପି ଠିକଣା ଠାବକରି ସବିଶେଷ ତଥ୍ୟ ଦେବାକୁ ସମ୍ପୃକ୍ତ କମ୍ପାନୀଗୁଡ଼ିକୁ କୁହାଯାଇଛି।

# ଦାନା ପ୍ରକୋପ

ଭୁବନେଶ୍ୱର, ଶୁକ୍ରବାର, ୨୫ ଅକ୍ଟୋବର, ୨୦୨୪



ଭଦ୍ରକ ଜିଲା ଧାମରାରେ ଲୋକେ ଜିନିଷ ଧରି ବାତ୍ୟା ଆଶ୍ରୟସ୍ଥଳକୁ ଯାଉଛନ୍ତି।



ଚାନ୍ଦବାଲିରେ ପବନରେ ଗଛର ଡାଳ ଭାଙ୍ଗି ଯାଇଛି ।



ବାସୁଦେବପୁରରେ ଜଣେ ବୃଦ୍ଧଙ୍କୁ ଟେକି ବାତ୍ୟା ଆଶ୍ରୟସ୍ଥଳକୁ ନିଆଯାଉଛି।



ଦୀଘା ବେଳାଭୂମିରେ ଥିବା ସୁରକ୍ଷା ବନ୍ଧରେ ଢ଼ୁଆରମାଡ଼।



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ସ୍କୁଲରେ ଆଶ୍ରୟ ନେଇଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।



କେନ୍ଦ୍ରାପଡ଼ା ଜିଲା ରାଜକନିକାରେ ରାସ୍ତା ଉପରେ ଉପୁଡ଼ି ପଡ଼ିଥିବା ଏକ ଗଛକୁ ଅଗ୍ନିଶମ ବାହିନୀ କର୍ମଚାରୀମାନେ କାଟୁଛନ୍ତି।



ଧାମରାର ଏକ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।





ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ଘର ଉପରେ ପଡ଼ିଯାଇଥିବା ଏକ ଗଛକୁ ଓଡ୍ରାଫ୍ ଟିମ୍ ପକ୍ଷରୁ କଟାଯାଉଛି।



କେନ୍ଦ୍ରାପଡ଼ା ଜିଲା ରାଜନଗର ତାଳଚୁଆଠାରେ ଜଣେ ଗର୍ଭବତୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଉଛି।



ପୁରୀ ସମୁଦ୍ର ଅଶାନ୍ତ ଥିବାରୁ ଗୁରୁବାର ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବା ପାଇଁ ଅଗ୍ନିଶମ କର୍ମଚାରୀ ଓ ଲାଇଫ୍‌ଗାର୍ଡମାନେ ସଚେତନ କରାଉଛନ୍ତି।



ଗୁରୁବାର ଅପରାହ୍ଣରେ ଭୁବନେଶ୍ୱରର ମୁଖ୍ୟ ରାସ୍ତାରେ ବର୍ଷାର ଦୃଶ୍ୟ।

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ୟୁକ୍ରେନ୍‌ର ଭବିଷ୍ୟତ



ମାଇକେଲ୍ ଇଗ୍ନାଟିଫ୍

ତିରିଶ ବର୍ଷ ପୂର୍ବେ ମୁଁ ୟୁକ୍ରେନ୍‌ର ଏକ ଚର୍ଚ୍ଚକୁ ଯାଇଥିଲି, ଯାହା ପରିସରରେ ମୋର ରୁଷୀୟ ପିତୃପୁରୁଷଙ୍କୁ ସମାଧି ଦିଆଯାଇଥିଲା। ସେହି ଚର୍ଚ୍ଚରେ ଜଣେ ବୃଦ୍ଧାଙ୍କ ପାଖରେ ଆଣ୍ଠୁମାଡି ବସିଥିଲି ଏବଂ ଆମ ପଛରେ ରୁଷିଆର ଏକ ଚର୍ଚ୍ଚ ବି ଥିଲା। ଏହାକୁ ମୋ ଜେଜେବାପା ନିର୍ମାଣ କରିଥିଲେ ଏବଂ ସେଠାରେ ବି ତାଙ୍କୁ ସମାଧି ଦିଆଯାଇଥିଲା। ବୃଦ୍ଧା ଜଣକ ହେଉଛନ୍ତି ଗ୍ରାମର ଏକମାତ୍ର ଜୀବିତ ବ୍ୟକ୍ତି, ଯିଏକି ଆମ ପରିବାର ରହୁଥିବା ସମୟକୁ ମନେରଖିପାରିଛନ୍ତି। ଆମେ ରହୁଥିବା ସମୟରେ ତାଙ୍କ ବୟସ ୬ କିମ୍ବା ୭ ଥିଲା। ସେ ଆମ ଘରର ରୋଷେଇ ଘର କବାଟ ପର୍ଯ୍ୟନ୍ତ ଦୌଡ଼ି ଆସୁଥିଲେ, ତାଙ୍କ ଆପ୍ରୋନରେ ବ୍ଲୁବେରି ବୋହି ନେଇ ଯାଉଥିଲେ ଏବଂ ମୋ ଜେଜେବାପାଙ୍କ ଭଉଣୀଙ୍କଠାରୁ ଏକ ଚାମଚ ଗରମ ବ୍ଲାକ୍‌ବେରୀ ଜାମ ଖାଉଥିଲେ। ଏହାପରେ, ବୋଲ୍‌ସେଭିକ ବିପ୍ଳବ ଆସିଲା। ସେଠାରୁ ମୋ ପରିବାର ପଳାଇଗଲା ଓ ଚର୍ଚ୍ଚ ବନ୍ଦ ହୋଇଗଲା। ସହରର ସୋଭିଏତ୍ ଏଜେଣ୍ଟମାନେ ଶେଷରେ ଖାଦ୍ୟଶସ୍ୟ ଜବତ କଲେ । ଫଳରେ ସମସ୍ତେ ଭୋକରେ ରହିଲେ। ହୋଲୋଡୋମୋର ଦୁର୍ଭିକ୍ଷକୁ ଷ୍ଟାଲିନ ୟୁକ୍ରେନ୍ ଉପରେ ଲଦିଦେଲେ। ୟୁରୋପର ସବୁଠାରୁ ଉର୍ବର ମାଟିଚାଷ କରିଥିବା ଲୋକଙ୍କୁ ଘାସ ଖାଇବାକୁ ବାଧ କରିଥିଲେ।

ତା'ପରେ ଆସିଲା ଯୁଦ୍ଧ। ସେତେବେଳେ ନାଜିମାନେ ସେହି ଗାଁରେ ଘରସବୁ ପୋଡ଼ିଦେଲେ ଏବଂ ସ୍ଥାନୀୟ ଇହୁଦୀଙ୍କୁ ହତ୍ୟା କଲେ। ମୋ ପାଖରେ ଚର୍ଚ୍ଚରେ ବସିଥିବା ବୁଢ଼ୀ ତାଙ୍କ କାହାଣୀ କହି ଶେଷରେ ମୋ ଆଡକୁ ଆଉଜିପଡ଼ି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ। ମୁଁ ସେହି କାନ୍ଦର ମୁହୂର୍ତ୍ତକୁ କେବେ ବି ଭୁଲି ପାରିନାହିଁ ଏବଂ ଯେତେବେଳେ ତାହା ମନେପଡ଼ିଯାଏ ସେତେବେଳେ ୟୁକ୍ରେନ୍‌ର ସଂଗ୍ରାମ କ'ଣ ତାହା ମୁଁ ବୁଝିପାରେ। ଏବେ ପୂର୍ବ ୟୁକ୍ରେନ୍‌ରେ ପୋକ୍ରୋଭସ୍କକୁ ରକ୍ଷା କରିବା ପାଇଁ ସୈନ୍ୟମାନେ ଲଢୁଛନ୍ତି। ଖାର୍କିଭରେ ବୋମା ବିସ୍ଫୋରଣରେ ବିଧ୍ୱସ୍ତ ଘରୁ ଅଗ୍ନିଶମ କର୍ମଚାରୀମାନେ ସାଧାରଣ ନାଗରିକଙ୍କୁ ବାହାର କରୁଛନ୍ତି। ଡ୍ରୋନ୍ ପାଇଲଟ୍‌ମାନେ କୃଷ୍ଣସାଗରରେ ରୁଷିଆର ଜାହାଜକୁ ଟାର୍ଗେଟ୍ କରି ଏକ ଭିନ୍ନ ଇତିହାସ ଛାଡ଼ିଯିବା ପାଇଁ ସଂଗ୍ରାମ କରୁଛନ୍ତି। ଏହାକୁ ଆମେ ବୁଝି ପାରୁନାହୁଁ। ସେମାନଙ୍କ ସଂଗ୍ରାମରୁ ପାଶ୍ଚାତ୍ୟ ୟୁରୋପୀୟ ଏବଂ ଆମେରିକୀୟ ଜନସାଧାରଣ ଅଧିକ ଦୂରେଇ ରହୁଛନ୍ତି। ଏହି ଗଣହତ୍ୟା ଅବିଶ୍ୱସନୀୟ ମନେହୁଏ। ତେବେ ଫେବୃଆରୀ ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅଢ଼େଇ ଲକ୍ଷ ରୁଷୀୟ ଏବଂ ପ୍ରାୟ ତାହାଠାରୁ



ଅଧିକ ୟୁକ୍ରେନୀୟଙ୍କ ମୃତ୍ୟୁ କିମ୍ବା ଆହତ ହେବା ସମ୍ଭବ କି? ଆମ ରାଜନେତାଙ୍କ ଦୃଢ଼ ବିଶ୍ୱାସ ଯେ ୟୁକ୍ରେନ୍ ବିଜୟ ଉପରେ ଆମର ସୁରକ୍ଷା ନିର୍ଭର କରେ। କିନ୍ତୁ ତାହାର ବାସ୍ତବତା ନ ଥିବା ମନେହୁଏ ଏବଂ ଏହା ବିଶ୍ୱାସଯୋଗ୍ୟ ନୁହେଁ।

ପ୍ରକୃତରେ ୟୁକ୍ରେନୀୟମାନେ ଆମ ପାଇଁ ଲଢ଼ିବାର କାରଣ ହେଉଛି ସେମାନେ ୟୁରୋପୀୟ ସାମ୍ରାଜ୍ୟବାଦ ବିରୋଧରେ ଶେଷ ଯୁଦ୍ଧ ଲଢୁଛନ୍ତି। ୟୁରୋପରେ ଥିବା ଅନ୍ୟ ସମସ୍ତ ସାମ୍ରାଜ୍ୟବାଦ ଶକ୍ତି ଏହାର ଉପନିବେଶଗୁଡ଼ିକୁ ତ୍ୟାଗ କରି ସାମ୍ରାଜ୍ୟବାଦ ଉପନିବେଶୀ ଲୋକଙ୍କର କରିଥିବା କ୍ଷତି ଉପରେ ମୂଲ୍ୟାୟନ ଆରମ୍ଭ କରିଥିଲେ। ତେବେ ସାମ୍ରାଜ୍ୟରେ ଜାତିଗତ କ୍ରମର ଉତ୍ଥାନ ସହିତ ଜାତିଗତ ପ୍ରାଧାନ୍ୟ, ହିଂସା ଏବଂ ନିଷ୍ଠୁରତା ବଢ଼ିଲା। ଏହି ବିଷାକ୍ତ ତତ୍ତ୍ୱଗୁଡ଼ିକ ଆମକୁ ପ୍ରଭାବିତ କରୁଛି ଏବଂ ଶେଷ ହୋଇଯାଇଥିବା ସାମ୍ରାଜ୍ୟବାଦର ଅତୀତ ସ୍ମୃତି ଏବେ ଅଧିକ କ୍ଷତି କରୁଛି। ଏପରିକି ଆମେରିକାରେ କୌଣସି ସାମ୍ରାଜ୍ୟ ନ ଥିଲେ ମଧ୍ୟ ଏହାର ଏକ ବିଶ୍ୱସ୍ତରୀୟ ପ୍ରଭୁତ୍ୱ ରହିଛି। ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଚାରରେ ଏହି ପୁରୁଣା ଭାବନା ଆମେରିକାକୁ ପୁଣିଥରେ ମହାନ୍ କରିବା ପାଇଁ ଆହ୍ୱାନ ଦେଇଛି। ମନେରଖିବାକୁ ହେବ ଯେ, ଯେପର୍ଯ୍ୟନ୍ତ ତୁମେ ସାମ୍ରାଜ୍ୟବାଦ ଓ ଏହାର କ୍ଷତିକାରକ ଭାବନାରୁ ଦୂରେଇ ନ ରହିବ ସେ ପର୍ଯ୍ୟନ୍ତ ଗଣତନ୍ତ୍ର ପ୍ରତିଷ୍ଠା କରିପାରିବ ନାହିଁ। ଯେ ପର୍ଯ୍ୟନ୍ତ ତୁମେ ଏହା ନ କରିଛ, ତୁମର ରାଜନୀତିକୁ ଭ୍ରାନ୍ତ ସ୍ୱପ୍ନ ଗ୍ରାସ କରିବ। ସ୍ପେନ୍‌ର ଐତିହାସିକମାନେ ମୋତେ କହିଛନ୍ତି ଯେ, ବିଂଶ ଶତାବ୍ଦୀର ଆରମ୍ଭରେ କ୍ୟୁବା ଏବଂ ଫିଲିପାଇନ୍ସ ହାତରୁ ଚାଲିଯିବା ଥିଲା ସ୍ପେନ୍ ସାମ୍ରାଜ୍ୟର ଅନ୍ତିମ ପରାଜୟ। ସ୍ପେନ୍ ଫ୍ରାଙ୍କୋଙ୍କ ହାତକୁ ଯାଇଥିଲା ଏବଂ ସେଠାରେ ଗଣତନ୍ତ୍ର ଆସିବା ପାଇଁ ଦୁଇ ପିଢ଼ି ଲାଗିଗଲା। ଆଫ୍ରିକାରେ ସାମ୍ରାଜ୍ୟବାଦୀ ଶାସନ ୧୯୭୪ ପର୍ଯ୍ୟନ୍ତ ପର୍ତ୍ତୁଗାଲରେ ଗଣତାନ୍ତ୍ରିକ ପରିବର୍ତ୍ତନକୁ ରୋକିଥିଲା। ଫ୍ରାନ୍ସଠାରୁ ଅଲଗା ହୋଇ ଆଲଜେରିଆ ସ୍ୱତନ୍ତ୍ର ହେବା ଏବଂ ଉତ୍ତର ଆଫ୍ରିକାରୁ ଫ୍ରାନ୍ସ ଓହରି ଆସିବା ପରେ ଚାର୍ଲ୍ସ ଡି ଗୌଲେ ପ୍ରତିଷ୍ଠା କରିଥିବା ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଅବମାନନା ଯୋଗୁ ମରିନ ଲି ପେନ୍‌ଙ୍କ ଦକ୍ଷିଣପନ୍ଥୀ ଆନ୍ଦୋଳନ ଆରମ୍ଭ ହୋଇଥିଲା।

ଯେତେବେଳେ ସମାଜଗୁଡ଼ିକ ସେମାନଙ୍କର ଅତୀତର କଠିନ ସ୍ଥିତିକୁ ସ୍ୱୀକର କରନ୍ତି ସେତେବେଳେ ସେମାନେ କଳ୍ପନା ନୁହେଁ ବରଂ ବାସ୍ତବ ଆଧାରିତ ରାଜନୀତିର ସମ୍ଭାବନା ସୃଷ୍ଟି କରନ୍ତି। ବ୍ରିଟେନ୍‌ରେ ୧୯୪୫ର ଲେବର ଗଭର୍ନମେଣ୍ଟ ଭଲ ଭାବେ ବୁଝିଥିଲେ ଯେ ଭାରତ ଏବଂ ପାଲେଷ୍ଟାଇନକୁ ନ ଛାଡ଼ିଲେ ନିଜର ଗଣତନ୍ତ୍ର ପ୍ରତିଷ୍ଠା କରିପାରିବ ନାହିଁ। ୟୁରୋପ ଏବଂ ଏସିଆରେ ଏକ ସର୍ବୋଚ୍ଚ କ୍ଷମତାର ବାସ୍ତବତାରୁ ଦୂରେଇ ଯିବା ପୂର୍ବରୁ ନିଃସର୍ତ୍ତ ପରାସ୍ତ ହେବାକୁ ପଡ଼ିଥିଲା। ହେଲେ ରୁଷିଆ ହେଉଛି ଏକମାତ୍ର ୟୁରୋପୀୟ ଦେଶ, ଯାହାକି ନିଜ ସାମ୍ରାଜ୍ୟର ଅତୀତର କଠିନ ପରିସ୍ଥିତିକୁ ଭଲ ଭାବେ ଉପଲବ୍ଧି କରିନାହିଁ। ଷ୍ଟାଲିନ୍ ଛାଡ଼ି ଯାଇଥିବା ଉତ୍ତରାଧିକାରକୁ ସ୍ୱୀକାର କରିବାକୁ ମନାକରି, ୟୁକ୍ରେନ୍ ଉପରେ ଆକ୍ରମଣ କରି ନିଜର ଗଣତାନ୍ତ୍ରିକ ଭବିଷ୍ୟତ ପାଇଁ ସବୁ ରାସ୍ତା ବନ୍ଦ କରିଦେଲା। ଏହାର ଲୋକମାନେ ଜଣେ ବ୍ୟକ୍ତିଙ୍କ ଚିରାଚରିତ ଅତ୍ୟାଚାରକୁ ସମର୍ଥନ କରିଛନ୍ତି। ଏହା ହେଉଛି ସାଂଘାତିକ ସାମାଜିକ ସମସ୍ୟା, ଯେଉଁଥିରେ ୟୁକ୍ରେନ୍ ଆମ ନାମରେ ଲଢୁଛି। ୟୁକ୍ରେନ୍‌ର ନାଗରିକମାନେ ୟୁରୋପରେ ଯୋଗଦେବାକୁ ଚାହାନ୍ତି ବୋଲି କହିବା ଅର୍ଥ ହେଉଛି ସେମାନେ ନିଜକୁ ସାମ୍ରାଜ୍ୟବାଦ ଶକ୍ତିରୁ ଦୂରେଇ ନେଇ ସ୍ୱାଧୀନ ଭାବରେ ବଞ୍ଚିବାକୁ ଚାହାନ୍ତି।

ସମସ୍ତ ସାମ୍ରାଜ୍ୟର ଅତୀତ ସ୍ମୃତିକୁ ସମାଧି ଦିଆଯିବା ଭଲ। ଏପରିକି ସେହି ବୃଦ୍ଧାଙ୍କ ଓ ମୋ ପାଇଁ ପ୍ରାଚୀନ ଶାସନର ମଧୁର ଦିନକୁ ମଧ୍ୟ। ଚର୍ଚ୍ଚ ପରିସରରେ ମୋ ପୂର୍ବପୁରୁଷମାନେ ସମାଧି ନେଇ ଶାନ୍ତିରେ ରହିଥିବା ଭଳି ପୁରାତନ ରୁଷିଆରୁ ଅଲଗା ହୋଇ ୟୁକ୍ରେନ୍‌କୁ ସ୍ୱାଧୀନ ଭାବେ ନିଜର ଶାନ୍ତି ସ୍ଥାପନ କରିବାକୁ ପଡ଼ିବ। ତୁମକୁ ସମସ୍ତ ଇତିହାସର ମାଲିକ ହେବାକୁ ପଡ଼ିବ। ୟୁକ୍ରେନୀୟମାନେ ଶାନ୍ତି ଆପଣାଇ ସେଥିରେ ହିଁ ବଞ୍ଚିପାରିବେ। ଏକ ମୁକ୍ତ ୟୁକ୍ରେନ୍ ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ସଂଗ୍ରାମ କରିବାକୁ ପଡ଼ିବ। ତେବେ ଯାଇ ଏହା ଆତଙ୍କବାଦ, ହିଂସା ଏବଂ ଭୟକୁ ପରାସ୍ତ କରି ଏକ ନୂତନ ଇତିହାସ ସୃଷ୍ଟି କରିବା ଆରମ୍ଭ କରିପାରିବ ।

**ପ୍ରଫେସର (ହିଷ୍ଟ୍ରି ଆଣ୍ଡ୍ ରେକ୍ଟର ଏମରିଟ୍ସ),ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି, ଭିଏନା**

# ବିଶ୍ୱାସ ଓ ଅନ୍ଧବିଶ୍ୱାସ



ଅଲେଖ ଚନ୍ଦ୍ର ମିଶ୍ର

ପୁରାତନ ଲୋକକଥାଟିଏ। ଦିନେ ଜଣେ ଗୃହସ୍ଥଙ୍କ ଘରେ ବାର୍ଷିକ ଶ୍ରାଦ୍ଧ ପାଳନ କରାଯାଉଥାଏ। କୁଳ ପୁରୋହିତ ଶ୍ରାଦ୍ଧ ପାଇଁ ସଂଗୃହୀତ ସବୁ ସାମଗ୍ରୀକୁ ଦେଖିସାରି କର୍ମ ଆରମ୍ଭ କରିବା ପାଇଁ ଗୃହକର୍ତ୍ତାଙ୍କୁ ଡକେଇଲେ। ତାଙ୍କ ଉପରେ ଜଳ ସିଞ୍ଚି ସ୍ୱସ୍ତି ବାଚନ କରୁ କରୁ ଗୃହକର୍ତ୍ତା କହିଲେ, ଗୋସେଇଁ ଟିକେ ରୁହନ୍ତୁ। ଶ୍ରାଦ୍ଧ ଆରମ୍ଭ କରିବା ପୂର୍ବରୁ ସବୁଜିନିଷପତ୍ର ଯୋଗାଡ଼ ହୋଇଛି କି ନାହିଁ ଦେଖିଲେନି ତ! ପଣ୍ଡିତେ ଉତ୍ତର ଦେଲେ ମୁଁ ଦେଖିସାରିଛି, ସବୁ ଠିକ୍ ଅଛି। ନା ସବୁ ଜିନିଷ ନାହିଁ, ଆଉ ଥରେ ଦେଖନ୍ତୁ। ତୁମେ ସିନା ଆଜି ପ୍ରଥମଥର ପାଇଁ ଶ୍ରାଦ୍ଧ ଦେଉଛ, ମୁଁ ପରା ତୁମ ଘରେ ତିନି ପିଢ଼ି ହେଲାଣି ଏ କାମ କରିଆସୁଛି। ଗୃହସ୍ଥଜଣକ କହିଲେ, ମୁଁ ନୂଆ ବୋଲି ମତେ ଭୁଲେଇ ଜଲଦି କାମ ସାରିଦେବାକୁ ଚାହୁଁଛନ୍ତି। କିନ୍ତୁ ମୁଁ ସବୁ ଜାଣିଛି। ଶ୍ରାଦ୍ଧ ସିନା ନୂଆ ଦେଉଛି ହେଲେ ପ୍ରତିବର୍ଷ ମୁଁ ଏଠି ବସି ସବୁ ଦେଖେ। ପ୍ରତିବର୍ଷ ଶ୍ରାଦ୍ଧ ଶେଷ ହେବା ଯାଏ ଆମ ବିଲେଇକୁ ଏଠି ଗୋଟିଏ ଟୋକେଇ ତଳେ ଘୋଡ଼େଇ ରଖାଯିବା ମୁଁ ଦେଖି ଆସିଛି। ଏ ବର୍ଷ ଅବଶ୍ୟ ସେ ବିଲେଇଟି ମରିଯାଇଛି ତା' ବୋଲି କ'ଣ ବିଲେଇ ଅଭାବ ଅଛନ୍ତି ଯେ ବିନା ବିଲେଇରେ କାମ ଚଳେଇବା? ଏଥରକ ପଣ୍ଡିତେ କହିଲେ ଆରେ ବାବୁ ଶ୍ରାଦ୍ଧକର୍ମ ଚାଲିଥିବାବେଳେ ତୁମ ଘରର ପୋଷା ବିରାଡ଼ିଟା ଏଠିକି ଆସି ଏଠିସେଠି ମୁହଁ ମାରି ମାରା କରିଦିଏ। ଯେତେ ଘଉଡ଼େଇଲେ ବି ଯାଏନା। ତେଣୁ ତା' ଉପରେ ଟୋକେଇଟିଏ ଘୋଡ଼େଇଦେଇ କାମ ସରିଲା ପରେ ଛାଡ଼ି ଦିଆଯାଏ। ତା' ବୋଲି... ଏହା ଶୁଣି ସେଠାରେ ହସର ରୋଳ ଖେଳିଗଲା।

ଏହି ଲଘୁକଥାଟିକୁ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଲା ଅନ୍ଧବିଶ୍ୱାସ କିପରି ସୃଷ୍ଟିହୁଏ ତା'ର କିଞ୍ଚିତ୍ ସୂଚନା ଦେବା। ସମାଜରେ ଯେତେସବୁ ଲୋକକଥା, ଲୋକଗୀତି, ପ୍ରବାଦ, ପ୍ରହେଳି, ଢଗଢମାଳି, ଲୌକିକ ବଚନିକା ଆଦି ରହିଆସିଛି, ସେସବୁ ପିଢ଼ିପିଢ଼ିର ବାସ୍ତବ ଅନୁଭୂତି, ଅଭିଜ୍ଞତା ଓ ଆବଶ୍ୟକତା ଉପରେ ଆଧାରିତ। ତେଣୁ ସେସବୁକୁ ମାନିନେବା ଯେପରି ବିଜ୍ଞତାର ପରିଚାୟକ, ହେୟ ଜ୍ଞାନ କରିବା ସେହିପରି ଅଜ୍ଞତାର ପରିଚୟ। କିନ୍ତୁ ତାକୁ ଠିକ୍ ଭାବରେ ନ ବୁଝି ନ ଶୁଝି, ତା'ର ମର୍ମ ନ ଜାଣି ଦେଖାଶିଖାରେ ଭାସିଯିବା ମୂର୍ଖତାର ନିଦର୍ଶନ। ଏ ବିଷୟରେ କେତୋଟି ଉଦାହରଣର ଆଲୋଚନା କରାଯାଇପାରେ। ସାଧାରଣତଃ ବିଶ୍ୱାସ ରହିଛି ଯେ ମଣିଷ ଜୀବନରେ ଭାଗ୍ୟ ହିଁ ସବୁକିଛି, ଯେଣେ ଇଚ୍ଛା ତେଣେ ଯାଆ କର୍ମ (ଭାଗ୍ୟ)ଘେନି ବୁଲୁଥାଆ। ଏହିକଥାଟିକୁ ସମ୍ପୂର୍ଣ୍ଣଭାବରେ ବିଶ୍ୱାସ କରି ଯଦି ସବୁ ଭାଗ୍ୟ ଉପରେ ଛାଡ଼ି ଦିଆଯାଏ ତେବେ କର୍ମପ୍ରବାହ ଅଟକି ଯିବ ଏବଂ କର୍ମ ବିନା ଜୀବନ ଜଡ଼ ଓ ଶୁଷ୍କ ପାଲଟିଯିବ। ବୃଦ୍ଧ ବ୍ୟାଘ୍ର କଙ୍କଣ ଉପାଖ୍ୟାନ ଟିକେ ମନେପକାନ୍ତୁ । ଭାଗ୍ୟେ ନୈତସମ୍ଭବତି ଅର୍ଥାତ୍ ଭାଗ୍ୟରେ ଥିଲେ ଏହା ମିଳିବ, ଏପରି ଧାରଣାର ବଶବର୍ତ୍ତୀ ହୋଇ ବିଚରା ପଥିକଟିଏ ସେଦିନ ବୃଦ୍ଧ ବ୍ୟାଘ୍ରର ଛଳନାକୁ ଜାଣି ନ ପାରି ସେ ଯାଚୁଥିବା ସୁବର୍ଣ୍ଣ କଙ୍କଣଟିକୁ ପାଇବା ଆଶାରେ ତା' ନିକଟକୁ ଧାଇଁ ଯାଇଥିଲା। ହେଲେ ତା'ର ପରିଣାମ କ'ଣ ହେଲା? ଗୋଟିଏ ପଟେ ବାଘ ଭଳି ହିଂସ୍ର ଜନ୍ତୁର ସ୍ୱଭାବ ଅନ୍ୟ ପଟେ ଭାଗ୍ୟ ଉପରେ ଭରସା ଏହି ଦୁଇଟିର ସନ୍ଧିକ୍ଷଣରେ ବିବେକର ସାହାରା ନେବା ଉଚିତ୍ ଏବଂ ବିବେକ ସୂଚେଇଦିଏ ଯେ ସୁବର୍ଣ୍ଣ କଙ୍କଣ ମଣିଷର ଜୀବନଠାରୁ ଅଧିକ ମୂଲ୍ୟବାନ୍ ନୁହେଁ। ବେଳେବେଳେ ଏମିତି ହୁଏ ଅନେକ ସମୟରେ ଉଡ଼ା ଖବରରୁ ମଧ୍ୟ ଅନ୍ଧବିଶ୍ୱାସ ଜନ୍ମ ନେଇଥାଏ, ଯେପରି ଯଜ୍ଞକୁଣ୍ଡ ଓ ସ୍ୱର୍ଣ୍ଣମୁଦ୍ରା ଆଖ୍ୟାୟିକା। ଗୋଟିଏ ଗ୍ରାମରେ ଅନୁଷ୍ଠିତ ହେଉଥିବା ନବଦିନ ବ୍ୟାପୀ ଯଜ୍ଞ ସମାପ୍ତିର କିଛିଦିନ ପରେ ଥରେ ଜଣେ ମହିଳା ପାଣି ଆଣିବାକୁ ସେଇ ବାଟଦେଇ ନଦୀକୁ ଯାଉଥିଲାବେଳେ ହଠାତ୍ ଜୋରରେ ବର୍ଷା ଆରମ୍ଭ ହୋଇଗଲା। ସେଥିରୁ ରକ୍ଷା ପାଇବା ପାଇଁ ସେ ପାଖରେ ଥିବା ଯଜ୍ଞଘରକୁ ପଶିଗଲେ। ତା'ଭିତରେ ତାଙ୍କୁ ପରିସ୍ରା ଲାଗିଲା। ସେ ପରିତ୍ୟକ୍ତ ଯଜ୍ଞକୁଣ୍ଡରେ ପରିସ୍ରା କରିଦେଲେ। ହଠାତ୍ ତାଙ୍କର ନଜରରେ ପଡ଼ିଲା ସେ ପରିସ୍ରା କରିଥିବା ସ୍ଥାନରେ ଏକ ସ୍ୱର୍ଣ୍ଣମୁଦ୍ରା ଥୁଆହୋଇଛି। ତାହାକୁ ନେଇ ଘରକୁ ଫେରିଆସିଲେ। ଘଟଣାଟି କୌଣସି ପ୍ରକାରେ ପ୍ରଘଟ ହୋଇଗଲା। ଲୋକେ ବିଶ୍ୱାସ କଲେ ଯେ ଯଜ୍ଞକୁଣ୍ଡରେ ପରିସ୍ରା କଲେ ସ୍ୱର୍ଣ୍ଣମୁଦ୍ରା ମିଳେ। ତା'ପରେ କେବଳ ଗୋଟିଏ ପରିବାରକୁ ଛାଡ଼ି ଅନ୍ୟସବୁ ପରିବାର ସ୍ୱର୍ଣ୍ଣମୁଦ୍ରା ଲୋଭରେ ସେୟା କଲେ ଏବଂ ସେହି ପରିବାର ଛଡ଼ା ସମସ୍ତେ ତା'ର କୁପରିଣାମ ଭୋଗିଲେ। ଉଭୟ ପ୍ରକାରର ପରିବାର ମଧ୍ୟରେ ଥିବା ପାର୍ଥକ୍ୟ ହିଁ ବିବେକର ଆହ୍ୱାନ୍ ଯାହା ବିଶ୍ୱାସ ଓ ଅନ୍ଧବିଶ୍ୱାସ ମଧ୍ୟରେ ଥିବା ପ୍ରଭେଦକୁ ସୂଚେଇ ଦିଏ।

**ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ସାଧାରଣରେ ଅନେକ ଶିକ୍ଷିତ ଯୁବକ ଚାଷ କରିବାକୁ ଭଲ ପାଆନ୍ତି ନାହିଁ। କାରଣ ସେମାନଙ୍କ ମତରେ ଚାଷରୁ ଲାଭ ହେଉନାହିଁ। କିନ୍ତୁ ଏଭଳି ଯୁକ୍ତିକୁ ମିଥ୍ୟା ପ୍ରମାଣ କରିଛନ୍ତି କେରଳର ଜିତୁ ଥୋମାସ। ଜିତୁ ଓ ତାଙ୍କ ମା' ଛତୁଚାଷରେ ସଫଳ ହେବା ସହ ଦିନକୁ ୪୦,୦୦୦ ଟଙ୍କା ରୋଜଗାର କରୁଛନ୍ତି। ୫୦୦୦ ବର୍ଗଫୁଟ ଜାଗାରେ ପାରମ୍ପରିକ ପଦ୍ଧତିରେ ୫,୦୦୦ ବେଡ୍ ରହୁଥିବାବେଳେ ଜିତୁ ସେତିକି ଜାଗାରେ ପାଖାପାଖି ୨୦,୦୦୦ ବେଡ୍ ରଖିପାରିଛନ୍ତି। ପ୍ରତିଦିନ ସେ ୧ କୁଇଣ୍ଟାଲରୁ ଅଧିକ ଛତୁ ଅମଳ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଜିତୁ ବିନା ମଧ୍ୟସ୍ଥରେ ଖାଉଟିମାନଙ୍କୁ ବିକ୍ରି କରୁଛନ୍ତି । ଫଳରେ ମାର୍କେଟରେ ତାହା ଶସ୍ତା ରହୁଛି ଓ ଅଧିକ ବିକ୍ରି ହେଉଛି । କେବଳ ଏତିକି ନୁହେଁ, ସେ ଛତୁଚାଷ ସମ୍ପର୍କରେ ୧,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। ଜିତୁ ୧୯ ବର୍ଷ ବୟସରେ ଛତୁ ଚାଷ କରିବାକୁ ଆଗ୍ରହୀ ହୋଇଥିଲେ। ଏଥିରେ ତାଙ୍କ ମା' ଲିନା ଥୋମାସ ସହଯୋଗ କରିଥିଲେ। ପରେ ଜିତୁ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ଆଧୁନିକ ଜ୍ଞାନକୌଶଳ ଉପଯୋଗରେ ଏହି ଚାଷକୁ ଆଗକୁ ବଢ଼ାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଅକ୍ଟୋବର ୧୯୭୫**

- ଦେଶରୁ ବେଠି ପ୍ରଥା ଉଚ୍ଛେଦ କରିବା ନିମନ୍ତେ ରାଷ୍ଟ୍ରପତି ଫକ୍‌ରୁଦ୍ଦିନ ଅଲ୍ଲୀ ଏକ ଅର୍ଡିନାନ୍‌ସ ଜାରି କରିଛନ୍ତି।
- ଜାତିସଂଘ ନିରାପତ୍ତା ପରିଷଦର ଗୋଟିଏ ଏସୀୟ ସ୍ଥାନ ପାଇଁ ହେଉଥିବା ପ୍ରତିଦ୍ୱନ୍ଦ୍ୱିତାରୁ ଭାରତ ଓହରି ଯାଇଛି।
- ସୋଭିଏତ୍ ରୁଷ ପଠାଇଥିବା ମହାକାଶ ଯାନଟି ଶୁକ୍ର ଗ୍ରହରେ ଅବତରଣ କରିଥିବା ଟାସ୍ ସୂତ୍ରରୁ ପ୍ରକାଶ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 9 | | 8 | | | | |
| | | | 2 | | 6 | 8 | | |
| | | | | | | | 4 | 6 |
| | 5 | 8 | | 2 | | | | 4 |
| 2 | | 4 | | | | | 6 | |
| | | | | 7 | 5 | | | |
| | | | | | | | 3 | |
| | 6 | | 9 | | | | | 1 |
| 5 | | 2 | | 3 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 3 | 1 | 7 | 4 | 9 | 5 | 6 |
| 5 | 7 | 1 | 9 | 6 | 8 | 2 | 3 | 4 |
| 4 | 9 | 6 | 3 | 5 | 2 | 8 | 1 | 7 |
| 6 | 5 | 7 | 4 | 8 | 9 | 3 | 2 | 1 |
| 8 | 1 | 4 | 6 | 2 | 3 | 7 | 9 | 5 |
| 9 | 3 | 2 | 5 | 1 | 7 | 4 | 6 | 8 |
| 7 | 2 | 5 | 8 | 9 | 1 | 6 | 4 | 3 |
| 1 | 4 | 8 | 2 | 3 | 6 | 5 | 7 | 9 |
| 3 | 6 | 9 | 7 | 4 | 5 | 1 | 8 | 2 |

ଗତକାଲିର ଉତ୍ତର

# ବିଶ୍ୱ ଖାଦ୍ୟ ସୂଚକାଙ୍କ ଓ ଭାରତ



ବିଚିତ୍ର ବିଶ୍ୱାଳ

ଚଳିତବର୍ଷ ୨୦୨୪ର ବିଶ୍ୱ ଖାଦ୍ୟ ସୂଚକାଙ୍କ ବା ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସରେ ଭାରତରେ କ୍ଷୁଧାର ପରିସ୍ଥିତି ଗମ୍ଭୀର ବୋଲି ଦର୍ଶାଯାଇଛି। ବିଶ୍ୱର ୧୨୭ଟି ଦେଶ ମଧ୍ୟରୁ ୨୭.୩ ଅଙ୍କ ପାଇ ଭାରତ ୧୦୫ତମ ସ୍ଥାନରେ ରହିଛି। ଏହି ରିପୋର୍ଟ ଅନୁସାରେ ୯.୯ ଅଙ୍କ ସ୍ୱଳ୍ପ କ୍ଷୁଧାକୁ ସୂଚାଉଥିବା ବେଳେ ୧୦ରୁ ୧୯.୯ ଅଙ୍କ ମଧ୍ୟମ, ୨୦ରୁ ୩୪.୯ ଗମ୍ଭୀର ଓ ୩୫ରୁ ୪୯.୯ ଅତି ଗମ୍ଭୀର ଓ ୫୦ରୁ ଊର୍ଦ୍ଧ୍ୱ ଅଙ୍କ ଭୟଙ୍କର କ୍ଷୁଧାକୁ ସୂଚାଏ।ଯେବେ ବି ବିଶ୍ୱ କ୍ଷୁଧା ସୂଚକାଙ୍କର ରିପୋର୍ଟ ଆସେ ଭାରତ ସରକାର ଓ ବୁଦ୍ଧିଜୀବୀମାନେ ଏହାର ଯୁକ୍ତିଯୁକ୍ତତା ଉପରେ ପ୍ରଶ୍ନ ଉଠାଇଥାନ୍ତି। ଚଳିତବର୍ଷ ରିପୋର୍ଟରେ ଯଦିଓ ଭାରତରେ କ୍ଷୁଧାର ପରିସ୍ଥିତିକୁ ଗମ୍ଭୀର ବୋଲି ଦର୍ଶାଯାଇଛି କିନ୍ତୁ ସାଧାରଣରେ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ପ୍ରାୟତଃ ବିଶ୍ୱାସଯୋଗ୍ୟ ହୋଇ ନ ଥାଏ।ତେଣୁ ଏହି ରିପୋର୍ଟକୁ ବୁଝିବାକୁ ହେଲେ ବିଶ୍ୱ ଖାଦ୍ୟ ସୂଚକାଙ୍କର ମାନକ ବା ଇଣ୍ଡିକେଟର ଗୁଡ଼ିକ ବୁଝିବାକୁ ହେବ। ଏହି ସୂଚକାଙ୍କରେ ପ୍ରାପ୍ତ ହେଉଥିବା ଅଙ୍କ ମୁଖ୍ୟତଃ ଚାରୋଟି ପ୍ରମୁଖ ମାନକ ଭିତ୍ତିରେ ନିର୍ଦ୍ଧାରଣ ହୋଇଥାଏ। ଯଥା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ଷ୍ଟଣ୍ଟିଙ୍ଗ ବା ବୟସ ଅନୁସାରେ କମ୍ ଉଚ୍ଚତାର ହାର (ଦୀର୍ଘକାଳୀନ ଅପପୁଷ୍ଟି), ଲୋକମାନଙ୍କ ମଧ୍ୟରେ ପୋଷଣର ଅଭାବ (କମ କ୍ୟାଲୋରି ସେବନ କରୁଥିବା ଲୋକମାନଙ୍କର ହାର), ପାଞ୍ଚ ବର୍ଷରୁ କମ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ଅପପୁଷ୍ଟି (ଉଚ୍ଚତା ଅନୁସାରେ କମ ଓଜନ) ଓ ଶିଶୁ ମୃତ୍ୟୁହାର (ପାଞ୍ଚ ବର୍ଷ ପୂର୍ବରୁ ମୃତ୍ୟୁବରଣ କରୁଥିବା ଶିଶୁ)।ରିପୋର୍ଟ ଅନୁସାରେ ଭାରତରେ ୧୩.୭% ଲୋକ ଉପଯୁକ୍ତ କ୍ୟାଲୋରିର ଆହାର ସେବନ କରିବାରୁ ବଞ୍ଚିତ ହେଉଛନ୍ତି, ୩୫.୫% ଶିଶୁ ଷ୍ଟଣ୍ଟିଙ୍ଗର (ବୟସ ଅନୁସାରେ ଉଚ୍ଚତା କମ) ଶିକାର ହୋଇଥିବା ବେଳେ ୧୮.୭% ଶିଶୁଙ୍କ ଉଚ୍ଚତା ଅନୁସାରେ ଓଜନ କମ୍ ଓ ୨.୯% ଶିଶୁ ସେମାନଙ୍କର ପଞ୍ଚମ ଜନ୍ମଦିନ ପୂର୍ବରୁ ମୃତ୍ୟୁବରଣ କରୁଛନ୍ତି। ଏଭଳି ସ୍ଥିତି ପାଇଁ ଭାରତ ବିଶ୍ୱ ଖାଦ୍ୟ ସୂଚକାଙ୍କରେ ତଳେ ରହୁଛି; ଯାହାକୁ ଭାରତ ସରକାର କିମ୍ବା ବୁଦ୍ଧିଜୀବୀମାନେ ଅସ୍ୱୀକାର କରିପାରନ୍ତି କିନ୍ତୁ ସତ୍ୟତାକୁ ଆଖି ବୁଜିଦେଇ ହେବନାହିଁ।

ଗତ କିଛିବର୍ଷ ହେବ ଖାଦ୍ୟ ଓ ପୁଷ୍ଟି ସୁରକ୍ଷାକୁ ନେଇ ଭାରତ ସରକାର ଯଦିଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ପୋଷଣ କରୁଛନ୍ତି ଓ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି, ତଥାପି ପରିସ୍ଥିତିର ଆମୂଳଚୂଳ ପରିବର୍ତ୍ତନ ପାଇଁ ଆହୁରି ଅଧିକ ନିଷ୍ଠାର ଆବଶ୍ୟକତା ରହିଛି। ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା, ନ୍ୟାଶନାଲ ମିଶନ ଫର୍ ନାଚୁରାଲ ଫାର୍ମିଂ ଆଦି ଯୋଜନା ଖାଦ୍ୟ ଓ ପୁଷ୍ଟି ସୁରକ୍ଷା କ୍ଷେତ୍ରରେ ପରିସ୍ଥିତିରେ ଅନେକ ସୁଧାର ଆଣିଛି। କିନ୍ତୁ ଭାରତରେ ଯେଉଁଠି ଧନୀ ଓ ଗରିବଙ୍କ ଭିତରେ ତାରତମ୍ୟ ଅତ୍ୟଧିକ, ଜାତି, ଧର୍ମ ଓ ବର୍ଗକୁ ନେଇ ଲୋକଙ୍କ ପରିସ୍ଥିତିରେ ଆକାଶ ପାତାଳ ତଫାତ୍, ସେଠି କେବଳ କେତେକ ଯୋଜନା କାର୍ଯ୍ୟକାରୀ କରିବା ଖାଦ୍ୟ ଓ ପୁଷ୍ଟି ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ହେବ ନାହିଁ। ବିଭିନ୍ନ ସରକାରୀ ଓ ବେସରକାରୀ ତଥ୍ୟ ପ୍ରମାଣ କରୁଛି ଯେ, ଦେଶରେ ଆଦିବାସୀ, ଦଳିତ ଓ ଅତିଗରିବ ଅଞ୍ଚଳଗୁଡ଼ିକରେ ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟି ସୁରକ୍ଷାର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର। କେବଳ ଚକଚକିଆ ସହର, କିଛି ବିକଶିତ ଗ୍ରାମ ବା



ଭିତ୍ତିଭୂମିର ବିକାଶକୁ ଲକ୍ଷ୍ୟ କରି ସମଗ୍ର ଦେଶକୁ ଗୋଲାପି ବୋଲି ଚିତ୍ରିତ କରିହେବ ନାହିଁ। ଏହା ବିଶ୍ୱ ଖାଦ୍ୟ ସୂଚକାଙ୍କ ପୁଣି ଥରେ ପ୍ରମାଣ କରିଛି।

ମହିଳାମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ପୁଷ୍ଟି, ରକ୍ତହୀନତା, ଖାଦ୍ୟରେ ପୋଷକ ତତ୍ତ୍ୱର ଅଭାବ ଆଦି ପରିସ୍ଥିତି ଶିଶୁ ଅପପୁଷ୍ଟି ସମସ୍ୟାକୁ ଗମ୍ଭୀର କରୁଛି। ଆମେ ଜାଣିଛେ ଗୋଟେ ଦୁର୍ବଳ ଓ ଅପପୁଷ୍ଟିର ଶିକାର ମହିଳାଙ୍କ କ୍ଷେତ୍ରରେ କମ ଓଜନର ଶିଶୁକୁ ଜନ୍ମ ଦେବାର ସମ୍ଭାବନା ଅଧିକ । ଏହିପରି ଭାବରେ ଅପପୁଷ୍ଟି ଚକ୍ର ଗଡ଼ି ଚାଲୁଛି। କେବଳ ସରକାରଙ୍କ କିଛି ଯୋଜନା ବା ଅତିରିକ୍ତ ପୋଷକ ଆହାର ପ୍ରଦାନରେ ଏହି ସମସ୍ୟାର ସମାଧାନ କରିହେବ ନାହିଁ। ଯେପର୍ଯ୍ୟନ୍ତ ସମାଜର ନିମ୍ନ ବର୍ଗର ଲୋକମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ପ୍ରଦାନ କରାଯାଇନାହିଁ ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମୂଳେ ସମାଧାନ ହେବା କଷ୍ଟସାଧ। ଆମେ ଦେଖୁଛେ ଗତ କିଛିବର୍ଷ ହେବ ଭାରତର ଅପପୁଷ୍ଟି ହାର କମ୍ ହେଉଛି। କିନ୍ତୁ ଯେଉଁ ହାରରେ କମିବା କଥା ତାହା ହେଉନାହିଁ। ଏହାର ପଛରେ ଲୋକମାନଙ୍କ ପାଖରେ ମୌଳିକ ସୁବିଧା ସୁଯୋଗର ଅଭାବ, ସମ୍ପତ୍ତି ଉପରେ ଅଧିକାର, ଲିଙ୍ଗଗତ ବିଷମତା ଆଦି ମୌଳିକ ସମସ୍ୟା ରହିଛି। ସରକାର ଏ କ୍ଷେତ୍ରରେ ପଦକ୍ଷେପ ନ ନେଲେ ବିଭିନ୍ନ ବିଶ୍ୱ ସ୍ତରୀୟ ଅଧ୍ୟୟନରେ ଭାରତର ଚିତ୍ର ଧୂସର ହିଁ ରହିବ।

ଖାଦ୍ୟ ଓ ପୁଷ୍ଟି ସୁରକ୍ଷା କ୍ଷେତ୍ରରେ ହେଉଥିବା ଅନ୍ୟାନ୍ୟ ଅଧ୍ୟୟନ ଓ ବିଶ୍ୱ ଖାଦ୍ୟ ସୂଚକାଙ୍କ ପ୍ରମାଣ କରୁଛି ଯେ ଜିଡିପି ଅଭିବୃଦ୍ଧି ସହିତ ଖାଦ୍ୟ ଓ ପୁଷ୍ଟି ସୁରକ୍ଷାର ପ୍ରତ୍ୟକ୍ଷ ସମ୍ପର୍କ ବହୁତ କମ୍। ସରକାର ଦର୍ଶାଉଛନ୍ତି , ଦେଶର ଜିଡିପି ବଢି ଚାଲୁଛି, ଭାରତ ପାଞ୍ଚ ଟ୍ରିଲିଅନ ଅର୍ଥନୀତି ଦିଗରେ ଦ୍ରୁତ ବେଗରେ ଗତି କରୁଛି, ତଥାପି ଖାଦ୍ୟ ଓ ପୁଷ୍ଟି ସୁରକ୍ଷା କ୍ଷେତ୍ରରେ ଆଶାନୁରୂପ ଉନ୍ନତି ହାସଲ ନ ହେବା ଏହାକୁ ପ୍ରମାଣ କରୁଛି। ତେଣୁ ଜିଡିପି ଅଭିବୃଦ୍ଧି ସହିତ ଯଦି ବିସମତାକୁ କମ କରିବା ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ବିକାଶ କେବଳ କିଛି ଲୋକଙ୍କ ବିକାଶରେ ସୀମିତ ରହିଯିବ। ସାଂପ୍ରତିକ ବିକାଶ ପ୍ରକ୍ରିୟାକୁ ସାମୂହିକ ବିକାଶରେ ପରିଣତ କରିବା ପାଇଁ ହେଲେ ବିସମତାକୁ କମ କରିବାକୁ ପଡ଼ିବ।

ସମାଜରେ ଆଦିବାସୀ, ଦଳିତ, ସଂଖ୍ୟାଲଘୁ, ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରି ଏହାକୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରିବାକୁ ହେବ। ଶାସନ ଓ ଯୋଜନା ପ୍ରସ୍ତୁତ ସମୟରେ ଏହି ସବୁ ବର୍ଗର ଲୋକମାନଙ୍କର ଭାଗୀଦାରିତାକୁ ନିଶ୍ଚିତ କରିବାକୁ ପଡ଼ିବ। ଜନସଂଖ୍ୟାର ଏକ ସିଂହଭାଗ କୁହାଯାଉଥିବା ଚାଷୀଙ୍କ ପରିସ୍ଥିତି ପ୍ରତି ଆଖି ବୁଜି ଦେଇ ସମଗ୍ର ଦେଶର ବିକାଶ, ଖାଦ୍ୟ ଓ ପୁଷ୍ଟି ସୁରକ୍ଷାକୁ ନିଶ୍ଚିତ କରିବା କେବଳ ଏକ ଦିବା ସ୍ୱପ୍ନ ଛଡ଼ା ଆଉ କିଛି ନୁହେଁ। ସରକାର ଯେଭଳି ଭାବେ ଦରମା ଓ ଭତ୍ତା ବୃଦ୍ଧି କରୁଛନ୍ତି, କମ୍ପାନୀମାନଙ୍କ ପାଇଁ ରିହାତି ଦେଉଛନ୍ତି, ସେହି ହାରରେ କ'ଣ ଚାଷୀମାନଙ୍କ ଅବସ୍ଥାରେ ପରିବର୍ତ୍ତନ ପାଇଁ ପଦକ୍ଷେପ ନେଉଛନ୍ତି? ବାହାନାରେ ଦେଶର ବିକାଶର ଦାୟ ଦିଆଯାଉଛି। ଗୋଟିଏ ପଟେ ଦେଶର ଅର୍ଥନୀତିର ଆକାର ଓ ଜିଡିପି ବଢୁଛି, କିନ୍ତୁ ଆଉ ଗୋଟିଏ ଗୋଷ୍ଠୀ ଭୋକରେ ରହୁଛନ୍ତି। ସଂପ୍ରତି ଅର୍ଥନୀତିରେ ନୋବେଲ ପାଇଥିବା ଅର୍ଥନୀତିଜ୍ଞ ଡାରୋନ ଆକେମୋଗ୍ଲୁ, ଜେମ୍ସ ରବିନସନ ଓ ସାଇମନ ଜନସନ ମଧ୍ୟ ସାମାଜିକ ନ୍ୟାୟ, ଶୋଷଣହୀନ ଶାସନ ବ୍ୟବସ୍ଥା, ନିମ୍ନବର୍ଗର ଲୋକଙ୍କ ସମୃଦ୍ଧି ଉପରେ ଅର୍ଥନୀତିର ବିକାଶ ହୋଇପାରିବ ବୋଲି ଗୁରୁତ୍ୱ ଆରୋପ କରିଛନ୍ତି। ତେଣୁ ସରକାର ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ନିଷ୍ଠାପର ଭାବେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,**
**ମୋ:୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗ ମଣ୍ଡପ ପାର୍ଶ୍ୱରେ ଶୌଚାଳୟ କରାଯାଉ

ମହାଶୟ,

ପୋଖରୀପୁଟ ମଧୁସୂଦନ ପାର୍କ ଭୁବନେଶ୍ୱର ମହାନଗର ନିଗମର ଏକ ପ୍ରମୁଖ ପାର୍କ। ସକାଳ ଓ ସନ୍ଧ୍ୟାରେ ଶହ ଶହ ଶିଶୁ, ଯୁବକ ମହିଳା, ବରିଷ୍ଠ ନାଗରିକ ଓ ଜନସାଧାରଣ ପ୍ରାତଃ ଭ୍ରମଣ, ଜିମ୍ ଓ ଯୋଗାଭ୍ୟାସ ନିମନ୍ତେ ପାର୍କକୁ ଆସିଥାନ୍ତି। ପାର୍କରେ ଥିବା ଯୋଗ ମଣ୍ଡପ ନିକଟରେ ମଧ୍ୟ ଏକ ଓପନ ଜମି ରହିଛି। ବହୁ ବରିଷ୍ଠ ନାଗରିକ ଓ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି ବିଶେଷ ଯୋଗ ମଣ୍ଡପ ପରିସରରେ ଯୋଗ, ଆସନ, ପ୍ରାଣାୟାମ, ଧ୍ୟାନ କରିଥାନ୍ତି। ଯୋଗ ମଣ୍ଡପରେ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଥିଲେ ମଧ୍ୟ ନିକଟରେ ଏକ ଶୌଚାଳୟ ନ ଥିବାରୁ ବୟସ୍କ ତଥା ଅସୁସ୍ଥ ବ୍ୟକ୍ତିବିଶେଷ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ବିଏମ୍‌ସି ଦ୍ୱାରା ଯୋଗ ମଣ୍ଡପ ପାର୍ଶ୍ୱରେ ଏକ ଶୌଚାଳୟ ତଥା ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ମୋଟରସାଇକେଲ୍ ଓ ଗାଡ଼ି ପାର୍କିଂର ବ୍ୟବସ୍ଥା କରିବାକୁ ପ୍ରାତଃ ଭ୍ରମଣକାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

**-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭୁଲି ଜରା ଯଉବନ
ସପନ ବା ଜାଗରଣ
ଅତୀତର ଶତ ସୁଖ ଯାତନା
ଆଗାମୀର ନବ ଆଶା ବାସନା।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୁର୍ଦ୍ଦିନ ବି କେଡ଼େ ଦୁଃଖଦାୟକ

ଭୁବନେଶ୍ୱର, ୨୪।୧୦(ସୁନିତ୍ ମିଶ୍ର)




ବିଜେଡି ଗତ ଅକ୍ଟୋବର ୯ ରୁ ତା'ର ସଦସ୍ୟତା ଅଭିଯାନ ଆରମ୍ଭ କରିଛି। ହେଲେ ଗତ ୨୪ ବର୍ଷ ଭିତରେ ଯେପରି ଦଳର ନେତା ଓ କର୍ମୀମାନେ ଏହି କାର୍ଯ୍ୟକୁ ଉତ୍ସାହ ସହକାରେ କରିଆସୁଥିଲେ ବର୍ତ୍ତମାନ କିନ୍ତୁ ସେହି କ୍ରମରେ ବ୍ୟତିକ୍ରମ ଦେଖାଦେଇଥିବା ଚର୍ଚ୍ଚା ହେଉଛି। ରାଜ୍ୟରେ ଲଗାତର ୨୪ ବର୍ଷ ଶାସନ କରିଆସିଥିବା ବିଜେଡି ପ୍ରଥମ ଥର ଲାଗି ବିରୋଧୀ ଦଳ ଭୂମିକାକୁ ଆସି ଏହି କାର୍ଯ୍ୟ ଆରମ୍ଭ କରିଛି। ହେଲେ ବିଜେଡିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ସକାଶେ ଦଳୀୟ ନେତାମାନେ ଆଉ ସେତେଟା ଆଗ୍ରହ ପୂର୍ବଭଳି ଦେଖାଉନାହାନ୍ତି। ଯେଉଁମାନେ ଆଗ ଥର ପର୍ଯ୍ୟନ୍ତ ଅଧିକ ସଦସ୍ୟଙ୍କୁ ଦଳରେ ଯୋଡ଼ିବା ଲାଗି ପ୍ରତିଯୋଗିତା କରିବାକୁ ପଛାଉ ନ ଥିଲେ ସେମାନେ ଏବେ ଦେଖା ବି ଦେଉନାହାନ୍ତି। ବିଜେଡିର ସଦସ୍ୟ ହେବା ଏବଂ କରେଇବା ଲାଗି ଲୋକମାନଙ୍କ ଭିତରେ ଆଉ ସେଇ ପୁରୁଣା ଆଗ୍ରହ ନ ଥିବା କେତେଜଣ ବରିଷ୍ଠ ନେତା ଖୋଲାଖୋଲି ମତ ଦେବା ଆରମ୍ଭ କରିଦେଇଛନ୍ତି। ଏହି ଅଭିଯାନକୁ ସଫଳ କରାଇବା ଲାଗି ଶଙ୍ଖ ଭବନରୁ ଟଙ୍କା ବଣ୍ଟା ପର୍ବ ଆରମ୍ଭ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ୨୦୨୪ ନିର୍ବାଚନ ଫଳାଫଳ ବାହାରିବା ପର୍ଯ୍ୟନ୍ତ ବିଜେଡିର ସବୁଠାରୁ କ୍ଷମତାଶାଳୀ ବୋଲାଉଥିବା ନେତା ଜଣକ କୁଆଡ଼େ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ସଦସ୍ୟତା ଅଭିଯାନକୁ ସଫଳ କରାଇବା ଲାଗି ବିଧାୟକ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଡାକି ୫ ଲକ୍ଷ ଲେଖାଏଁ ଟଙ୍କା ଦେଉଥିବା ଶୁଣିବାକୁ ମିଳୁଛି। ପୂର୍ବରୁ କେବେ ଏ ସ୍ଥିତି ସୃଷ୍ଟିହୋଇ ନ ଥିବା ବେଳେ ଦୁର୍ଦ୍ଦିନ ବି କେଡ଼େ ଦୁଃଖଦାୟକ ଏକଥା ତାଙ୍କ ଦଳ ଭିତରୁ କୁହାକୁହି ହେଉଛନ୍ତି।

ସୂଚନାଯୋଗ୍ୟ, ବିଜେଡି ସଦସ୍ୟତା ଅଭିଯାନ ଆରମ୍ଭକରି କୋଟିଏରୁ ଅଧିକ ପ୍ରାଇମେରି ମେମ୍ବର ଏବଂ ୩ ଲକ୍ଷରୁ ଅଧିକ ଆକ୍ଟିଭ ମେମ୍ବରଙ୍କୁ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଆଗରୁ ନିର୍ବାଚନମଣ୍ଡଳୀ ସ୍ତରରେ ବିଧାୟକ ଏବଂ ମନ୍ତ୍ରୀମାନେ ପଞ୍ଚାୟତସ୍ତର ନେତାମାନଙ୍କୁ ମେମ୍ବରଶିପ୍ ଡ୍ରାଇଭ ପାଇଁ ବହି ଯୋଗାଇ ଦେଉଥିଲେ। ଜଣେ ୨୫ ଜଣଙ୍କୁ ପ୍ରାଇମେରି ମେମ୍ବର କଲେ ସେ ଆକ୍ଟିଭ ମେମ୍ବର ହୋଇପାରୁଥିଲେ। ପଞ୍ଚାୟତସ୍ତରର ନେତାମାନେ ଯେହେତୁ ସରକାରୀ ଦଳରେ ଥିଲେ ତେଣୁ ବାମ, ଡାହାଣ ଦସ୍ତଖତକରି ଲୋକଙ୍କ ନାଁ ପକାଇ ଆକ୍ଟିଭ ମେମ୍ବର ସହଜରେ ହୋଇଯାଉଥିଲେ। ଜଣେ ପ୍ରାଇମେରି ମେମ୍ବର ପାଇଁ ମାତ୍ର ୫ ଟଙ୍କା ଲେଖାଏଁ ଦେବାକୁ ପଡୁଥିବାରୁ ଏହା କିଛି ବଡ଼ ସମସ୍ୟା ନ ଥିଲା। କ୍ଷମତାର ଉପଯୋଗରେ ସବୁକିଛି ସହଜରେ ତୃଣମୂଳସ୍ତରରୁ ସମ୍ଭବ ହୋଇପାରୁଥିଲା। ସଦସ୍ୟତା ଅଭିଯାନ ନେଇ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକ କହିଛନ୍ତି, ଅକ୍ଟୋବର ୯ରୁ ଆରମ୍ଭହୋଇ ଜାନୁଆରୀ ପର୍ଯ୍ୟନ୍ତ ମେମ୍ବରଶିପ ଡ୍ରାଇଭ ଚାଲିବ। ଦଳର ସାଙ୍ଗଠନିକ ନିର୍ବାଚନ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଯେଉଁମାନେ ପୂର୍ବରୁ ସଦସ୍ୟ ରହିଛନ୍ତି ସେମାନେ ଆଉ ଥରେ ରିନ୍ୟୁ କରିପାରିବେ। ଏହି କାର୍ଯ୍ୟକ୍ରମ କରିବା ଲାଗି ଦଳ ପକ୍ଷରୁ କିଛି ଟଙ୍କା ଦିଆଯାଏ ନାହିଁ। ତୃଣମୂଳସ୍ତରରେ ସମସ୍ତଙ୍କ ଆଗ୍ରହ ଏଥିପ୍ରତି ରହୁଛି ବୋଲି ସେ କହିଛନ୍ତି।



ଝାଡ଼ଖଣ୍ଡର ଇଷ୍ଟ ଜାମଶେଦପୁର ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଲଳିତ ଦାସ (ସାହୁ) ଗୁରୁବାର ଜାମଶେଦପୁର ଜିଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## କେ. ଅନିଲ କୁମାର-ବ୍ରହ୍ମପୁର (ଗଞ୍ଜାମ)



ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ କେ. ଅନିଲ କୁମାର ବିଜୟୀ ହୋଇ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି। ସେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ୧୮,୭୦୯ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ବ୍ରହ୍ମପୁର ନିର୍ବାଚନମଣ୍ଡଳୀର ବ୍ରହ୍ମପୁର ସହରରେ ୧୯୭୧ ଡିସେମ୍ବର ୨ତାରିଖରେ ତାଙ୍କର ଜନ୍ମ। କେ.ବାବଜୀ ଓ କେ.ସୁଗୁନାଙ୍କ ସେ ୩ୟ ସନ୍ତାନ। ବାପା ଜଣେ ବ୍ୟବସାୟୀ। ବ୍ୟବସାୟିକ ପରିବାରରୁ ଆସି ଅନିଲ ଜନପ୍ରତିନିଧି ହୋଇପାରିଛନ୍ତି। ସେ ବ୍ରହ୍ମପୁରରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ସେଣ୍ଟ ଭିନ୍‌ସେଣ୍ଟ ସ୍କୁଲରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପରେ ବିଶାଖାପାଟଣା ଚାଲିଯାଇଥିଲେ। ସେଠାରେ କାକତିଆ ପବ୍ଲିକ ସ୍କୁଲରେ ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରି ବିଜୟୱାଡାରେ ଯୁକ୍ତ ୨ ପଢ଼ିଥିଲେ। ପରେ ବିଶାଖାପାଟଣା ଆସି ଗୀତମ୍ କଲେଜରେ ନାମ ଲେଖାଇଥିଲେ। ସେଠାରେ ବିଜ୍‌ନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଛନ୍ତି। ପିଲାଦିନୁ କ୍ରିକେଟରେ ରୁଚି ରଖିଥିବା ଅନିଲ ବହୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ଜିଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ସୁନାମ ଅର୍ଜନ କରିଥିଲେ। ତେବେ କୌଣସି କାମରେ ଜଣେ ରାଜନେତାଙ୍କ ସହ ମିଶିଥିଲେ। ସେଇଠୁ ତାଙ୍କର ରାଜନୀତି କରିବାକୁ ଆଗ୍ରହ ହୋଇଥିଲା। ୧୯୯୮ରେ ରାଜନୀତିରେ ପ୍ରବେଶ କରି ଅଞ୍ଚଳରେ ଜନସେବା ଆରମ୍ଭ କରିଥିଲେ। ସମସ୍ତଙ୍କ ସୁଖଦୁଃଖର ସାଥୀ ହୋଇଥିବାରୁ ଅଞ୍ଚଳବାସୀଙ୍କ ସମର୍ଥନରେ ୨୦୦୩ରେ ବ୍ରହ୍ମପୁର ମ୍ୟୁନିସିପାଲିଟି ନିର୍ବାଚନରେ ୧୧ନଂ. ୱାର୍ଡରୁ ସ୍ୱାଧୀନ ଭାବେ କାଉନସିଲର ନିର୍ବାଚିତ ହୋଇଥିଲେ। ପୁଣି ୨୦୦୮ରେ ୧୩ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ସେହି ବର୍ଷ ବ୍ରହ୍ମପୁର ମହାନଗର ନିଗମ ହେବା ପରେ ସେ ବିଜେଡିରେ ଯୋଗ ଦେଇଥିଲେ। ନିରବଚ୍ଛିନ୍ନ ଭାବେ ବିଜେଡିରେ ରହି ୧୫ ବର୍ଷ ଦଳ ପାଇଁ କାମ କରି ଆସୁଥିଲେ। କିନ୍ତୁ ବିଧାୟକ ପାଇଁ ଆଶାୟୀ ଥିବା ଅନିଲଙ୍କୁ ଦଳ ଅଣଦେଖା କରିବାରୁ ସେ ଭାଜପାରେ ଯୋଗଦେଇଥିଲେ। ବିଜେଡିରେ ଥିବାବେଳେ ତାଙ୍କ କାର୍ଯ୍ୟଦକ୍ଷତାକୁ ପରଖି ଭାଜପା ତରଫରୁ ତାଙ୍କୁ ଟିକେଟ ମିଳିଥିଲା। ଭେଟେରାନ ଲିଡର ତଥା ରାଜନୈତିକ କ୍ଷେତ୍ରରେ ତାଙ୍କ ପଥପ୍ରଦର୍ଶକ ବିଜେଡିର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ବିପକ୍ଷରେ ଜିତିବା ତାଙ୍କ ପାଇଁ ସହଜସାପେକ୍ଷ ନ ଥିବା କୁହାଯାଉଥିଲା। ହେଲେ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ମିଳିବାରୁ ତାଙ୍କ ବିଜୟ ସମ୍ଭବ ହୋଇଛି।

**ବିଧାୟକ କହନ୍ତି:** ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ଲୋକଙ୍କ ସମର୍ଥନ ସେ ଭୁଲିପାରିବେ ନାହିଁ। ସେ କହିଛନ୍ତି, ବ୍ରହ୍ମପୁରରେ ଅନେକ ସମସ୍ୟା ରହିଛି। ବିଜେଡି ସରକାର ଅମଳରେ ବ୍ରହ୍ମପୁରର ଯେଉଁଳି ବିକାଶ ହେବା କଥା ହୋଇନାହିଁ। ରାସ୍ତାଘାଟଠାରୁ ଆରମ୍ଭ କରି ଡ୍ରେନେଜ, ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା ଆଦି କ୍ଷେତ୍ରରେ ସମସ୍ୟା ରହିଛି। ଏହି ସମସ୍ୟା ଦୂର ପାଇଁ ଲୋକେ ବିଧାୟକ ଆସନ ଦେଇଛନ୍ତି। ବିଧାୟକ ହେଲେ ମଧ୍ୟ ସାଧାରଣ ଲୋକଙ୍କ ସହିତ ମିଶି କାମ କରୁଛି। ବ୍ରହ୍ମପୁରବାସୀ ଯେଉଁଳି ବିଭିନ୍ନ କ୍ଷେତ୍ରରେ ସମସ୍ତ ସୁବିଧାସୁଯୋଗ ପାଇପାରିବେ ଓ ବ୍ରହ୍ମପୁରର ବିକାଶ ପାଇଁ ସରକାରଙ୍କ ନିକଟରେ ତାଙ୍କ ଦାବି ରହିବ ବୋଲି ସେ କହିଛନ୍ତି।

– ରିପୋର୍ଟ: ଅଶୋକ କୁମାର ସାହୁ, ବ୍ରହ୍ମପୁର

# ବର୍ତ୍ତମାନ ଅଜିତ୍‌ଙ୍କ ହାତରେ 'ଘଣ୍ଟା'

ନୂଆଦିଲ୍ଲୀ, ୨୪।୧୦

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ନିର୍ବାଚନୀ ଚିହ୍ନ 'ଘଣ୍ଟା' ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ପାଖରେ ରହିବ। ରାଜ୍ୟରେ ବିଧାନସଭା ନିର୍ବାଚନକୁ ମାସେରୁ କମ୍ ସମୟ ବାକି ଥିବାବେଳେ ଗୁରୁବାର ସୁପ୍ରିମକୋର୍ଟଙ୍କ ଏହି ଅନ୍ତରୀଣ ରାୟ ଦଳର ପ୍ରତିଷ୍ଠାତା ଶରଦ ପାୱାରଙ୍କୁ ଝଟକା ଦେଇଛି। ତେବେ ଅଦାଲତଙ୍କ ପୂର୍ବ ରାୟ ଅନୁସାରେ ଅଜିତ୍ ଗୋଷ୍ଠୀର ଏନ୍‌ସିପିକୁ ପ୍ରତ୍ୟେକ ନିର୍ବାଚନୀ ବିଜ୍ଞାପନରେ 'ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ରାୟ ନେଇନାହାନ୍ତି' ବୋଲି ସ୍ପଷ୍ଟୀକରଣ ଦେବାକୁ ପଡ଼ିବ। ଜାଣିଶୁଣି ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରାଯାଉଥିବା ନେଇ ଅଦାଲତ ଅନୁଭବ କଲେ ନିଜ ଆଡୁ ମାମଲା ଆରମ୍ଭ କରିବେ ବୋଲି ୩ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଅଜିତ୍ ପାୱାର ଏନ୍‌ସିପିକୁ ଦଖଲ କରି ମହାଯୁତି ସରକାରରେ ସାମିଲ ହେବା ପରଠୁ ଦାଦା ପୁତୁରାଙ୍କ ଘଣ୍ଟା ଚିହ୍ନ ଲଢ଼େଇ ଜାରି ରହିଛି। ନିର୍ବାଚନ କମିଶନ ଅଜିତ୍‌ଙ୍କୁ ଘଣ୍ଟା ଚିହ୍ନ ଦେଇଥିବାବେଳେ ଶରଦ ପାୱାର ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ଏହା ବିଚାରାଧୀନ ଥିବା ବିଷୟ ଅଜିତ୍ ନିର୍ବାଚନୀ ବିଜ୍ଞାପନଗୁଡ଼ିକରେ ଉଲ୍ଲେଖ କରୁ ନ ଥିବାରୁ ଭୋଟରଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜୁଛି ବୋଲି ଶରଦ ନିଜ ଆବେଦନରେ ଉଲ୍ଲେଖ କରିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଦୀପଙ୍କର ଦତ୍ତା ଓ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣିକରି ଅଜିତ୍ ଗୋଷ୍ଠୀକୁ ନୋଟିସ କରିଛନ୍ତି। ଉଭୟ ପକ୍ଷ ଅଦାଲତଙ୍କ ନିର୍ଦ୍ଦେଶ ମାନି ଚଳିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।



# ବାରାମତିରେ ପାୱାର ଗେମ୍

### ଅଜିତ୍‌ଙ୍କ ବିରୋଧରେ ଲଢ଼ିବେ ଯୁଗେନ୍ଦ୍ର

ମୁମ୍ବାଇ, ୨୪।୧୦

ମହାରାଷ୍ଟ୍ର ବିଧାନସଭାର ଆଗାମୀ ନିର୍ବାଚନ ପାଇଁ ଗୁରୁବାର ଏନ୍‌ସିପି (ଏସ୍‌ପି) ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪୫ ଜଣିଆ ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ଏଥିରେ ଯୁଗେନ୍ଦ୍ର ପାୱାରଙ୍କୁ ତାଙ୍କ ଦାଦା ତଥା ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ବିରୋଧରେ ବାରାମତି ଆସନରୁ ଟିକେଟ ଦିଆଯାଇଛି। ଯୁଗେନ୍ଦ୍ର ହେଉଛନ୍ତି ଅଜିତ୍‌ଙ୍କ ବଡ଼ଭାଇ ଶ୍ରୀନିବାସଙ୍କ ପୁଅ। ତେଣୁ ଏହି ବହୁଚର୍ଚ୍ଚିତ ଆସନରେ ଦାଦା–ପୁତୁରାଙ୍କ ମଧ୍ୟରେ ନିର୍ଣ୍ଣାୟକ ଲଢ଼େଇ ହେବ ବୋଲି କୁହାଯାଉଛି। ବାରାମତି ହେଉଛି ଅବିଭାଜିତ ଏନ୍‌ସିପିର ଦୁର୍ଗ। ଅଜିତ୍ ପାୱାରଙ୍କ ବିଦ୍ରୋହ ପରେ ଏନ୍‌ସିପି ଦୁଇଭାଗରେ ବିଭକ୍ତ ହୋଇଯାଇଥିବାରୁ ଏହି ଆସନରେ ହାଇପ୍ରୋଫାଇଲ୍ କଣ୍ଟେଷ୍ଟ ଦେଖିବାକୁ ମିଳିବ। ଅଜିତ୍ ଏନ୍‌ସିପି ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ପୁତୁରା ଯୁଗେନ୍ଦ୍ର ଏନ୍‌ସିପି–ଏସ୍‌ପି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ଭଉଣୀ, ଭାଇଙ୍କ ସମ୍ପତ୍ତି ଲଢ଼େଇ

ନୂଆଦିଲ୍ଲୀ, ୨୪।୧୦

ପୈତୃକ ସମ୍ପତ୍ତିକୁ ନେଇ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଏବଂ ତାଙ୍କ ଭଉଣୀ ତଥା ରାଜ୍ୟ କଂଗ୍ରେସ ସଭାନେତ୍ରୀ ଶର୍ମିଳା ରେଡ୍ଡୀଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଉକ୍ତ ସମ୍ପତ୍ତି ମଧ୍ୟରେ ରହିଛି ସରସ୍ୱତୀ ପାୱାର ଏବଂ ଅନ୍ୟାନ୍ୟ କମ୍ପାନୀ ଶେୟାର (ଗୁରୁବାର ଅପରାହ୍ନ ସୁଦ୍ଧା ପ୍ରତି ଶେୟାରର ମୂଲ୍ୟ ୧୯,୦୦୦ ଟଙ୍କା) ଓ ବେଙ୍ଗାଲୁରୁର ୟେଲାହାଙ୍କାଠାରେ ଥିବା ୨୦ ଏକର ଜମି । ସମ୍ପତ୍ତି ଭାଗ ଦାବି କରିବା ସହ ପରସ୍ପରକୁ ଦୋଷାରୋପ କରି ରେଡ୍ଡୀ ଭାଇଭଉଣୀ ପରସ୍ପରକୁ ଚିଠି ଲେଖିବା ପରେ ବିବାଦ ଚର୍ଚ୍ଚାକୁ ଆସିଛି।

ପୂର୍ବରୁ ଶର୍ମିଳା ଏବଂ ଜଗନମୋହନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା। ୨୦୧୨ ବିଧାନସଭା ଉପନିର୍ବାଚନ ଏବଂ ୨୦୧୯ ନିର୍ବାଚନରେ ଶର୍ମିଳା ଭାଇ ଜଗନଙ୍କ ଦଳ ପାଇଁ ଜୋର୍‌ଦାର ପ୍ରଚାର କରିଥିଲେ। ଉଭୟ ନିର୍ବାଚନରେ ୱାଇଏସ୍‌ଆର୍‌ସିପିକୁ ବଡ଼ ସଫଳତା ମିଳିଥିଲା। ତେବେ ୨୦୨୧ରେ ଶର୍ମିଳା ୱାଇଏସ୍‌ଆର୍ ତେଲଙ୍ଗାନା ନାମରେ ନୂଆ ଦଳ ଗଢ଼ିବା ପରେ ଗତ ଲୋକ ସଭା ନିର୍ବାଚନ ପୂର୍ବରୁ ଉକ୍ତ ଦଳ କଂଗ୍ରେସରେ ସାମିଲ ହୋଇଥିଲା ଏବଂ ଶର୍ମିଳା ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାନେତ୍ରୀ ହୋଇଥିଲେ। ଫଳରେ ଉକ୍ତ ସାଧାରଣ ନିର୍ବାଚନରେ ଭାଇ ଭଉଣୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇଥିଲା। ପରେ ସରସ୍ୱତୀ ପାୱାରର ଶେୟାର ବେଆଇନ ଭାବେ ହସ୍ତାନ୍ତର ହୋଇଥିବା ଅଭିଯୋଗ କରି ଜଗନ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହେବା ପରେ ଉଭୟଙ୍କ ମଧ୍ୟରେ ଆଇନଗତ ଲଢ଼େଇ ଆରମ୍ଭ ହୋଇଥିଲା। ଏକ ଉପହାର ଭାବେ ମାଆ ୱାଇ.ଏସ୍. ବିଜୟଲକ୍ଷ୍ମୀ ଟ୍ରଷ୍ଟରେ ତାଙ୍କୁ ଶେୟାର ଦେଇଥିବା ଜଗନ ଦାବି କରିଛନ୍ତି।



ଶର୍ମିଳା ରେଡ୍ଡୀ



ଜଗନମୋହନ ରେଡ୍ଡୀ

# ପଦ ହରାଇଲେ ୪ ପୌରସଂସ୍ଥା ଅଧ୍ୟକ୍ଷ

### ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି

ଭୁବନେଶ୍ୱର, ୨୪।୧୦(ଅନିଲ ଦାସ): ରାଜ୍ୟ ସରକାର ୪ ପୌର ସଂସ୍ଥାର ଅଧ୍ୟକ୍ଷ ପଦକୁ ରଦ୍ଦ କରିଛନ୍ତି। ଅନାସ୍ଥା ପ୍ରସ୍ତାବ ଭୋଟରେ ହାରିବା ପରେ ଏହି ୪ ଜଣ ଧ୍ୟକ୍ଷଙ୍କୁ ନିଜ ପଦ ହରାଇବାକୁ ପଡ଼ିଛି। ଏ ନେଇ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭବାନୀପାଟଣା ମ୍ୟୁନିସିପାଲିଟି ଅଧ୍ୟକ୍ଷ ସଂଯୁକ୍ତ ବେହେରାଙ୍କ ବିରୋଧରେ ୨୦୨୪ ଅଗଷ୍ଟ ୧୨ରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ସେ ସେହି ଅନାସ୍ଥା ଭୋଟରେ ପରାଜିତ ହୋଇଥିଲେ। ସେହିପରି ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଅଧ୍ୟକ୍ଷ ପ୍ରିୟଙ୍କା ଗୌଡ଼ଙ୍କ ବିରୋଧରେ ୨୦୨୪ ସେପ୍ଟେମ୍ବର ୧୨ରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ସେ ପରାଜିତ ହୋଇଥିଲେ। ଅନୁରୂପ ଭାବେ ନୀଳଗିରି ଏନ୍‌ଏସି ଅଧ୍ୟକ୍ଷ ଅମ୍ବିକା ଦାସଙ୍କ ବିରୋଧରେ ୨୦୨୪ ସେପ୍ଟେମ୍ବର ୨୭ରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଅନାସ୍ଥା ଭୋଟରେ ପରାଜିତ ହୋଇ ସେ ଅଧ୍ୟକ୍ଷ ପଦ ହରାଇଥିଲେ। ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ୨୦୨୪ ଅଗଷ୍ଟ ୨୭ରେ ତାଙ୍କ ବିରୋଧରେ ଆଗତ ଅନାସ୍ଥା ଭୋଟରେ ହାରି ନିଜ ପଦ ହରାଇଥିଲେ। ଉକ୍ତ ପଦବୀଗୁଡ଼ିକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ରଦ୍ଦ କରାଯାଇଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**
Email : rw_dharmagarh@yahoo.com
BID IDENTIFICATION NO. DMGH/Online-04 of 2024-25 Dates : 17.10.2024
**"e" PROCUREMENT NOTICE**
No.O-439 : Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the Work : Roadworks in the District of Kalahandi as mentioned in DTCN
2. Total No. of Works : 01 No.
3. Estimated Cost : Rs. 75.63 lakhs
4. Period of Completion : 45 days
5. Other Details :

| Availability of Tender online for bidding | | Last date & time seeking tender clarification | Date & time of Opening of tender |
|---|---|---|---|
| From | To | | |
| 28.10.2024 At 10.00 A.M. | 16.11.2024 Up to 5.00 P.M. | 14.11.2024 Up to 5.00 P.M. | 18.11.2024 At 11.00 A.M. |

Further details can be seen from the website www.tendersorissa.gov.in
Sd./- Executive Engineer
Rural Works Division
Dharmagarh
OIPR-25100/11/0003/2425


See Career Appointment on every Wednesday & Saturday


**GOVERNMENT OF ODISHA** No.O-430
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PATNAGARH**
E-Mail ID : eerw_ptng@yahoo.in, Phone No. : 06658-222121
**e-Procurement Notice**
**IFB Identification No.EEPTNG-Online-05/2024-25**

| | | | |
|---|---|---|---|
| 1 | Name of work | : | Special Repair of Road & Bridge works |
| 2 | Total No. of work | : | 37 (Thirty Seven) No. Roads work |
| 3 | Time for completion | : | 01 (One) Calendar month |
| 4 | Approximate Estimated Cost | : | 5.08 lakh to 40.68 Lakhs |
| 5 | Mode of Submission of tender | : | Tender should be submitted online in www.tendersorissa.gov.in |
| 6 | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online - 05/2024-25 | 28.10.2024 at 11.00 A.M. | 11.11.2024 upto 5.00 P.M. | 08.11.2024 upto 5.00 P.M. | 12.11.2024 at 11.00 A.M. |

• Further details can be seen from the website www.tendersorissa.gov.in
• Any Corrigendum/Addendum will be displayed in the above e tender website only.
Sd./- Executive Engineer
R.W. Division, Patnagarh
OIPR-25154/11/0007/2425



**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୧ ଏବଂ ଲିଜ୍-କେଜିପି-୨୦୨୪-୨୨, ତାରିଖ: ୨୪।୧୦।୨୦୨୪ । ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।
(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍–କେଜିପି–୨୦୨୪–୨୧ । ନିଲାମ ତାରିଖ: ୦୨।୧୧।୨୦୨୪ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୪.୧୦ ଘଟିକା ।
(୨) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍–କେଜିପି–୨୦୨୪–୨୨ । ନିଲାମ ତାରିଖ: ୦୬।୧୧।୨୦୨୪ । ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୧.୦୦ ଘଟିକା ।
ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-736) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**PANCHAYAT SAMITI OFFICE, PALLAHARA**
E-Mail ID: ori-pallahara@nic.in
Letter No. 2591 Dt.22.10.2024
**TENDER CALL NOTICE No. PLR-02/2024-25**
No. i-247: Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the district website: **www.angul.odisha.gov.in**. They have to submit bid documents to the undersigned in the address of "Office of the BDO, Pallahara, At/P.O.: Pallahara, Dist.: Angul, PIN - 759119" through Regd./Speed Post or Drop in the Tender Box kept in the office chamber of the undersigned on or before 13.11.2024 (upto 12.00 Noon). DTCN & other details can be downloaded from the district website **www.angul.odisha.gov.in** or can be obtained from the Office of the undersigned from 25.10.2024 to 12.11.2024 (up to 5.00 P.M.)
Sd./- Block Development Officer
Pallahara
OIPR-19276/11/0002/2425



बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)
(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)
ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଅଂଶୀଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଅଂଶୀଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଧାରା ୧୩(୪) ସହିତ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତି **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଅଂଶୀଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା, ଜନପଥ ଶାଖା,** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଜନପଥ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଅଂଶୀଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଜୟ ଜଗନ୍ନାଥ ଫ୍ଲାଏ ଆଶ୍ ବ୍ରିକ୍ସ / ଅଂଶୀଦାରମାନେ: ୧) ଶ୍ରୀ ଦୀନବନ୍ଧୁ ବଳିଆରସିଂହ, ୨) ଶ୍ରୀ ରାଜ କିଶୋର ବଳିଆରସିଂହ / ଗ୍ୟାରେଣ୍ଟିଦାତା: ରୋଜିନା ବଳିଆରସିଂହ, ସମସ୍ତଙ୍କ ଠିକଣା ସା: ନାନପୁଟ, ପୋ: ରେତଙ୍ଗ, ଥାନା: ତମାଣ୍ଡୋ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୪ | ଶ୍ରୀ ଦୀନବନ୍ଧୁ ବଳିଆରସିଂହ, ଶ୍ରୀ ବ୍ରଜବନ୍ଧୁ ବଳିଆରସିଂହ ଏବଂ ଶ୍ରୀ ରାଜ କିଶୋର ବଳିଆରସିଂହଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୦/୮୪୦, ପ୍ଲଟ୍ ନଂ.: ୧୨୬/୧୩୬୧, ମୌଜା: ପାଣ୍ଡିଆପଡା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପରିମିତ କ୍ଷେତ୍ର: ଏକର୦.୦୯୬୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ମନୋଜ କୁମାର ଜଗଦେବ, ଦକ୍ଷିଣ: ଦୁଃଶାସନ ପାଇକରାୟ, ପୂର୍ବ: ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୫ | ୦୨.୦୩.୨୦୨୪ / ୨୩.୧୦.୨୦୨୪ | ୨୮.୦୨.୨୦୨୪ ସୁଦ୍ଧା ଟ.୨୯,୭୧,୪୦୦.୫୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୪.୧୦.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ୩ ପ୍ଲାଟୁନ ପୋଲିସ ମୁତୟନ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ବ୍ରହ୍ମପୁର ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଜିଲାର ସାମୁଦ୍ରିକ ଥାନା, ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ, ସମୁଦ୍ର କୂଳ ଓ ଚେକ ପଏଣ୍ଟରେ ଏହି ପୋଲିସ ମୁତୟନ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି। ସେହିପରି ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ରହୁଥିବା ଅଞ୍ଚଳରେ ପୋଲିସ ମୁତୟନ କରାଯାଇଛି। ପାହାଡ଼ ଉପରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ପୋଲିସର ଏକ ଟିମ୍ ବିଭିନ୍ନ ପାହାଡ଼ିଆ ଅଞ୍ଚଳ ବୁଲୁଥିବା ଏସ୍‌ପି କହିଛନ୍ତି।



## ସଂକ୍ଷେପରେ

### ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ଛତ୍ରପୁର,୨୪।୧୦(ଦିଲ୍ଲୀପ ସାମଲ): ବାତ୍ୟା 'ଦାନା' ମୁକାବିଲା କରିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଯେ କୌଣସି ପରିସ୍ଥିତି ଆସିଲେ ବି ମୁକାବିଲା କରାଯାଇପାରିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି। ଜିଲାରେ ପ୍ରାୟ ୧୪ ହଜାର ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଗୁରୁବାର ଅପରାହ୍ନ ସୁଦ୍ଧା ୯ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଔଷଧ, ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ ଆଦି ମହଜୁଦ ରଖାଯାଇଛି। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସଜାଗ ହୋଇ ରହିଛନ୍ତି ବୋଲି ସେ କହିଛନ୍ତି। ଜିଲାରେ ଅଧିକ ବର୍ଷାର ସମ୍ଭାବନା ରହିଥିବାରୁ ତାହାକୁ ମୁକାବିଲା କରିବା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

### ଗାଡ଼ି ଧକ୍କାରେ ଶିଶୁ ମୃତ

ଦାରିଙ୍ଗବାଡି, ୨୪।୧୦ (ଅରୁଣ ସାହୁ ) କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଅଜଣା ଗାଡି ଧକ୍କାରେ ଜଣେ ୩ବର୍ଷର ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଟେକାବାଡି ଅଞ୍ଚଳର ଆପିନ ପ୍ରଧାନଙ୍କ ପୁଅ ଲିଭିଷ୍ଟାନ। ବୁଧବାର ଅପରାହ୍ନରେ ଲିଭିଷ୍ଟାନ ଖେଳୁଥିବା ସମୟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଅଞ୍ଚଳବାସୀ ଓ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲିଭିଷ୍ଟାନଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପରିବାର ଲୋକେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (୧୯୪ /୨୪ )ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇଆସି ରମେଶ ପ୍ରଧାନ କହିଛନ୍ତି।

### ପାହାଡ଼ ଉପରୁ ୨ ଗ୍ରାମବାସୀଙ୍କୁ ସ୍ଥାନାନ୍ତର

ଦିଗପହଣ୍ଡି,୨୪।୧୦(ଅଶେଷ ନାଥ ମିଶ୍ର): ବାତ୍ୟା 'ଦାନା' ଓ ପରବର୍ତ୍ତୀ ବର୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ପଞ୍ଚାୟତର ପାହାଡ଼ ଉପରେ ଥିବା ଗୋଛାପାଟ ଏବଂ ଦାଦୁମା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପରିବାରକୁ ସ୍ଥାନାନ୍ତର କରାଯାଇଛି। ବ୍ଲକ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ନିକଟସ୍ଥ ଘାସିଆମ୍ବ ପ୍ରାଥମିକ ବିଦ୍ୟାଳୟକୁ ଆଣିଛନ୍ତି। ବାତ୍ୟା ମୁକାବିଲା ନିମନ୍ତେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ବ୍ଲକରେ ମୋଟ ୩ଟି ବାତ୍ୟା ଆଶ୍ରୟସ୍ଥଳ , ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ପ୍ରସ୍ତୁତ କରି ରଖାଯାଇଛି। ସେଠାରେ ଆଶ୍ରୟ ନେଉଥିବା ଲୋକଙ୍କୁ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଦିଆଯାଇଛି । ଦିଗପହଣ୍ଡି ତହସିଲଦାର ଅନୀତା ସାହୁ , ଭାରପ୍ରାପ୍ତ ବ୍ଲକ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୁଲତା ବେହେରା ପ୍ରମୁଖ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କ ସହ ଆଲୋଚନା କରିଛନ୍ତି।

### ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହ

ଆର,ଉଦୟଗିରି,୨୪।୧୦(ମନୋଜ କୁମାର ପାଢୀ): ଆର. ଉଦୟଗିରି ବ୍ଲକ ବୈଠକ ଗୃହରେ ବିଡିଓଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚି ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସୂଚନା ପ୍ରଦାନ ସହ ଶତ ପ୍ରତିଶତ ସୁବିଧା ସୁଯୋଗ ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପାନୀୟଜଳ, ଜଳସେଚନ, ଆବାସ ଯୋଜନା, ସ୍ୱଚ୍ଛଭାରତ ଆଦି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଭିନ୍ନ ବିଭାଗୀୟ ମୁଖିଆଙ୍କ ପ୍ରଶଂସା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ପିଲାଙ୍କ ମଧ୍ୟରେ ବକ୍ତୃତା, ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ତହସିଲଦାର ଜ୍ୟୋତିର୍ମୟ ଦାସ, ସିଡିପିଓ ଲଳିତା ପୂଜାରୀ, ବିଇଓ ବୀରେନ୍ଦ୍ର ମଣ୍ଡଳ, ସରପଞ୍ଚ ଜାମେସ ରାଇକା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

# ମନ୍ତ୍ରୀ, ବିଧାୟକଙ୍କ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ

ଗୋପାଳପୁର/ଚିକିଟି/ଖଲ୍ଲିକୋଟ, ୨୪।୧୦(ନବୀନ ରାଜ ଆଚାରୀ/ପ୍ରକାଶ ଚନ୍ଦ୍ର ସାହୁ/ ପ୍ରଶାନ୍ତ କୁମାର ମିଶ୍ର ) ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଗୋପାଳପୁର ଅଞ୍ଚଳରେ ଗୁରୁବାର ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଗୋପାଳପୁର ଏନଏସି ଓ ମାର୍କଣ୍ଡି ଅଞ୍ଚଳର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ଜେନା ମତ୍ସ୍ୟଜୀବୀ ଓ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗାର, କନିସି ତହସିଲଦାର କବିରାଜ ପ୍ରଧାନ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ. ଜାନକୀରାମ, ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାତ୍ୟା ପାଇଁ ଗୋପାଳପୁର ବେଳାଭୂମିରେ ପୋଲିସ ଓ ଏନଏସି କର୍ମଚାରୀ ପଇଁତରା


ରାମୟାପାଟଣା ଗ୍ରାମ ପରିଦର୍ଶନ କରୁଛନ୍ତି ମନ୍ତ୍ରୀ ଓ ଅଧିକାରୀମାନେ।

ମାରୁଛନ୍ତି। ସମୁଦ୍ର ଅଶାନ୍ତ ରହିବା ଥିବାରୁ ଗୋପାଳପୁର ବନ୍ଦରକୁ ତିନି ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି।

ସେହିପରି ଚିକିଟି ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ପାଇଁ ୪୪ଟି ଆଶ୍ରୟସ୍ଥଳି ଖୋଲାଯାଇଛି। ବ୍ଲକରେ ଗୁରୁବାର ସଂନ୍ଧ୍ୟା ୭ଟା ସୁଦ୍ଧା ୧୫୪୮ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଚିକିଟି ବ୍ଲକର ୮୯ ଗର୍ଭବତୀ ମହିଳାଙ୍କୁ ପ୍ରଶାସନ ଜରିଆରେ ପ୍ରସବ ନିମନ୍ତେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସେଥିରୁ ୭ ଜଣଙ୍କ ପ୍ରସବ ହୋଇସାରିଛି। ବୁଧବାର ରାତିରୁ ବିଭିନ୍ନ ଆଶ୍ରୟ ସ୍ଥଳରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିବା ବିଡ଼ିଓ ଲକ୍ଷ୍ମଣ ସୋରେନ କହିଛନ୍ତି। ଅପରାହ୍ନରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାମୟାପାଟଣା ଗ୍ରାମ ପରିଦର୍ଶନ କରି ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ଚାଲିଯିବାକୁ ପରାମର୍ଶ ଦେଇଛନ୍ତି।

ଅପରାହ୍ନରେ ମନ୍ତ୍ରୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଚିଲିକା ଉପକୂଳରେ ଥିବା ସାବୁଲିଆ ପଞ୍ଚାୟତର ସାବୁଲିଆ ଓ କନକା ପଞ୍ଚାୟତର ସମଲ ଗ୍ରାମରେ ପହଞ୍ଚି ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଛନ୍ତି। ବାତ୍ୟାକୁ ନେଇ ଭୟଭୀତ ନ ହୋଇ ସତର୍କ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ଦୁଇ ଗ୍ରାମର ୪ ଜଣ ଗୁରୁତର ରୋଗୀଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଯାଇଛି। ଆସନ୍ନ ପ୍ରସବା ଗର୍ଭବତୀ ମହିଳାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସୂଚନାଯୋଗ୍ୟ, ସମ୍ଭାବ୍ୟ ବାତ୍ୟାକୁ ନେଇ ଗଞ୍ଜାମ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଓ ଚିଲିକା ମଧ୍ୟକୁ ନ ଯିବାକୁ ବାରଣ କରିଛି। ଏହି ସମୟରେ ତହସିଲଦାର ଡକ୍ଟର ଆର୍ଯ୍ୟ କୁମାର ସର୍ବଦମନ, ବିଡ଼ିଓ ଦେବାଶିଷ ସାମଲ, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଥାନା ଅଧିକାରୀ ନରେଶ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରେ ଝିପିଝିପି ବର୍ଷା, ୧୯୮ ଆଶ୍ରୟସ୍ଥଳକୁ ଗଲେ


ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଲୋକେ ଆଶ୍ରୟ ନେଇଛନ୍ତି।

ବ୍ରହ୍ମପୁର,୨୪।୧୦ (ସ୍ମୃତି ରଞ୍ଜନ ମହାଲିକ) ବାତ୍ୟା 'ଦାନା' ପ୍ରଭାବରେ ଗୁରୁବାର ବ୍ରହ୍ମପୁର ମହାନଗରରେ ମଧ୍ୟାହ୍ନରେ ଝିପି ଝିପି ବର୍ଷା ହୋଇଥିଲା। ଗଞ୍ଜାମ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ସକାଳ ୮ଟା ୩୦ ଯାଏ ଏହା ବଳବତ୍ତର ରହିବ। ଗୁରୁବାର ସକାଳେ ଆକାଶ ଆଂଶିକ ମେଘାଚ୍ଛନ୍ନ ଥିଲା। ବର୍ଷା ଆରମ୍ଭ ହେବା ପରେ ସହରବାସୀ ଭୟଭୀତ ହୋଇଥିଲେ। ଜିଲାରେ ଶୁକ୍ରବାର ଯାଏ ଝିପି ଝିପି ବର୍ଷା ସହ ଘଣ୍ଟା ପ୍ରତି ୬୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଥିବା ଗୋପାଳପୁର ଡପଲର ରାଡାର ଇନଚାର୍ଜ ଏସ. କେ. ମୂର୍ତ୍ତି ସୂଚନା ଦେଇଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ନିମନ୍ତେ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ମଧ ବାତ୍ୟା ସମୟରେ ବର୍ଷାର ମୁକାବିଲା ନିମନ୍ତେ ଡ୍ରେନଗୁଡିକ ସଫେଇ ସ୍ୱତନ୍ତ୍ର ଟିମ ଦ୍ୱାରା ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ନିଗମ ପକ୍ଷରୁ ସହରରେ ୧୯୮ ଜଣଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ୧ନଂ. ୱାର୍ଡ ଅନ୍ତର୍ଗତ ଚନ୍ଦନିଆ ପାହାଡ ଅଞ୍ଚଳର ୭୦ ପରିବାରର ୯୭ ଜଣଙ୍କୁ ହରିଡାଖଣ୍ଡି କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର କରାଯାଇଛି। ୧୯ ନଂ. ୱାର୍ଡ ଅନ୍ତର୍ଗତ ଖଲାସି ସାହି ଅଞ୍ଚଳର ୪ ପରିବାରର ୧୪ ଜଣ ଓ ପାତ୍ରପେଟା ସାହିର ୩ ପରିବାରର ୨୧ ଜଣଙ୍କୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ୪୧ ନଂ. ୱାର୍ଡ ଅନ୍ତର୍ଗତ ଖୋଡାସିଙ୍ଗି ଅଞ୍ଚଳର ୧୦ ପରିବାରର ୪୫ ଜଣଙ୍କୁ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଏବଂ ୪୨ ନଂ ୱାର୍ଡ ଆମ୍ବପୁଆର ୨୫ ପରିବାରର ୨୧ଜଣଙ୍କୁ ଆମ୍ବପୁଆ ୟୁପି ସ୍କୁଲକୁ ସ୍ଥାନାନ୍ତର କରାଯାଇଛି।

# ଭୂସ୍ଖଳନ ପ୍ରବଣ ଗୁମ୍ମା ବ୍ଲକରେ ନାହିଁ ବାତ୍ୟା ଆଶ୍ରୟସ୍ଥଳ

ପାରଳାଖେମୁଣ୍ଡି,୨୪।୧୦(ଗିରିଧାରୀ ପରିଛା) ଗଜପତି ଜିଲା ଗୁମ୍ମା ବ୍ଲକ ପାହାଡ଼ିଆ ପର୍ବତଘେରା ଅଞ୍ଚଳ ଭାବେ ଜଣାଶୁଣା। ପ୍ରତି ବର୍ଷ ଗୁମ୍ମା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଲେ ଭୂସ୍ଖଳନ ହେବା ସହିତ ମାଟି ଅତଡା ପାହାଡ଼ରୁ ଖସେ। ୨୦୧୮ ତିତିଲି ମହାବାତ୍ୟା ବେଳେ ଗଜପତି ଜିଲାରେ ବହୁ ସ୍ଥାନରେ ଭୂସ୍ଖଳନ ହୋଇ ବହୁ ଧନ ଜୀବନ ନଷ୍ଟ ହୋଇଥିଲା। ବର୍ତ୍ତମାନ ବାତ୍ୟା ରୂପ ନେଉଛି 'ଦାନା'ସ୍ଥଳଭାଗ ଛୁଇଁବା ସମୟରେ ଘଣ୍ଟା ପ୍ରତି ୧୦୦ରୁ ୧୧୦ କି.ମି. ବେଗରେ ପବନ ବହିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆକଳନ କରାଯାଇଛି। ଏନେଇ ବ୍ଲକ ପ୍ରଶାସନ ପୂର୍ବ ପ୍ରସ୍ତୁତି ଆରମ୍ଭ କରି ସତର୍କ ରହିବାକୁ ସମସ୍ତ ସରକାରୀ କର୍ମଚାରୀଙ୍କୁ ଅବଗତ କରାଇଛନ୍ତି। କଚ୍ଚା ଘରେ, ବିପଦ ସଙ୍କୁଳ ଅବସ୍ଥାରେ ରହୁଥିବା ଲୋକ, ଆସନ୍ନ ପ୍ରସବା ମହିଳାଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁମ୍ମା ବ୍ଲକରେ ଗୋଟିଏ ମଧ ବାତ୍ୟା ଆଶ୍ରୟସ୍ଥଳ ନାହିଁ। କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଞ୍ଚଳବାସୀ ଏବଂ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ସରକାର ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରନ୍ତି। ମାତ୍ର ଗୁମ୍ମାରେ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ବ୍ଲକରେ ଏଯାଏ ଗୋଟିଏ ମଧ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇପାରି ନାହିଁ। ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ଲକବାସୀ ଚିନ୍ତାରେ ଦିନ କାଟନ୍ତି। ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ ଓ ପକ୍କା ଘରେ ଲୋକଙ୍କୁ ରହିବାକୁ ପ୍ରଶାସନ ପରାମର୍ଶ ଦେଇଥାଏ। ସୂଚନାଯୋଗ୍ୟ, ୨୦୦୬ରେ ମିଞ୍ଜିର ପାହାଡ଼ ଭୂସ୍ଖଳନ ଯୋଗୁ ୪ଜଣଙ୍କ ଜୀବନହାନି ଘଟିଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବ୍ଲକରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଜିଲା ଜରୁରିକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ଶତପଥୀଙ୍କୁ ପଚାରିବାରୁ ସେ କହିଲେ ଉଚ୍ଚ ପଦାଧିକାରୀଙ୍କ ସହିତ ଆଲୋଚନା କରି ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

## ବିଶ୍ୱ ପୋଲିଓ ଦିବସରେ ରୋଟାରୀ ଇଷ୍ଟର ସଚେତନତା



ବାହାରିଥିବା ପୋଲିଓ ସଚେତନତା ରାଲି।

ବ୍ରହ୍ମପୁର, ୨୪। ୧୦(ସ୍ୱାଧୀନ ଶେଖର ପାଢ଼ୀ ) ଅକ୍ଟୋବର ୨୪ ବିଶ୍ୱ ପୋଲିଓ ଦିବସ। ଅନ୍ତର୍ଜାତୀୟ ରୋଟାରୀ ଫାଉଣ୍ଡେସନ ପକ୍ଷରୁ ପୋଲିଓ ଟିକା ତିଆରି କରିଥିବା ଜନ ସାଲ୍କଙ୍କର ଜନ୍ମ ଦିବସ ଅବସରରେ ବିଶ୍ୱ ପୋଲିଓ ଦିବସ ପ୍ରତିବର୍ଷ ଅକ୍ଟୋବର ୨୪ତାରିଖ ପାଳିତ ହେଉଛି। ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ଆନୁକୁଲ୍ୟରେ ଉକ୍ତ ଦିବସ ପାଳନ କରାଯାଇ ଏକ ବାଇକ ରାଲି ସଂଗଠିତ କରାଯାଇଥିଲା। ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ନେତୃତ୍ୱରେ ଧର୍ମ ନଗର-୫ମ ସ୍ଥିତ କ୍ଲବଠାରୁ ରାଲି ବାହାରି ଗିରିଜା ଛକ,ପୁରୁଣା ବସ ଷ୍ଟାଣ୍ଡ ଦେଇ ଗାନ୍ଧୀନଗରସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ଶେଷ ହୋଇଥିଲା। ପୋଲିଓ ମୁକ୍ତ ପାଇଁ ଶିଶୁଙ୍କୁ ପୋଲିଓ ବୁନ୍ଦା,ପୋଲିଓ ଟୀକା ଦେବା ପାଇଁ ଏବଂ ବିଶ୍ୱରୁ ପୋଲିଓ ଦୂରିକରଣ ପାଇଁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନ ସଚେତନତା ରାଲି କରାଯାଇଥିଲା। କ୍ଲବର ପ୍ରାକ୍ତନ ସଭାପତି ବୃନ୍ଦ ଅସିତ ଦତ୍ତ, କୁଶ ପାତ୍ର, ଅଜିତ କୁମାର ପୃଷ୍ଟି,ପ୍ରଦୀପ କୁମାର ପଣ୍ଡା,ଆଇ.ରାଜେଶ୍ୱର ରାଓ, ସୁଧାଂଶୁ ଶେଖର ଖଡଗରାୟ,ନାରସୁ ଜେନା,ଡକ୍ଟ ଧନ୍ୱନ୍ତରୀ,ସଂପାଦକ ଏସ.ଦୁର୍ଗା ରାଓ, ରାମା ରାଓଙ୍କ ସମେତ ଇନର ହ୍ୱିଲ କ୍ଲବର ସଭାପତି ଏମ.ବାଣୀଶ୍ରୀ,ସଂପାଦକ ମମତା ପାଢୀ,ଡିମ୍ପଲ ସିଂ ପ୍ରମୁଖ ଯୋଗଦେଇଥିଲେ।

## ବାତ୍ୟା ପାଇଁ କନ୍ଧମାଳରେ ଆଜି ସ୍କୁଲ ଛୁଟି

ଫୁଲବାଣୀ, ୨୪।୧୦(ରାକେଶ କୁମାର ରାଉତ) ବାତ୍ୟା 'ଦାନା'ର ପ୍ରଭାବ କନ୍ଧମାଳ ଜିଲାରେ ଅନୁଭୂତ ହୋଇଛି। ଗୁରୁବାର ମଧ୍ୟାହ୍ନରୁ ବର୍ଷା ଆରମ୍ଭ ହୋଇଛି। ରାତିରେ ବର୍ଷା ବଢିବା ଆଶଙ୍କା କରାଯାଉଛି। ପ୍ରବଳ ବର୍ଷା ସମ୍ଭାବନାକୁ ଲକ୍ଷ୍ୟ ରଖି ଜିଲାପାଳ ୨୫ ତାରିଖ ଦିନ ଜିଲାର ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପରିପ୍ରେକ୍ଷୀରେ ପାଣିପାଗ ବିଭାଗ ଦ୍ୱାରା କନ୍ଧମାଳ ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ସମ୍ଭାବ୍ୟ ପରିସ୍ଥିତି ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲା ମୁଖ୍ୟାଳୟ ସମେତ ସମସ୍ତ ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି।

## ବିଧାୟକ, ଡୁଡା ପିଡି ଆଶ୍ରୟସ୍ଥଳ ବୁଲିଲେ

ଆସିକା,୨୪।୧୦(ସୁରେନ୍ଦ୍ର ନାଥ ସାହୁ) ଆସିକା ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ବାତ୍ୟା 'ଦାନା'ର କୌଣସି ପ୍ରଭାବ ଅନୁଭୂତ ହୋଇନାହିଁ। ଦିନତମାମ ଆକାଶ ମେଘାଛନ୍ନ ରହିଥିବା ବେଳେ କାଁଭାଁ ଝିପିଝିପି ବର୍ଷା ହୋଇଛି । ଏଭଳି ସ୍ଥିତିରେ ସନ୍ଧ୍ୟାରେ ଆସିକା ବିଧାୟକ ସରୋଜ ପାଢୀ, ବିଡିଓ ଫକୀର ଚରଣ ପରିଡା ଅନ୍ୟ ସରକାରୀ ଅଧିକାରୀଙ୍କ ସହ ଆସିକା ବ୍ଲକର ଆଲିପୁର, କୋଟିବାଡି, ପଥରା, କୋଟିନଡା, ଜଗଦଳପୁର ଆଦି ଅଞ୍ଚଳ ଗସ୍ତ କରି ବାତ୍ୟା ମୁକାବିଲା ଲାଗି ପ୍ରଶାସନିକ ପ୍ରସ୍ତୁତି ଓ ଆଶ୍ରୟସ୍ଥଳ ବୁଲି ଦେଖିଛନ୍ତି। ଅପରପକ୍ଷେ ଆସିକା ଏନଏସିର ଖାଲୁଆ ଅଞ୍ଚଳ ଓ ପୂର୍ବରୁ ବନ୍ୟା ବାତ୍ୟାରେ ଲଗାତାର ପ୍ରଭାବିତ ହୋଇ ଆସୁଥିବା ବସଷ୍ଟାଣ୍ଡ ହରିଜନ ସାହି, କାଳିମୁଖୀ ହରିଜନ ସାହି, ତୋଟା ସାହି, ସୁନାମ୍ବ ହରିଜନ ସାହି ଓ ଗଣ୍ଡପଲ୍ଲୀ ଅଞ୍ଚଳରୁ ଲୋକମାନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ସନ୍ଧ୍ୟାରୁ ପ୍ରାୟ ୨୨୩୦ ଜଣଙ୍କୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଦିଆଯାଉଥିବା ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ସୂଚନା ଦେଇଛନ୍ତି। ସେହିପରି ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶ (ଡୁଡା ପିଡି)ରବୀନ୍ଦ୍ର କୁମାର ପଟେଲ ଆସିକା ଏନଏସିର ବିଭିନ୍ନ ଆଶ୍ରୟସ୍ଥଳି ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସୁରକ୍ଷିତ ସ୍ଥାନରେ ରହିଲେ ୩ ହଜାର ଲୋକ

### ଦାନା ମୁକାବିଲା ପାଇଁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ତତ୍ପର

ଭଞ୍ଜନଗର,୨୪।୧୦(ବାବୁଲା ପ୍ରଧାନ): ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ବାତ୍ୟା 'ଦାନା'ର ସାମାନ୍ୟ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ତଥାପି କିଛି ଅଘଟଣ ଆଶଙ୍କାରେ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ଉପ ଜିଲାପାଳ ଅନିଲ କୁମାର ସେଠୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ସେଠାରେ ଥିବା ଲୋକଙ୍କ ସହ ଆଲୋଚନା କରିଛନ୍ତି। ଖାଲୁଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଭଞ୍ଜନଗର ଉପଖଣ୍ଡରେ ୧୧ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଥିବା ବେଳେ ବର୍ତ୍ତମାନ ଅସ୍ଥାୟୀ ଭାବେ ୨୪ଟି ଛୋଟ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି । ଏପରି ମୋଟ ୩୫ ବାତ୍ୟା ଆଶ୍ରୟସ୍ଥଳରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି।


ଉପ ଜିଲାପାଳ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରୁଛନ୍ତି।

ଶୁକ୍ରବାର ଓ ଶନିବାର ଦୁଇଦିନ ସମସ୍ତଙ୍କ ଖାଇବା, ରହିବା ବ୍ୟବସ୍ଥା କରାଯାଇଛି। ଏ ନେଇ ଉପ ଜିଲାପାଳ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ତ୍ତମାନ ଦୁଇଦିନ ଲୋକଙ୍କ ରହିବା ଏବଂ ଖାଇବା ସୁବିଧା ଯୋଗାଇ ଦିଆଯାଇଛି। ଶୁକ୍ରବାରର ସ୍ଥିତିକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସାମ୍ଭାବ୍ୟ ବାତ୍ୟା କୁ ନେଇ ରାଜସ୍ୱ ଏବଂ ବ୍ଲକ ପ୍ରଶାସନ ଯେତିକି ତତ୍ପର ଅଛନ୍ତି ଅନ୍ୟ ବିଭାଗ ଗୁଡିକ ସେତେଟା ପ୍ରସ୍ତୁତ ଥିଲା ଭଳି ଅନୁଭବ ହେଉନାହିଁ।

## ଦକ୍ଷିଣଓଡ଼ିଶା ପ୍ରତି ଅବହେଳାକୁ ପ୍ରତିବାଦ କଲେ ବିଭିନ୍ନ ସଙ୍ଗଠନ

ବ୍ରହ୍ମପୁର,୨୪।୧୦(ସ୍ମୃତି ରଞ୍ଜନ ମହାଲିକ) ଦକ୍ଷିଣ ଓଡିଶା ପ୍ରତି ରାଜ୍ୟ ସରକାରଙ୍କ ଅବହେଳା ପ୍ରତିବାଦରେ ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରେଳ ସେବା, ଦାଦନ ସମସ୍ୟା ଓ କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଜନସଂଖ୍ୟା ବହୁଳ ଗଞ୍ଜାମ ଜିଲା ପଛରେ ରହିଯାଇଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକଳ ଚିତ୍ର ସମସ୍ତ ଦକ୍ଷିଣ ଓଡିଶାବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ଏଣୁ ୧୦ ଜିଲାର ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଭୌଗୋଳିକ ସୀମା, ପାରିପାର୍ଶ୍ୱିକ ସୁବିଧା ଉପଲବ୍ଧକୁ ପାଥେୟ କରି ବ୍ରହ୍ମପୁରରେ ଦ୍ୱିତୀୟ ଏଇମ୍ସ ପ୍ରତିଷ୍ଠା, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏଇମ୍ସ ମାନ୍ୟତା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଦାବି ପୂରଣ କ୍ଷେତ୍ରରେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର ହୋଇଥିଲା। ଓଡିଶା ଡେଭଲେପମେଣ୍ଟ ଫୋରମର ସଂପାଦକ ପ୍ରୀତିଶ ପାଣିଗ୍ରାହୀ, ଆପ ନେତା ଆଦିତ୍ୟ ରଥ, ହେତୁବାଦୀ ସଂଗଠନ ସଭାପତି ନନ୍ଦେଶୁ ସେନାପତି, ଶିକ୍ଷକ ନେତା ଅଶୋକ ଦଳାଇ, ଆଇନଜୀବ ଶ୍ରୀନି ତମ୍ମନା, ସମାଜସେବୀ ବିନୋଦ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବା ବଜାରରେ ପ୍ରଶାସନିକ ଚଢ଼ାଉ



ବୁଗୁଡା,୨୪।୧୦(କାଳିଚରଣ ଦାଶ) ବାତ୍ୟା ଦାନା ସମ୍ପର୍କରେ ପାଣିପାଗ ବିଭାଗର ସୂଚନା ପରଠୁ ବୁଗୁଡା ବଜାରରେ ପରିବା ଦର ହୁ ହୁ ହୋଇ ବଢି ଚାଲିଥିଲା। ପରିସ୍ଥିତିରେ ଫାଇଦା ଉଠାଇବାକୁ ଯାଇ କେତେଜଣ ବ୍ୟବସାୟୀ ବିଭିନ୍ନ ପରିବା ଦର ହଠାତ୍ ବୃଦ୍ଧି କରିଦେଲେ। ବିଶେଷକରି ଆଳୁର କୃତ୍ରିମ ଅଭାବ ସୃଷ୍ଟି କରି ଦୁଇ ଦିନ ମଧ୍ୟରେ ଦର ଦୁଇ ଗୁଣା କରିଦେଲେ। ଏ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରଶାସନିକ ଉଦାସୀନତାକୁ ଦାୟୀ କରାଯିବା ପରେ ସ୍ଥାନୀୟ ପ୍ରଶାସନର ଚେତା ପଶିଛି। ଗୁରୁବାର ସକାଳେ ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଟିଓ ସୁନନ୍ଦ ଶେଖର ସାହାଣିଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ପରିବା ବଜାରରେ ଚଢାଉ କରାଯାଇ କେତେକ ମୁନାଫାଖୋର ବ୍ୟବସାୟୀଙ୍କୁ ଚଢା ଦରରେ ପରିବା ବିକ୍ରି ନ କରିବାକୁ ତାଗିଦ୍ କରାଯାଇଛି। ବିଶେଷକରି ଆଳୁ ଅଢେଇ କେଜି ପ୍ରତି ୯୦ ଟଙ୍କାରୁ ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଚଢ଼ାଉରେ ସ୍ଥାନୀୟ ପୋଲିସ ଓ ଏନ୍‌ଏସି କର୍ମଚାରୀଙ୍କ ସମେତ ମାର୍କେଟିଂ ଇନ୍ସପେକ୍ଟର ହେମନ୍ତ କୁମାର ପ୍ରଧାନ ସାମିଲ ଥିଲେ।

# ସାତାରୀପାଙ୍ଗାବାସୀଙ୍କ ସମସ୍ୟା ବୁଝିଲେ ବ୍ଲକ ଅଧ୍ୟକ୍ଷ

### ୭ କି.ମି ପାହାଡ଼ ଚଢ଼ି ଗାଁକୁ ଗଲେ, ରାସ୍ତା ସମ୍ପ୍ରସାରଣ ପ୍ରତିଶ୍ରୁତି ଦେଲେ

ଦାରିଙ୍ଗବାଡି, ୨୪।୧୦(ଅରୁଣ ସାହୁ ) ସ୍ୱାଧୀନତାର ୭୫ ବର୍ଷ ପରେ ମଧ କନ୍ଧମାଳ ଜିଲାର ଦାରିଙ୍ଗିବାଡି ବ୍ଲକରେ ଏପରି ଗ୍ରାମ ଅଛି ଯେଉଁଠି ଲୋକେ ଏଯାଏ ମୌଳିକ ସୁବିଧା ସୁଯୋଗ ପାଇନାହାନ୍ତି। ସେଠାରେ ପ୍ରଶାସନ ପହଞ୍ଚିପାରିନି। ଏହି ଗ୍ରାମଟି ହେଲା ଶିର୍କାବର୍ଗ ପଞ୍ଚାୟତର ସାତାରୀପାଙ୍ଗା ଗ୍ରାମ। ଗ୍ରାମରେ ବିଦ୍ୟୁତ, ପାନୀୟଜଳ, ଅଙ୍ଗନୱାଡି କେନ୍ଦ୍ର ବିଦ୍ୟାଳୟ ନାହିଁ। ପକ୍କା ରାସ୍ତା, ନଳକୂପ, କୂପ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସୁବିଧାରୁ ଗ୍ରାମବାସୀ ବଞ୍ଚିତ ହୋଇ ରହିଛନ୍ତି। ୭ କି.ମି. ଲମ୍ବିଥିବା କେକେ ପାହାଡ ଚଢି ପାଦଚଲା ରାସ୍ତାରେ ଚାଲିଚାଲି ଯିବା ପରେ ପଡେ ଏହି ଆଦିବାସୀ ଅଧୁଷିତ ସାତାରୀପାଙ୍ଗା ଗ୍ରାମ। ଗ୍ରାମରେ ପାଖାପାଖି ୨୦


ସାତାରୀପାଙ୍ଗା ଗ୍ରାମବାସୀଙ୍କ ସହ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ।

ପରିବାର ବସବାସ କରନ୍ତି। ଗ୍ରାମକୁ ସ୍ୱାସ୍ଥ୍ୟସେବା ଅପହଞ୍ଚ ଯୋଗୁ ଗ୍ରାମବାସୀ ଗୁଣିଗାରେଡି ଉପରେ ଭରସା କରନ୍ତି। ଶିର୍କାବର୍ଗ ପଞ୍ଚାୟତର ପଡୋଶୀ ଦନେକବାଡି ଗ୍ରାମର କିଛି ଲୋକ ଏ ସମ୍ପର୍କରେ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କୁ ଅବଗତ କରାଇଥିଲେ। ତେବେ ବାତ୍ୟା 'ଦାନା'ଆସୁଥିବାରୁ ପାହାଡ଼ ଉପରେ କିଭଳି ଲୋକେ ସୁରକ୍ଷିତ ଅଛନ୍ତି ଓ ସେମାନଙ୍କ ଅଭିଯୋଗ ଶୁଣିବାକୁ ଅଧ୍ୟକ୍ଷ ପ୍ରଧାନ ସାତାରୀପାଙ୍ଗା ଗ୍ରାମକୁ ଗୁରୁବାର ଗସ୍ତ କରିଥିଲେ। ପାହାଡ ଚଢି ପାଦଚଲା ରାସ୍ତାରେ ୭ କି.ମି. ଚାଲିଚାଲି ଯାଇ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଭେଟିଥିଲେ। ସେଠାରେ ସେମାନଙ୍କ ଅଭିଯୋଗ ଶୁଣିଥିଲେ। ପ୍ରଥମେ ଏହି ଗ୍ରାମକୁ ରାସ୍ତା ସଂଯୋଗୀକରଣ କରିବାକୁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ବିଦ୍ୟୁତ୍, ପିଇବାପାଣି, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ସେ ଜିଲା ପ୍ରଶାସନକୁ ଜଣାଇ ପଦକ୍ଷେପ ନେବେ ବୋଲି ଲୋକଙ୍କୁ କହିଥିଲେ। ବ୍ଲକ ଅଧ୍ୟକ୍ଷଙ୍କ ସହ ଦାନେକବାଡି ଗ୍ରାମର ପ୍ରଦୀପ ବଳିୟାରସିଂ, ଦାସିଙ୍ଗବାଡିର ପୂର୍ବତନ ସମିତିସଭ୍ୟ ଧୀରେନ ପ୍ରଧାନ, ସୁଦର୍ଶନ ପ୍ରଧାନ, ବିକ୍ରମ ପ୍ରଧାନ, ଶିର୍କାବର୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୁନସ ପ୍ରଧାନ ଥିଲେ ।

# ୨୩ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ଥଇଥାନ

ହାଟଡ଼ିହୀ,୨୪।୧୦(ଶୁଭକାନ୍ତ ନାୟକ): ବାତ୍ୟା ଦାନାକୁ ମୁକାବିଲା ପାଇଁ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ବ୍ଲକ୍ ଅଧୀନ ୩୧ ପଞ୍ଚାୟତରୁ ୧୧ ପଞ୍ଚାୟତର ୨୯ ଗ୍ରାମର ପ୍ରାୟ ୪ ହଜାର ଲୋକଙ୍କୁ ସ୍ଥାନାନ୍ତର ପାଇଁ ଚିହ୍ନଟ କରାଯାଇଛି। ୧ ହଜାରରୁ ଊର୍ଦ୍ଧ୍ୱ ସ୍ଥାନାନ୍ତର ହୋଇଥିବା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସୂଚନା ଦେଇଛନ୍ତି। ଏଥିସହ ବ୍ଲକ୍ ଅଧୀନରେ ୩ଟି ସ୍ଥାୟୀ ଏବଂ ୨୦ଟି ଅସ୍ଥାୟୀ ମୋଟ ୨୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ସେଠାରେ ଆଶ୍ରୟ ନେଇଥିବା ଲୋକଙ୍କୁ ରନ୍ଧା ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ୧୫ ଜଣ ଗର୍ଭବତୀଙ୍କୁ ମା' ଗୃହ, ମେଡିକାଲରେ ରଖାଯାଇଥିବା ବେଳେ ଲଇଛଣପୁର ଗ୍ରାମର ଜଣେ ମହିଳା ଗୁରୁବାର ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ବ୍ଲକ୍ ତରଫରୁ ହେଲ୍ପ ଲାଇନ ନଂ. ୯୬୯୨୮୨୯୯୧୧ ଜାରି କରାଯାଇଛି। ଏନ୍‌ଡିଆରଏଫ ଟିମ୍ ନିକଟସ୍ଥ ଫକୀରପୁରଠାରେ ମହଜୁଦ ଥିବା ବେଳେ ଓଡ୍ରାଫ ଟିମ୍ ଅଦ୍ୟାବଧି ହାଟଡ଼ିହୀ ଅଞ୍ଚଳରେ ପହଞ୍ଚି ପାରି ନ ଥିବା ଜଣାପଡ଼ିଛି। ରତକଣା, ପନ୍ଦାଡ଼ୋ, ସୋସୋ ପରି ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ବିଦ୍ୟୁତ୍ ସରୋବରାହ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ପଞ୍ଚାୟତରେ ପିଇଓ ଏବଂ ସରପଞ୍ଚମାନେ ସଜାଗ ରହିଛନ୍ତି।

# ଧର୍ମପରାୟଣାଙ୍କ ପରଲୋକ

ପାଟଣା,୨୪।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଲାଲମୋହନ ମହାନ୍ତଙ୍କ ସ୍ତ୍ରୀ ଯମୁନା ମହାନ୍ତ(୬୦)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ଅନ୍ତିମ ସମୟରେ ପୁଅ ଭର୍ତ୍ତୃହରି ମହାନ୍ତ, ପୁତ୍ରବଧୂ ଲୀଳାବତୀ ମହାନ୍ତ, ନାତୁଣୀ ନାତି ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ବୈତରଣୀ ନଦୀକୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

# ପୁଣି ଦବିଲା ଯୋଡ଼ା ଫ୍ଲାଏ ଓଭର

## ରାସ୍ତାରେ ଅଟକିଛି ଲୁହାପଥର ବୋଝେଇ ଟ୍ରକ୍



ଠିକାସଂସ୍ଥା ପକ୍ଷରୁ ରାସ୍ତା ମରାମତି କରାଯାଉଛି।

ଯୋଡ଼ା,୨୪।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲାର ସୁଦୀର୍ଘ ଫ୍ଲାଏ ଓଭର ନିର୍ମାଣର ବର୍ଷେ ନ ପୂରୁଣୁ ବାରମ୍ବାର ଦବୁଛି। ଏହାଦ୍ୱାରା ଯାତାୟାତରେ ବହୁ ସମସ୍ୟା ଉପୁଜୁଛି। ଗୁରୁବାର ପୁଣି ଫ୍ଲାଏ ଓଭର ଦବିଥିବା ଜଣାପଡ଼ିଛି। ଠିକା ସଂସ୍ଥା ପକ୍ଷରୁ ମରାମତି କରାଯାଉଥିବା ବେଳେ ରାସ୍ତାରେ ଅନେକ ଶହ ସଂଖ୍ୟାରେ ଲୁହାପଥର ବୋଝେଇ ଭାରିଯାନ ଅଟକି ରହିଛି। ଡିଏମ୍‌ଏଫ ଅର୍ଥରେ ନିର୍ମିତ ଫ୍ଲାଏ ଓଭର ଏକ ବର୍ଷ ମଧ୍ୟରେ ବାରମ୍ବାର ଦବୁଥିବାରୁ ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଚଳିତ ମାର୍ଚ୍ଚରେ ସହରକୁ ପ୍ରଦୂଷଣରୁ ମୁକ୍ତ, ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨.୯ କି.ମି. ଦୀର୍ଘ ଏହି ଫ୍ଲାଏ୍ ଓଭର ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡର ସାଧାରଣ ପରିଚାଳକ ନରସିଂହ ମହାନ୍ତଙ୍କ ସର୍ବେକ୍ଷଣରେ ନିର୍ମାଣ ହୋଇଥିଲା। ତତ୍କାଳୀନ ସରକାର ଅସମ୍ପୂର୍ଣ୍ଣ ଫ୍ଲାଏ ଓଭରକୁ ତରବରିଆ ଭାବେ ଲୋକାର୍ପଣ କରିଥିଲେ। ଏହାର ଏକ ବର୍ଷ ନ ପୂରୁଣୁ ଫ୍ଲାଏ ଓଭରରେ ବାରମ୍ବାର ଫାଟିବା, ଦବିଯିବା ଆଦି ସମସ୍ୟା ଦେଖାଦେଇଛି। ଗୁରୁବାର ପୁଣି ଫ୍ଲାଏ ଓଭରର ଏକ ଅଂଶ ଦବିଯାଇଛି। ଖବର ପାଇ ଓବିସିସି ପକ୍ଷରୁ ନିୟୋଜିତ ଠିକାସଂସ୍ଥା ଚେଭରକ୍ସ ଏହାର ମରାମତି କାର୍ଯ୍ୟ କରୁଥିବା ଦେଖାଯାଇଥିଲା। ଏହାର କାରଣ ସମ୍ପର୍କରେ ପଚାରିବାରୁ ଠିକାସଂସ୍ଥାର ଯନ୍ତ୍ରୀ ଆନନ୍ଦ କୁମାର କହିଥିଲେ, ଫ୍ଲାଏ ଓଭରର ଏହି ନିର୍ଦ୍ଦିଷ୍ଟ ସ୍ଥାନଟି ଭାରିଯାନ ଚଳାଚଳ ହେତୁ ଦବିଯିବାରୁ ପିକ୍ୟୁସି(କଂକ୍ରିଟ୍) କାର୍ଯ୍ୟ କରାଯାଉଛି। ତରବରିଆ ଭାବେ ସମ୍ପୂର୍ଣ୍ଣ ନ କରି ନିବାଚନ ପୂର୍ବରୁ ଲୋକାର୍ପଣ କରିବା ହେତୁ ଏହାର କାର୍ଯ୍ୟ ନିମ୍ନମାନର ହୋଇଥିବା ଟ୍ରକ୍ ଡ୍ରାଇଭର ସାନ୍ତୁନୁ ଗିରି, ଶିବରାମ ମାଝି, ଦୀପକ କୁମାର, ବାଇକ ଆରୋହୀ ଶିବବ୍ରତ ଦାସ ପ୍ରମୁଖ କହିଛନ୍ତି।

# 'ଦାନା' ପ୍ରଭାବରେ ଭୀଷଣ ବର୍ଷା

- ସ୍ଥାନାନ୍ତର ହେଲେ ୧ଲକ୍ଷ ୩୪ହଜାର ଲୋକ
- ୧୪୭ ମେଡିକାଲ, ୨୪ ମୋବାଇଲ ହେଲଥ୍ ଟିମ୍ ନିୟୋଜିତ
- ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

ବାଲେଶ୍ୱର, ୨୪।୧୦(ବାଞ୍ଛାନିଧି ଦେ)



ବାତ୍ୟା ଆଶ୍ରୟସ୍ଥଳୀରେ ଜିଲାପାଳ ଓ ଏସ୍‌ପି।

ବାତ୍ୟା 'ଦାନା' ପ୍ରଭାବରେ ବାଲେଶ୍ୱରରେ ଆରମ୍ଭ ହୋଇଛି ବର୍ଷା ଓ ପବନ। ଜିଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଜିଲା ଅଧୀନ ସମସ୍ତ ବ୍ଲକ ଓ ପୌରାଞ୍ଚଳର ତଳିଆ ଅଞ୍ଚଳରୁ ୧ଲକ୍ଷ ୩୪ହଜାର ୯ଜଣ ଲୋକଙ୍କୁ ଗୁରୁବାର ୧୪୪ଟି ବାତ୍ୟା ଆଶ୍ରୟସ୍ଥଳୀ ଓ ୭୨୮ଟି ବିକଳ୍ପ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ସ୍ୱାସ୍ଥ୍ୟସେବା ପାଇଁ ୧୪୭ ମେଡିକାଲ ଟିମ୍, ୨୪ ମୋବାଇଲ ହେଲଥ୍ ଟିମ୍ ନିୟୋଜିତ କରାଯାଇଛି। ସୁରକ୍ଷା ପାଇଁ ୧୬ ପ୍ଲାଟୁନ ଓ ୧ ସେକ୍ସନ ପୋଲିସଫୋର୍ସ ବ୍ୟବସ୍ଥା ହୋଇଛି। ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ଏନ୍‌ଡିଆର୍‌ଏଫ୍, ୬ଟି ଓଡ୍ରାଫ୍ ଓ ୧୪ଟି ଅଗ୍ନିଶମ ଦଳ ନିୟୋଜିତ କରାଯାଇଛି। ବାଲେଶ୍ୱର ଜିଲା ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକ ପରିଦର୍ଶନ କରି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ଲଘୁ, ଖଣିଜ ପଦାର୍ଥ ବିଭାଗ ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରସାଦ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଛନ୍ତି।

# ୩ହଜାର ୫ ଶହ ଆଶ୍ରିତଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା



ଚନ୍ଦ୍ରାଟିକିରି ଗ୍ରାମରେ ଘର ଛାଡି ସୁରକ୍ଷିତ ସ୍ଥାନକୁ ଯିବାକୁ ବିଡିଓ ଓ ପୋଲିସ କର୍ମଚାରୀମାନେ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

ଖଇରା, ୨୪।୧୦(ଉତ୍କଳବନ୍ଧୁ ପଣ୍ଡା)

ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ଖଇରା ବ୍ଲକରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ୬୦ ବାତ୍ୟାସ୍ଥଳୀରେ ପାଖାପାଖି ୩ହଜାର ୫ଶହ ଲୋକ ରହିଥିବା ବେଳେ ସେମାନଙ୍କ ପାଇଁ ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଝାଟିମାଟି ଘରଛାଡି ଆସୁ ନ ଥିବା ଲୋକଙ୍କୁ ପ୍ରଶାସନ ତରଫରୁ ବୁଝାଶୁଝା କରି ଅଣାଯାଇଛି। ବିଡିଓ ଅନନ୍ତ କୁମାର ହାଁସଦା ନିଜେ ଚନ୍ଦ୍ରାଟିକିରିରେ ରହୁଥିବା କିଛି ପରିବାରକୁ ବୁଝାଇ ଆଶ୍ରୟସ୍ଥଳୀକୁ ଆଣଛନ୍ତି। ତହସିଲଦାର ଜିତେନ୍ଦ୍ର ମୁର୍ମୁଙ୍କ ସହ ବିଡିଓ ଗୋବିନ୍ଦପୁର, କୁରୁଣ୍ଡା, ଶ୍ୟାମସୁନ୍ଦରପୁର, ବାଉଁଶଗଡିଆ, ରଟିଣା, ହରିପୁର ଆଦି ପଞ୍ଚାୟତର ବିଭିନ୍ନ ଆଶ୍ରୟସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୩୭ ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟଙ୍କ ସହଯୋଗରେ ନିର୍ବାହୀ ଅଧିକାରୀମାନେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଇଛନ୍ତି। ସେହିଭଳି କିଛି ଆଶ୍ରୟସ୍ଥଳୀରେ ଗୃହପାଳିତ ପ୍ରାଣୀଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ବିଧାୟକ ପଦ୍ମଲୋଚନ ପଣ୍ଡା ଖଇରା ଓ ସିମୁଳିଆ ବ୍ଲକ ପ୍ରଶାସନ ସହ ଯୋଗାଯୋଗରେ ରହି କିଭଳି ବାତ୍ୟାର ସଫଳ ମୁକାବିଲା କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଭିନ୍ନ ବାତ୍ୟାଶ୍ରୟସ୍ଥଳ ବୁଲି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ବିଜେଡି ନେତା ଶଶି କୁମାର ସାହୁ ଲୋକଙ୍କୁ ସିଧାସଳଖ ତାଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

# ସୁରକ୍ଷା ବନ୍ଧରେ ଜୁଆର ମାଡ଼

ଭୋଗରାଇ, ୨୪।୧୦( ପ୍ରଦୀପ ଦାସ )

ବାତ୍ୟା ପ୍ରଭାବରେ ବାଲେଶ୍ୱର ଉପକୂଳ ସମୁଦ୍ର ଅଶାନ୍ତ ହୋଇ ଉତ୍ତାଳ ଢେଉ କୂଳ ଆଡକୁ ମାଡ଼ି ଆସି କୂଳ ତଟସୁରକ୍ଷା ଉଚ୍ଚ ପଥରବନ୍ଧରେ ମାଡ଼ କରୁଛି। ଖବର ଲେଖାହେବା ପର୍ଯ୍ୟନ୍ତ ଭୋଗରାଇ ବ୍ଲକ ସମୁଦ୍ରକୂଳିଆ ଗାଁର ୧୦ହଜାର ଲୋକଙ୍କୁ ପ୍ରଶାସନ ନେଇ ବାତ୍ୟାଶ୍ରୟସ୍ଥଳୀରେ ରଖିଛି। ଗୁରୁବାର ରାତି ସମସ୍ତଙ୍କ ପାଇଁ ସତର୍କ ରାତି ହୋଇଥିବା ବେଳେ ଡୁହାକୁ ଡୁହା ବର୍ଷା ସାଙ୍ଗକୁ ପବନର ବେଗ ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗ ଦୀଘା ସମେତ ସମୁଦ୍ରକୂଳରେ ଉଭୟ ରାଜ୍ୟ ପକ୍ଷରୁ ଡାକବାଜି ଯନ୍ତ୍ରରେ ବାତ୍ୟା ସମ୍ପର୍କିତ ସତର୍କ ଓ ସୁରକ୍ଷିତ ରହିବା ଲାଗି ପ୍ରଚାର କରାଯାଉଛି। ୨ ରାଜ୍ୟ ଉପକୂଳରେ ବାତ୍ୟା ମୁକାବିଲା ନିମନ୍ତେ ତଟରକ୍ଷୀ, ଅଗ୍ନିଶମ ବାହିନୀ ସହ ଏନଡିଆରଏଫ ଓ ଓଡ୍ରାଫ ଟିମ୍ ସମୁଦ୍ରକୂଳରେ ମୁତୟନ କରାଯାଇ ସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି। ରାଜ୍ୟ ପଞ୍ଚାୟତ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ସହ ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ହିମାଂଶୁ ଶେଖର ଗିରି, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, କାର୍ଯ୍ୟନିର୍ବାହୀ ଅଧିକାରୀ ଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ, ବାଲେଶ୍ୱର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ନେତା ଆଶିଷ କୁମାର ପାତ୍ର, ବାତ୍ୟାଶ୍ରୟସ୍ଥଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି।

# ଶୂନ ମୃତାହତକୁ ଗୁରୁତ୍ୱ

କେନ୍ଦୁଝର,୨୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ବାତ୍ୟା ଦାନା ଦ୍ୱାରା ପ୍ରଭାବିତ ହେବାକୁ ଆଶଙ୍କା ଥିବା ଅଞ୍ଚଳ ଓ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିନ୍ତ କରିବା ପାଇଁ କେନ୍ଦୁଝର ଜିଲା ପ୍ରଶାସନ ଦିନ ତମାମ ସେସବୁ ଅଞ୍ଚଳର ପ୍ରତିଷେଧକମୂଳକ ବ୍ୟବସ୍ଥାର ନିରୀକ୍ଷଣ ଜାରି ରଖିଛି। ରାଜ୍ୟ ସରକାରଙ୍କ ଶୂନ୍ୟ ମୃତାହତର ଲକ୍ଷ୍ୟକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ହେବାର ଆଶଙ୍କା ଥିବା ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଅହରହ ଲାଗିଛନ୍ତି। ବୁଧବାର ରାତିରୁ ବରିଷ୍ଠ ଆଇଏଏସ ତଥା କେନ୍ଦୁଝର ଜିଲାରେ ପୂର୍ବରୁ ଜିଲାପାଳ ଭାବେ କାର୍ଯ୍ୟ କରିଥିବା ଏନ ଥିରୁମାଲା ନାଏକ, ଜିଲାପାଳ ବିଶାଲ ସିଂହ ଓ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଘନଘନ ତଳିଆ ଅଞ୍ଚଳ ପରିଦର୍ଶନ କରି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ସେଠାରେ ଉପଲବ୍ଧ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ତଦାରଖ କରିଛନ୍ତି। ପ୍ରଶାସନ ତରଫରୁ ତଳିଆ ଓ ପ୍ରଭାବିତ ହେବାର ଆଶଙ୍କା ଥିବା ଅଞ୍ଚଳର ୫୯୭୦ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଏବଂ ଅସ୍ଥାୟୀ ଭାବେ ସ୍କୁଲ ଓ ସରକାରୀ କାର୍ଯ୍ୟାଳୟରେ ଖୋଲା ଯାଇଥିବା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ମା' ଗୃହକୁ ସ୍ଥାନାନ୍ତରଣ କରାଯାଇ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ସମସ୍ତଙ୍କୁ ରନ୍ଧା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଜିଲାରେ ବର୍ଷାର ପରିମାଣ ୫.୪ ମିମି ରହିଥିବା ରେକର୍ଡ କରାଯାଇଛି। ଶୁକ୍ରବାର ଅଧିକ ବର୍ଷା ହେବାର ଆଶଙ୍କା କରାଯାଉଛି। ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆନନ୍ଦପୁର, ହାଟଡ଼ିହୀଠାରେ ୩ ଆଶ୍ରୟସ୍ଥଳୀ ଖୋଲାଯାଇ ୧୦୪ ଗୋରୁଙ୍କୁ ରଖା ଯାଇଛି।

# ଆଶ୍ରୟସ୍ଥଳରେ ୩୭,୦୭୦ ଲୋକ

ଭଦ୍ରକ/ତିହିଡ଼ି/ବାସୁଦେବପୁର/ଭଣ୍ଡାରିପୋଖରୀ/ବନ୍ତ,୨୪।୧୦(ସନାତନ ରାଉତ/ସଞ୍ଜିତ ବଳ/ନାରାୟଣ ପ୍ରସାଦ ବାରିକ୍/ରାଜେନ୍ଦ୍ର ଶତପଥୀ/ହରିନାରାୟଣ ମହାନ୍ତି)

ପାଣିପାଗ ବିଭାଗ ସୂଚନା ମୁତାବକ ବାତ୍ୟା 'ଦାନା' ଭଦ୍ରକ ଜିଲାର ଧାମରା ଓ କେନ୍ଦ୍ରାପଡ଼ା ଜିଲାର ଭିତରକନିକା ମଧ୍ୟରେ ସ୍ଥଳଭାଗ ଛୁଇଁବ। ବୁଧବାର ଅପରାହ୍ନରୁ ବର୍ଷା ପବନ ଆରମ୍ଭ ହୋଇଯାଇଥିବା ବେଳେ ଗୁରୁବାର ସକାଳୁ ମଧ୍ୟ ପବନ ସାଙ୍ଗକୁ ଝିପିଝିପି ବର୍ଷା ଲାଗି ରହିଥିଲା। ଦିନ ବଢ଼ି ଚାଲିବା ସହ ପବନର ଗତି ବଢ଼ିଥିଲା। ପ୍ରଶାସନ ପକ୍ଷରୁ ଜିଲାରେ ୩୭,୦୭୦ ଲୋକଙ୍କୁ ସନ୍ଧ୍ୟା ସୁଦ୍ଧା ୭୦୩ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ୩୨୦ କୁଇଣ୍ଟାଲ ଚୁଡ଼ା ଓ ୫୭ କୁଇଣ୍ଟାଲ ଗୁଡ଼ ଆଶ୍ରୟସ୍ଥଳକୁ ଯୋଗାଇ ଦିଆଯାଇଥିବା ଜିଲାପାଳ ଦିଲୀପ ରାଉତରାଏ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମଧ୍ୟରାତ୍ରରେ ଦାନା ଧାମରା ଅଞ୍ଚଳରେ ସ୍ଥଳଭାଗ ଛୁଇଁବ। ନିଜ ଜୀବନ ସୁରକ୍ଷିତ ପାଇଁ ଚାଳଘର, କଚାଘର ଓ ତଳିଆ ଅଞ୍ଚଳରେ ରହୁଥିବା ଲୋକେ ଆଶ୍ରୟ ସ୍ଥଳ ଓ ସୁରକ୍ଷିତ ସ୍ଥାନକୁ ଆସିବାକୁ ଜିଲାପାଳ ନିବେଦନ କରିଛନ୍ତି। ଆଶ୍ରୟ ସ୍ଥଳରେ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ଗୋସମ୍ପଦ ସୁରକ୍ଷା ଓ ଚିକିତ୍ସା ପାଇଁ ୭ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିବା ଜିଲାପାଳ କହିଛନ୍ତି। ସୁପରଭାଇଜିଂ ଅଫିସରମାନେ ସ୍ଥାନାନ୍ତର ପାଇଁ ଲୋକଙ୍କୁ ବୁଝାଇ ଆଣିଛନ୍ତି। ବରିଷ୍ଠ ଅଧିକାରୀ ତ୍ରିଲୋଚନ ମାଝୀ, ଜିଲାପାଳ ରାଉତରାଏ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ସ୍ଥାନାନ୍ତର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଭଦ୍ରକ ପୌରାଞ୍ଚଳର ତଳ ଅଞ୍ଚଳରେ ଥିବା ଲୋକଙ୍କୁ ପୂର୍ବତନ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ବୁଝାଶୁଝା କରି ଆଶ୍ରୟସ୍ଥଳକୁ ନେଇଥିଲେ। ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏଥିସହ ଶୁଖିଲା ଖାଦ୍ୟ, ପାନୀୟ ଜଳ ଏବଂ ଔଷଧ ମହଜୁଦ ରଖାଯାଇଛି। ଚାନ୍ଦବାଲିରେ ମଧ୍ୟାହ୍ନରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି। ସାମୁଦ୍ରିକ ଜୁଆର ୧ ମିରୁ ୨ ମି ଉଚ୍ଚରେ ଆସିବ ବୋଲି ସତର୍କ କରାଯାଇଛି। ଶୂନ ମୃତ୍ୟୁ ଉପରେ ଗୁରୁତ୍ୱ ଦେଇ ପ୍ରଶାସନ ପ୍ରସ୍ତୁତ ରହିଥିବା ଜିଲାପାଳ କହିଛନ୍ତି।

ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ୧୦୭ଟି ଆଶ୍ରୟସ୍ଥଳକୁ ୨୨୫୨ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏମ୍‌ପି ଅଭିମନ୍ୟୁ ସେଠୀଙ୍କ ସମୀକ୍ଷା ବୈଠକରେ ସୁପରଭାଇଜିଂ ଅଫିସର ଦାୟିତ୍ୱରେ ଥିବା ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ କୁଶଳ ନାୟକ ଏହି ସୂଚନା ଦେଇଛନ୍ତି। ୧୧ ନୋଡାଲ ଅଫିସରଙ୍କ ସହ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଅତିରିକ୍ତ ନୋଡାଲ ଅଫିସର ନିୟୋଜିତ ଥିବା ବିଡିଓ ଜ୍ୟୋତିର୍ମୟ କର ଜଣାଇଥିଲେ। ବାସୁଦେବପୁର ବ୍ଲକର ୩୭ଟି ଓ ପୌରପାଳିକାର ଗୋଟିଏ ବାତ୍ୟା ଆଶ୍ରୟସ୍ଥଳ, ୧୧ଟି ରେଡ୍‌କ୍ରସ ସେଣ୍ଟର ଓ ବିଭିନ୍ନ ସ୍କୁଲ କଲେଜରେ ତଳିଆ ଅଞ୍ଚଳର ଲୋକଙ୍କୁ ରଖାଯାଇଛି। ନିଯୁକ୍ତ ସ୍ୱତନ୍ତ୍ର ସଚିବ ତ୍ରିଲୋଚନ ମାଝୀ, ବିଧାୟକ ଅଶୋକ ଦାସ, ବିଡିଓ ସଞ୍ଜୀବ ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ସଦର ଏସ୍‌ଡିପିଓ ସୌରଭ ଓତା, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ପ୍ରମୁଖ ଜେଟି ଓ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରିଥିଲେ। ବାସୁଦେବପୁରରେ ଏପର୍ଯ୍ୟନ୍ତ ୮୩୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ମଧ୍ୟାହ୍ନରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ପୂର୍ବତନ ବିଧାୟକ, ବ୍ଲକ ଅଧ୍ୟକ୍ଷ ପ୍ରମୁଖ ବାଲିମୁଣ୍ଡା ପଞ୍ଚାୟତର ବଡ଼ହାବେଳିସାହି ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ଓ ପୌର ଅଧିକାରୀ ସମୀର ରଞ୍ଜନ ଦାସ ୱାର୍ଡ ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

ଭଣ୍ଡାରିପୋଖରୀ ବ୍ଲକରେ ମଣିନାଥପୁର, ଜଳହରୀ ଓ ବନ୍ଧାଳୋ ବାତ୍ୟା ଆଶ୍ରୟସ୍ଥଳ ସମେତ ୧୦୩ ଅସ୍ଥାୟୀ ଆଶ୍ରୟସ୍ଥଳକୁ ୨୯୮୫ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ବିଧାୟକ ବିଭିନ୍ନ ଆଶ୍ରୟସ୍ଥଳୀ ଓ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ତ ବ୍ଲକରେ ୬୮ ସୁରକ୍ଷିତ ସ୍ଥାନ ମଧ୍ୟରୁ ୩୯ ବିଦ୍ୟାଳୟ ଏବଂ ଗୋଟିଏ ବନ୍ୟା ଆଶ୍ରୟସ୍ଥଳୀରେ ୨୭ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ରଖାଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଜେନା, ବିଡିଓ ପ୍ରଦୀପ ସେଠୀ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଛନ୍ତି।

## ଧାମରା, ଚାନ୍ଦବାଲିରେ ମନ୍ତ୍ରୀଙ୍କ ଅନୁଧ୍ୟାନ



ଧାମରାର ଏକ ଆଶ୍ରୟସ୍ଥଳରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଭଦ୍ରକ,୨୪।୧୦(ସନାତନ ରାଉତ)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୁଧବାର ବାସୁଦେବପୁରରେ ଆଶ୍ରୟସ୍ଥଳ ପରିଦର୍ଶନ ଓ ପ୍ରସ୍ତୁତି ସମୀକ୍ଷା କରିଥିଲେ। ପରେ ରାତିରୁ ଧାମରାରେ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁରୁବାର ଧାମରା ଓ ଚାନ୍ଦବାଲି ଅଞ୍ଚଳରେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି କଚାଘରେ ଓ ତଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଭେଟି ଆଶ୍ରୟସ୍ଥଳକୁ ଯିବାକୁ ପରାମର୍ଶ ଦେଇଥିଲେ। ଆଶ୍ରୟସ୍ଥଳରେ ଖାଦ୍ୟ, ପାନୀୟ, ଔଷଧ, ଶିଶୁ ଖାଦ୍ୟ, ଆଲୋକ ବ୍ୟବସ୍ଥା ବିଷୟରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ। ଯେଉଁମାନେ ଘରେ ଜିନିଷପତ୍ର ଛାଡ଼ି ଆଶ୍ରୟସ୍ଥଳକୁ ଯିବାକୁ ଅରାଜି ହେଉଛନ୍ତି, ଆବଶ୍ୟକ ସ୍ଥଳେ ପୋଲିସ ସହାୟତା ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚାନ୍ଦବାଲିରେ ମନ୍ତ୍ରୀ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରି ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ ଉପସ୍ଥିତ ଥିଲେ।

# ନଡ଼ପୁର ଜଙ୍ଗଲରେ ବୃଦ୍ଧ ନିଖୋଜ

ବୈଶିଙ୍ଗା,୨୪।୧୦(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଉପକଣ୍ଠ ନୂଆଗାଁ ଗ୍ରାମ ଜଙ୍ଗଲକୁ ବୁଧବାର ଛତୁ ଗୋଟାଇବାକୁ ଯାଇ ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଅନିରୁଦ୍ଧ ବେହେରା। କିଛିଦିନ ହେଲା ଉକ୍ତ ଜଙ୍ଗଲରେ ଦନ୍ତା ହାତୀ ବିଚରଣ କରୁଥିବାରୁ ବୃଦ୍ଧ ଜଣକ ହାତୀ ଆକ୍ରମଣର ଶିକାର ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଖବରପାଇ ବନ ବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ଜଙ୍ଗଲ ଭିତରେ ଖୋଜାଖୋଜି ଚଳାଇଛନ୍ତି।

# ଆଶ୍ରୟସ୍ଥଳରେ ରହୁନାହାନ୍ତି ଅଧିକାରୀ

**ମୋରଡ଼ା,୨୪।୧୦(ସ୍ମାରକ ମାଜୀ):** ବାତ୍ୟା 'ଦାନା'ର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ପ୍ରଶାସନ ତତ୍ପର ଥିବା ଦେଖିବାକୁ ମିଳିଛି। ଲୋକଙ୍କ ସୁରକ୍ଷା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ବ୍ଲକସ୍ତରୀୟ ଟିମ୍, କଣ୍ଟ୍ରୋଲ ରୁମ୍ ଏବଂ ପଞ୍ଚାୟତସ୍ତରୀୟ ଟିମ୍‌ରେ ଥିବା ଅଧିକାରୀମାନେ ଦାୟିତ୍ୱ ସହ କାର୍ଯ୍ୟ କରୁଛନ୍ତି। ମୟୂରଭଞ୍ଜ ଜିଲା ଦାୟିତ୍ୱରେ ଥିବା ଅତିରିକ୍ତ ସଚିବ ବିନୀତ ଭରଦ୍ୱାଜ, ଜିଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ସିଡିଓ ରଜନୀକାନ୍ତ ସ୍ୱାଇଁ, ବିଡିଓ ଅଣାକର ନାଏକ ପ୍ରମୁଖ ମୋରଡ଼ା ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ସ୍ଥିତି ପରଖିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବ୍ଲକର ୨୦ଟି ପଞ୍ଚାୟତର ୪୦ଟି ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳ କରାଯାଇଥିଲା। ପରେ ଏହା ୪୪କୁ ବୃଦ୍ଧି କରାଯାଇଛି। ଖବର ଲେଖା ସୁଦ୍ଧା ଏହି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ୨୮୩୪ ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇଛି। ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ କେତେକ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନରେ ଯାଇଥିଲା ବେଳେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦେଖା ନ ଥିଲା। ଏଭଳି ଅବ୍ୟବସ୍ଥା ବାବଦରେ ବ୍ଲକସ୍ତରୀୟ ନୋଡାଲ ଅଫିସର ଦାୟିତ୍ୱରେ ଥିବା ଏଇଇ ମୋତିଲାଲ ଡୁଙ୍ଗ ଏବଂ ପୋଲିସ ପ୍ରଶାସନକୁ ସାମ୍ବାଦିକ ସଂଘ ସଦସ୍ୟମାନେ ଅବଗତ କରାଇଛନ୍ତି।

# ଟାପୁରୁ ଉଦ୍ଧାର ହେଲେ ମତ୍ସ୍ୟଜୀବୀ

ଉଦଳା,୨୪।୧୦(ସନ୍ତୋଷ କୁମାର ବାଛିନୀ)- କପ୍ତିପଦା ବ୍ଲକ ଅଞ୍ଚଳରେ ଥିବା କାଳ ଡ୍ୟାମ୍‌ରୁ ମାଛ ଧରିବାକୁ ଯାଇ ଟାପୁରେ ଫସି ରହିଥିବା ଜଣେ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସେ ହେଲେ ପ୍ରଶାନ୍ତ କୁମାର ମଢ଼େଇ। ଦେଢ଼ ଘଣ୍ଟାର ଅପରେଶନ ପରେ ଓଡ୍ରାଫ ଟିମ୍ ତାଙ୍କୁ ଉଦ୍ଧାର କରିଥିଲା।

# ବାତ୍ୟା ଆଶ୍ରୟସ୍ଥଳ ବୁଲିଲେ ବିଧାୟକ

ଉଦଳା (ସନ୍ତୋଷ କୁମାର ବାଛିନୀ)/ ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଲ)/,୨୪।୧୦- ଉଦଳା ବିଧାୟକ ଭାସ୍କର ମଢ଼େଇ ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଅଞ୍ଚଳ ଗସ୍ତ କରି ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ସମାଧାନ ବ୍ୟବସ୍ଥା କରିଛନ୍ତି। ଗୋପବନ୍ଧୁ ନଗର ବ୍ଲକର ୧୩ଟି ପଞ୍ଚାୟତରେ ମୋଟ ୬୩୯୭ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବା ବିଡିଓ କରୁଣାକର ଧୀନ୍ଦା ସୂଚନା ଦେଇଛନ୍ତି। ବିଶେଷ କରି ନଦୀ କୂଳିଆ ଲୋକଙ୍କ ଉପରେ ପ୍ରଶାସନ ଅଧିକ ନଜର ରଖିଛି। ମୟୂରଭଞ୍ଜ ଜିଲା ଦାୟିତ୍ୱରେ ଥିବା ଅତିରିକ୍ତ ସଚିବ ବିନୀତ ଭରଦ୍ୱାଜ, ଜିଲାପାଳ ହେମକାନ୍ତ ସାଏ, ଉପଜିଲାପାଳ ସୁଶାନ୍ତ ବାରିକ, ଅତିରିକ୍ତ ପିଡି ଶାନ୍ତନୁ କୁମାର ନାୟକ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ
# ୭୫ ହଜାର ଲୋକ ସ୍ଥାନାନ୍ତର

ବାରିପଦା,୨୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାତ୍ୟା ଆଶ୍ରୟସ୍ଥଳରେ ଲୋକେ ବିଶ୍ରାମ ନେଉଛନ୍ତି।

ମୟୂରଭଞ୍ଜ ଜିଲାରେ ବାତ୍ୟା 'ଦାନା'ର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକରେ ଲୋକମାନଙ୍କୁ ଆଣି ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରେ ସଜାଗ ରହିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଆଶ୍ରୟସ୍ଥଳୀ ମଧ୍ୟ ପରିଦର୍ଶନ କରିଛନ୍ତି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀ,ନାଳର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି। ଜିଲାର ୫୮୭ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ମୋଟ ୭୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଥଇଥାନ କରାଯାଇଛି। ଜିଲାର ମୋଟ ୯୨୨ ଜଣ ଗର୍ଭବତୀଙ୍କ ମଧ୍ୟରୁ ୪୪୩ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅବଶିଷ୍ଟଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀରେ ରଖାଯାଇଥିବା ଜରୁରୀକାଳୀନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର କହିଛନ୍ତି। ସେହିପରି ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଗଙ୍ଗାହାର ଓ ଜମ୍ବୀରା ନଦୀ ତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ରାସ୍ତା ପାର୍ଶ୍ୱରେ ଥିବା କେତେକ ଗଛ ପବନରେ ଭାଙ୍ଗି ପଡ଼ିଥିବାରୁ ତାହାକୁ କାଟି ସଫା କରାଯାଇ ଗମନାଗମନ ସ୍ୱାଭାବିକ କରାଯାଉଛି। ଏନ୍‌ଡିଆର୍‌ଏଫ୍ ଟିମ୍, ବନ ବିଭାଗ, ଆର୍‌ଆଣ୍ଡବି, ଆର୍‌ଡି ବିଭାଗର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ରହି ପରିସ୍ଥିତିର ମୁକାବିଲା କରୁଛନ୍ତି। ଜିଲାପାଳ ହେମକାନ୍ତ ସୟ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଆଶ୍ରୟସ୍ଥଳୀ ବୁଲି ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ପିଡିଡିଆରଡିଏ, ପିଏଆଇଟିଡିଏ, ସମସ୍ତ ବିଡିଓ, ତହସିଲଦାର,କର୍ମଚାରୀ ଓ ପିଆରଆଇ ମେମ୍ବରମାନେ ଲୋକଙ୍କ ସୁରକ୍ଷା ଦିଗରେ କାର୍ଯ୍ୟରତ ଅଛନ୍ତି। ଜିଲାର ସମସ୍ତ ବିଧାୟକ ଓ ଲୋକ ପ୍ରତିନିଧିମାନେ ପ୍ରଭାବିତ ଅଞ୍ଚଳକୁ ଯାଇ ଲୋକଙ୍କୁ ସୁରକ୍ଷିତ ରହିବାକୁ ସଚେତନ କରିଛନ୍ତି। ଗତ ୨୪ଘଣ୍ଟା ମଧ୍ୟରେ ଜିଲାର ଶାମାଖୁଣ୍ଟା, ରାସଗୋବିନ୍ଦପୁର, କୁଳିଅଣା, ଉଦଳା, କରଞ୍ଜିଆ, ଠାକୁରମୁଣ୍ଡା, ଶୁକ୍ରୁଳି ଓ ରରୁଆଁ ବ୍ଲକରେ ଆଦୌ ବର୍ଷା ହୋଇ ନ ଥିବା ବେଳେ ଅନ୍ୟ ବ୍ଲକଗୁଡ଼ିକରେ ସ୍ୱଳ୍ପ ବୃଷ୍ଟିପାତ ରେକର୍ଡ କରାଯାଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ପ୍ରକାଶ କରିଛନ୍ତି।

# ଭିତରକନିକା ପ୍ରତି ବଢୁଛି ବିପଦ

- ବାତ୍ୟା ଦାନା ପାଇଁ ୭୩,୨୬୯ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର
- ବାଦ୍ ପଡ଼ିବନି ମହାକାଳପଡ଼ା, ଆଳି, ରାଜକନିକା
- ପ୍ରସ୍ତୁତ ଅଛନ୍ତି ପ୍ରଶାସକ, ଉଦ୍ଧାରକାରୀ ଦଳ



କେନ୍ଦ୍ରାପଡ଼ାର ଏକ ବାତ୍ୟା ଆଶ୍ରୟସ୍ଥଳରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**କେନ୍ଦ୍ରାପଡ଼ା, ୨୪।୧୦ (ଜଗନ୍ନାଥ ଧଳ)**

ସାମୁଦ୍ରିକ ଝଡ଼ ଦାନା ଅତି ଭୟଙ୍କର ଭାବେ ଉପକୂଳକୁ ମାଡ଼ି ଆସୁଛି। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକସ୍ଥ ଜାତୀୟ ଉଦ୍ୟାନ ଭିତରକନିକା ଏଥିରେ ବିଶେଷ ଭାବେ ପ୍ରଭାବିତ ହେବ। ରାଜନଗର ସମେତ ମହାକାଳପଡ଼ା, ଆଳି ଓ ରାଜକନିକା ବ୍ଲକ ଅଞ୍ଚଳବାସୀ ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଧିକ କ୍ଷତିଗ୍ରସ୍ତ ହେବେ। ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଗୁରୁବାର ରାତି ୮ଟା ସୁଦ୍ଧା ୭୩,୨୬୯ରୁ ଊର୍ଦ୍ଧ୍ୱ ଲୋକଙ୍କୁ ୮୦୫ ଆଶ୍ରୟସ୍ଥଳରେ ରଖାଯାଇଛି। ସେହିପରି ଜିଲା ଅଗ୍ନିଶମ ବାହିନୀ, ପୋଲିସ ବଳ ସହିତ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଓଏଫ୍‌ଡିସିର ୨୨ ଟିମ୍‌ଙ୍କୁ ମୁତୟନ କରାଯାଇଛି। ଜିଲା ଓ ବ୍ଲକସ୍ତରର ପ୍ରଶାସନିକ ଅଧିକାରୀ ସମ୍ଭାବ୍ୟ ବାତ୍ୟା ପ୍ରଭାବସ୍ଥଳରେ ରହି ଏହାର ମୁକାବିଲା ପାଇଁ କାର୍ଯ୍ୟ କରୁଛନ୍ତି। ଏଥିସହ ୬ ଜଣ ନୂତନ ପ୍ରଶାସନିକ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି।

ଜିଲା ଜରୁରିକାଳୀନ ବିଭାଗ ଅଧିକାରୀ ଅଶୋକ କୁମାର ଦାସ କହିଛନ୍ତି, ବାତ୍ୟା ଦାନାର ପରିଚାଳନା ପାଇଁ ପ୍ରାଥମିକ ସ୍ତରରେ ଶୂନ୍ୟ ମରଣ ନୀତି ସହ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଆଶ୍ରୟସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି। ସନ୍ଧ୍ୟା ସୁଦ୍ଧା ଜିଲାର ଅସୁରକ୍ଷିତ ସ୍ଥାନରେ ଥିବା ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହେବ ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ, ବୁଦ୍ଧିଜୀବୀ କ୍ଷିତୀଶ କୁମାର ସିଂ, ପ୍ରତାପ କୁମାର ପାଢ଼ୀ କହିଛନ୍ତି, ବାତ୍ୟା ଦାନାର ପ୍ରଭାବ ଯୋଗୁ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ବଡ଼ବଡ଼ ଢେଉ ଗହୀରମଥା ରେଞ୍ଜ ଅଧୀନ ବାବୁବାଲି, ଟିଙ୍ଗିରି ଦ୍ୱୀପ ସମୂହ ସହ ପଠା, ଚଟକା ଆଦିରେ ତଟକ୍ଷୟ ଆରମ୍ଭ ହୋଇଛି। ଅଶାନ୍ତ ସମୁଦ୍ରର ଢେଉ ତାଳଚୁଆ, ପୁରୁଷୋତ୍ତମପୁର ଆଦି ଲୁଣାବନ୍ଧକୁ ଭାଙ୍ଗି ଦେଇଛି। ବିଭିନ୍ନ ନଦୀରେ ଜୁଆର ପାଣି ଯୋଗୁ କୂଳ ଅଞ୍ଚଳ ପ୍ରତି ବିପଦ ଅଧିକ ହୋଇଛି। ସେହିପରି ସାତଭାୟାର ବରାହୀପୁର ଅଞ୍ଚଳକୁ ସମୁଦ୍ର ପାଣି ମାଡ଼ି ଆସିଛି। ବାତ୍ୟା ଦାନାର ପ୍ରଭାବ ଅମାବାସ୍ୟା ଅଥବା ପୂର୍ଣ୍ଣିମା ନ ଥିବାରୁ ସମୁଦ୍ର ଅଧିକ ଉତ୍ତାଳ ହେବା ସମ୍ଭାବନା କମ୍ ଅଛି। ଏହାସତ୍ତ୍ୱେ ଆକଳନ ଅନୁଯାୟୀ ୨ ମିଟର ଜୁଆର ଉପକୂଳକୁ ଆସିଲେ ଭିତରକନିକା ସଂରକ୍ଷିତ ବନାଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହେବ। ମହାକାଳପଡ଼ା ବ୍ଲକ ସୁନିତି, ବାବର, ଜମ୍ବୁ, ବଟିଘର ପଞ୍ଚାୟତ ସହ ରାଜନଗରର ୪୩ଟି ରାଜସ୍ୱ ଗ୍ରାମ ବୁଡ଼ିଯିବା ସମ୍ଭାବନା ଦେଖାଦେଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଦାନାର ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଗତ ୨୪ ବର୍ଷ ମଧ୍ୟରେ ଜିଲାରେ ୧୧ଟି ଛୋଟ ବଡ଼ ସାମୁଦ୍ରିକ ଝଡ଼ ହୋଇଯାଇଛି। ଏହି ଝଡ଼ ସମୟର ଅଭିଜ୍ଞତାକୁ ନେଇ ପରିଚାଳନା କରାଯାଉଛି। ଝଡ଼ ପରବର୍ତ୍ତୀ ସମୟରେ ପରିବେଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳରେ ବିଧାୟକ, ବିଡିଓ



ବଡ଼କାଏମା ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଥିବା ଆଶ୍ରୟସ୍ଥଳରେ ବିଧାୟକ ଓ ବିଡିଓ ।

**କାଏମା, ୨୪।୧୦ (ଶିବପ୍ରସାଦ ମହାନ୍ତି):** ବାତ୍ୟା ଦାନାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଥିବାବେଳେ ଏହାର ମୁକାବିଲା ପାଇଁ ଧର୍ମଶାଳା ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗୁରୁବାର ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ସେଠାରେ ପ୍ରସ୍ତୁତ ରନ୍ଧା ଖାଦ୍ୟ ଖାଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ୧୬୨ ବାତ୍ୟା ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଧର୍ମଶାଳାରେ ଅଣ୍ଟିଆ, କଣ୍ଟିଗଡ଼ିଆ, ଜେନାପୁର ଓ ପାଟପୁରଠାରେ ସ୍ଥାୟୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ରହିଥିବାବେଳେ ୧୫୮ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳଭାବେ ପଞ୍ଚାୟତ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକୁ ବ୍ୟବହାର କରାଯାଇଛି। ସେଠାରେ ଲୋକଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବଡ଼କାଏମା ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଥିବା ଆଶ୍ରୟସ୍ଥଳରେ ମଧ୍ୟାହ୍ନ ସମୟରେ ବିଧାୟକଙ୍କ ସମେତ ଅଧିକାରୀମାନେ ପହଞ୍ଚିଥିଲେ। ସେମାନେ ଲୋକଙ୍କ ସହ ଆଲୋଚନା କରିବା ସହ ଲୋକଙ୍କ ପାଇଁ ରନ୍ଧା ଯାଇଥିବା ଭାତ ଓ ଡାଲମା ମିଶି ଖାଇଥିଲେ। ଭୟ ନ କରି ସତର୍କ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଧର୍ମଶାଳା ବ୍ଲକର ଜାରକା ପଞ୍ଚାୟତ ତରଫରୁ ଜାରକା ପ୍ରାଥମିକ ବିଦ୍ୟାଳୟରେ ସ୍ଥାନୀୟ ଲୋକେ ଆଶ୍ରୟ ନେଇଛନ୍ତି। ସେମାନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଧର୍ମଶାଳା ଏବିଇଓ ମମିତା ମହାନ୍ତି ଓ ଅନ୍ୟ କର୍ମଚାରୀ ଉପସ୍ଥିତି ରହି ସେମାନଙ୍କ ଦାୟିତ୍ୱ ବୁଝୁଛନ୍ତି।

## ଗର୍ଭବତୀଙ୍କୁ ଖାଦ୍ୟ ଦେବାରେ ବିଳମ୍ବ

**ନାଉଗାଁ, ୨୪।୧୦ (ସୁଧା ବେହୁରା)**

ନାଉଗାଁ ବ୍ଲକରେ ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ଅସୁରକ୍ଷିତ ଅବସ୍ଥାରେ ଥିବା ଜନସାଧାରଣଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଗର୍ଭବତୀମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ଠିକ୍ ସମୟରେ ଖାଦ୍ୟ ଓ ପାନୀୟ ଆଦି ଯୋଗାଇ ଦେବାକୁ ସରକାରଙ୍କ ତରଫରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ଗର୍ଭବତୀମାନଙ୍କୁ ଠିକ ସମୟରେ ଖାଇବାକୁ ଦିଆ ଯାଇ ନ ଥିବାରୁ ଗୁରୁବାର ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ସରିଆବରପାଟଣା ଗ୍ରାମର ସୁକନ୍ୟା ଦାସ, ଶୁଭଲକ୍ଷ୍ମୀ ସାହୁ, ତପସ୍ୱିନୀ ବାରିକ, ତିରୁଣା ପଞ୍ଚାୟତ ଉର ଗ୍ରାମର କଳ୍ପନା ସେଠୀ, ନାଉଗାଁ ପଞ୍ଚାୟତ ହରିନବେଇ ଗ୍ରାମର ଗୀତାଞ୍ଜଳୀ ସାମଲଙ୍କୁ ବାତ୍ୟା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଠିକ୍ ସମୟରେ ଖାଦ୍ୟ ଦିଆଯାଇ ନ ଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେମାନେ ଉପବାସ ରହିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକରୀ ଏବିଷୟରେ ଜାଣିବା ପରେ ତୁରନ୍ତ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ଗର୍ଭବତୀ କଳ୍ପନା ସେଠୀ କହିଛନ୍ତି। ଏବିଷୟରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ, ସମ୍ପୃକ୍ତ ମହିଳାମାନଙ୍କୁ ସାମାନ୍ୟ ବିଳମ୍ବରେ ଖାଇବାକୁ ଦିଆଯାଇଛି।



ରାଜନଗର ତାଳଚୁଆ ମୁହାଣରେ ଗୁରୁବାର ସମୁଦ୍ରର ଉଚ୍ଚ ଜୁଆର ।

## ଲଗାଣ ବର୍ଷା ପବନ ଯୋଗୁ ଜନଜୀବନ ପ୍ରଭାବିତ

**ପାରାଦୀପ, ୨୪।୧୦ (ଶରତ ରାଉତ)**

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଦାନା ଯୋଗୁଁ ପାରାଦୀପ ତଥା ଆଖପାଖ ଅଞ୍ଚଳରେ ଗୁରୁବାର ବର୍ଷା ପବନ ଲାଗି ରହିଛି। ତୁହାକୁ ତୁହା ବର୍ଷା ପବନ ଯୋଗୁ କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗି ଯାଇଛି।ସମୁଦ୍ର ଅଶାନ୍ତ ରହିଛି। ଉଚ୍ଚ ଜୁଆର ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅପରପକ୍ଷେ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କିନ୍ତୁ ଆଶ୍ରୟସ୍ଥଳୀଗୁଡ଼ିକରେ ହାତ ଗଣତି ଲୋକ ରହିଥିବା ଦେଖିବାକୁ ମିଳିଛି। ପାରାଦୀପ କଲେଜ ପରିସରରେ ଅସ୍ଥାୟୀ ଆଶ୍ରୟ କରାଯାଇଥିଲେ ହେଁ ସେଠାରେ ମଧ୍ୟାହ୍ନ ସୁଦ୍ଧା ମାତ୍ର ୧୨ ଜଣ ଥିଲେ। ପାରାଦୀପର ସବୁଠାରୁ ବଡ଼ ବସ୍ତି ଷଣ୍ଢକୁଦ ଅଞ୍ଚଳରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜିଲାପାଳ ଜେ.ସୋନାଲ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ସମୁଦ୍ର କୂଳକୁ ନ ଯିବା ପାଇଁ ପୋଲିସ ମୁତୟନ କରାଯାଇଛି। ବର୍ଷା ପାଣି କେତେକ ଘରେ ପଶିଯାଇଛି। ପାରାଦୀପ ବନ୍ଦର ପୋତାଶ୍ରୟରୁ ସବୁ ଜାହାଜଗୁଡ଼ିକୁ ବାହାର କରି ଦିଆଯାଇଛି। ପୋର୍ଟ ଅପରେଶନ ବନ୍ଦ ରହିଛି।

## ଗମରା ଚୁଡ଼ା: ଅଭିଯୋଗ ପରେ ପହଞ୍ଚିଲେ ଉପମୁଖ୍ୟମନ୍ତ୍ରୀ

**ଆଳି, ୨୪।୧୦ (ବନମାଳୀ ସେନାପତି )**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ୫୧ଟି ଆଶ୍ରୟସ୍ଥଳରେ ଶହ ଶହ ଲୋକ ରହିଛନ୍ତି। ଆଳି ବ୍ଲକ ବାଳକାଟି ରାଣୀପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁଖିଲା ଖାଦ୍ୟଭାବ ଗମରା ଚୁଡ଼ା ଯୋଗାଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଲୋକମାନେ ଚୁଡ଼ା ନ ଖାଇ ୫ ଟଙ୍କିଆ ବିସ୍କୁଟ ଖାଇ ଦିନ କାଟିଛନ୍ତି। ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ଖବରପାଇ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ରାଣୀପୋଖରୀ ସ୍କୁଲରେ ପହଞ୍ଚି ସେଠାରେ ପ୍ରଶାସନିକ ଅବହେଳାର ବାସ୍ତବ ଚିତ୍ର ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି ଆଲୋକୀକରଣର ବ୍ୟବସ୍ଥା ନ ଥିବା ନେଇ ଅଭିଯୋଗ ପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ବିଡିଓ ମିନତି ଜଗଦ୍ଦେବ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ସେଣ୍ଟର ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ସଞ୍ଜୟ ପ୍ରଧାନଙ୍କ ସହ ଆଲୋଚନା କରିବା ପରେ ନିମ୍ନମାନର ଚୁଡ଼ା ଯୋଗାଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଜମ୍ବୁ-ବାବର ମୁଖ୍ୟ ରାସ୍ତାରେ ଉପୁଡ଼ିଲା ଗଛ

**ମହାକାଳପଡ଼ା, ୨୪।୧୦ (ପ୍ରତାପଚନ୍ଦ୍ରସ୍ୱାଇଁ)**

ଗୁରୁବାର ରାତିରେ ବାତ୍ୟା ଦାନା ଉପକୂଳ ଅଞ୍ଚଳରେ ସ୍ଥଳ ଭାଗ ଛୁଇଁବ। ଏଥିପାଇଁ ରାତିରେ ଲୋକେ ନ ଶୋଇ ଚେଇଁ ରହିବେ। ମହାକାଳପଡ଼ା ବ୍ଲକ ଅଞ୍ଚଳ ବାତ୍ୟା ଆଶ୍ରୟସ୍ଥଳରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। କେଉଁ ରିଲିଫ୍ କ୍ୟାମ୍ପରେ ପାନୀୟ ଜଳ ନାହିଁ, ଶୌଚାଳୟ ଠିକ୍ ନ ଥିବାରୁ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅପରପକ୍ଷରେ ଜମ୍ବୁ-ବାବର ମୁଖ୍ୟ ରାସ୍ତାରେ ବଡ଼ ବଡ଼ ଗଛ ଉପୁଡ଼ିଯିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ଗଛଗୁଡ଼ିକ କାଟି ରାସ୍ତା ସଫା କରିଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ୧୨୦ଟି ରିଲିଫ୍ କ୍ୟାମ୍ପ କରାଯାଇ ମଧ୍ୟାହ୍ନ ସୁଦ୍ଧା ୧୧ହଜାର ଲୋକଙ୍କୁ ଥଇଥାନ କରାଯାଇ ଖାଦ୍ୟ ଯୋଗାଇ ଦିଆଯାଇଛି।



ଉପୁଡ଼ି ପଡ଼ିଥିବା ଗଛକୁ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ପହଞ୍ଚି ସଫା କରୁଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ବରୀ, ୨୪।୧୦ (ମହେନ୍ଦ୍ର ସ୍ୱାଇଁ):** ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୧୧ ବର୍ଷୀୟା ନାବାଳିକା ବିଦ୍ୟାଳୟରୁ ଫେରୁଥିବାବେଳେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ସମସ୍ତ ଘଟଣା ତାଙ୍କୁ ମା'ଙ୍କୁ କହିବା ପରେ ତାଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଅନ୍ୟ ଜଣେ ନାବାଳିକା ବଳାତ୍କାରର ଶିକାର

ସେହିପରି ଏହି ଥାନା ଅଞ୍ଚଳର ଜଣେ ୯ ବର୍ଷୀୟା ନାବାଳିକା ବଳାତ୍କାରର ଶିକାର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## 'ଦାନା' ପ୍ରଭାବ: ଅପରାହ୍ନ ୫ଟା ସୁଦ୍ଧା ୧୪୪.୫ମିମି ବର୍ଷା

**ଜଗତ୍‌ସିଂହପୁର, ୨୪।୧୦ (ପ୍ରମୋଦ କୁମାର ନାୟକ):** ବାତ୍ୟା ଦାନା ଘନୀଭୂତ ହୋଇ ଗୁରୁବାର ମଧ୍ୟରାତ୍ର ସୁଦ୍ଧା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ପବନ ବୋହିବାର ଆଶଙ୍କା ରହିଛି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯାମିନୀ ଷଡ଼ଙ୍ଗୀ ଯୋଗଦେଇ ଜିଲାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। 'ଦାନା' ପ୍ରଭାବରେ ଗୁରୁବାର ସକାଳ ୮ରୁ ସନ୍ଧ୍ୟା ୫ଟା ମଧ୍ୟରେ ୧୪୪.୫ ମିମି ବର୍ଷା ହୋଇଥିବାବେଳେ ଜିଲାରେ ହାରାହାରି ୧୬.୦୫ ମିମି ବର୍ଷା ହେଇଛି। ଆସନ୍ତା ୨୪ ଘଣ୍ଟାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସନ୍ଧ୍ୟା ୫ଟା ସୁଦ୍ଧା ଜିଲାର ପାରାଦୀପ ମ୍ୟୁନିସିପାଲିଟି, କୁଜଙ୍ଗ, ଏରସମା, ବାଲିକୁଦା ଅଞ୍ଚଳରୁ ୩୧,୦୨୯ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ସେଥିମଧ୍ୟରୁ ୩୪୫ ଜଣ ଗର୍ଭବତୀ ରହିଛନ୍ତି। ଗର୍ଭବତୀ, ପ୍ରସୂତୀ ତଥା ନବଜାତ ଶିଶୁଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ, ପାରାଦୀପ, ତଥା ସିଏଚ୍‌ସି, ପିଏଚ୍‌ସିରେ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ବୋଲି ଜିଲାପାଳ କହିଛନ୍ତି। ଜିଲା ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ପାରାଦୀପ ପୋର୍ଟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି ବୋଲି ସେ କହିଥିଲେ। ଜିଲାରେ ପାରାଦୀପ, ଏରସମା, କୁଜଙ୍ଗ ବାଲିକୁଦା ଆଦି ପ୍ରଭାବିତ ଅଞ୍ଚଳରେ ପବନ ବୋହିବା ଯୋଗୁ ଉପୁଡ଼ି ଯାଇଥିବା ଗଛକୁ ଓଡ୍ରାଫ ଏନଡିଆରଏଫ୍ ଟିମ ଦ୍ୱାରା କଟାଯାଇ ରାସ୍ତା ପରିଷ୍କାର କରଯାଇଛି। ସମସ୍ତ ଆଶ୍ରୟ ସ୍ଥଳରେ ସକାଳେ ଚୁଡ଼ା ଗୁଡ଼ ସହ ମଧ୍ୟାହ୍ନ ରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ସେହିପରି ସନ୍ଧ୍ୟାରେ ମହମବତୀ, ଦିଆସିଲି, ଶୁଖିଲା ଖାଦ୍ୟ ଆଦି ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।



### ଘର, ରାସ୍ତାରେ ପଡ଼ିଲା ଗଛ

ବାତ୍ୟା 'ଦାନା' ପ୍ରଭାବରେ ଜିଲାରେ ଝିପିଝିପି ବର୍ଷା ସାଙ୍ଗକୁ ମଝିରେ ମଝିରେ ପବନ ଯୋଗୁ କେତେକ ସ୍ଥାନରେ ଗଛ ଡାଳ ପଡ଼ି କିଛି ସମୟ ପାଇଁ ଅସୁବିଧା ସୃଷ୍ଟି ହୋଇଛି। ଏଥିଯୋଗୁ କୌଣସି ମୃତାହତ ହୋଇ ନାହାନ୍ତି। ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ଼ଠାରେ ଗୁରୁବାର ସକାଳେ ଜଣେ ଲୋକଙ୍କ ଘର ଉପରେ ଏକ ଗଛ ଡାଳ ପଡ଼ି ଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ଏହାକୁ କାଟି ସଫା କରିଥିଲେ। ଫୁଲବେଲାରୀଠାରେ ମଧ୍ୟ ଗଛ ଡାଳ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟିବା ସହ ରାସ୍ତା ସଫା କରିଥିଲେ। ପାରାଦୀପ ମଧୁବନ, କୁଜଙ୍ଗ ଥାନା ତାଳଦଣ୍ଡା, ତେନ୍ତୁଳିଆ, ଏରସମା ଥାନା ଜପା ରାସ୍ତା, କୁଞ୍ଜକୋଠି ପଞ୍ଚାୟତ ଅନ୍ତର୍ଗତ ପିତା ଖାଲି, ତିର୍ତ୍ତୋଲ ଥାନା ଡଗ୍ରାପଡ଼ା, କୁଳାଙ୍ଗ, ଜଗତ୍‌ସିଂହପୁର ଥାନା କାଁପୁର, ଅନନ୍ଦାପୁର ୱାର୍ଡ ୬ ଭୋଇ ସାହି ଓ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଓ ନାଉଗାଁ ଥାନା ପାଟେଣୀଗାଁ ଆଦି ସ୍ଥାନ (ବାଂଶରୁ ଶିଖର ଗ୍ରାମ ରାସ୍ତା)ରେ ଚାକୁଣ୍ଡା ଆଦି ଗଛ ଡାଳ ପଡ଼ିଥିଲା । ପ୍ରତ୍ୟେକ ସ୍ଥାନରେ ଅଗ୍ନିଶମ କର୍ମଚାରୀ ଗଛ ଡାଳ କାଟି ରାସ୍ତା ସଫା କରିଥିବା ଜଗତ୍‌ସିଂହପୁର ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ପାଢୀ ସୂଚନା ଦେଇଛନ୍ତି।

## ୩୪,୩୩୧ ଲୋକଙ୍କୁ ୬୧୪ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର

### ଯାଜପୁର ଜିଲାରେ ବାତ୍ୟା ସତର୍କତା

- ୩୧୦ ରିଲିଫ କେନ୍ଦ୍ରରେ ରନ୍ଧା ଖାଦ୍ୟ ବଣ୍ଟନ
- ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଣ୍ଟ୍ରୋଲ ରୁମ୍

**ଯାଜପୁର, ୨୪।୧୦ (ହର୍ଷବର୍ଦ୍ଧନ ବେହେରା) :**

ବଙ୍ଗୋପସାଗରରେ ଘନୀଭୂତ ସାମୁଦ୍ରିକ ଝଡ଼ 'ଦାନା' ବାତ୍ୟାରେ ପରିଣତ ହୋଇଛି। ଯାଜପୁର ଜିଲାରେ ଗୁରୁବାର ସକାଳ ଠାରୁ ଏହାର ପ୍ରଭାବ ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଝିପି ଝିପି ବର୍ଷା ଓ ପବନ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଶୂନ୍ୟ ମୃତ୍ୟୁ ନୀତିରେ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଗୁରୁବାର ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲାର ୧୦ ବ୍ଲକର ୩୧୧ ପଞ୍ଚାୟତର ୧୨୧୧ ଗ୍ରାମର ୧୦ ଲକ୍ଷ ୩୦ ହଜାର ଲୋକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେଥିମଧ୍ୟରୁ ୩୪,୩୩୧ଲୋକଙ୍କୁ ୬୧୪ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ତନ୍ମଧ୍ୟରୁ ବରୀ ବ୍ଲକର ୨୪୮୮, ବିଞ୍ଝାରପୁର ବ୍ଲକର ୨୦୮୪, ଧର୍ମଶାଳା ବ୍ଲକର ୧୨୭୬, ଦାନଗଦି ବ୍ଲକର ୧୮୯୪, କୋରେଇ ବ୍ଲକର ୧୩୯୬, ରସୁଲପୁର ବ୍ଲକର ୧୬୭୩, ଦଶରଥପୁର ବ୍ଲକର ୫୭୮୪, ସୁକିନ୍ଦା ବ୍ଲକର ୨୧୬୫, ଯାଜପୁର ବ୍ଲକର ୧୦୦୩, ବଡ଼ଚଣା ବ୍ଲକର ୧୧୨୩, ଯାଜପୁର ମ୍ୟୁନିସିପାଲଟିରୁ ୫୪୪ ଏବଂ ବ୍ୟାସନଗର ମ୍ୟୁନିସପାଲିଟିରୁ ୭୮୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ବୟସ୍କ ୧୭,୭୭୩ ଜଣ ଏବଂ ଶିଶୁ ୪୪୪୩ ଜଣ ରହିଛନ୍ତି। ଜିଲାରେ ୩୧୦ ଟି ରିଲିଫ କେନ୍ଦ୍ରରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ୨ ଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ଅନୁମୋଦନ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଲୋକ ମୃତାହତ ହୋଇ ନାହାନ୍ତି। ୫୦୦ ଗୋରୁ ଗାଈ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୩୮୨ ବଡ଼ ପ୍ରାଣୀ ଓ ୧୧୮ ଟି କ୍ଷୁଦ୍ର ପ୍ରାଣୀ ଅଛନ୍ତି। ବାତ୍ୟା ପ୍ରଭାବରେ ୨ଟି କଚା ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

ଜିଲା ପୋଲିସ ବାହିନୀ, ଅଗ୍ନିଶମ ବାହିନୀ, ଏନ୍‌ଡିଆରଏଫ୍, ଓଡ୍ରାଫ ଟିମ୍ ସହ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଥଇଥାନ ବ୍ୟବସ୍ଥାରେ ଲାଗିଛନ୍ତି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ବିଭିନ୍ନ ବ୍ଲକ ଗସ୍ତ କରି ଆଶ୍ରୟ ସ୍ଥଳରେ ମୌଳିକ ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଜିଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ (ଫୋନ ନମ୍ବର ୦୬୭୨୮-୨୨୨୬୪୮)ଖୋଲା ଯାଇଛି। ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଓ ନବକ୍ରିଷ୍ଣ ଜେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲାପାଳ ଅଂଶୁମାନ ଶତପଥୀ ବିଭିନ୍ନ ବ୍ଲକ ଅଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କଣ୍ଟ୍ରୋଲରୁମ ଖୋଲାଯାଇଛି । ଏହାସହିତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କୁ ସତର୍କ କରାଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଯାଜପୁର ବ୍ଲକରେ ୮ ମିମି, ବିଂଝାରପୁର ବ୍ଲକରେ ୧୨ ମିମି, ଦଶରଥପୁର ବ୍ଲକରେ ୧୯ ମିମି, ଦାନଗଦି ବ୍ଲକରେ ୨ ମିମି, ରସୁଲପୁର ବ୍ଲକରେ ୨.୪ ମିମି, ଧର୍ମଶାଳା ବ୍ଲକରେ ୨ ମିମି, ବଡ଼ଚଣା ବ୍ଲକରେ ୪ ମିମି, ବରୀ ବ୍ଲକରେ ୨.୨ ମିମି ବର୍ଷା ରେକର୍ଡ କରାଯାଇଛି।



ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି ।

# ଶିକ୍ଷା, ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ ହେବ: ଧର୍ମେନ୍ଦ୍ର

## ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)



ଅଷ୍ଟ୍ରେଲିଆ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାର ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏ. ଗିଲ୍‌ଙ୍କ ସହ 'ଦ୍ୱିତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ' (ଏଆଇଇଏସ୍‌ସି)ରେ ଯୋଗଦେଇଛନ୍ତି। ଶିକ୍ଷା, ଦକ୍ଷତା ଓ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ କରିବା ନେଇ ବୈଠକରେ ଫଳପ୍ରଦ ଆଲୋଚନା ହୋଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ ୨ ଦେଶ ମଧ୍ୟରେ ଜ୍ଞାନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ପ୍ରାଥମିକତାକୁ ଆଗକୁ ନେବା ତଥା ଏହି କ୍ଷେତ୍ରରେ ନୂତନ ଭିତ୍ତିଭୂମି ସୃଷ୍ଟି କରିବାର ଏକ ଭଲ ମାଧ୍ୟମ ହୋଇଛି। ଏହି ବୈଠକ ଉଭୟ ଅଷ୍ଟ୍ରେଲିଆ ଓ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନାରେ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଭାବେ ଉଭାହୋଇଛି। ଶିକ୍ଷା ଏବଂ ଦକ୍ଷତା ଭାରତ ଓ ଅଷ୍ଟ୍ରେଲିଆର ଆର୍ଥିକ ସମୃଦ୍ଧିକୁ ମଜଭୁତ କରିବ। ଉଭୟ ଦେଶର ଜନସାଧାରଣ ଏବଂ ଅନୁଷ୍ଠାନ ମଧ୍ୟରେ ସ୍ଥାୟୀ ସମ୍ପର୍କ ସ୍ଥାପନ ଦିଗରେ ଏହି ବୈଠକ ଏକ ଉତ୍ପ୍ରେରକ ନିଷ୍ପତ୍ତି ହୋଇଥିବା କାର୍ଯ୍ୟକୁ ଆଗେଇନେବା ପାଇଁ ସମ୍ପ୍ରତି ପ୍ରକାଶ କରିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷାର ଆବଶ୍ୟକତା, ଶିକ୍ଷା ଓ ଦକ୍ଷତା ମାଧ୍ୟମରେ ସ୍କିଲ୍ ଦୂରତାକୁ ହ୍ରାସ କରିବା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଗବେଷଣାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ଏଆଇଇଏସ୍‌ସି ବୈଠକ ସ୍କୁଲ ଶିକ୍ଷା, ଦକ୍ଷତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗୀଦାରିକୁ ମଜଭୁତ କରିବ। ଦୁଇ ଦେଶର ସମ୍ପର୍କକୁ ନିବିଡ଼ କରିବା ଏବଂ ୨୦୨୫ରେ ଭାରତରେ ପରବର୍ତ୍ତୀ ଏଆଇଇଏସ୍‌ସି ବୈଠକର ଯୋଜନା କରିବା ପାଇଁ ଉଭୟ ମନ୍ତ୍ରୀଙ୍କ ସହ ଫଳପ୍ରଦ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି। ପ୍ରାରମ୍ଭିକ ଶିଶୁ ଶିକ୍ଷା କାର୍ଯ୍ୟବଳକୁ ଶିକ୍ଷିତ କରିବାରେ ଭାଗୀଦାରିର ସୁଯୋଗ ଅନ୍ୱେଷଣ ପାଇଁ ଧର୍ମେନ୍ଦ୍ର ସିଡ୍‌ନୀର 'ଅର୍ବନ ଲଙ୍ଗ୍ ଡେ ଚାଇଲ୍ଡ କେୟାର ସେଣ୍ଟର' ପରିଦର୍ଶନ କରିଛନ୍ତି।

# ନୂଆ ଜୀବନ ପାଇଲେ ଅଚ୍ୟୁତ

## ଏସ୍‌ସିବିରେ କ୍ରାନିଓଫେସିଆଲ କ୍ଲେଫ୍ଟ ଅସ୍ତ୍ରୋପଚାର ସଫଳ

କଟକ,୨୪।୧୦
(ଶିଲ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ବୁଧବାର ଅସ୍ତ୍ରୋପଚାର ସଫଳ ହୋଇଛି। ଫଳରେ ୧୧ ମାସର ଜଣେ ଶିଶୁ ନୂଆ ଜୀବନ ପାଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ଯୁଗଳ ଦାସଙ୍କ ପୁଅ ଅଚ୍ୟୁତ। ସେ କ୍ରାନିଓଫେସିଆଲ କ୍ଲେଫ୍ଟ ରୋଗରେ ଆକ୍ରାନ୍ତ ହେବା ସହ ଜନ୍ମରୁ ଗ୍ରହଣଖଣ୍ଡିଆରେ ପୀଡିତ ଥିଲେ। ଚିକିତ୍ସା ଲାଗି ତାଙ୍କୁ ଗତ ସେପ୍ଟେମ୍ବର ୨୩ ତାରିଖରେ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସମସ୍ତ ପରୀକ୍ଷାନିରୀକ୍ଷା କରାଯାଇଥିଲା। ବୁଧବାର ପ୍ଲାଷ୍ଟିକ ସର୍ଜରି ବିଭାଗରେ ପ୍ରାୟ ୧ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଶିଶୁର ସମସ୍ତ ଚିକିତ୍ସା ଅର୍ଥ ପ୍ରଦାନ କରାଯାଇଛି। ପ୍ଲାଷ୍ଟିକ ସର୍ଜରି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ବିଶ୍ୱଜିତ୍ ମିଶ୍ରଙ୍କ ନେତୃତ୍ୱରେ ୯ ଜଣିଆ ଡାକ୍ତରୀ ଟିମ୍ ଶିଶୁର ଅସ୍ତ୍ରୋପଚାର କରିଥିବାବେଳେ ଆର୍‌ବିଏସ୍‌କେର ମ୍ୟାନେଜର ସତ୍ୟନାରାୟଣ ତ୍ରିପାଠୀ ସମସ୍ତ ସହଯୋଗ କରିଥିଲେ।

ଏନେଇ ଡା. ବିଶ୍ୱଜିତ୍ ମିଶ୍ର କହିଛନ୍ତି, ଜନ୍ମରୁ ଶିଶୁର ବହୁ ସମସ୍ୟା ରହିଥିଲା। ପୂର୍ବରୁ ମୁଣ୍ଡର ଅସ୍ତ୍ରୋପଚାର କରାଯାଇଛି। ଏହାସହ ଆଖି ଓ ନାକରେ ମଧ୍ୟ ସମସ୍ୟା ରହିଛି। କ୍ରାନିଓଫେସିଆଲ ଓ ଗ୍ରହଣଖଣ୍ଡିଆ ଥିବାରୁ ପ୍ରଥମେ ଓଠର ଅସ୍ତ୍ରୋପଚାର କରାଯାଇଛି। ୩ରୁ ୬ ମାସ ପରେ ପାଟିର ପ୍ୟାଲେଟ୍ ବା ତାଳିର ଅସ୍ତ୍ରୋପଚାର କରାଯିବ। ଜନ୍ମରୁ ଶିଶୁ ଖାଦ୍ୟ ନଳି ଯୋଗେ ଖାଦ୍ୟ ଖାଉଥିଲେ। ଏବେ ପାଟିରେ ତରଳ ଖାଦ୍ୟ ଖାଇପାରିବ। ତାଳିର ଅସ୍ତ୍ରୋପଚାର ପରେ ଶିଶୁଟି ଅନ୍ୟମାନଙ୍କ ଭଳି ବିଭିନ୍ନ ଖାଦ୍ୟ ଖାଇପାରିବ। ଶିଶୁ ଏବେ ସୁସ୍ଥ ରହିଥିବା ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ହାଇଡ୍ରୋସେଫାଲସ୍ ରୋଗରେ ଆକ୍ରାନ୍ତ ହୋଇ ଅଚ୍ୟୁତଙ୍କ ମୁଣ୍ଡର ଆକାର ବଢ଼ିବାରୁ ଜୀବନ ପ୍ରତି ବିପଦ ଥିଲା। ୨ ମାସ ପୂର୍ବେ ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରୀ ବିଭାଗରେ ତାଙ୍କ ମସ୍ତିଷ୍କରେ ଏକ ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା।


# ବାତ୍ୟା ସମୟରେ ବ୍ୟାହତ ହେବନି ଟେଲିକମ୍ ସେବା: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)

ରେଡ୍ ଜୋନ୍‌ର ୭ ଜିଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ମୟୂରଭଞ୍ଜ, ଯାଜପୁର ଏବଂ କଟକରେ ବିଏସ୍‌ଏନ୍‌ଏଲ୍, ଜିଓ, ଏୟାରଟେଲ ଓ ଭୋଡାଫୋନର ସମୁଚିତ ସହଯୋଗରେ ଗୁରୁବାର ସକାଳ ୮ ଟାଠାରୁ ଇଣ୍ଟ୍ରା ସର୍କଲ ରୋମିଂ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମହାଲିଙ୍ଗ କହିଛନ୍ତି, ଗୋଟିଏ ଟେଲିକମ୍ କମ୍ପାନୀର ନେଟ୍‌ୱର୍କ ଡାଉନ୍ ହୋଇଗଲେ ଅନ୍ୟ ଟେଲିକମ୍ କମ୍ପାନୀର ନେଟ୍‌ୱର୍କକୁ ଜନସାଧାରଣ ବ୍ୟବହାର କରିପାରୁଛନ୍ତି। ରେଡ୍ ଜୋନ୍ ଅନ୍ତର୍ଗତ ୭ ଜିଲାର ଜନସାଧାରଣ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇପାରୁଛନ୍ତି। ସବୁ ଟାୱାରରେ ମୁଖ୍ୟତଃ ରେଡ୍ ଜୋନ୍‌ରେ ଥିବା ଜିଲା ଗୁଡିକରେ ଡିଜି ସେଟ୍ ପ୍ରସ୍ତୁତ ରଖାଯାଇଛି। ଟେଲିକମ୍ ପ୍ରଦାନକାରୀ ସଂସ୍ଥା ମଧ୍ୟ ସେଲ୍ ଅନ୍ ହୁଇଲ୍‌ର ବ୍ୟବସ୍ଥା କରିଛନ୍ତି। କୌଣସି ସ୍ଥାନରେ ଟାୱାର ଖରାପ ହେଲେ ଟେଲିକମ୍ କମ୍ପାନୀଗୁଡ଼ିକର ବୈଷୟିକ ଦଳ ତାହାର ତୁରନ୍ତ ମରାମତି କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ ମହାଲିଙ୍ଗ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗର ବରିଷ୍ଠ ଅଧିକାରୀ ଓ ଟେଲିକମ୍ କମ୍ପାନୀଗୁଡିକର କର୍ମକର୍ତ୍ତାଙ୍କ ସହ ଲୋକସେବା ଭବନ ସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଲୋଚନା ପରେ ପ୍ରକାଶ କରିଛନ୍ତି।

# ପାରଳାଖେମୁଣ୍ଡି ରେଳ ଷ୍ଟେଶନର ପୁନର୍ବିକାଶ

ଭୁବନେଶ୍ୱର,୨୪।୧୦
(ଅନୁରାଧା ମହାରଣା)



ରେଳ ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ୫୭ଟି ଅମୃତ ଷ୍ଟେଶନ ମଧ୍ୟରେ ଅନ୍ତର୍ଭୁକ୍ତ ପାରଳାଖେମୁଣ୍ଡି ରେଳ ଷ୍ଟେଶନର ପୁନର୍ବିକାଶ କରାଯାଉଛି। ଆନ୍ଧ୍ରପ୍ରଦେଶ ସୀମା ନିକଟରେ ମହେନ୍ଦ୍ରତନୟା ନଦୀ କୂଳରେ ଅବସ୍ଥିତ ଏହି ଷ୍ଟେଶନକୁ ପ୍ରାୟ ୧୨ କୋଟି ଟଙ୍କା ବ୍ୟୟରେ ନୂଆ ରୂପ ଦିଆଯାଉଛି। ପଡୋଶୀ ସହର ଆନ୍ଧ୍ରପ୍ରଦେଶର ପାଠପଟଣମ୍‌ରୁ ଓଡ଼ିଶା ରାଜ୍ୟ ରାଜପଥ ୪ ଓ ଜାତୀୟ ରାଜପଥ ୩୨୬ଏ ମାଧ୍ୟମରେ ସଂଯୋଗୀକରଣ ହୋଇଛି, ଯାହା ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ଅଞ୍ଚଳକୁ ସଂଯୋଗ କରୁଛି। ଏହି ପୁନର୍ବିକାଶ ଯାତ୍ରୀ ସେବାକୁ ତ୍ୱରାନ୍ୱିତ କରିବ। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଗୁଣୁପୁରଠାରୁ ନୌପଡ଼ା ପର୍ଯ୍ୟନ୍ତ ୯୦ କିଲୋମିଟର ଦୀର୍ଘ ବ୍ରଡ୍‌ଗେଜ ରେଳ ଲାଇନ ଦ୍ୱାରା ରେଳ ସଂଯୋଗ ସୁବିଧା କରାଯାଇଛି। ଏହା ଆଞ୍ଚଳିକ ପରିବହନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେବେ ପ୍ରସ୍ତାବିତ ଯୋଜନାନୁସାରେ ଏହି ନୂତନ ଷ୍ଟେଶନ ବିଲ୍ଡିଂ ୧୩୭୫ ବର୍ଗମିଟର କ୍ଷେତ୍ରରେ ନିର୍ମାଣ କରାଯାଉଛି। ଏଥିରେ ୭୨ ବର୍ଗମିଟରର ବିଶିଷ୍ଟ ବାଣିଜ୍ୟିକ କ୍ଷେତ୍ର ରହିଛି। ସେହିପରି ପ୍ଲାଟ୍‌ଫର୍ମ ୧ ଓ ୨ ମଧ୍ୟରେ ଯାତାୟାତ ପାଇଁ ୧୨ ମିଟର ଚଉଡା ଫୁଟ୍ ଓଭର ବ୍ରିଜ ନିର୍ମାଣ କରାଯାଉଛି। ୧୪,୩୨୬.୯ ବର୍ଗମିଟର ଚଳପ୍ରଚଳ କ୍ଷେତ୍ରର ଉନ୍ନତୀକରଣ ସହ ୨୭୧୧.୯ ବର୍ଗମିଟରର ବିଶିଷ୍ଟ ପାର୍କିଂ କ୍ଷେତ୍ର ପ୍ରସ୍ତୁତ କରାଯାଉଛି। ଆଧୁନିକୀକରଣରେ ସମୁଦାୟ ୮ଟି ପ୍ଲାଟ୍‌ଫର୍ମ ବେ' (ଆଶ୍ରୟସ୍ଥଳ)ସହ ପ୍ରିମିୟମ ଲାଉଞ୍ଜ, ପ୍ରଥମ ଶ୍ରେଣୀ ପ୍ରତୀକ୍ଷା ହଲ୍, ଦ୍ୱିତୀୟ ଶ୍ରେଣୀ ଅପେକ୍ଷା ହଲ୍ ଓ ଏକ ନୂତନ ପ୍ରିମିୟମ ଟଏଲେଟ ବ୍ଲକ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଉଚ୍ଚ ଜୁଆର: ଲୋକେ ଆତଙ୍କିତ

କେନ୍ଦ୍ରାପଡ଼ା,୨୪।୧୦(ଜଗନ୍ନାଥ ଧଳ)

ବାତ୍ୟା 'ଦାନା' ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସମୁଦ୍ର ତଟାଞ୍ଚଳବାସୀଙ୍କୁ ଆତଙ୍କିତ କରିଛି। ଗୁରୁବାର ସମୁଦ୍ରରେ ପ୍ରାୟ ୨ ମିଟର ଉଚ୍ଚ ଜୁଆର ଉଠି ତଟବର୍ତ୍ତୀ ଅଞ୍ଚଳକୁ ସନ୍ଧ୍ୟା ସୁଦ୍ଧା ମାଡ଼ି ଆସୁଛି। ବାତ୍ୟା ଦାନା ସ୍ଥଳ ଭାବ ପୂର୍ବରୁ ସୃଷ୍ଟି ହୋଇଥିବା ଏହି ଭୟଙ୍କର ଦୃଶ୍ୟ ଆଗାମୀ ସମୟରେ ଅଧିକ ହେବା ସହ କେତେଗୋଟି ଗ୍ରାମକୁ ପାଣି ପଶିବା ଭୟ ଦେଖାଦେଇଛି। ଏହି ଜିଲାର ଭିତରକନିକା ଅଞ୍ଚଳରେ ବାତ୍ୟା ଦାନା ମଧ୍ୟରାତ୍ର ସୁଦ୍ଧା ସ୍ଥଳ ଭାବ ହେବ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ଏହାପୂର୍ବରୁ ସାମୁଦ୍ରିକ ଜୁଆର ଆସି କୂଳ ଲଂଘୁଛି। ରାଜନଗର ଓ ମହାକାଳପଡ଼ା ତଟାଞ୍ଚଳର ପେଣ୍ଠ, ତାଳଚୁଆ, ବାଲିସାହି, ଲଳିତପାଟିଆ, ଏଣ୍ଡୁଲାପୁର, ସୁବର୍ଣ୍ଣପୁର, ସୁନ୍ଦରିପାଳ ଆଦି ସ୍ଥାନରେ ଜୁଆର ଉଗ୍ର ହୋଇଛି। ସେହିପରି ବରୁଣେଇ, ଜଗତିଜୋର, ତଣ୍ଡିଆପାଳ ଆଦି ସ୍ଥାନରେ ସମୁଦ୍ର ମାଡ଼ି ଆସିବା ଭୟ ଦେଖାଦେଇଛି।

# ୪ଜଣ ପାଇବେ ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୪।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ତ୍ରିଧାରର ୧୮ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୬ ଓ ୨୭ ତାରିଖରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଚଳିତବର୍ଷ ଓଡ଼ିଶୀ ନୃତ୍ୟରେ ପଦ୍ମଶ୍ରୀ ମାୟାଧର ରାଉତ, ଓଡ଼ିଶୀ ସଙ୍ଗୀତରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ମର୍ଦ୍ଦଳରେ ଗୁରୁ ହରମୋହନ ଖୁଣ୍ଟିଆ ଓ ନାଟ୍ୟ ସାହିତ୍ୟରେ ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ଆଜୀବନ ସାଧନା ନିମନ୍ତେ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ୨୦୨୪' ପ୍ରଦାନ କରାଯିବ। ସେହିପରି ଗୁରୁ ଦେବପ୍ରଦାସ ସମ୍ମାନ ୨୦୨୪ରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ, ପଦ୍ମଶ୍ରୀ ଚିତ୍ରା ବିଶ୍ୱେସରନ, ପଦ୍ମଶ୍ରୀ ରାମଲାଲ ବରେଥ ଏବଂ ପଦ୍ମଶ୍ରୀ ଗୁରୁ ଭାଗବତ ପ୍ରଧାନଙ୍କୁ ପ୍ରଦାନ କରାଯିବ। ଏଥିସହ ଭାରତନାଟ୍ୟମ୍ ନୃତ୍ୟରେ ଅଜିଥ ଭାସ୍କର, କଥକରେ ରୂପାରାଣୀ ଦାସ ବୋରାହ, ବେହେଲା ବାଦନରେ ତେଜସ ଉପାଧ୍ୟାୟ ଏବଂ ଓଡ଼ିଶୀ ନୃତ୍ୟରେ ବିକ୍ନେଶ୍ୱରମ ଗୁଣସାଗରଙ୍କୁ ପ୍ରଦାନ କରାଯିବ। ଏ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଗୁରୁ ଗଜେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

# ଆଜି ବନ୍ଦ ରହିବ ଧଉଳି ଶାନ୍ତିସ୍ତୂପ



ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ପର୍ଯ୍ୟଟକମାନଙ୍କ ସୁରକ୍ଷା ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଧଉଳି ଶାନ୍ତିସ୍ତୂପକୁ ଗୁରୁବାର ଅପରାହ୍ନ ୧ଟାରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏନେଇ ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।


**Government of Odisha**
**Office of the Superintending Engineer, Rural Works Division-II, Dhenkanal Kamakhyanagar**
No.O-479
E-Mail : rw.kamakhyanagar@yahoo.co.in
**e-procurement Notice No. 10 / Building Work / 2024-25**

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 01 (One) No. |
| 3 | Tender Cost | : | Rs. 46.69 lakh (approx) |
| 4 | Class of Contractor | : | "B" Class |
| 5 | Period of Completion | : | 6 calendar months |
| 6 | Availability of Tender online for bidding | : | 29.10.2024 at 11.00 A.M. to 11.11.2024 up to 5.00 P.M. |
| 7 | Last Date & Time of seeking tender clarification | : | 08.11.2024 upto 4.00 P.M. |
| 8 | Date & Time of opening of Bid | : | 12.11.2024 at 11.00 A.M. |

Other Details can be seen from the website http://tendersorissa.gov.in.
Sd./- Superintending Engineer
R.W. Division-II, Dhenkanal
Kamakhyanagar
OIPR-25094/11/0013/2425



**ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ**
ନଂ.1861, ତା.21.10.24
**ଏନ୍.ଏ.ସି. ସମ୍ପତ୍ତି ନିଲାମ ଟେଣ୍ଡର ନିମନ୍ତେ ବିଜ୍ଞାପନ**

**No.C-815:** ପରିଷଦର ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ନିଲାମ କରାଯିବାପାଇଁ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ପରିଷଦର ନିମ୍ନଲିଖିତ ସମ୍ପତ୍ତିଗୁଡିକ ଧାର୍ଯ୍ୟ ସମୟ ଅବଧି ଓ ପରିମାଣ ଅନୁଯାୟୀ ସିଲଡ୍ ନିଲାମ/ଟେଣ୍ଡର ଦରଖାସ୍ତ ଦ୍ୱାରା ଆସନ୍ତା ତା.୨୨.୧୦.୨୦୨୪ ରିଖ ମଧ୍ୟାହ୍ନ ଘ.୧୨.୦୦ ଠାରୁ ତା.୦୪.୧୧.୨୦୨୪ ରିଖ ଅପରାହ୍ନ ଘ.୨.୦୦ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସ ମଧ୍ୟରେ ଟେଣ୍ଡର ପେପର ବିକ୍ରି କରାଯିବ । ତା.୦୫.୧୧.୨୦୨୪ ରିଖ ପୂର୍ବାହ୍ନ ଘ.୧୦.୦୦ ଠାରୁ ଅପରାହ୍ନ ଘ.୨.୦୦ ଘଟିକା ପର୍ଯ୍ୟନ୍ତ ନିଲାମ ଦରଖାସ୍ତ ଫର୍ମ ଟେଣ୍ଡର ବାକ୍ସ ମାଧ୍ୟମରେ ଗ୍ରହଣ କରାଯିବ ଏବଂ ତା.୦୫.୧୧.୨୦୨୪ ରିଖ ଅପରାହ୍ନ ଘ.୩.୩୦ ସମୟରେ ସମ୍ପୃକ୍ତ ନିଲାମ/ଟେଣ୍ଡର ଠିକାଦାର କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ସମସ୍ତ ଦରଖାସ୍ତ ଫର୍ମଗୁଡିକୁ ଟେଣ୍ଡର ବାକ୍ସ ମଧ୍ୟରୁ ଖୋଲାଯିବାକୁ ସ୍ଥିର ହୋଇଅଛି । ଏଣୁ ପରିଷଦର ନିମ୍ନ ସମ୍ପତ୍ତିକୁ ନିଲାମ/ଟେଣ୍ଡରରେ ନେବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତିବିଶେଷ/ ଠିକାଦାର ପରିଷଦ କାର୍ଯ୍ୟ ଦିବସ ମଧ୍ୟରେ ଆବଶ୍ୟକୀୟ ଟେଣ୍ଡର ଦରଖାସ୍ତ ଫର୍ମ ପ୍ରାପ୍ତି ନିମନ୍ତେ ପରିଷଦ ସହିତ ଯୋଗାଯୋଗ କରିବାକୁ ଜଣାଇ ଦିଆଗଲା । ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ନିଲାମ/ଟେଣ୍ଡରକୁ ରଦ୍ଦ କରିପାରିବେ ।

**ନିଲାମ/ ଟେଣ୍ଡର ହେବାକୁ ଥିବା ପରିଷଦ ସମ୍ପତ୍ତିର ବିବରଣୀ**

| କ୍ର.ନଂ. | ନିଲାମ/ଟେଣ୍ଡର ହେବାକୁ ଥିବା ପରିଷଦ ସମ୍ପତ୍ତିର ନାମ | ସମୟ ଅବଧି | ପରିଷଦ ଦ୍ୱାରା ଧାର୍ଯ୍ୟ ମୂଲ୍ୟ | ଦରଖାସ୍ତ ଫର୍ମର କ୍ରୟ ମୂଲ୍ୟ | ଅମାନତ ବାବଦ ୧୦% ଜମା ଅର୍ଥର ପରିମାଣ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୦୧ | ପୋଲିସ ବନ୍ଧ | ୦୩ ବର୍ଷ ପାଇଁ (୨୦୨୪-୨୫ ଠାରୁ ୨୦୨୬-୨୭) ୦୧.୧୧.୨୦୨୭ ପର୍ଯ୍ୟନ୍ତ | ଟ.୧,୫୩,୫୦୦/- | ଟ.୬୦୦/- | ଟ.୧୫,୩୫୦/- |
| ୦୨ | ତଳି ବନ୍ଧ | ୦୩ ବର୍ଷ ପାଇଁ (୨୦୨୪-୨୫ ଠାରୁ ୨୦୨୬-୨୭) ୦୧.୧୧.୨୦୨୭ ପର୍ଯ୍ୟନ୍ତ | ଟ.୧,୯୮,୫୦୦/- | ଟ.୬୦୦/- | ଟ.୧୯,୮୫୦/- |
| ୦୩ | କିରାନିମୁଣ୍ଡା ବନ୍ଧ | ୦୩ ବର୍ଷ ପାଇଁ (୨୦୨୪-୨୫ ଠାରୁ ୨୦୨୬-୨୭) ୦୧.୧୧.୨୦୨୭ ପର୍ଯ୍ୟନ୍ତ | ଟ.୬,୬୦୦/- | ଟ.୨୦୦/- | ଟ.୬୬୦/- |
| ୦୪ | ଖଣ୍ଡୋହତା ବନ୍ଧ | ୦୩ ବର୍ଷ ପାଇଁ (୨୦୨୪-୨୫ ଠାରୁ ୨୦୨୬-୨୭) ୦୧.୧୧.୨୦୨୭ ପର୍ଯ୍ୟନ୍ତ | ଟ.୧,୦୫,୬୦୦/- | ଟ.୬୦୦/- | ଟ.୧୦,୫୬୦/- |
| ୦୫ | ହରିଡାନାଳି ବନ୍ଧ | ୦୩ ବର୍ଷ ପାଇଁ (୨୦୨୪-୨୫ ଠାରୁ ୨୦୨୬-୨୭) ୦୧.୧୧.୨୦୨୭ ପର୍ଯ୍ୟନ୍ତ | ଟ.୪୦,୮୦୦/- | ଟ.୪୦୦/- | ଟ.୪,୮୦୦/- |

OIPR-13161/11/0003/2425
ସ୍ୱା./-ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ



**ZILLA SWASTHYA SAMITI, KHORDHA**
**OFFICE OF THE CDMO-cum-DISTRICT MISSION DIRECTOR, KHORDHA**
**TENDER CALL NOTICE**
**Adv. No.06/2024** **Date : 23.10.2024**

**No.E-433** : Sealed tenders are invited from registered agency for supply of various office stationeries to the office of C.D.M & P.H.O, Khordha for a period of one year on an annual rate contracts basis.

The sealed quotation should reach at O/o CDM & PHO, Khordha in any working day by 21.11.2024 till 5.00 P.M. along with all required documents by Speed post/Regd. post/Courier only by superscribing on the top of the envelop **"Providing of Stationary & Consumables items vide Ref No. 06/2024"**. The tender will be opened on 22.11.2024 at 11.30 A.M. in the office of the undersigned in presence of the bidders/authorised representative of the bidders. Details regarding items and terms & conditions may be downloaded from **www.khordha.odisha.gov.in**. The undersigned reserves the right to accept or reject any or all the tenders without assigning any reason thereof.

Sd./- CDM & Public Health Officer, Khordha
OIPR-10029/11/0007/2425



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-477
Bid Identification No. Online Tender / 10-2024-25/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 10-2024-25/BPR | Buildings Works | 05 Nos. | From Rs.100.57 Lakhs to Rs.195.12 Lakhs | "B" Class & "A" Class as applicable | 12 (Twelve) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 10-2024-25/BPR | 29.10.2024 at 10.00 A.M. | 12.11.2024 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0013/2425
Sd./- Chief Engineer, R.W. Circle, Berhampur



**OFFICE OF THE SUB-COLLECTOR & SUB-DIVISIONAL MAGISTRATE, CUTTACK**
No.15150/Date.22.10.2024
**TENDER EXTENSION NOTICE**

**No.W-** : The Tender Notice No.14440 Dtd. 08.10.2024 for auction sale of parking spaces at different location of Cuttack Town for Balijatra_Cuttack Utsav-2024 issued by the office of the Sub-Collector & Sub-Divisional Magistrate, Cuttack has been extended for another 3 (three) days in view of the impending cyclonic situation and the last date for tender submission and opening of tender are given below :

| | | |
|---|---|---|
| a) | Last date of Submission/Receipt of Tender Paper | 25.10.2024 up to 05.00 P.M. |
| b) | Opening of Tender Paper | 26.10.2024 at 11.30 A.M. |

By the order of
Collector & D.M., Cuttack
Sd./- Sub-Collector & Sub-Divisional Magistrate, Cuttack
OIPR-24410/11/0002/2425



**GOVERNMENT OF ODISHA**
**OFFICE OF SUPERINTENDING ENGINEER MINOR IRRIGATION DIVISION, MALKANGIRI**
E-mail ID: - midivmalkangiri@gmail.com
**NOTICE INVITING TENDER**
**E-Procurement Notice**
**Bid Identification No. SEMIDMKG-04/2024-25**
Letter No. 1466 Dt. 22.10.2024

**No.A-463:** The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Improvement to Dam Top road from 00 mtr to 1500 mtr of Mathili MIP in Mathili Blocks of Malkangiri District under CAPEX Road Scheme 2024-25.
2. Total Number of work : 01 (One) No.
3. Estimated cost : Approximately Rs. 65.68 lakh.
4. Period of completion : 06 (Six) Calendar Months
5. Class of Contractor : "B" Class Contractor
6. Date and time of availability of bid documents in the portal : From 10.00 A.M of 29.10.24 to 5.00 PM of 18.11.2024
7. Last date /time for receipt of bids in the portal : 5.00 PM on 18.11.2024
8. Date of opening of bid : At 11.00 am on 19.11.2024 in website **www.tendersorissa.gov.in**
9. Submission of Bids : Online mode
10. Name of the Officer Inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Website: **www.tendersorissa.gov.in**

Sd./- Superintending Engineer
M.I. Division, Malkangiri
OIPR-32364/11/0004/2425



**ଓଡ଼ିଶା ଲୋକସେବା ଆୟୋଗ**
**ପ୍ରେସ୍ ଇସ୍ତାହାର**
ସଂଖ୍ୟା: ୬୦୩୧/PSC ତା୨୩।୧୦।୨୪ରିଖ

No. D-151: ଏତଦ୍ୱାରା ସମସ୍ତ ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ଭାବ୍ୟ ବାତ୍ୟା ''ଦାନା''କୁ ଦୃଷ୍ଟିରେ ରଖି ୨୭।୧୦।୨୦୨୪(ରବିବାର)ରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ସିଭିଲ ସର୍ଭିସ୍ (ପ୍ରିଲିମିନାରୀ) ପରୀକ୍ଷା-୨୦୨୩କୁ ସ୍ଥଗିତ ରଖାଗଲା। ଏହି ପରୀକ୍ଷାର ପରବର୍ତ୍ତୀ ତାରିଖ ଆସନ୍ତା ୭ଦିନ ମଧ୍ୟରେ ଓଡ଼ିଶା ଲୋକସେବା ଆୟୋଗର ୱେବ୍‌ସାଇଟ୍ **www.opsc.gov.in**ରେ ଜଣାଇ ଦିଆଯିବ।

କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା./- ସଚିବ
ଓଡ଼ିଶା ଲୋକସେବା ଆୟୋଗ
OIPR-12002/11/0079/2425



**GOVERNMENT OF ODISHA**
**E-Procurement Notice**
**OFFICE OF THE SUPERINTENDING ENGINEER SONEPUR (R&B) DIVISION, SONEPUR**
E-mail- eepwdsnpr@gmail.com, Phone-06654-221081
BID IDENTIFICATION No.SE/R&B/SNPR/07/2024-25
No.5491// Dt.17.10.24

**No.O-469:** 1.The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Double Cover System in Online Mode for Road/Building works detailed in the DTCN from the eligible Class of Contractors.
2. No. of Work : 24 (Twenty Four)
3. Tender Cost : Rs.10,000/- for Serial No.1 to 24
4. Class of Contractor : "B" Class Contractor for Serial No.1 to 24
5. Date and Time Available in Website & receipt of Bids: **From 10.00 AM of 28.10.2024 to 5.00 P.M. of 11.11.2024.**
6. Date of Opening of Tender : **12.11.2024 at 11.00 A.M.**
7. The Bidders have to participate in Online bidding only, further details can be seen from the Website.
8. Any Corrigendum/ Addendum will be displayed in the website www.tendersodisha.gov.in only.

Sd./- Additional Chief Engineer
Sonepur (R&B) Division, Sonepur
OIPR-25054/11/0007/2425



**GOVERNMENT OF ODISHA, "e" - PROCUREMENT NOTICE**
Bid Identification No. E.E. GTN (R&B) - 11/2024-25
No.B-466
E-mail address - eeghatagaon2015@gmail.com
**Letter No. 7593** **dt.17.10.2024**

| | | | |
|---|---|---|---|
| 1 | The Executive Engineer, Ghatagaon (R&B) Division on behalf of Governor of Odisha invites percentage rate bids in Double Cover/Single Cover system in online mode from the eligible contractor for Building/Composite works as mentioned below. | | |
| 2 | Nature of the work | : | Building Work (Composite) |
| 3 | Numbers of work | : | 25 (Twenty Five) Nos. |
| 4 | Estimated cost | : | Rs. 16.86 lakhs to Rs. 76.41 Lakhs (Approx) |
| 5 | Period of completion | : | 02 & 03 (Two and Three Calendar Months) |
| 6 | Date & Time of availability of bid document in the portal | : | From 11.30 A.M. of dt.28.10.2024 to 05.00 P.M. of dt.04.11.2024 |
| 7 | Last Date/Time for receipt of bids in the portal | : | 05.00 P.M. of dt.04.11.2024 |
| 8 | Date of opening of Bid | : | 11.00 A.M. of dt.05.11.2024 |
| 9 | Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the same website only. | | |

Sd./- H.K. Panda dt.17.10.2024
Executive Engineer
Ghatagaon (R&B) Division
OIPR-34140/11/0006/2425



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ରେକର୍ଡ ସ୍ତରରେ ରୁପା ଦର

## ୮୦,୦୦୦ ଟପିଲା ସୁନା

ନୂଆଦିଲ୍ଲୀ,୨୪।୧୦ (ଅଭୟ ଦାଶ)




କ୍ରମାଗତ ଭାବେ ଉଭୟ ସୁନା ଓ ରୁପା ଦର ବୃଦ୍ଧି ପାଉଥିବେଳେ ମୂଲ୍ୟବାନ୍ ଅଳଙ୍କାର ଓ ହୀରା ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଗତ ୧ ସପ୍ତାହ ମଧ୍ୟରେ ରୁପା ଦର ପ୍ରାୟ ୧୫ ହଜାର ବୃଦ୍ଧି ପାଇଁ ରେକର୍ଡ ସ୍ତରରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୨୦୦୦ ଟଙ୍କା ବୃଦ୍ଧି ପାଇ ୧,୦୭,୨୦୦ ଟଙ୍କାରେ କାରବାର ହେଉଥିଲାବେଳେ ୨୪ କ୍ୟାରେଟ ସୁନା ପ୍ରତି୧୦ ଗ୍ରାମ ପିଛା ୪୫୦ ଟଙ୍କା ବଢି ୮୦,୨୫୩ ଟଙ୍କାରେ ପହଞ୍ଚିଛି। ସେହିଭଳି ୨୨ କ୍ୟାରେଟ ସୁନା ପ୍ରତି୧୦ ଗ୍ରାମ ପିଛା ୭୨୦ ଟଙ୍କା ବଢି ୭୩,୫୮୩ ଟଙ୍କାରେ କାରବାର ହେଉଥିଲାବେଳେ ୧୮ ଏବଂ ୧୪ କ୍ୟାରେଟ ସୁନାର ଦରରେ ମଧ୍ୟ ପରିବର୍ତ୍ତନ ହୋଇଛି। ସେହିପରି ଦେଶର ପ୍ରମୁଖ ମହାନଗର ଚେନ୍ନାଇ, ମୁମ୍ବାଇ ଏବଂ କୋଲକାତାରେ ରୁପା ଦର କେ.ଜି ପିଛା ଯଥାକ୍ରମେ ୧,୧୪,୮୦୦ ଟଙ୍କା, ୧,୦୬,୫୦୦ ଟଙ୍କା ଏବଂ ୧,୦୮,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ଦର ୮୦,୧୦୧ ଟଙ୍କା, ୮୦,୧୦୭ ଟଙ୍କା ଏବଂ ୮୦,୧୦୫ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ଭୁବନେଶ୍ୱର ବଜାରର ରୁପା ଦର କେଜି ପିଛା୧,୧୧,୦୦୦ଟଙ୍କାରେ କାରବାର ହେଉଥିବାବେଳେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ଦର ୭୯,୫୫୦ ଟଙ୍କାରେ ପହଞ୍ଚିଛି। ଏପରିକି ୨୨ କ୍ୟାରେଟ ସୁନା ପ୍ରତି୧୦ ଗ୍ରାମ ପିଛା ଦର ୭୨,୮୫୦ ଟଙ୍କାରେ କାରବାର ହେଉଥିଲାବେଳେ ୧୮ ଏବଂ ୧୪ କ୍ୟାରେଟ ସୁନା ଦରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ପାର୍ବଣ ଋତୁ ସାଙ୍ଗକୁ ଆଗକୁ ଧନ୍‌ତେରସ ଏବଂ ବିବାହ ଋତୁ ଆସୁଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟୀ ଦରବୃଦ୍ଧିକୁ ନେଇ ଚିନ୍ତାପ୍ରକଟ କରୁଥିବାବେଳେ ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ଯୋଗାଇ ଦିଆଯାଉଛି। ଏପରିକି କାରବାର ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ସ୍କିମ୍ ଓ ଯୋଜନା ଜରିଆରେ ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ଖସିଲା ଶେୟାର ବଜାର

ମୁମ୍ବାଇ,୨୪।୧୦

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୧୭ (୧୬.୮୨) ପଏଣ୍ଟ କମି ୮୦,୦୬୫(୮୦,୦୬୫.୧୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୬ (୩୬.୧୦) ପଏଣ୍ଟ ହ୍ରାସ ଘଟି ୨୪,୩୯୯ (୨୪,୩୯୯.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ମାଲାବାରର ଦୀପାବଳି ଅଫର




ନୂଆଦିଲ୍ଲୀ,୨୪।୧୦

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ବହୁ ପ୍ରତୀକ୍ଷିତ 'ଦୀପାବଳି ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନର ଯୋଧପୁରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ତାରକା ତଥା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ବ୍ରାଣ୍ଡ ଆମ୍ବାସାଡର ଅନୀଲ କପୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ (ଶୁଭାରମ୍ଭ) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ଇଣ୍ଡିଆ ଅପରେଶନ୍ସର ପରିଚାଳନା ନିର୍ଦ୍ଦେଶକ ଓ. ଆଶେର, ଆଞ୍ଚଳିକ ମୁଖ୍ୟ (ଉତ୍ତର) ଏନ୍. କେ. ଜିଶାଦ ଏବଂ ଜୋନାଲ ହେଡ୍ (ଉତ୍ତର) କେ.ପି. ଆନିସ ବଶିର ପ୍ରମୁଖ ଉପସ୍ଥିତ ଥିଲେ। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଥିଲେ, ଅଳଙ୍କାର କମ୍ପାନୀ ଭାବେ ଗ୍ରାହକଙ୍କ ସନ୍ତୁଷ୍ଟିକୁ ପ୍ରାଧାନ୍ୟ ଦେଇ ଆମେ ଏହି ସ୍ୱତନ୍ତ୍ର ଦିୱାଲି ଅଫର ଉପସ୍ଥାପନ କରିଛୁ। ଏପରିକି ଆମେ ଆମର ଗ୍ରାହକଙ୍କ ପାଇଁ ଉତ୍ସବର ଋତୁକୁ ଆହୁରି ଅତୁଳନୀୟ କରିବା ପାଇଁ ସୁବିଧା ଏବଂ ଏକ ଅସାଧାରଣ ଶପିଂ ଅଭିଜ୍ଞତା ପ୍ରଦାନ କରିବାର ଲକ୍ଷ୍ୟ ରଖିଛୁ। ଦିୱାଲି ଅଫରଗୁଡିକ ୨୦୨୪ନଭେମ୍ବର ୩ ପର୍ଯ୍ୟନ୍ତ ସମସ୍ତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଶୋ'ରୁମ୍‌ରେ ଉପଲବ୍ଧ ହେବ।

## ଟାଟା ମୋଟର୍ସ କଷ୍ଟମର କେୟାର ମହୋତ୍ସବ

ନୂଆଦିଲ୍ଲୀ,୨୪।୧୦

ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ ତଥା ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ କଷ୍ଟମର କେୟାର ମହୋତ୍ସବ-୨୦୨୪ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏପରିକି ୨୦୨୪ ଅକ୍ଟୋବର ୨୩ ଓ ୨୪ରେ ସମଗ୍ର ଦେଶର ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ସ୍ୱୀକୃତିପ୍ରାପ୍ତ ସେବା ଆଉଟ୍‌ଲେଟ୍‌ଗୁଡ଼ିକ ମଧ୍ୟରେ ଏହି ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି, ଯାହାକି ପରିବହନ ମାଲିକ ତଥା ଚାଳକମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ତଥା ଅନ୍ତର୍ଦୃଷ୍ଟିକୋଣର ସୁଯୋଗ ଆଣିପାରିବ। ଏହି ମହୋତ୍ସବ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ପ୍ରକାର ପରିସରର ସୁବିଧା ଲାଭ କରିପାରିବେ। ଯାହା ମଧ୍ୟରେ ଦକ୍ଷ କୁଶଳୀ କାରିଗରମାନଙ୍କ ଦ୍ୱାରା ଠିକ୍ ଭାବେ ଯାନର ପରୀକ୍ଷା ନିରୀକ୍ଷା ଏବଂ ମୂଲ୍ୟଯୁକ୍ତ ସେବାଗୁଡ଼ିକର ଗ୍ରହଣକାରିତା ସାମିଲ ରହିଛି। ଏପରିକି ଅତିରିକ୍ତ ଭାବେ ଚାଳକମାନେ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟକାରୀ ଚାଳନା ଅଭ୍ୟାସ ସହିତ ସମ୍ପୂର୍ଣ୍ଣ ସେବା ୨.୦ ସଂସ୍କରଣ ପଦକ୍ଷେପ ଗୁଡ଼ିକର ନିଜସ୍ୱ କାରିଗରି ଇତ୍ୟାଦିର ବର୍ଦ୍ଧିତ ପ୍ରଶିକ୍ଷଣ ଗ୍ରହଣ କରିପାରିବେ। ଟାଟା ମୋଟର୍ସର ଇଡି ଗିରୀଶ ୱାଘ କହିଥିଲେ, ଆମେ ଚଳିତ ବର୍ଷ ଏହି କଷ୍ଟମର କେୟାର ମହୋତ୍ସବକୁ ପୁଣି ଥରେ ଫେରାଇ ଆଣିଛୁ। ୧୯୫୪ରେ ଆମେ ଆମର ସର୍ବପ୍ରଥମ ବ୍ୟବସାୟିକ ଯାନକୁ ବିକ୍ରୟ କରିଥିଲୁ ଏବଂ ବର୍ତ୍ତମାନ ଆମେ ଏହାକୁ ଗ୍ରାହକ ଯତ୍ନ ଦିବସ ଭାବେ ପାଳନ କରୁଛୁ। ଏହି ମହୋତ୍ସବ ଆମର ସେହି ବଚନ ବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ମଧ୍ୟରେ ସବୁଠାରୁ ଉତ୍କୃଷ୍ଟ ଶ୍ରେଣୀର ସେବା ପ୍ରଦାନ, ବୈଷୟିକ ଭାବେ ଯାନର ପରୀକ୍ଷଣ ତଥା ଏକ ବ୍ୟାପକ ପରିସରର ସୁବିଧା ସୁଯୋଗ ପ୍ରଦାନ ଇତ୍ୟାଦି ସାମିଲ ରହିଛି। ଏପରିକି ସମଗ୍ର ଦେଶରେ ଏହି ମହୋତ୍ସବ ଆମର ପ୍ରତ୍ୟେକ ସ୍ୱର୍ଣକାରୀ କେନ୍ଦ୍ରଗୁଡ଼ିକରେ ପ୍ରିୟ ଗ୍ରାହକମାନଙ୍କୁ ସେହି ସମସ୍ତ ଜିନିଷକୁ ସୁନିଶ୍ଚିତ କରିଥାଉ, ଯାହା ଆମର ଷ୍ଟେକ୍ ହୋଲ୍‌ଡରମାନଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଅଧିକ ନିବିଡ଼ କରିବାର ଲକ୍ଷ୍ୟ ରହିଛି।

## ବଜାରରେ ରୟାଲ ଏନ୍‌ଫିଲ୍ଡର ବାଟାଲିୟନ ବ୍ଲାକ୍ ଏଡିସନ

ଭୁବନେଶ୍ୱର,୨୪।୧୦

ରୟାଲ ଏନ୍‌ଫିଲ୍ଡର ନୂତନ ମଡେଲ ତଥା ବୁଲେଟ ୩୫୦ର 'ବାଟାଲିୟନ ବ୍ଲାକ୍'ଏଡିସନକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ଏହାକୁ କମ୍ପାନୀ ଓଡ଼ିଶା ବଜାରରେ ପ୍ରବେଶ କରାଇଛି। ଏପରିକି ମିଡ୍-ସାଇଜ୍ (୨୫୦ସିସି-୭୫୦ସିସି) ମୋଟରସାଇକେଲ ସେଗ୍‌ମେଣ୍ଟ କ୍ଷେତ୍ରରେ ଗ୍ଲୋବାଲ ଲିଡର ରୟାଲ ଏନ୍‌ଫିଲ୍ଡ ତା'ର ବୁଲେଟ ୩୫୦ 'ବାଟାଲିୟନ ବ୍ଲାକ୍' ଏଡିଶନକୁ ନିକଟରେ ଶୁଭାରମ୍ଭ କରିଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ଚିଫ୍ କମର୍ସିଆଲ ଅଫିସର ଯଦବିନ୍ଦର ସିଂହ ଗୁଲେରିଆ କହିଥିଲେ, ଆମେ ଆମର ନୂତନ ମଡେଲ ତଥା 'ବାଟାଲିୟନ ବ୍ଲାକ୍' ଏଡିସନକୁ ଅନାବରଣ ସହିତ ଓଡ଼ିଶା ବଜାର କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଅତୀତର ଡିଜାଇନ ଏଲିମେଣ୍ଟ ଓ ଅସାଧାରଣ ଚାଳନା ଅନୁଭୂତି ସହ ଏହି ଏଡିସନ ଜରିଆରେ ଆମର ରାଇଡରମାନେ ବୁଲେଟ ସମ୍ପର୍କରେ ପସନ୍ଦ କରୁଥିବା ସବୁକିଛି–



ଏହାର ନିର୍ଭରଯୋଗ୍ୟତା ଓ ଅତୁଳନୀୟ ଚରିତ୍ର ଆଦିକୁ ଧାରଣ କରିଛି। ଏହି ମୋଟରସାଇକେଲର ଟେଷ୍ଟ ରାଇଡ ଓଡ଼ିଶାର ୭୭ ଅଥୋରାଇଜ୍‌ଡ ରୟାଲ ଏନ୍‌ଫିଲ୍ଡ ଷ୍ଟୋର୍‌ରେ ଉପଲବ୍ଧ ରହିଛି। ଯତ୍ନର ସହ ନିର୍ମିତ ବାଟାଲିୟନ ବ୍ଲାକ୍ ଏଡିସନକୁ ଜେ-ପ୍ଲାଟ୍‌ଫର୍ମ ଉପରେ ବିକଶିତ କରାଯାଇଛି, ଯାହା କାର୍ଯ୍ୟଦକ୍ଷତା ଓ ପ୍ରକୃତ ଚାଳନା ଅନୁଭୂତି ପ୍ରଦାନ କରୁଛି। ଏପରିକି ଉନ୍ନତ ୩୪୯ସିସି ଇଞ୍ଜିନ ଦ୍ୱାରା ପରିଚାଳିତ ଏହି ମୋଟରସାଇକେଲ ୬୧୦୦ ଆର୍‌ପିଏମ୍‌ରେ ୨୦.୨ ପିଏସର ସର୍ବାଧିକ ପାୱାର ଏବଂ ୪୦୦୦ ଆର୍‌ପିଏମ୍‌ରେ ୨୭ଏନ୍‌ଏମ୍‌ର ସର୍ବାଧିକ ଟର୍କ ପ୍ରଦାନ କରୁଛି। ବୁଲେଟ ବାଟାଲିୟନ ବ୍ଲାକ୍ ଏଡିସନରେ ୩୦୦ ଏମ୍‌ଏମ୍ ଫ୍ରଣ୍ଟ ଡିସ୍କ ଓ ୧୫୩ଏମ୍‌ଏମ୍ ରିୟର ଡ୍ରମ୍ ବ୍ରେକ୍ ସହ ସିଙ୍ଗଲ ଚ୍ୟାନେଲ ଏବିଏସ୍ ଭଳି ଫିଚର ରହିବ। ଏହାର ବଜାର ମୂଲ୍ୟ ୧,୭୪,୮୭୫ ଟଙ୍କା (ଏକ୍ସଶୋ'ରୁମ୍, ଓଡିଶା) ରହିଛି।

## ନରାକାସର ୨୫ତମ ଅର୍ଦ୍ଧବାର୍ଷିକୀ ବୈଠକ

ଭୁବନେଶ୍ୱର,୨୪।୧୦

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି(ନରାକାସ୍) କେନ୍ଦୁଝରର ୨୫ତମ ଅର୍ଦ୍ଧବାର୍ଷିକୀ ବୈଠକ ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଓଆଇ କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରି ଶେଖର ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲାବେଳେ ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ)ର ପ୍ରତିନିଧିତ୍ୱ କରୁଥିବା ଉପନିର୍ଦ୍ଦେଶକ ଡ. ବିଚିତ୍ରସେନ ଗୁପ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ରାଜଭାଷା ବିଭାଗ,ପ୍ରଧାନ କାର୍ଯ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ପ୍ରବନ୍ଧକ ଅମରିଶ ରାଙ୍ଗା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏପରିକି ନରାକାସ୍ ସଦସ୍ୟ ସଚିବ ଦେବ ଜୈସ୍‌ୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରପକ୍ଷରେ ସମସ୍ତ ସଦସ୍ୟ କାର୍ଯ୍ୟାଳୟର କାର୍ଯ୍ୟାଳୟ ମୁଖ୍ୟମାନେ ନିଜ ନିଜର ରାଜଭାଷା ଅଧିକାରୀମାନଙ୍କ ସହ ଏଥିରେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସିଲ୍ଡ ପୁରସ୍କାର ବିତରଣ କରାଯାଇଥିଲାବେଳେ ରାଜଭାଷାର ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। ସେହିପରି ଡ. ବିଚିତ୍ରସେନ ଗୁପ୍ତା ନରାକାସ୍ କେନ୍ଦୁଝରର ସକ୍ରିୟତା ପାଇଁ ଏହାକୁ ପ୍ରଶଂସା କରିଥିବାବେଳେ ଉତ୍ସାହର ସହିତ ବିଭିନ୍ନ ପ୍ରୟାସ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରିଶେଷରେ ଅମରିଶ ରାଙ୍ଗା ରାଜଭାଷା କାର୍ଯ୍ୟାନ୍ୱୟନ କାର୍ଯ୍ୟକୁ ଅଧିକ ସୁନ୍ଦର ଭାବେ କରିବାକୁ ପ୍ରୋତ୍ସାହିତ କରିଥିଲାବେଳେ ଅଧ୍ୟକ୍ଷ ସିଲ୍ଡ ପୁରସ୍କାର ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

ଫୁର୍‌ସତ୍

# ମଡେଲ ନୁହନ୍ତି, କୃଷକ

ନ୍ୟୁୟର୍କ

ଯେତେବେଳେ କୃଷକଙ୍କ କଥା ପଡ଼େ, ସେତେବେଳେ କ୍ଷେତରେ କାମ କରୁଥିବା କୌଣସି ଗରିବ ଅସହାୟ ବ୍ୟକ୍ତିଙ୍କ ଚିତ୍ର ମନକୁ ଆସିଥାଏ। ତେବେ ଆମେରିକାରେ ଜଣେ କୃଷକଙ୍କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ସେ ଦେଖିବାକୁ କୌଣସି ମଡେଲଙ୍କ ପରି ବହୁତ ସୁନ୍ଦର ହୋଇଥିବାବେଳେ ତାଙ୍କୁ କ୍ଷେତରେ ଚାଷ କରୁଥିବା ଦେଖି ଅନେକ ଆଶ୍ଚର୍ଯ୍ୟ ହୋଇଯାଇଥାନ୍ତି।

ଚର୍ଚ୍ଚାରେ ଥିବା ଏହି କୃଷକ ଜଣକ ହେଉଛନ୍ତି, ନ୍ୟୁୟର୍କର ଗ୍ରାମୀଣ ଅଞ୍ଚଳରେ ରହୁଥିବା ୨୫ ବର୍ଷୀୟା ଡେନି କପ୍ସ। ତାଙ୍କୁ କେହି ବି ପ୍ରଥମ ଥର ଦେଖିବା ମାତ୍ରେ ମଡେଲ ହିଁ ଭାବିଥାଏ। ତେବେ ଜଣେ କୃଷକ ହୋଇଥିବା ସତ୍ତ୍ୱେ ମଧ୍ୟ ଡେନି ଲଗାତର ଜିମ୍ ଯାଇ ନିଜକୁ ଫିଟ୍ ରଖିବାକୁ ପସନ୍ଦ କରନ୍ତି। ଅନ୍ୟ ମହିଳା କୃଷକଙ୍କ ପରି ତାଙ୍କୁ ଦେଖି କେହି ମଧ୍ୟ ଅସହାୟ କିମ୍ବା




ଅବଳା ନାରୀ ଭାବିବାର ଭୁଲ୍ କରନ୍ତି ନାହିଁ। ୫ ଫୁଟ ୪ ଇଞ୍ଚ ଉଚ୍ଚତାର ଡେନିଙ୍କ ସଉକ ଓ ଜୀବନଶୈଳୀ ମଧ୍ୟ ଅନ୍ୟମାନଙ୍କଠାରୁ ନିଆରା। ସେ ନିଜ ଅବକାଶ ସମୟରେ ଧନୁ ଏବଂ ତୀର ଧରି ଜଙ୍ଗଲକୁ ଯାଇ ଶିକାର କରିବାକୁ ପସନ୍ଦ କରନ୍ତି। ସେହିପରି ତାଙ୍କର ଏକ କୋଟି ମୂଲ୍ୟର ଡଜ୍ ରାମ ଟିଆରଏକ୍ସ କାର୍ ମଧ୍ୟ ରହିଛି। ଡେନି ଏହି ବିଳାସପୂର୍ଣ୍ଣ କାର୍ ଚଲାଇବାକୁ ଖୁବ୍ ପସନ୍ଦ କରନ୍ତି। ନିଜ ବିଷୟରେ ଡେନି କୁହନ୍ତି, ତାଙ୍କର ସଉକ ପୁରୁଷଙ୍କ ପରି। ଜିମ୍ ଯିବା, ଶିକାର କରିବା, ମାଛ ଧରିବା, କାର୍ ଚଳାଇବା, ୱାର୍କଆଉଟ କରିବା ଆଦି ତାଙ୍କ ଜୀବନଚର୍ଯ୍ୟାର ଅଂଶ ହୋଇଥିବା ଡେନି କହିଛନ୍ତି। ସେ ତାଙ୍କ ୩୦ ବର୍ଷୀୟ ପାର୍ଟନର ଜ୍ୟାକ୍‌ଙ୍କ ସହ ଏକ ଫାର୍ମରେ ରୁହନ୍ତି। ସେଠାରେ ଜ୍ୟାକ୍‌ଙ୍କ ସହ ସେ ବହୁ ଫଟୋଶୁଟ୍ ମଧ୍ୟ କରିଛନ୍ତି। ଡେନିଙ୍କ ଉକ୍ତ ଫଟୋଗୁଡ଼ିକୁ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ୍ କରନ୍ତି, ଯାହାକୁ ଅନେକ ୟୁଜର୍ସ ଖୁବ୍ ପସନ୍ଦ କରନ୍ତି। ଆଗକୁ ଡେନି ଏକ ୧୦ ଏକର ଜମି କିଣି ଜ୍ୟାକ୍‌ଙ୍କ ସହ ସ୍ୱପ୍ନର ଘର ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୧୬ ଲକ୍ଷ ଫଲୋଅର୍ସ ରହିଛନ୍ତି।

## ୫ ବର୍ଷ ପରେ ଫେରୁଛନ୍ତି ପ୍ରିୟଙ୍କା



ପ୍ରିୟଙ୍କା ଚୋପ୍ରା

ମୁମ୍ବାଇ

ଲମ୍ବା ସମୟ ଧରି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କୌଣସି ବଲିଉଡ୍ ଫିଲ୍ମ କରି ନାହାନ୍ତି। ଗତ କିଛି ବର୍ଷ ଧରି ସେ ବିଭିନ୍ନ ହଲିଉଡ୍ ଫିଲ୍ମ ଏବଂ ସିରିଜ୍‌ରେ ନିଜ ଅଭିନୟର ଜଲୱା ଦେଖାଇ ଆସୁଛନ୍ତି। ତେବେ ହଲିଉଡ୍ ଫିଲ୍ମର ଶୁଟିଂ ବେଳେ ସେ ହିନ୍ଦୀ ଡାଏଲଗ୍‌ଗୁଡ଼ିକୁ ମିସ୍ କରୁଥିବା ନେଇ ପ୍ରିୟଙ୍କା ଫୋର୍ବସ୍ ଇଣ୍ଡିଆ ମାଗାଜିନକୁ ଗୁରୁବାର ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି। ସେହିପରି ସେ ଏହି ସାକ୍ଷାତ୍‌କାରରେ ବଲିଉଡ୍ ଏବଂ ହଲିଉଡ୍ ଫିଲ୍ମଗୁଡ଼ିକର କାର୍ଯ୍ୟ କରିବାର ଶୈଳୀରେ ରହିଥିବା ତାରତମ୍ୟକୁ ମଧ୍ୟ ଦର୍ଶାଇଛନ୍ତି। ସାକ୍ଷାତ୍‌କାରରେ ପ୍ରିୟଙ୍କା କହିଛନ୍ତି, ପ୍ରତ୍ୟେକ ଦେଶ ଅଲଗା ହୋଇଥିବାବେଳେ ସେମାନଙ୍କର ନିଜସ୍ୱ ସଂସ୍କୃତି ଏବଂ କାର୍ଯ୍ୟପ୍ରଣାଳୀ ରହିଛି। ହଲିଉଡ୍ ଓ ବଲିଉଡ୍ ମଧ୍ୟରେ ସବୁଠାରୁ ବଡ଼ ପାର୍ଥକ୍ୟ ହେଉଛି, ହଲିଉଡ୍‌ରେ ବ୍ୟାପକ ମାତ୍ରାରେ ପେପର ୱାର୍କ ବା ଡକ୍ୟୁମେଣ୍ଟ ଭେରିଫିକେସନ କରାଯାଇଥାଏ। ହଲିଉଡ୍‌ରେ ଶୁଟିଂ ପୂର୍ବରୁ ହିଁ ଫିଲ୍ମ ନିର୍ମାତା କମ୍ପାନୀ ପକ୍ଷରୁ ୧୦୦ରୁ ଅଧିକ ଇମେଲ ଆସିଯାଇଥାଏ। ସେହିପରି ହଲିଉଡ୍‌ରେ ପ୍ରତ୍ୟେକ ଜିନିଷ ଯୋଜନାବଦ୍ଧ ଭାବରେ ହୋଇଥାଏ। ତେବେ ବଲିଉଡ୍‌ରେ ଏପରି ହୋଇ ନ ଥାଏ ବୋଲି ପ୍ରିୟଙ୍କା କହିଛନ୍ତି। ବଲିଉଡ୍ ଫିଲ୍ମଗୁଡ଼ିକରେ ରୋମାନ୍ସକୁ ଅଧିକ ଗୁରୁତ୍ୱ ଦିଆଯାଏ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଆମେରିକାରେ ରହି ହିନ୍ଦୀ ଡାଏଲଗଗୁଡ଼ିକୁ ଖୁବ୍ ମିସ୍ କରୁଛନ୍ତି ବୋଲି ଏହି ସାକ୍ଷାତକାରରେ ପ୍ରିୟଙ୍କା କହିଛନ୍ତି। ପ୍ରିୟଙ୍କା କହିଛନ୍ତି, ବଲିଉଡରେ ପୁଣି ଥରେ ଫିଲ୍ମ କରିବାକୁ ପ୍ରସ୍ତୁତ ଅଛି। ଭଲ ସ୍କ୍ରିପ୍ଟ ପାଇବା ମାତ୍ରେ ତାଙ୍କୁ ପୁଣି ଥରେ କୌଣସି ଏକ ବଲିଉଡ୍ ଫିଲ୍ମରେ ଅଭିନୟ କରୁଥିବାର ଦେଖିବାକୁ ମିଳିବ। ତେବେ ସମ୍ପ୍ରତି ତାଙ୍କ ନିକଟରେ ଏପରି କୌଣସି ସ୍କ୍ରିପ୍ଟ ନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରକାଶ ଯେ, ୨୦୧୯ରେ ଶେଷ ଥର ପାଇଁ ପ୍ରିୟଙ୍କା ବଲିଉଡ୍ ଚଳଚ୍ଚିତ୍ର 'ଦି ସ୍କାଏ ଇଜ୍ ପିଙ୍କ୍'ରେ ନଜରକୁ ଆସିଥିଲେ।

## ଝିଅଙ୍କୁ କନ୍ୟା ବେଶରେ ଦେଖିବା ପରେ ସ୍ମୃତିଶକ୍ତି ଫେରିଲା



ନୂଆଦିଲ୍ଲୀ

ସାଧାରଣତଃ ବୟସାଧିକ ବ୍ୟକ୍ତି ବିଭିନ୍ନ ରୋଗର ସମ୍ମୁଖୀନ ହୋଇଥାନ୍ତି। ସେହିପରି କୁହାଯାଏ ଯେ, ବୟସ ବଢ଼ିବା ସହ ମଣିଷର ମସ୍ତିଷ୍କ ଧୀରେ ଧୀରେ ସକ୍ରିୟ ଭାବେ କାମ କରି ନ ଥାଏ। ଏହାର କାରଣ ହେଉଛି ବାର୍ଦ୍ଧକ୍ୟ ସମୟରେ ବହୁ ବୃଦ୍ଧ ବ୍ୟକ୍ତି ଡିମେନ୍ସିଆ ରୋଗରେ ପୀଡ଼ିତ ରହିଥାନ୍ତି। ଏହି ରୋଗରେ ମଣିଷର ସ୍ମରଣ ଶକ୍ତି ହ୍ରାସ ପାଇଥାଏ। ତେବେ ନିକଟରେ ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହୋଇଛି, ଯାହାକୁ ଦେଖି ଅନେକ ୟୁଜର୍ସ ଭାବ ପ୍ରବଣ ହୋଇଯାଇଛନ୍ତି। ଏହି ଭିଡିଓରେ ଡିମେନ୍ସିଆ ରୋଗରେ ପୀଡ଼ିତ ଥିବା ଜଣେ ବୃଦ୍ଧ ବ୍ୟକ୍ତି ନିଜ ଝିଅଙ୍କୁ କନ୍ୟା ବେଶରେ ଦେଖି ତାଙ୍କ ସ୍ମୃତି ଶକ୍ତି ଫେରି ପାଇଛନ୍ତି। ଭିଡିଓରେ ଜୁଲିଆ ନାମ୍ନୀ ଜଣେ ଯୁବତୀ ନିଜ ବିବାହ ପାଇଁ ଧଳା ଗାଉନ ପିନ୍ଧି କନ୍ୟା ବେଶରେ ନଜର ଆସିଛନ୍ତି। ଏହି ସମୟରେ ସେ ନିଜ ବୃଦ୍ଧ ବାପାଙ୍କ ନିକଟକୁ ଯାଇଛନ୍ତି। ସେତେବେଳେ ତାଙ୍କ ବାପା ଏକ ଚିତ୍ର ଆଙ୍କୁଥିଲେ। ଜୁଲିଆ ନିଜ ବାପାଙ୍କ ନିକଟରେ ବସି ତାଙ୍କୁ କିଛି କହିବା ଆରମ୍ଭ କରନ୍ତି। ଏହାପରେ ସେ ବାପାଙ୍କ କାନ୍ଧରେ ହାତ ରଖି ତାଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କରନ୍ତି। ଯେତେବେଳେ ବୃଦ୍ଧ ବ୍ୟକ୍ତି ଜଣକ ନିଜ ଝିଅଙ୍କୁ ଭଲ ଭାବେ ଦେଖନ୍ତି ସେ ତାଙ୍କୁ ଚିହ୍ନିବାରେ ସଫଳ ହେବା ସହ ମୋର ପ୍ରିୟ ଝିଅ ଜୁଲିଆ କହି ତାଙ୍କୁ ସ୍ନେହରେ ଆଲିଙ୍ଗନ କରନ୍ତି ଓ ଆଶୀର୍ବାଦ ଦିଅନ୍ତି। ଏହାଦେଖି ଜୁଲିଆଙ୍କ ପରିବାରର ସମସ୍ତେ ଖୁସିରେ ଝୁମି ଉଠନ୍ତି। ଏହାପରେ ଜୁଲିଆ ତାଙ୍କ ବାପାଙ୍କୁ ବିବାହ ସ୍ଥଳକୁ ନେଇଯାଆନ୍ତି।

## ଭାଇରାଲ ହେଉଛନ୍ତି ଶାହରୁଖ୍‌ଙ୍କ ଜାପାନୀ ଫ୍ୟାନ୍

**ଟୋକିଓ:** କେବଳ ଭାରତରେ ନୁହେଁ, ବିଶ୍ୱବ୍ୟାପୀ ଅଭିନେତା ଶାହରୁଖ୍ ଖାନ୍‌ଙ୍କର ପ୍ରଶଂସକ ରହିଛନ୍ତି। ସାଧାରଣତଃ ମହିଳା ପ୍ରଶଂସକମାନଙ୍କ ମଧ୍ୟରେ ଶାହରୁଖ୍ ବେଶ୍ ଲୋକପ୍ରିୟ ବୋଲି ଧରାଯାଇଥାଏ। କିନ୍ତୁ



ପୁରୁଷ ପ୍ରଶଂସକମାନଙ୍କ ମଧ୍ୟରେ ବି ତାଙ୍କର କ୍ରେଜ୍ କିଛି କମ୍ ନୁହେଁ। ବିଦେଶରେ ତାଙ୍କର ଅନେକ ପୁରୁଷ ପ୍ରଶଂସକ ରହିଛନ୍ତି। ନିକଟରେ ଶାହରୁଖ୍‌ଙ୍କର ଜଣେ ଜାପାନୀ ଫ୍ୟାନ୍‌ଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଉକ୍ତ ଜାପାନୀ ଯୁବକ ଜଣକ ବ୍ଲାକ ଟି ଶାର୍ଟ ପିନ୍ଧି ଶାହରୁଖଙ୍କ 'ଚେନ୍ନାଇ ଏକ୍ସପ୍ରେସ୍' ଓ 'ଓମ୍ ଶାନ୍ତି ଓମ୍' ଫିଲ୍ମର ଡାଏଲଗ୍‌କୁ ଅନୁକରଣ କରୁଛନ୍ତି। ତେବେ ଡାଏଲଗ୍ କହିବାବେଳେ ଶାହରୁଖ୍‌ଙ୍କ ଏହି ଫ୍ୟାନ୍ କେବଳ ପ୍ରଥମ ଲାଇନ ହିଁ ହିନ୍ଦୀରେ କହିବାକୁ ସକ୍ଷମ ହୋଇଥିଲେ ଏବଂ ବାକି ସମସ୍ତ ଡାଏଲଗ୍‌କୁ ସେ ହିନ୍ଦୀରେ ନ କହିପାରି ଜାପାନୀରେ କହିଥିଲେ। ଫଳରେ ଭିଡିଓଟି ଖୁବ୍ ମଜାଦାର ହୋଇଥିବା ନେଇ ଅନେକ ସୋସିଆଲ ମିଡିଆ ୟୁଜର୍ସ ଦର୍ଶାଇଛନ୍ତି। ସମ୍ପ୍ରତି ଏହି ଭିଡିଓଟି ଭାଇରାଲ ହେବାରେ ଲାଗିଛି।

## ପଞ୍ଚାୟତ ଗୋଦାମରୁ ଚାଉଳ ଚୋରି କରି ୨ ଗିରଫ

ବାଣପୁର,୨୪।୧୦(ଦିଲୀପ କୁମାର ସ୍ୱାଇଁ): ବାଣପୁର ବ୍ଲକ ଅନ୍ତର୍ଗତ ବିଷ୍ଣୁଚିହ୍ନ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଗୋଦାମରୁ ଚାଉଳ ଓ ପାଣିପମ୍ପ ଚୋରି ମାମଲାରେ ବାଣପୁର ଥାନା ପୋଲିସ ଗୁରୁବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବିଷ୍ଣୁଚିହ୍ନ ଗ୍ରାମର ଚିତ୍ତରଞ୍ଜନ ଜେନା ଓରଫ ବବୁଲୁ ଏବଂ ମହେଶ ସାହୁ। ଏମାନଙ୍କ ନିକଟରୁ ୧୧ବସ୍ତା ଚାଉଳ ଓ ଗୋଟିଏ ଟାଟା ଏସିଇ (ଓଡି ୦୨ସିକେ ୦୭୩୨) ଜବତ ହୋଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ଜଣ ଜଣ ଫେରାର ଥିବା ପୋଲିସ କହିଛି। ଗତ ୧୭ତାରିଖ ରାତିରେ ଦୁର୍ବୃତ୍ତମାନେ ପଞ୍ଚାୟତ କାର୍ଯ୍ୟାଳୟ ଓ ଗୋଦାମ ଘର କବାଟ ଓ ଝରକା ତାଡ଼ି କାଗଜପତ୍ର ନଷ୍ଟ କରିବା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଆସିଥିବା ୫୮ବସ୍ତା ଚାଉଳ ସମେତ ଏକ ପାଣି ପମ୍ପ ଓ ପାଇପ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା।

# ମୃତ ଚାଷୀଙ୍କ ନାମରେ ଋଣ

## ପୁଆ ପାକ୍ସର ସହସମ୍ପାଦକ, ହିସାବରକ୍ଷକ ନିଲମ୍ବିତ

ସୋନପୁର,୨୪।୧୦
(ମୃତ୍ୟୁଞ୍ଜୟ ଶତପଥୀ)

ମୃତ ଚାଷୀଙ୍କ ନାମରେ ଋଣ, ଚାଷୀଙ୍କ ଅଜାଣତରେ ଜାଲ ଦସ୍ତଖତ କରି ଲକ୍ଷାଧିକ ଟଙ୍କା ହରିଲୁଟ୍, ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ନ ହେବା ଓ ଧାନ କିଣାରେ ଦୁର୍ନୀତି ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପୁଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ)ର ସହସମ୍ପାଦକ ବାସୁଦେବ ପାତ୍ର ଓ ହିସାବରକ୍ଷକ ଶ୍ରୀଦ୍ଧେଶ୍ୱର ନାଏକଙ୍କୁ ଗୁରୁବାର ନିଲମ୍ବନ କରାଯାଇଛି। ସୋନପୁର ସର୍କଲର ସହକାରୀ ନିବନ୍ଧକଙ୍କ ସୁପାରିଶ କ୍ରମେ ପାକ୍ସ ପରିଚାଳନା ପରିଷଦର ସଭାପତି ପ୍ରଭୁଦତ୍ତ ଡାଙ୍ଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ସୂଚନା ଅନୁଯାୟୀ ପାକ୍ସରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଚାଷୀମାନେ ଜିଲାପାଳ ଓ ସମବାୟ ସମିତି ଉପନିବନ୍ଧକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଅଞ୍ଚଳକୁ ଯାଇ ଚାଷୀଙ୍କ ଅଭିଯୋଗ ଶୁଣିବା ସହ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରି କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରି ପୁଆ ପାକ୍ସ ଦୁର୍ନୀତିର ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ପାକ୍ସର ସଭାପତିଙ୍କ ଜ୍ଞାତସାରରେ ଏହି ଦୁର୍ନୀତି ହୋଇଥିବା ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଘଟଣାର ପ୍ରାରମ୍ଭିକ ତଦନ୍ତ ପରେ ଜଣା ପଡିଥିଲା ଯେ, ୨୦୨୩ରେ ମୃତ୍ୟୁବରଣ କରିଥିବା ଚାଷୀ ଗରିବ ସାହୁଙ୍କ ନାମରେ ମୃତ୍ୟୁ ପରେ ୧.୨୮ଲକ୍ଷ ଟଙ୍କା ଋଣ କରି ଟଙ୍କା ଆତ୍ମସାତ କରାଯାଇଛି। ଅନ୍ୟ ଅଭିଯୋଗ ସବୁର ବିସ୍ତୃତ ତଦନ୍ତ ଜାରି ରହିଛି। ତେବେ ପାକ୍ସର ସହସମ୍ପାଦକ ଓ ହିସାବରକ୍ଷକ ତଦନ୍ତ ଟିମ୍‌କୁ ସହଯୋଗ କରୁ ନ ଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ହୋଇଛି। ଗତ ୨୨ ତାରିଖରେ ସୋନପୁର ସର୍କଲର ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ ଟିମ୍ ସହ ପୁଆ ପାକ୍ସକୁ ଅଭିଯୋଗର ତଦନ୍ତ ପାଇଁ ଯାଇଥିଲେ। ପାକ୍ସର ସହସମ୍ପାଦକ ପାତ୍ର ଓ ହିସାବରକ୍ଷକ ନାଏକ ମନ୍ଦ ଉଦ୍ଦେଶ୍ୟ ରଖି ତଦନ୍ତରେ ଆଦୌ ସହଯୋଗ କରି ନ ଥିଲେ। ଋଣ ପାସ ବହି, ଚେକ୍ ବହି ଓ ଅନ୍ୟ କାଗଜପତ୍ର ତଦନ୍ତ ଟିମ୍‌କୁ ଦେଇ ନ ଥିଲେ। ଏପରିକି ଦୁର୍ନୀତିକୁ ଚାପି ଦେବାକୁ ସେମାନେ ଉଦ୍ୟମ କରିବା ସହ ତଦନ୍ତକାରୀ ଟିମ୍ ଅଫିସରେ ଥିବା ସମୟରେ ସେମାନେ ଅଫିସରୁ କୁଆଡ଼େ ପଳାଇ ଯାଇଥିଲେ। ସେହିପରି ଗୁରୁତ୍ୱପୂର୍ଣ୍ଣ କାଗଜାପତ୍ରକୁ ନଷ୍ଟ କରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ତଦନ୍ତର ଅଗ୍ରଗତି ହୋଇପାରିନି। ପାକ୍ସର ପରିଚାଳନା ପରିଷଦ ସଭାପତିଙ୍କ କର୍ଯ୍ୟାନୁଷ୍ଠାନ ପରେ ତଦନ୍ତର ଗତି କୁଆଡ଼େ ଯିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ଯୁବକଙ୍କୁ ହତ୍ୟା ମାମଲା, ୩ ଭାଇଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର କୁଲୁ ପ୍ରଧାନଙ୍କୁ ଗତବର୍ଷ ଘରୋଇ ବିବାଦକୁ ନେଇ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଗୁରୁବାର ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୧) ଡା. ଇନ୍ଦୁ ଶର୍ମା ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ୩ ଭାଇଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ପ୍ରକାଶ ପ୍ରଧାନଙ୍କ ପୁଅ ବୁଢୁ ପ୍ରଧାନ(୩୫), ସନ୍ତୋଷ ପ୍ରଧାନ (୩୨) ଓ ମିଥୁନ ପ୍ରଧାନ ଓରଫ ଲଣ୍ଡା (୩୦)। ଏଡିଜେ ଦୋଷୀମାନଙ୍କୁ କାରାଦଣ୍ଡ ସହ ୧ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଏକ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ମାମଲାର ଅଭିଯୁକ୍ତ ଥିବା ବୁଢୁ ପ୍ରଧାନଙ୍କ ମା' ଅହଲ୍ୟା ପ୍ରଧାନ(୫୭), ସ୍ତ୍ରୀ କାବେରୀ ପ୍ରଧାନ(୨୨) ଓ ସନ୍ତୋଷଙ୍କ ସ୍ତ୍ରୀ ପିଙ୍କି ପ୍ରଧାନଙ୍କୁ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ବାସୁଦେବପୁର ଗ୍ରାମର ବୁଢୁଙ୍କ ବଡ଼ବାପା ସ୍ୱର୍ଗତ କଂସ ପ୍ରଧାନଙ୍କ ପୁଅ କୁଲୁ ପ୍ରଧାନଙ୍କ ସହିତ ଜମି ଭାଗବଣ୍ଟା ଓ ଘରୋଇ ସମ୍ପତ୍ତିଙ୍କୁ ନେଇ ବିବାଦ ଲାଗି ରହିଥିଲା। କୁଲୁଙ୍କ ଘର ନିର୍ମାଣ ପାଇଁ ଗତବର୍ଷ ଜୁଲାଇ ୨୮ ତାରିଖରେ ଇଟା ଟ୍ରକ ଆସିଥିଲା। ବାରିରେ ଟ୍ରକରୁ ଇଟା ଅନଲୋଡ ବେଳେ କେତେକ ଇଟା ତଳେ ପଡିଯିବାରୁ ବୁଢୁଙ୍କ କିଛି ଛୋଟ ଗଛ ନଷ୍ଟ ହୋଇଥିଲା। ଏହା ଦେଖି ବୁଢୁ ଓ ତାଙ୍କ ଭାଇମାନେ ସେଠାରେ କୁଲୁଙ୍କ ସହ ଝଗଡ଼ା କରିଥିଲେ। ପଡ଼ୋଶୀ ବୁଝାଶୁଝା କରିବା ପରେ ସେମାନେ ନିଜ ନିଜ ଘରକୁ ଚାଲିଯାଇଥିଲେ। ରାତି ପ୍ରାୟ ୯ଟାରେ କୁଲୁ ଦାଣ୍ଡରେ ଠିଆ ହୋଇଥିବା ବେଳେ ଅଭିଯୁକ୍ତ ୩ ଭାଇ ପହଞ୍ଚି ତାଙ୍କ ସହ ଝଗଡା କରିଥିଲେ। ପରେ ଟାଙ୍ଗିଆ, ଶାବଳ ଓ କାଠ ଫାଳିଆରେ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ କୁଲୁଙ୍କ ମୃତ୍ୟୁ ଘଟିଥିଲା। କୁଲୁଙ୍କ ବଡ଼ ଭାଇ ସନ୍ତୋଷ ଏ ନେଇ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୭୩/୨୩ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଏଡିଜେ ରାୟ ପ୍ରକାଶ କରିଥିବା ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ସୂଚନା ଦେଇଛନ୍ତି।

## ସୁନା ପାଇଁ ହାଣିଲେ, ଚାବି ନେଇ ଫେରାର

### ଗହଣା ଦୋକାନୀଙ୍କଠୁ ଲୁଟ୍ ଉଦ୍ୟମ

ଭଦ୍ରକ,୨୪।୧୦(ସନାତନ ରାଉତ)

ଭଦ୍ରକର ଚରମ୍ପାଠାରେ ବୁଧବାର ରାତିରେ ଲୁଟେରାମାନେ ଜଣେ ସୁନା ଦୋକାନୀଙ୍କୁ ଭୁଜାଲିରେ ହାଣି ତାଙ୍କଠାରୁ ବ୍ୟାଗ୍ ଝାମ୍ପି ନେଇଛନ୍ତି। ସୁନା ଲୁଟ୍ ପାଇଁ ସେମାନେ ବ୍ୟାଗ୍‌ଟିକୁ ନେଇ ଫେରାର ହୋଇଯାଇଥିବା ବେଳେ ସେଥିରେ କେବଳ ଦୋକାନ ଚାବି ଥିଲା। ଆକ୍ରମଣର ଶିକାର ହୋଇଥିବା ସୁନା ଦୋକାନୀ ହେଲେ ଚରମ୍ପାର ଶାନ୍ତି ଜୁଏଲେରି ମାଲିକ ନବନୀତ ରାୟ(୬୫)। ଖବର ପାଇ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ନବନୀତଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ନବନୀତ ବୁଧବାର ରାତି ପ୍ରାୟ ୯ଟା ପରେ ଦୋକାନ ବନ୍ଦ କରି ଚରମ୍ପା କଣ୍ଟାବଣିଆସ୍ଥିତ ଘରକୁ ଫେରୁଥିଲେ। ଘର ନିକଟରେ ପହଞ୍ଚିବା ପରେ ୩ଟି ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ଆସି ଘର ସମ୍ମୁଖରେ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ବନ୍ଧୁକ ଦେଖାଇ ସେ ଧରିଥିବା ବ୍ୟାଗ୍‌ଟିକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ସେହି ବ୍ୟାଗ୍‌ରେ ଦୋକାନରେ ପଡ଼ିଥିବା ସବୁ ତାଲାର ଚାବିକାଠି ଥିବା ନବନୀତ କହିଛନ୍ତି। ସବୁଦିନ ସେ ଦୋକାନ ବନ୍ଦ କରି ବ୍ୟାଗ୍‌ରେ ଟଙ୍କା ନେଇ ଘରକୁ ଫେରନ୍ତି। ସେଥିପାଇଁ ଦୁର୍ବୃତ୍ତମାନେ ତାଙ୍କୁ ପିଛାକରି ବ୍ୟାଗ୍ ଲୁଟିଥିଲେ। ସୌଭାଗ୍ୟବଶତଃ ବ୍ୟାଗ୍‌ରେ ଟଙ୍କା କିମ୍ବା ସୁନା ନ ଥିଲା କେବଳ ଦୋକାନ ଚାବିକାଠି ଥିଲା। ଭୁଜାଲିରେ ଆକ୍ରମଣ ଯୋଗୁ ବାମପଟ ଗାଲରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଲୁଟେରାମାନେ ଚାବି ବ୍ୟାଗ୍ ନେଇଥିବାରୁ ଗହଣା ଦୋକାନ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ବାତ୍ୟା ମୁକାବିଲା ପାଇଁ ପୋଲିସ ପ୍ରଶାସନ ବ୍ୟସ୍ତ ଥିବା ସମୟରେ ଏପରି ଲୁଟ୍ ସମସ୍ତଙ୍କୁ ଚକିତ କରିଛି।

## ଶାଳକଙ୍କ ତଣ୍ଟି କାଟି ହତ୍ୟା କଲେ ଭିଣୋଇ

### ଆକ୍ରମଣରେ ପୁଅ, ୨ପୁତୁରା ଗୁରୁତର

ଭୁବନେଶ୍ୱର,/ବାରଙ୍ଗ,୨୪।୧୦
(ସୂର୍ଯ୍ୟକାନ୍ତ ବେହେରା/ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଗାଁରେ ବୁଧବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ପ୍ରତିଶୋଧ ପରାୟଣ ହୋଇ ଭିଣୋଇ ଭୁଜାଲି ଦ୍ୱାରା ଶାଳକଙ୍କ ତଣ୍ଟି କାଟି ହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଶାନ୍ତ ବିଶ୍ୱାଳ(୫୫)। ହତ୍ୟା କରିଥିବା ଅଭିଯୁକ୍ତ ଭିଣୋଇ ଗଙ୍ଗପଡ଼ାର ଲକ୍ଷ୍ମୀଧର ଦାସ(୫୯)ଙ୍କୁ ପୋଲିସ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟେ ଲକ୍ଷ୍ମୀଧର ଶାଳକଙ୍କୁ ହତ୍ୟା କରିବା ପରେ ଏହାକୁ ପ୍ରତିବାଦ କରୁଥିବା ତାଙ୍କ ନିଜ ପୁଅ ରବି ଦାସ (୩୩) ଓ ଦୁଇ ପୁତୁରା ବାସୁଦେବ ବିଶ୍ୱାଳ(୨୬) ଓ ଶୁଭମ ବିଶ୍ୱାଳ(୧୩)ଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରିବାରୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଏମ୍‌ସରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସୂଚନାନୁସାରେ ଲକ୍ଷ୍ମୀଧର ରେଲ୍‌ୱେର ଇଲେକ୍ଟ୍ରିସିଆନ ଭାବେ ଚାକିରି କରୁଥିବା ବେଳେ ବର୍ତ୍ତମାନ ପୁରୀରେ କାର୍ଯ୍ୟରତ। ଅଭିଯୁକ୍ତ ଲକ୍ଷ୍ମୀଧର ମେଣ୍ଢାଶାଳ ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଭଉଣୀଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଲକ୍ଷ୍ମୀଧର ପିଲାଛୁଆଙ୍କୁ ଧରି ଶ୍ୱଶୁରଘରେ ରହୁଥିଲେ। କିନ୍ତୁ ଦରମା ଟଙ୍କା ଲକ୍ଷ୍ମୀଧର ଘରେ ନ ଦେଇ ମଦ୍ୟପାନରେ ଖର୍ଚ୍ଚ କରି ଦେଉଥିଲେ, ଯାହାକୁ ନେଇ ଶାଳକ ପ୍ରଶାନ୍ତ ଭିଣୋଇ ଲକ୍ଷ୍ମୀଧରଙ୍କୁ ପାଟି କରିବା ସହ ଘରକୁ ଦେଖ ବୋଲି କହିଥିଲେ। ଫଳରେ ଉଭୟ ପ୍ରଶାନ୍ତ ଓ ଲକ୍ଷ୍ମୀଧରଙ୍କ ମଧ୍ୟରେ ବଚସା ଲାଗି ରହୁଥିଲା। ଏହାପରେ ଲକ୍ଷ୍ମୀଧର ନିଜ ପୈତୃକ ଘର ଗଙ୍ଗାପଡ଼ାକୁ ପଳାଇଯାଇଥିଲେ। ବୁଧବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଲକ୍ଷ୍ମୀଧର ଘରକୁ ଫେରିଥିଲେ। ବାଇକ୍‌ର ହର୍ନ ଶୁଣି ଶାଳକ ପ୍ରଶାନ୍ତ କବାଟ ଖୋଲିବା କ୍ଷଣି ପୂର୍ବ ପ୍ରସ୍ତୁତି ମୁତାବକ ଏକ ଭୁଜାଲିରେ ଲକ୍ଷ୍ମୀଧର ତାଙ୍କ ବେକ ପାଖକୁ ଆକ୍ରମଣ କରିଥିଲେ। ପ୍ରଶାନ୍ତ ଚିତ୍କାର କରିବା ସହ ରକ୍ତ ଜୁବୁବୁବୁ ହୋଇ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହି ସମୟରେ ପ୍ରଶାନ୍ତଙ୍କ ଦୁଇ ପୁଅ ବାସୁଦେବ ଓ ଶୁଭମ ଘଟଣାସ୍ଥଳକୁ ଆସି ଲକ୍ଷ୍ମୀଧରଙ୍କୁ ବିରୋଧ କରିବାରୁ ସେ ଉଭୟଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଯୋଗୁ ବାସୁଦେବଙ୍କ ପେଟ ଓ ବେକ ଓ ଶୁଭମଙ୍କ ହାତରେ ଆଘାତ ଲାଗିଥିଲା। ଉଭୟଙ୍କୁ ଉଦ୍ଧାର କରିବାକୁ ଆସିଥିବା ରବି ଦାସଙ୍କୁ ମଧ୍ୟ ଲକ୍ଷ୍ମୀଧର ଆକ୍ରମଣ କରିଥିଲେ। ଲକ୍ଷ୍ମୀଧର ହାତରେ ଭୁଜାଲି ଧରି କିଛି ସମୟ ପାଇଁ ଆତଙ୍କ ଖେଳାଇଥିଲେ। କେହି ଯିବାକୁ ସାହସ କରି ନ ଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡିର ଜଣେ କନଷ୍ଟେବଲ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ତାଙ୍କୁ ଲକ୍ଷ୍ମୀଧର ମାରିବାକୁ ଗୋଡ଼ାଇବାରୁ ସେ ଭୟରେ ପଳାଇଥିଲେ। ପରେ ଅଧିକ ପୋଲିସ କର୍ମଚାରୀ ଲକ୍ଷ୍ମୀଧରଙ୍କୁ କାବୁ କରିବା ସହ ହତ୍ୟାରେ ବ୍ୟବହୃତ ଭୁଜାଲିକୁ ଜବତ କରିଥିଲେ। ଅନ୍ୟପଟେ ବିକ୍ରି ହୋଇଥିବା ଏକ ଜମି ଓ ଘରେ ଥିବା ଛେଳିକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି।

## ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ, ୨ ଗିରଫ



ଚମ୍ପୁଆ,୨୪।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ପୋଲିସ ଓ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ମିଳିତ ଚଢ଼ାଉ କରି ରିମୁଳି ଅଞ୍ଚଳରୁ ମାଙ୍ଗାନିଜ ବୋଝେଇ ଏକ ଟ୍ରକ୍ ଜବତ କରିଛି। ଜବତ ମାଙ୍ଗାନିଜର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହା ସହିତ ଟ୍ରକ୍‌ର ଡ୍ରାଇଭର ଓ ମାଙ୍ଗାନିଜ ଠିକାଦାରକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦେବକୀ ନାଏକ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଗତ ୨୨ ତାରିଖ ରାତିରେ ସ୍କ୍ୱାଡ ଓ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଟ୍ରକ୍ (ନଂ. ସିଜି ୦୪ ଏନ୍‌ଜି ୫୨୭୦)କୁ ଅଟକାଇଥିଲେ। ସାନ ଝିଙ୍କପାଣି (ଝାଡ଼ଖଣ୍ଡ) ଅଞ୍ଚଳର ଟ୍ରକ୍ ଚାଳକ ଦେବଚରଣ ନାଏକ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ପୋଲିସର ସନ୍ଦେହ ହେବାରୁ ଗତ ୨୩ ତାରିଖ ଦିନ ଗାଡ଼ିର କାଗଜପତ୍ର ଯାଞ୍ଚ କରିବାକୁ ଡିଡିଏମ୍‌ଓ କାର୍ଯ୍ୟାଳୟକୁ ପଠାଇଥିଲେ। ତାହା କୋଇଡ଼ା ଅଞ୍ଚଳରୁ ଝାଡ଼ଖଣ୍ଡ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୨୭୯/୨୪) ରୁଜୁ କରିଥିଲା। ତେବେ ମାଙ୍ଗାନିଜ ଚୋରା କାରବାର କରୁଥିବା ଯୋଡ଼ା କନ୍ଧୁରୁପାଣି ଅଞ୍ଚଳର ଅମରନାଥ ନାଏକଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରିବାରେ ସଫଳ ହୋଇଛି। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

## ସ୍କ୍ରାପ୍ ଦୋକାନରେ ଚଢ଼ାଉ | ବିନା ଅନୁମତିରେ ଗାଡ଼ି କାଟି ବିକ୍ରି

କେନ୍ଦୁଝର,୨୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ବଡ଼ବିଲ ବସ୍‌ଷ୍ଟପ୍ ନିକଟରେ ଥିବା ଏକ ସ୍କ୍ରାପ୍ ଦୋକାନରେ ଗୁରୁବାର ପୋଲିସ ଚଢ଼ାଉ କରିଛି। ଗୋଦାମରୁ ବହୁ ଗାଡ଼ି ଜବତ କରି କାଗଜପତ୍ର ଯାଞ୍ଚ କରିଛି। କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ମଧ୍ୟ ସ୍କ୍ରାପ୍ ବ୍ୟବସାୟୀଙ୍କୁ ଡକାଇ ଗାଡ଼ି ଓ ଗୋଦାମର କାଗଜପତ୍ର ଯାଞ୍ଚ କରି ଗାଡ଼ିଗୁଡ଼ିକୁ ନ କାଟିବାକୁ ନିର୍ଦ୍ଦେଶ ଦେଇଛି।

ପ୍ରକାଶ ଯେ, ବଡ଼ବିଲ ବସ୍‌ଷ୍ଟପ୍ ନିକଟରେ ଥିବା ସନ୍ଦିପ୍ ଏଣ୍ଟରପ୍ରାଇଜେସ ଗୋଦାମରେ ପୁରୁଣା ଗାଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ସ୍କ୍ରାପ୍ କରାଯାଉଥିଲା। ଏହି ଆଳରେ ଜିଲାରୁ ଚୋରି ହେଉଥିବା ବହୁ ଗାଡ଼ି ମଧ୍ୟ ଏଠାରେ କଟାଯାଇ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଟାଉନ ଥାନା ପୋଲିସ ସନ୍ଦିପ ଏଣ୍ଟରପ୍ରାଇଜେସ ଗୋଦାମରେ ଚଢ଼ାଉ କରି ଜବତ ଗାଡ଼ିର କାଗଜପତ୍ର ଯାଞ୍ଚ କରିଛି। ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେଶନ ବାତିଲ ନ ହୋଇ ବେଆଇନ ଭାବେ କଟାଯାଇ ପରିବହନ ବିଭାଗର ବିନା ଅନୁମତିରେ ଚାଲାଣ ହୋଇଆସୁଥିଲା। ଆରଟିଓ ଇଂ. ଗୋପାଳ କୃଷ୍ଣ ଦାସ କହିଛନ୍ତି, ବେଆଇନ କାମ ବନ୍ଦ କରିବାକୁ ଆଦେଶ କରାଯାଇଛି। କାଗଜପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟାଉନ ଥାନା ଅଧିକାରୀ ବିଭସ୍ପ ପ୍ରଧାନ କହିଛନ୍ତି, କାଗଜପତ୍ର ମଗାଯାଇ ଯାଞ୍ଚ କରାଯାଉଛି। ସନ୍ଦିପ ଏଣ୍ଟରପ୍ରାଇଜେସର ମାଲିକ ସନ୍ଦୀପ ଖଣ୍ଡ ଖଣ୍ଡ କାଟି ଗାଡି ବିକିବା ଘଟଣାକୁ ସ୍ୱୀକାର କରିଛନ୍ତି। ମାତ୍ର ଗାଡ଼ି ମାଲିକ ପୁରୁଣା ଗାଡି ଆଣି ବିକୁଛନ୍ତି, ସେସବୁ ସ୍କ୍ରାପ୍ ଭାବରେ ବିକାଯାଉଥିବା କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛିଣ୍ଡିଗଲା ଗୁନ୍ଥା ମାଳି,**
**ଝଲିଲା ମୁଖ ଯାଉଛି ଝାଉଁଳି,**
**କିଏ ଦେଇଛି କି ଗାଳି ?**

ଗାଳି ଦେଲେ ବା ଛିଗୁଲେଇ କରି କଥା କହିଲେ ମନ ଉଦାସ ହୋଇଯାଏ। ଏଥିସହ ମୁହଁରେ ବିଷଣ୍ଣ ଭାବ ପ୍ରକାଶ ପାଇଥାଏ। ସୌନ୍ଦର୍ଯ୍ୟରେ ଝଟକୁଥିବା ମୁହଁ ଗାଳି ପ୍ରଭାବରେ ମଳିନ ପଡିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛତା ଖଣ୍ଡ ମେଲା କଲି**
**ଛାଇ ହେବ ବୋଲି,**
**ମଧୁର କଥାରେ ଗଲି ତ ଭୁଲି**
**ଦରମରା ହୋଇଗଲି।**

ବିବେକ ଓ ବୁଦ୍ଧି ବଳରେ ମଣିଷ ଆଗେଇବା ଉଚିତ ହୋଇଥାଏ। ଅନ୍ୟର ମଧୁର କଥାରେ ଭଳିଯାଇ ବା ଭାସିଯାଇ କାର୍ଯ୍ୟ କରି ବସିଲେ ପରିଶେଷରେ ହୀନସ୍ତା ହେବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଯବାନ ଭାବି ତାଙ୍କ ଭାଇଙ୍କୁ ଆକ୍ରମଣକଲେ ମାଓବାଦୀ

ମାଲକାନଗିରି, ୨୪।୧୦(ଦୁର୍ଯ୍ୟୋଧନ ପାତ୍ର)-ଛତିଶଗଡ଼ ଦାନ୍ତେୱାଡା ଜିଲାରେ ମାଓବାଦୀମାନେ ଜଣେ ଡିଆରଜି ଯବାନଙ୍କୁ ମାରିବାକୁ ଯାଇ ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଦାନ୍ତେୱାଡା ଜିଲା କିରାଣ୍ଡୁଳ ଥାନା ହିରୋଲି ଗାଁରେ ଡିଆର୍‌ଜି ଯବାନ ଦେବ କୁଞ୍ଜାମଙ୍କ ଭାଇ ଲକ୍ଷ୍ମଣ କୁଞ୍ଜାମ ପରିବାର ସହ ରହୁଥିବା ବେଳେ ହଠାତ୍ କେତେଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଉପରକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ଲକ୍ଷ୍ମଣଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜଗଦଲପୁରର ମେଡିକାଲକୁ ପଠାଯାଇଛି। ମାଓବାଦୀମାନେ ଲକ୍ଷ୍ମଣଙ୍କୁ ଡିଆର୍‌ଜି ଯବାନ ଦେବ ବୋଲି ଭାବି ଆକ୍ରମଣ କରିଥିବା ଜଣାପଡ଼ିଛି। କେତେଜଣ ମାଓବାଦୀ ଆକ୍ରମଣ ସମୟରେ ଯବାନ ହୋଇ ଆମ ଉପରକୁ ଗୁଳି ଚଳାଉଛୁ ବୋଲି କହୁଥିବା ପ୍ରତ୍ୟକ୍ଷଦର୍ଶୀ ଶୁଣିଥିବା କହିଛନ୍ତି। ତେଣୁ ଯବାନ ଦେବଙ୍କୁ ହତ୍ୟା କରିବାକୁ ଆସି ତାଙ୍କ ଭାଇଙ୍କୁ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ତେବେ ପରିବାର ଲୋକେ ଏନେଇ ପୋଲିସକୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଏହା ମାଓବାଦୀ ଆକ୍ରମଣ ନା ଅନ୍ୟ କେହି ଏହା କରିଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବତୀ, ଯୁବକଙ୍କ ଗଳାକଟା ମୃତଦେହ ଜବତ

### ହତ୍ୟା ସନ୍ଦେହ

- ବଲାଙ୍ଗୀର ଏସ୍‌ପିଙ୍କ ଉପସ୍ଥିତିରେ ତଦନ୍ତ ଆରମ୍ଭ
- ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍‌ର ଛାନ୍‌ଭିନ୍

ବଲାଙ୍ଗୀର,୨୪।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ତଣ୍ଡାମୁଣ୍ଡା ଗାଁ ନିକଟ ରାସ୍ତାକଡ ପତ୍ରା ଜଙ୍ଗଲରେ ଗୁରୁବାର ସକାଳେ ଜଣେ ଯୁବତୀ ଓ ଯୁବକଙ୍କ ଗଳାକଟା ମୃତଦେହ ପୋଲିସ ଜବତ କରିଛି।



ସେମାନଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଉଭୟ ଯୁବତୀ ଓ ଯୁବକଙ୍କ ଗଳାରେ ଧାରୁଆ ଅସ୍ତ୍ରରେ କଟା ଚିହ୍ନ ରହିଛି। ଯୁବତୀଙ୍କ ହାତରେ ମଧ୍ୟ କଟା ଚିହ୍ନ ଥିବା ଜଣାପଡିଛି। ଯୁବତୀଙ୍କ ମୃତଦେହ ପଡିଥିବା ସ୍ଥାନରୁ ୨ ଫୁଟ୍ ତଳକୁ ଯୁବକଙ୍କ ମୃତଦେହ ପଡିଥିଲା। ସେମାନଙ୍କୁ ହତ୍ୟା କରି ସେଠାରେ କେହି ଫିଙ୍ଗି ଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ମୃତଦେହ ଆଟଗାଁ-ଉପରଝର ଘାଟି ରାସ୍ତାର ଠାକୁରାଣୀ ମନ୍ଦିର ନିକଟରେ ଥିବା ତଣ୍ଡାମୁଣ୍ଡା ଗାଁକୁ ଯାଇଥିବା ଏକ ଅଣଓସାରିଆ ସ୍ଥାନରେ ପଡିଥିବାରୁ ପୂର୍ବରୁ ଏହି ସ୍ଥାନ ଦେଖି ସେମାନଙ୍କୁ ଦୁର୍ବୃତ୍ତମାନେ ଫିଙ୍ଗିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ମର୍ଗ ହାଉସରେ ରଖିଛି।

ସୂଚନାଯୋଗ୍ୟ, ଗୁରୁବାର ସକାଳୁ ପତ୍ରା ଜଙ୍ଗଲରେ ଯୁବତୀ ଓ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ପୁଇଁତଲା ଥାନାଧିକାରୀ ଶୁଭରାଜ ଧରୁଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ ଓ ସାଇବର ଥାନା ଟିମ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଥିଲେ। ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। କେଉଁଭଳି ପରିସ୍ଥିତିରେ ଯୁବତୀ ଓ ଯୁବକଙ୍କ ମୃତଦେହ ଏଠାକୁ ଆସିଲା ଓ ସେମାନେ କିଏ ସେନେଇ ତଦନ୍ତ ଜୋରଦାର କରିଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ପରିଚୟ ପାଇନାହିଁ। ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିନାହିଁ। ପାରିପାର୍ଶ୍ୱିକ ସ୍ଥିତି ଏବଂ ମୃତ ଯୁବତୀ ଓ ଯୁବକଙ୍କ ବୟସକୁ ଦେଖି ସ୍ଥାନୀୟ ଲୋକେ ଏହା ପ୍ରେମ ଜନିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରିଛନ୍ତି। କିଛିଲୋକ ଏହାକୁ ଅନର କିଲିଂ ହୋଇଥାଇପାରେ ବୋଲି ମଧ୍ୟ କହୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ବୁଧବାର ସନ୍ଧ୍ୟା ସୁଦ୍ଧା ଏହି ରାସ୍ତାରେ କୌଣସି ମୃତଦେହ ପଡିଥିବା କେହି ଦେଖି ନ ଥିଲେ। ବିଳମ୍ବିତ ରାତିରେ ୨ ମୃତଦେହକୁ କେହି ଏଠାରେ ଫିଙ୍ଗି ଫେରାର ହୋଇଥିବା ଅନୁମାନ କରୁଛନ୍ତି। ବଲାଙ୍ଗୀର ଏସ୍‌ପି ଖିଲାରୀ କହିଛନ୍ତି ଯେ, ପୋଲିସ ସବୁ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ମୃତଦେହ ଦେଖି ଠୋସ୍ କିଛି କୁହାଯାଇପାରିବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହେବ।

## ଜନ୍ମଦିନର ଶୁଭେଚ୍ଛା

ନାମ: .................................

ବୟସ: .................................

ଜନ୍ମ ତାରିଖ: .................................



ସାଇ ପ୍ରକାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚାମ୍ପିୟନକୁ ହରାଇଲା ଭାରତ

## ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ

## ପଦାର୍ପଣରେ ସାଇମା, ତେଜଲ ପ୍ରଭାବୀ

**ଅହମଦାବାଦ,୨୪।୧୦**

ଦିନକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳର ଦୁଇ ପଦାର୍ପଣକାରୀ ଖେଳାଳି ସାଇମା ଠାକୁର ଓ ତେଜଲ ହସବନିସ୍ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଳେ ଟି୨୦ରେ ବିଶ୍ୱ ଚାମ୍ପିୟନ ନ୍ୟୁଜିଲାଣ୍ଡକୁ ୫୯ ରନ୍‌ରେ ପରାସ୍ତ କରିଛି ଭାରତ। ଟସ୍ ଜିତି ପ୍ରଥମେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୪.୩ ଓଭରରେ ୨୨୭ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୦.୪ ଓଭରରେ ୧୬୮ ରନ୍‌ରେ ଅଲଆଉଟ ହୋଇ ଯାଇଥିଲା।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ହରମନ୍‌ପ୍ରୀତ କୌରଙ୍କ ଅନୁପସ୍ଥିତିରେ ଷ୍ଟାଣ୍ଡଇନ୍ କ୍ୟାପଟେନ୍ ସ୍ମୃତି ମନ୍ଧାନା(୫) ରନ୍‌ରେ ଆଉଟ ହୋଇଥିଲେ। ଶେଫାଳି ବର୍ମା ୩୩ ଓ ୟସ୍ତିକା ଭାଟିଆ ୩୭ ରନ୍ କରି ଇନିଂସ ସଜାଡିଥିଲେ। ଦୟାଲାନ ହେମଲତା ୩ ରନ୍‌ରେ ଆଉଟ ହୋଇଥିବା ବେଳେ ଜେମିମା ରୋଡ୍ରିଗୁଏଜ ୩୫ ରନ୍ କରିଥିଲେ। ୯୧ ରନ୍‌ରେ ୪ ଉଇକେଟର ପତନ ପରେ କ୍ରିଜରେ ଯୋଗ ଦେଇଥିଲେ ଡେବ୍ୟୁଟାଣ୍ଟ ତେଜଲ। ଉଇକେଟ କିପର ବ୍ୟାଟର ତେଜଲ ଭାରତର ଟପ୍ ସ୍କୋରର ରହିବା ସହ ୪୨ ରନ୍ ସ୍କୋର କରିଥିଲେ। ୬୪ ବଲ୍ ଖେଳି ସେ ୩ ଚୌକା ସହ ୪୨ ରନ କରିଥିଲେ। ଅନ୍ୟ ପକ୍ଷରେ ଅଲରାଉଣ୍ଡର ଦୀପ୍ତି ଶର୍ମା ୪୧ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଆମେଲିଆ କେର୍ ୪, ଜେସ୍ କେର୍ ୩, ଏଡେନ୍ କାର୍ସନ ୨ ଓ ସୁଜି ବେଟ୍ସ ୧ ଉଇକେଟ ନେଇଥିଲେ।

୨୨୮ ରନ୍ ଲକ୍ଷ୍ୟରେ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ୪୦.୪ ଓଭରରେ ୧୬୮ ରନ୍ ସ୍କୋର କରିଥିଲା। ଦଳ ପକ୍ଷରୁ ବ୍ରୁକ୍ ହାଲିଡେ ସର୍ବାଧିକ ୩୯ ରନ୍ କରିଥିବା ବେଳେ ମ୍ୟାଡି ଗ୍ରୀନ୍ ୩୧ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲରେନ୍ ଡାଉନ୍ ୨୬, ଜର୍ଜିଆ ପ୍ଲିମର ୨୫ ଓ ଆମେଲିଆ କେର୍୨୫* ରନ୍ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ ଉଇକେଟ ନେଇଥିଲେ। ପଦାର୍ପଣକାରୀ ସାଇମା ସୁଜି ବେଟ୍ସ ଓ ବ୍ରୁକ୍ ହାଲିଡେଙ୍କୁ ଆଉଟ କରିଥିବା ବେଳେ ୩ଟି କ୍ୟାଚ୍ ମଧ୍ୟ ନେଇଥିଲେ।



ବ୍ରୁକ୍ ହାଲିଡେଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ସାଇମା ଓ ଜେମିମା ରୋଡ୍ରିଗୁଏଜ୍।




**ସଂକ୍ଷିପ୍ତ ସ୍କୋର**

ଭାରତ ୪୪.୩ ଓଭରରେ ୨୨୭/୧୦ (ତେଜଲ ହସବନିସ-୪୨, ଦୀପ୍ତି ଶର୍ମା-୪୧, ଜେମିମା ରୋଡ୍ରିଗୁଏଜ-୩୫, ଆମେଲିଆ କେର୍-୪/୪୨, ଜେସ୍‌କେର-୩/୪୯, ଏଡେନ୍ କାର୍ସନ-୨/୪୨)।

ନ୍ୟୁଜିଲାଣ୍ଡ ୪୦.୪ ଓଭରରେ ୧୬୮/୧୦(ବ୍ରୁକ୍ ହାଲିଡେ-୩୯, ମ୍ୟାଡି ଗ୍ରୀନ-୩୧, ଲରେନ୍ ଡାଉନ୍ ୨୬, ରାଧା ଯାଦବ-୩/୩୫, ସାଇମା ଠାକୁର-୨/୨୬, ଅରୁନ୍ଧତୀ ରେଡ୍ଡୀ-୧/୨୧)।

# ଭାରତଠାରୁ ହାରିଲା ଜର୍ମାନୀ



ଗୋଲ୍ ସ୍କୋର ପରେ ଭାରତୀୟ ହକି ଦଳ।

## ଦ୍ୱିତୀୟ ହକି ଟେଷ୍ଟ

**ନୂଆଦିଲ୍ଲୀ, ୨୪।୧୦ (ପି.ଟି.)**

ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଜର୍ମାନୀ ବିପକ୍ଷ ଦ୍ୱିତୀୟ ହକି ଟେଷ୍ଟରେ ଅଧିନାୟକ ହରମନପ୍ରୀତ ସିଂ ଓ ସୁଖଜିତ ସିଂଙ୍କ ଡବଲ୍ ଗୋଲ ବଳ୍‌ରେ ଭାରତ ୫-୩ ଗୋଲରେ ବିଜୟ ଲାଭ କରିଛି। କିନ୍ତୁ ଶୁଟ୍‌ଆଉଟ ଜରିଆରେ ଜର୍ମାନୀ ଦୁଇ ମ୍ୟାଚ ବିଶିଷ୍ଟ ସିରିଜକୁ ଜିତି ନେଇଛି। ଜର୍ମାନୀ ତରଫରୁ ଏଲିଆନ ମାଜ୍‌କୋର (୭ମ ଓ ୫୭ତମ ମିନିଟ) ଦୁଇଟି ଗୋଲ ସ୍କୋର କରି ଦଳକୁ ପ୍ରଥମେ ୨-୦ରେ ଅଗ୍ରଣୀ କରାଇଥିଲେ। ଭ୍ରମଣକାରୀ ଦଳ ତରଫରୁ ଅନ୍ୟ ଗୋଲ୍‌ଟିକୁ ହେନରିକ୍ ମର୍ଟଜେନ୍ସ ୬୦ତମ ମିନିଟରେ ଦେଇଥିଲେ। ଭାରତ ଦ୍ୱିତୀୟାର୍ଦ୍ଧରେ ସୁଖଜିତ ସିଂ (୩୪ତମ ଓ ୪୮ତମ), ଅଧିନାୟକ ହରମନପ୍ରୀତ ସିଂ (୪୨ତମ ଓ ୪୩ତମ) ଏବଂ ଅଭିଷେକ (୪୫ତମ)ଙ୍କ ଗୋଲ୍ ବଳରେ ଦୁଇ ମ୍ୟାଚ ବିଶିଷ୍ଟ ସିରିଜକୁ ସମାନ ସ୍ତରକୁ ଆଣିବାରେ ସଫଳ ରହିଥିଲା। ବୁଧବାର ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଜର୍ମାନୀ ୨-୦ ଗୋଲରେ ବିଜୟୀ ହୋଇଥିଲା। ସିରିଜ ବିଜୟୀ ନିର୍ଣ୍ଣୟ କରିବା ଲାଗି ଗୁରୁବାର ଅନୁଷ୍ଠିତ ଶୁଟ୍‌ଆଉଟରେ ଭାରତ ୧-୩ରେ ପରାଜିତ ହୋଇଥିଲା। ଅଭିଷେକ ଓ ମହମ୍ମଦ ରାହିଲ ଅସଫଳ ରହିଥିବା ବେଳେ ଆଦିତ୍ୟ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ଭାରତୀୟ ଗୋଲକିପର କ୍ରିଶନ ବାହାଦୂର ପାଠକ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଦୁଇଟି ଚମତ୍କାର ଗୋଲ୍ ରକ୍ଷଣ କରିଥିଲେ ମଧ୍ୟ ଶୁଟ୍ ଆଉଟରେ ଅସଫଳ ରହିଥିଲେ।


## ଜନ୍ମଦିନ ଶୁଭେଚ୍ଛା



**ସାଇ ପ୍ରକାଶ ପାତ୍ର**

୪୨ମୌଜା, କଟକ

ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା, ତୋର ଚଲାପଥ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ- ତୋର ବାପା, ବୋଉ, ଦୁଇପାପା, ମାମା, ଛୁଆପାପା, ବଡ଼ଭାଇ, ଭଉଣୀ, ଅଜା ଓ ଆଈ।

ଧ-୧୭୫୪


## ୪୫ବର୍ଷରେ ଫର୍ଲାନଙ୍କ ଟେନିସରେ ପଦାର୍ପଣ

**ମଣ୍ଟେଭିଡିଓ, ୨୪।୧୦ (ଏପି):** ଉରୁଗୁଏର ପୂର୍ବତନ ଫୁଟ୍‌ବଲ ଷ୍ଟ୍ରାଇକର ଡିଏଗୋ ଫର୍ଲାନ ୪୫ ବର୍ଷ ବୟସରେ ପ୍ରଫେଶନାଲ ଟେନିସ ପଦାର୍ପଣ କରିବେ। ସେ ଆର୍ଜେଣ୍ଟିନାର ଫେଡେରିକୋ କୋରିଆଙ୍କୁ ପାର୍ଟନର କରି ନଭେମ୍ବର ୧୧ରୁ ଆରମ୍ଭ ହେବାକୁଥିବା କ୍ଲେ-କୋର୍ଟ ଉରୁଗୁଏ ଓପନ ଟୁର୍ନାମେଣ୍ଟରେ ଖେଳିବେ। ୨୦୧୯ରେ ଫୁଟ୍‌ବଲରୁ ଅବସର ପୂର୍ବରୁ ଫର୍ଲାନ ମାଞ୍ଚେଷ୍ଟରର ୟୁନାଇଟେଡ୍, ଆଟଲେଟିକୋ ମାଡ୍ରିଡ, ଇଣ୍ଟର ନାଜିଓନୋଲ ଓ ପେନାରଲ ଦଳରୁ କ୍ଲବ ଫୁଟ୍‌ବଲ ଖେଳିଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

## ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର,୨୪।୧୦(ସରୋଜ ଜେନା)**

ସମ୍ବଲପୁରରେ ଅନୁଷ୍ଠିତ ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ୍‌ମିଣ୍ଟନରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି କିଟ୍ ବିଶ୍ୱବିଦ୍ୟାଳୟ। ଫାଇନାଲରେ ଆଡାମାସ୍ ବିଶ୍ୱବିଦ୍ୟାଳୟକୁ ୨-୦ରେ ହରାଇ କିଟ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କିଟ୍ ପକ୍ଷରୁ ହର୍ଷିତା ରାଉତ ୨୧-୧୬, ୧୪-୨୧ ଓ ୨୧-୧୭ ସେଟରେ ଆଡାମାସ୍‌ର ଗୌରୀ କ୍ରିଷ୍ଣାଙ୍କୁ ପରାସ୍ତ କରିଥିଲେ। ସେହିପରି ଡବଲ୍ସ ମ୍ୟାଚ୍‌ରେ ହର୍ଷିତା ରାଉତ ଓ ଶ୍ରୁତି ସ୍ୱାଇଁଙ୍କ ଯୋଡି ୨୪-୨୨ ଓ ୫-୨ରେ ରଶିକା ଦାସ ଓ ଗୌରୀ କ୍ରିଷ୍ଣାଙ୍କ ବିପକ୍ଷରେ ଆଗୁଆ ଥିଲେ। ରଶିକା ଓହରି ଯିବା କାରଣରୁ କିଟ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସେହିପରି ତୃତୀୟ ସ୍ଥାନ ପାଇଁ ଖେଳା ଯାଇଥିବା ମ୍ୟାଚ୍‌ରେ କୋଲକାତା ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି।




ଅତିଥିଙ୍କ ଗହଣରେ ଚାମ୍ପିୟନ କିଟ୍ ଦଳ।

## ଦଶନ୍ଧିରେ ଦକ୍ଷିଣ ଆଫ୍ରିକାର ଏସିଆରେ ପ୍ରଥମ ଟେଷ୍ଟ ବିଜୟ

**ମୀରପୁର,୨୪।୧୦:** ଫାଷ୍ଟ ବୋଲର କାଗିସୋ ରାବାଡା (୬/୪୬)ଙ୍କ ଚମତ୍କାର ବୋଲିଂ ଯୋଗୁ ଦକ୍ଷିଣ ଆଫ୍ରିକା ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ ୭ ଉଇକେଟରେ ବିଜୟ ହାସଲ କରିଛି। ଦଶନ୍ଧିରେ ଏସିଆରେ ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଟେଷ୍ଟ ବିଜୟ। ଭ୍ରମଣକାରୀ ଦଳ ୨୦୧୪ରେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଏସିଆରେ ଶେଷ ଥର ପାଇଁ ଏକ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରିଥିଲା। ପ୍ରଥମ ଇନିଂସରେ ୮୯ ରନରେ ପଛୁଆଥିବା ବାଂଲାଦେଶ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୮୩/୭ରୁ ଏହାର ଖେଳ ଆରମ୍ଭ କରିଥିଲା। ରାବାଡା ଓ ୱିଆନ ମଲ୍‌ଡରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଦଳର ସ୍କୋର ୩୦୭ରେ ସୀମିତ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ୧୦୬ରନ ବିଜୟ ଲକ୍ଷ୍ୟକୁ ୨୨ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଏହି ତିନୋଟିଯାକ ଉଇକେଟ ତାଇଜୁଲ ଇସ୍‌ଲାମ ଅକ୍ତିଆର କରିଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ଉଇକେଟକିପର ବ୍ୟାଟର କାଇଲ ଭେରେନି (୧୧୪ ରନ) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚରେ ଆମକୁ ଦଳଗତ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ବାଂଲାଦେଶ ଅଧିନାୟକ ନାଜମୁଲ ହସନ ମ୍ୟାଚ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୧୦୬

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୦୮

ବାଂଲାଦେଶ ଦ୍ୱିତୀୟ ଇନିଂସ: ୩୦୭ (ମେହିଦି ହସନ ମିରାଜ-୯୭, ଜାକର ଅଲି-୫୮, ମହମୁଦୁଲହା ହସନ ଜଏ-୪୦; ରାବାଡା-୬/୪୬, କେଶବ ମହାରାଜ ୩/୧୦୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୦୬/୩ (ଟୋନି ଡି' ଜୋର୍ଜି-୪୧, ଟ୍ରିଷ୍ଟାନ ଷ୍ଟବ୍ସ-୩୦*; ତାଇଜୁଲ ଇସ୍‌ଲାମ-୩/୪୩)।

## ଭାରତ-ପାକିସ୍ତାନ ମହିଳା ଟି୨୦ ବିଶ୍ୱକପ୍ ମ୍ୟାଚରେ ରେକର୍ଡ ଦର୍ଶକ

**ଦୁବାଇ, ୨୪।୧୦ (ପି.ଟି.):** ଗତ ଅକ୍ଟୋବର ୬ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍ ମ୍ୟାଚକୁ ରେକର୍ଡ ସଂଖ୍ୟକ ଦର୍ଶକ ଉପଭୋଗ କରିଛନ୍ତି ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁବାର ପ୍ରକାଶ କରିଛି। ଟୁର୍ନାମେଣ୍ଟ ଇତିହାସରେ ଏହା ସର୍ବାଧିକ। ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ୬ ଉଇକେଟରେ ବିଜୟ ଲାଭ କରିଥିଲା। ଏହାକୁ ୧୫,୯୩୫ ଦର୍ଶକ ଦେଖିଛନ୍ତି। ଅନ୍ୟପକ୍ଷରେ ଟି୨୦ ବିଶ୍ୱକପ୍ ୨୦୨୪ରେ ମୋଟ ଦର୍ଶକଙ୍କ ସଂଖ୍ୟା ହେଉଛି ୯୧,୦୩୦, ଯଦ୍ୱାରା କି ଗତ ସଂସ୍କରଣ ତୁଳନାରେ ୩୦ ପ୍ରତିଶତ ଅଧିକ।


# Classified Everyday

**0674-2580101, 2549949**



**REAL ESTATE**

**SALE**

Pre Launch booking open for 2BHK & 3BHK residential flat at Laxmi Sagar, Badagad Canal Road, Bhubaneswar. Contact- 7873751719, 7978751719. D-71391

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404.** D-1748

**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-1749




Newly open health benefits SPA special offer @ 799 Bapujinagar. 8018429809. D-76164

**ଧରିତ୍ରୀ**
DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**LOST**

ମୁଁ ବଳରାମ ସାହୁ, ପ୍ରତାପଶାସନ ମୌଜାସ୍ଥିତ ଗୋଟିଏ property କୁ ପ୍ରଦୀପ କୁମାର ମହାନ୍ତିଙ୍କଠାରୁ କିଣିଥିଲି। କିଣିବା ସମୟରେ ପ୍ରଦୀପ କୁମାର ମହାନ୍ତି ତାଙ୍କ ନିଜ କବଲା ନଂ-୧୬୮, ତା ୦୭।୦୨।୧୯୯୮ ଏବଂ ପଟ୍ଟା ଯାହାର ଖାତା ନଂ ୧୬୧୬/୬୪୦ ମୋତେ ଦେଇଥିଲେ। ମୁଁ କୋର୍ଟ ପାଖରେ ଏହି ଦୁଇଟି ଡକ୍ୟୁମେଣ୍ଟସ ଜେରକ୍ସ କରି ସାରିଲା ପରେ ଆଉ ପାଇ ନ ଥିଲି। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ଏଥିପାଇଁ ବାଲିଅନ୍ତା ପୋଲିସ ଷ୍ଟେଶନରେ ଲିଖିତ ଆକାରରେ ଜଣାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କୁ ଏହି ଦୁଇଟି ଡକ୍ୟୁମେଣ୍ଟସ ମିଳେ, SBI RACPC, BHUBANESWAR ରେ ଦେବାକୁ ଅନୁରୋଧ। D-1750

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**AFFIDAVIT**

By virtue of an affidavit before the Executive Magistrate, Bhubaneswar, Himansu Sekhar Behera, S/o- Jagadish Behera, resident of Plot No.- 70, Bapuji Nagar, Bhubaneswar, Odisha-751009 declare that father name is mentioned as Jagadish Behera in all my Educational and Official document and other relevant document. And in my father's Aadhaar Card and all relevant document his name is mentioned as Jagadish Chandra Behera. Jagadish Chandra Behera and Jagadish Behera is one and same person and he is my father. This is for all future references by affidavit No. 20 Dtd. 22.10.2024. D-71392

I, "DEBASIS ADHYA", S/o- PRADIP KUMAR ADHYA, resident of "NARI SEBA SADAN", SARADA DEVI ROAD, "Ward No.-12", Dist.- Puri, PIN-752001, Odisha, declare by this affidavit No.-01, dated 24.10.2024, that now onwards I shall be known as "DEBASISH ADHYA for all future purposes. D-1753

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଅଶୋକ ମହାନ୍ତି

ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତା' ସହିତ କ୍ରୀଡ଼ା ପ୍ରତିଭା ଚୟନ, ତୃଣମୂଳ ସ୍ତରରେ ତାଲିମ ବ୍ୟବସ୍ଥା ଓ କ୍ରୀଡ଼ା ଛାତ୍ରାବାସ ଯୋଜନାକୁ ସୁଦୃଢ଼ କରିବା ନିତାନ୍ତ ଆବଶ୍ୟକ। ଆଗାମୀ ଦିନରେ ଓଡ଼ିଶାକୁ ଏକ କ୍ରୀଡ଼ା ଶକ୍ତି ରାଜ୍ୟ ଭାବେ ଗଢ଼ିତୋଳିବା ଆମ ସମସ୍ତ କ୍ରୀଡ଼ାପ୍ରେମୀଙ୍କ ଏକାନ୍ତ କାମ୍ୟ...

(ଭାଗ-୨)
(ଅଗ୍ରଗତି ଓ ବର୍ତ୍ତମାନର ସ୍ଥିତି)

# ଓଡ଼ିଶା କ୍ରୀଡ଼ା


ଅମିତ୍ ରୋହିଦାସ
ଦୂତୀ ଚାନ୍ଦ
ଦେବାଶିଷ ମହାନ୍ତି

ଓଡ଼ିଶା କ୍ରୀଡ଼ାର ପ୍ରଥମ ଭାଗ ଗତ ସପ୍ତାହ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇସାରିଛି। ଏଥିରେ ୧୯୦୪ ମସିହାରେ ପ୍ରଥମଥରପାଇଁ ''ଓଡ଼ିଶା ସ୍ପୋର୍ଟ୍ସ ଆସୋସିଏଶନ'' ଗଠନ, ୧୯୦୯ରେ ଏହାର ନାମ ପରିବର୍ତ୍ତନ ହୋଇ ''ଓଡ଼ିଶା ଆଥଲେଟିକ୍ ଆସୋସିଏଶନ'' ହେବା, ୧୯୪୬ରେ ଏହି ଅନୁଷ୍ଠାନଟି ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଭାବେ ମାନ୍ୟତା ପାଇବା ଏବଂ ଓଡ଼ିଶାର ଦୁଇ ବରପୁତ୍ର ଡ. ହରେକୃଷ୍ଣ ମହତାବ ଏବଂ ଭୈରବ ଚନ୍ଦ୍ର ମହାନ୍ତି ଯଥାକ୍ରମେ ସଭାପତି ଓ ସମ୍ପାଦକ ଭାବେ ମନୋନୀତ ହେବା, ୧୯୫୦ରେ ବମ୍ବେଠାରେ ଅନୁଷ୍ଠିତ ଜାତୀୟ ଅଲିମ୍ପିକ୍ କ୍ରୀଡ଼ାରେ ଓଡ଼ିଶାର ସ୍ୱର୍ଗତ ନନ୍ଦକୃଷ୍ଣ ଦାସ ପ୍ରଥମ ଓଡ଼ିଆ ଭାବେ ଡେକାଥଲନ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ୧୯୮୪-୮୫ରେ କ୍ରୀଡ଼ା ଛାତ୍ରାବାସ ଯୋଜନା ଆରମ୍ଭ ହେବାଠାରୁ ୧୯୯୬ରେ ଦିଲୀପ ତିର୍କୀ ପ୍ରଥମ ଓଡ଼ିଆ ହକି ଅଲିମ୍ପିଆନ (ଆଟ୍‌ଲାଣ୍ଟା ଅଲିମ୍ପିକ୍ସ) ଭାବେ ରାଜ୍ୟକୁ ଗୌରବାନ୍ୱିତ କରିବାଭଳି ରୋଚକ ଆଲେଖ୍ୟ ରହିଥିଲା। ଦ୍ୱିତୀୟ ଭାଗରେ ଓଡ଼ିଶା କ୍ରୀଡ଼ାର ଅଗ୍ରଗତି ଓ ବର୍ତ୍ତମାନର ସ୍ଥିତି ଉପରେ ଆଲୋକପାତ କରାଯାଇଛି।

ପରବର୍ତ୍ତୀ ସମୟରେ ଏହି ଧାରା ଅବିରାମ ଗତିରେ ବୃଦ୍ଧି ପାଇବା ଆରମ୍ଭ ହେଲା। ସୁନ୍ଦରଗଡ଼ ଜିଲାର ସହସ୍ରାଧିକ ପ୍ରତିଭାବାନ୍ ହକି ଖେଳାଳି ସୁଯୋଗ ଅଭାବରୁ ସେମାନଙ୍କର ଅଞ୍ଚଳ ଭିତରେ ସୀମିତ ରହିଥିଲେ। କ୍ରୀଡ଼ା ଛାତ୍ରାବାସ ଯୋଜନାରେ ସାମିଲ ହୋଇ ଏହି ଜିଲାର ଆଦିବାସୀ ଖେଳାଳିମାନେ ବିଶ୍ୱର ସର୍ବୋଚ୍ଚ ସ୍ତରରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାରେ ସଫଳ ହେଲେ। ଦିଲୀପଙ୍କ ପଦାଙ୍କ ଅନୁସରଣ କରି ଲାଜରୁସ, ଇଗ୍ନେସ, ପ୍ରବୋଧ, ୱିଲିୟମ, ରୋଶନ ଏବଂ ମହିଳା ଖେଳାଳି ଜ୍ୟୋତି ସୁନୀତା, ସୁଭଦ୍ରା, ବିନିତା, ଆନାରିତା ପ୍ରମୁଖ ଭାରତୀୟ ହକି ଦଳର ନିୟମିତ ସଦସ୍ୟ ଭାବେ ପ୍ରତିଷ୍ଠା ଲାଭ କଲେ। ଅନ୍ୟ କ୍ରୀଡ଼ାରେ ମଧ୍ୟ ଆମ କ୍ରୀଡ଼ାବିତ୍‌ମାନେ ଜାତୀୟ ଅନ୍ତର୍ଜାତୀୟ କ୍ଷେତ୍ରରେ ଉଚ୍ଚମାନର ପ୍ରଦର୍ଶନ ଦ୍ୱାରା ରାଜ୍ୟ ପାଇଁ ସୁନାମ ଆଣିଲେ। ଦୌଡ଼କୁଦରେ ରଚିତା ପଣ୍ଡା, ଅନୁରାଧା ବିଶ୍ୱାଳ, ଜଉନା ମୁର୍ମୁ, ସୁଷମା ବେହେରା, ପୂର୍ଣ୍ଣିମା ହେମ୍ବ୍ରମ, ଉଲ୍ଲିବଲରେ ମହମ୍ମଦ ଜମ୍ମା, ଝିଲିଲତା ସେଣ, ପୁରୁଷ ଫୁଟବଲରେ ଆର୍.ପି. ସିଂ, ମହିଳା ଫୁଟବଲରେ ଶ୍ରଦ୍ଧାଞ୍ଜଳି, ସସ୍ମିତା, ରଞ୍ଜିତା, ଆଲୋଚନା, ଜିମ୍ନାଷ୍ଟିକ୍ସରେ ରାକେଶ ପାତ୍ର, ମହିଳା ଭାରୋତ୍ତୋଳନରେ ପ୍ରଣ୍ଣିତା ମଙ୍ଗରାଜ, ଟିଙ୍କିନା ଗୋପାଳ ପ୍ରମୁଖ କ୍ରୀଡ଼ାବିତ୍‌ମାନେ ଭାରତୀୟ ସିନିୟର ଦଳର ସଦସ୍ୟ ଭାବେ ଦେଶକୁ ପ୍ରତିନିଧିତ୍ୱ କରି ନିଜ ପାଇଁ ଏବଂ ରାଜ୍ୟ ଲାଗି ଗୌରବ ଆଣିଥିଲେ।

୯୦ ଦଶକର ପ୍ରଥମ ଭାଗରେ ଓଡ଼ିଶା ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଥିଲା। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଦ୍ୱାରା କଟକର ଜଗତପୁରଠାରେ ଏକ ଜଳକ୍ରୀଡ଼ା ପ୍ରକଳ୍ପ ଆରମ୍ଭ ହେଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ଭାରତୀୟ ରୋଇଂ ଫେଡେରେଶନର ଅଧ୍ୟକ୍ଷ ବ୍ରିଗେଡିୟର କେ.ପି. ସିଂଦେଓଙ୍କ ମିଳିତ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ଏହି ଜଳକ୍ରୀଡ଼ା କେନ୍ଦ୍ରରୁ ପ୍ରଶିକ୍ଷଣ ଗ୍ରହଣ କରି ରୋଇଂ, କାନୋଇଂ ଓ କାୟାକିଙ୍ଗ୍‌ରେ ଆମ କ୍ରୀଡ଼ାବିତ୍‌ମାନେ ଜାତୀୟ କ୍ରୀଡ଼ା ଏବଂ ଏସୀୟ କ୍ରୀଡ଼ାରେ ପଦକ ହାସଲ କରିବାରେ ସକ୍ଷମ ହେଲେ। ପ୍ରତିମା ପୁହାଣ ଓ ପ୍ରମିଳା ପ୍ରଭା ମିଞ୍ଜ ୨୦୧୦ ବୁସାନ ଏସୀୟ କ୍ରୀଡ଼ାର ରୋଇଂରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚନା କରିଥିଲେ। ଦେଶର ଅନ୍ୟତମ ପ୍ରମୁଖ ଜଳକ୍ରୀଡ଼ା କେନ୍ଦ୍ରର ମାନ୍ୟତା ପାଇଥିବା ଜଗତପୁର କେନ୍ଦ୍ରରୁ ଶତାଧିକ କ୍ରୀଡ଼ାବିତ୍ ଜାତୀୟ ପ୍ରତିଯୋଗିତାରେ ଲଗାତର ପଦକ ହାସଲ କରିବାରେ ସଫଳ ହୋଇଛନ୍ତି।

ଉପରୋକ୍ତ ବର୍ଣ୍ଣିତ ବ୍ୟବସ୍ଥା ମଧ୍ୟରୁ ରାଜ୍ୟର ଓଡ଼ିଆ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମପ୍ରାପ୍ତ କ୍ରୀଡ଼ାବିତ୍‌ମାନେ ୨୦୦୦ ମସିହା ପରଠାରୁ ମଧ୍ୟ ଅନ୍ତର୍ଜାତୀୟ କ୍ଷେତ୍ରରେ ସେମାନଙ୍କର ସଫଳ ପ୍ରଦର୍ଶନ ଜାରି ରଖିଛନ୍ତି। ସ୍ପ୍ରିଣ୍ଟର ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ୍, ଅମିୟ ମଲିକ, ହକି ତାରକା ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ, ସୁନିତା ଲାକ୍ରା, ନମିତା ଟପ୍ପୋ (ସମସ୍ତେ ଅଲିମ୍ପିଆନ) ଭାରୋତ୍ତୋଳନକାରୀ କେ, ରବି କୁମାର, ଜିମ୍ନାଷ୍ଟ ରାକେଶ କୁମାର ପାତ୍ର ପ୍ରମୁଖ ଓଡ଼ିଶାର କ୍ରୀଡ଼ା ଛାତ୍ରାବାସରୁ ହିଁ ସେମାନଙ୍କର ସ୍ମରଣୀୟ କ୍ରୀଡ଼ା ଯାତ୍ରା ଆରମ୍ଭ କରି ଆଗକୁ ବଢ଼ିଛନ୍ତି।

ସରକାରଙ୍କ ବିନା ସହାୟତାରେ ନିଜସ୍ୱ ପ୍ରୟାସରେ ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିବାରେ ଏକ ସଫଳ ଅନୁଷ୍ଠାନ ହେଉଛି ଉତ୍କଳ କରାଟେ ସ୍କୁଲ। ଏହାର ପ୍ରତିଷ୍ଠାତା ହେଉଛନ୍ତି ଗୁରୁ ହରିପ୍ରସାଦ। ବିଗତ ୩ ଦଶନ୍ଧିରୁ ଅଧିକ ସମୟ ଧରି ମାର୍ଶଲ ଆର୍ଟ ଏବଂ 'ପାୱାର ସ୍ପୋର୍ଟ୍ସ'କୁ ପ୍ରୋତ୍ସାହନ ଦେଇଆସୁଥିବା ଏହି ଅନୁଷ୍ଠାନ ବିଭିନ୍ନ ବୟସ ବର୍ଗର ଶତାଧିକ ଜାତୀୟ ଚାମ୍ପିୟନ ତିଆରି କରିବା ସହିତ ଭାଲେନା ଭାଲେଣ୍ଟିନା ଏବଂ ଅନୁପମା ସ୍ୱାଇଁ (କଟାଟେ ଓ ଜିଜୁତ୍ସୁ)ଙ୍କ ଭଳି ଅନ୍ତର୍ଜାତୀୟ ତାରକା ସୃଷ୍ଟି କରିବାରେ ସଫଳ ହୋଇଛି। ୧୯୯୭ରୁ ୨୦୦୦ ମଧ୍ୟରେ ଓଡ଼ିଶା କ୍ରୀଡ଼ାକୁ ଏକ ବଡ଼ ଉପଲବ୍ଧି ମିଳିଥିଲା କ୍ରିକେଟରୁ। ୧୯୯୭ ଭାରତୀୟ ବିଶ୍ୱକପ୍ ଦଳରେ ସଦସ୍ୟ ଭାବେ ଓଡ଼ିଆ ଦ୍ରୁତତମ ବୋଲର ଦେବାଶିଷ ମହାନ୍ତିଙ୍କ ଯୋଗଦାନ। ୧୯୯୮ ଭାରତୀୟ ଏକ ଦିବସୀୟ କ୍ରିକେଟ ଦଳରେ ସ୍ଥାନ ପାଇଥିବା ସଞ୍ଜୟ ରାଉଳ ଏବଂ ୨୦୦୦ରେ ଶିବସୁନ୍ଦର ଦାସ ଭାରତୀୟ ଟେଷ୍ଟ କ୍ରିକେଟ ଦଳରେ ଓପନିଂ ବ୍ୟାଟର ହିସାବରେ ଅଷ୍ଟ୍ରେଲିଆ ଗସ୍ତ କରିବା ଥିଲା ଓଡ଼ିଶା କ୍ରୀଡ଼ା (କ୍ରିକେଟ) ପାଇଁ ଐତିହାସିକ ସଫଳତା। ପରିତାପର ବିଷୟ ଏହା ପରଠାରୁ ପ୍ରାୟ ୨ ଦଶନ୍ଧି ଧରି ଓଡ଼ିଶାର କେହି ଅନ୍ତର୍ଜାତୀୟ କ୍ରିକେଟର (ପୁରୁଷ) ବାହାରି ନାହାନ୍ତି। ମହିଳା କ୍ରିକେଟରମାନଙ୍କ ମଧ୍ୟରେ ୨୦୧୨ ଏବଂ ୨୦୧୩ରେ ଓଡ଼ିଶାର ମାଧୁରୀ ମେହେଟା, ରସନାରା ପରବିନ୍ (ବିଶ୍ୱକପ୍ ଦଳର ସଦସ୍ୟା) ଏବଂ ସ୍ୱାଗତିକା ରଥ ଭାରତୀୟ କ୍ରିକେଟ ଦଳର (ଏକ ଦିବସୀୟ ଏବଂ ଟି୨୦) ସଦସ୍ୟା ଭାବେ ରାଜ୍ୟ ପାଇଁ ସୁନାମ ଆଣିଥିଲେ।

ବିନା ସରକାରୀ ସହାୟତାରେ ଆମ ରାଜ୍ୟର କ୍ରୀଡ଼ାବିତ୍‌ମାନେ ଯେଉଁ କ୍ରୀଡ଼ା ଶୃଙ୍ଖଳାରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ତାହା ହେଲା ଚେସ୍। ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଓ ସ୍ୱୟମ୍ଭୁ ମିଶ୍ର ଏବଂ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତିଙ୍କ ସହିତ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ପଦ୍ମିନୀ ରାଉତ, ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକାଙ୍କ ଭଳି ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି।


ବର୍ତ୍ତମାନ ସିନିୟର ସ୍ତରରେ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ତାରକାମାନଙ୍କ ମଧ୍ୟରେ ଅଛନ୍ତି ଜାଭେଲିନ୍ ଥ୍ରୋୟର କିଶୋର ଜେନା (ଏସୀୟ କ୍ରୀଡ଼ା ରୌପ୍ୟ), ସାଇକ୍ଲିଷ୍ଟ ସ୍ୱସ୍ତି ସିଂ, ବ୍ୟାଡମିଣ୍ଟନରେ ଦୁଇଭଉଣୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଏବଂ ସନ୍ତରଣରେ ପ୍ରତ୍ୟାଶା ରାୟ। ଜୁନିୟର ସ୍ତରରେ ଉଦୀୟମାନ ତାରକାଙ୍କ ମଧ୍ୟରେ ଅଛନ୍ତି ଲନ୍‌ଟେନିସ୍‌ରେ ଦେବାଶିଷ ସାହୁ ଏବଂ ବ୍ୟାଡମିଣ୍ଟନ ସେନ୍‌ସେସନରେ ତନ୍ୱି ପତ୍ରୀ।

୨୦୧୪ରେ ପ୍ରଥମ ଥର ପାଇଁ ଓଡ଼ିଶା ଅୟୋଜନ କରେ ବିଶ୍ୱସ୍ତରୀୟ ହକି ଚାମ୍ପିୟନ୍ସ ଟ୍ରଫି ପ୍ରତିଯୋଗିତା। ପରେ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଯଥା ହକି ବିଶ୍ୱକପ (୨ ଥର ୨୦୧୮ ଏବଂ ୨୦୨୩), ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍, ବିଶ୍ୱ ହକି ଲିଗ୍, ୧୭ ବର୍ଷରୁ କମ୍ ବିଶ୍ୱକପ୍ ମହିଳା ଫୁଟବଲ, ଏସୀୟ ରଗ୍‌ବୀ ଚାମ୍ପିୟନଶିପ୍ ପ୍ରଭୃତି ସଫଳ ଅୟୋଜନ କରି ଓଡ଼ିଶା ସୁନାମ ଅର୍ଜନ କରିଥିଲେ ମଧ୍ୟ ରାଜ୍ୟର ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟ ସ୍ତରରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଶେଷ ସଫଳତା ହାସଲ କରିପାରି ନାହାନ୍ତି। ଦଳଗତ ଅଲିମ୍ପିକ୍ ଇଭେଣ୍ଟ ଯଥା ଫୁଟବଲ (ପୁରୁଷ), ହକି (ପୁରୁଷ) ଭଲିବଲ, ବାସ୍କେଟବଲ ଓ ହ୍ୟାଣ୍ଡବଲ ଏବଂ ଲୋକପ୍ରିୟ ଖେଳ କ୍ରିକେଟରେ ଓଡ଼ିଶା ଆଜି ପର୍ଯ୍ୟନ୍ତ କେବେହେଲେ ଜାତୀୟ ଚାମ୍ପିୟନ (ସିନିୟର ସ୍ତରରେ) ହେବାରେ ସକ୍ଷମ ହୋଇନାହିଁ। ଯଦିଓ ମହିଳା ହକି ଦଳ ୨୦୨୨ରେ, ମହିଳା ଫୁଟବଲ ଦଳ ୨୦୧୦-୧୧ ଏବଂ ମହିଳା ରଗ୍‌ବୀ ଦଳ ୨୦୧୫ ଏବଂ ୨୦୨୧ରେ ଜାତୀୟ ଚାମ୍ପିୟନ ହେବାରେ ସଫଳ ହୋଇଥିଲେ।

ଦେଶର କ୍ରୀଡ଼ାରେ ଅଗ୍ରଣୀ ଅନ୍ୟ ପ୍ରଦେଶ ଯଥା ପଞ୍ଜାବ, ହରିୟାଣା ଓ ମହାରାଷ୍ଟ୍ର ତୁଳନାରେ ଓଡ଼ିଶାର ପ୍ରଦର୍ଶନ ଉତ୍ସାହଜନକ ହୋଇପାରିନାହିଁ। ଗତ ଦଶବର୍ଷ ମଧ୍ୟରେ ହରିୟାଣା ସରକାର ନା କୌଣସି ବଡ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛନ୍ତି ନା କୌଣସି ବିଶାଳକାୟ ଷ୍ଟାଡ଼ିୟମ ନିର୍ମାଣ କରିଛନ୍ତି। ତାଙ୍କ କ୍ରୀଡ଼ା ବଜେଟର ସିଂହଭାଗ କ୍ରୀଡ଼ାବିତ୍‌ମାନଙ୍କ ତାଲିମ ଓ କ୍ରୀଡ଼ା ଉପକରଣ ଉପଲବ୍ଧ କରିବାରେ ବିନିଯୋଗ ହୋଇଛି। ଫଳ ସ୍ୱରୂପ ହରିୟାଣା ଆଜି କ୍ରୀଡ଼ା କ୍ଷେତ୍ରରେ ଅନ୍ୟତମ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଆମ ରାଜ୍ୟ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତା' ସହିତ କ୍ରୀଡ଼ା ପ୍ରତିଭା ଚୟନ, ତୃଣମୂଳ ସ୍ତରରେ ତାଲିମ ବ୍ୟବସ୍ଥା ଓ କ୍ରୀଡ଼ା ଛାତ୍ରାବାସ ଯୋଜନାକୁ ସୁଦୃଢ଼ କରିବା ନିତାନ୍ତ ଆବଶ୍ୟକ। ଆଗାମୀ ଦିନରେ ଓଡ଼ିଶାକୁ ଏକ କ୍ରୀଡ଼ା ଶକ୍ତି ରାଜ୍ୟ ଭାବେ ଗଢ଼ିତୋଳିବା ଆମ ସମସ୍ତ କ୍ରୀଡ଼ା ପ୍ରେମୀଙ୍କ ଏକାନ୍ତ କାମ୍ୟ।

## ହରିୟାଣା ସହ ଓଡ଼ିଶା କ୍ରୀଡ଼ାର ତୁଳନାତ୍ମକ ଚିତ୍ର

| | ହରିୟାଣା | ଓଡ଼ିଶା |
|---|---|---|
| ଜନସଂଖ୍ୟା | ୩ କୋଟି | ୪.୬ କୋଟି |
| କ୍ରୀଡ଼ା ବଜେଟ | ୨୦୨୩-୪୩୨ କୋଟି | ୨୦୨୩-୮୮୦ କୋଟି |
| | ୨୦୨୪-୫୬୨ କୋଟି | ୨୦୨୪-୧୩୦୦ କୋଟି |
| ଅଲିମ୍ପିକ୍ ପଦକ ବିଜେତା (୨୦୦୮ରୁ ୨୦୨୪) | ସ୍ୱର୍ଣ୍ଣ-୧, ରୌପ୍ୟ-୨, ବ୍ରୋଞ୍ଜ-୧୫ | ବ୍ରୋଞ୍ଜ-୨ |
| ପ୍ୟାରିସ ୨୦୨୪ରେ (କ୍ରୀଡ଼ାବିତ୍‌ଙ୍କ ପ୍ରତିନିଧିତ୍ୱ) | ୨୪ | ୦୨ |
| ୨୦୨୪ରେ ବ୍ୟକ୍ତିଗତ (ପଦକ ବିଜେତା) | ୫ (ରୌପ୍ୟ-୧, ବ୍ରୋଞ୍ଜ-୪) | ୦(ଦଳଗତରେ ୧ ବ୍ରୋଞ୍ଜ) |
| ଗତ ଜାତୀୟ କ୍ରୀଡ଼ାରେ ପୋଜିଶନ | ୩ (୧୯୨ ପଦକ) | ୧୬ (୫୮ ପଦକ) |
| ଖେଲୋ ଇଣ୍ଡିଆ (୨୦୨୪) (ପଦକ ତାଲିକାରେ ସ୍ଥାନ) | ୩ (୧୦୩ ପଦକ) | ୧୬ (୨୧ ପଦକ) |
| ଅର୍ଜୁନ ପୁରସ୍କାର ବିଜେତା | ୩୮ | ୧୨ |


ଜଗତପୁର ଜଳକ୍ରୀଡ଼ା କେନ୍ଦ୍ର

# ଏଚ୍‌ଆଇଏଲ୍‌ରେ ୨୫ ଓଡ଼ିଆ

ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶାର ମୋଟ ୨୫ ଖେଳାଳି ଅଂଶଗ୍ରହଣର ସୁଯୋଗ ପାଇଛନ୍ତି। ଏହା ମଧ୍ୟରେ ୧୮ ପୁରୁଷ ଓ ୭ ମହିଳା ଖେଳାଳି ସାମିଲ। ଅମିତ ରୋହିଦାସ ଓ ସୁନେଲିତା ଟପ୍ପୋ ଦାମୀ ଓଡ଼ିଆ ଖେଳାଳି ବିବେଚିତ ହୋଇଛନ୍ତି...


ସୁନେଲିତା ଟପ୍ପୋ

ଦୀର୍ଘ ୭ ବର୍ଷର ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରୁଛି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)। କେବଳ ସେତିକି ନୁହେଁ, ଏଥର ପୁରୁଷ ସହ ପ୍ରଥମଥର ପାଇଁ ମହିଳା ବର୍ଗରେ ମଧ୍ୟ ହେବ ଏହି ପ୍ରତିଯୋଗିତା। ପୁରୁଷ ବର୍ଗରେ ୮ ଓ ମହିଳାରେ ୪ ଦଳ ଅଂଶଗ୍ରହଣ କରୁଛନ୍ତି। ଇତିମଧ୍ୟରେ ଏଚ୍‌ଆଇଏଲ୍-୨୦୨୪ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ପୁରୁଷରେ ହରମନପ୍ରୀତ ସିଂ (୭୮ ଲକ୍ଷ) ଓ ମହିଳାରେ ଉଦିତା (୩୨ ଲକ୍ଷ) ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ଉଭୟ ମହିଳା ଓ ପୁରୁଷ ବର୍ଗରେ ମୋଟ ୨୫ ଓଡ଼ିଶା ଖେଳାଳି ବିକ୍ରି ହୋଇ ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳରୁ ଖେଳିବାକୁ ସୁଯୋଗ ପାଇଛନ୍ତି। ଏହା ମଧ୍ୟରେ ୧୮ ପୁରୁଷ ଓ ୭ ମହିଳା ଖେଳାଳି ସାମିଲ। ଓଡ଼ିଶା ପୁରୁଷ ଖେଳାଳିଙ୍କ ମଧ୍ୟରେ ଅମିତ ରୋହିଦାସ (୪୮ ଲକ୍ଷ) ଓ ମହିଳାରେ ସୁନେଲିତା ଟପ୍ପୋ (୨୪ ଲକ୍ଷ) ଦାମୀ ଖେଳାଳି ହୋଇଛନ୍ତି। ଆଗାମୀ ଲିଗ୍‌ରେ ସୁନେଲିତା ଦିଲ୍ଲୀ ଏସ୍‌ଜି ପାଇପର୍ସ, ଦୀପ୍ ଗ୍ରେସ୍ ଏକ୍କା, ଜ୍ୟୋତି ଛତ୍ରୀ, ମାଧୁରୀ କିଣ୍ଡୋ, ଅଞ୍ଜଳି ବାରଓ୍ୱା ଓ ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ ଓଡ଼ିଶା ୱାରିୟର୍ସ ଏବଂ ଆଜମିନା କୁଜୁର ସୁର୍‌ମା ହକି କ୍ଲବରୁ ପ୍ରତିନିଧିତ୍ୱ କରିବେ। ସେହିପରି ପୁରୁଷ ଲିଗ୍‌ରେ ତାମିଲନାଡୁ ଡ୍ରାଗନ୍ସରୁ ଅମିତ ରୋହିଦାସ, ଅମନଦୀପ ଲାକ୍ରା ଓ ଆନନ୍ଦ ଲାକ୍ରା, ଟିମ୍ ଗୋନାସିକାରୁ ନୀଲମ ସଞ୍ଜୀପ ଖେସ୍, ବୀରେନ୍ଦ୍ର ଲାକ୍ରା, ଅନମୋଲ ଏକ୍କା ଓ ଦୀପସାନ ତିର୍କୀ, ହାଇଦ୍ରାବାଦ ତୋଫାନ୍ସରୁ ଶୀଳାନନ୍ଦ ଲାକ୍ରା, କଳିଙ୍ଗ ଲାନ୍ସର୍ସରୁ ରୋଶନ କୁଜୁର, ମୁକେଶ ଟପ୍ପୋ, ରୋଶନ ମିଞ୍ଜ, ସାହିଲ କୁମାର ନାୟକ, ପ୍ରତାପ ଲାକ୍ରା ଓ ରୋହିତ କୁଲୁ, ସୁର୍‌ମା ହକି କ୍ଲବରୁ ସୁନୀତ ଲାକ୍ରା ଏବଂ ୟୁପି ରୁଦ୍ରସ୍‌ରୁ ସୁଦୀପ ଚିରମାକୋ, ସୁନୀଲ ଜୋଜୋ ଓ ପ୍ରଶାନ୍ତ ବାର୍ଲା ଖେଳିବେ।

ପୁରୁଷ ବର୍ଗରେ ଭାଗ ନେବାକୁ ଯାଉଥିବା ଫ୍ରାଞ୍ଚାଇଜ୍ ଦଳ ଗୁଡ଼ିକ ହେଲେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ହାଇଦ୍ରାବାଦ ତୋଫାନ୍ସ, କଳିଙ୍ଗ ଲାନ୍ସର୍ସ, ରର୍ ବେଙ୍ଗଲ ଟାଇଗର୍ସ, ସୁର୍‌ମା ହକି କ୍ଲବ, ତାମିଲନାଡୁ ଡ୍ରାଗନ୍ସ, ଟିମ୍ ଗୋନାସିକା ଓ ୟୁପି ରୁଦ୍ରସ। ସେହିପରି ମହିଳାରେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଓଡ଼ିଶା ୱାରିୟର୍ସ, ରର୍ ବେଙ୍ଗଲ ଟାଇଗର୍ସ ଓ ସୁର୍‌ମା ହକି କ୍ଲବ ଅଂଶଗ୍ରହଣ କରିବ। ବେଦାନ୍ତ ମାଲିକାନାରେ ଏଥର ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ଲାନ୍ସର୍ସ ପୁରୁଷ ଏବଂ ନଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ୍ ମାଲିକାନାରେ ଓଡ଼ିଶା ୱାରିୟର୍ସ ମହିଳା ଦଳ ଆଗାମୀ ଲିଗ୍‌ରେ ଭାଗ୍ୟ ପରୀକ୍ଷା କରିବ। ଜାମସେଦପୁର ଭିତ୍ତିକ ଦଳ ଟିମ୍ ଗୋନାସିକାର ମାଲିକ ହେଉଛନ୍ତି ଜଣେ ଓଡ଼ିଆ ତାରିଣୀ ପ୍ରସାଦ ମହାନ୍ତି। ତେଣୁ ଏହି ଦଳକୁ ମଧ୍ୟ ଓଡ଼ିଶା ପ୍ରଶଂସକଙ୍କ ସମର୍ଥନ ରହିବ। ଏଚ୍‌ଆଇଏଲ୍-୨୦୨୪ ଆସନ୍ତା ଡିସେମ୍ବର ୨୮ରୁ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ୧ ପର୍ଯ୍ୟନ୍ତ ଚାଲିବ। ପୁରୁଷ ବର୍ଗର ପ୍ରତିଯୋଗିତା ରାଉରକେଲାର ବୀର୍ସା ମୁଣ୍ଡା ଷ୍ଟାଡିୟମ ଓ ମହିଳା ଏଚ୍‌ଆଇଏଲ୍ ରାଞ୍ଚିର ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତି ଫ୍ରାଞ୍ଚାଇଜ୍ ଦଳରେ ୨୪ ଜଣ ଲେଖାଏ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ୧୬ ଭାରତୀୟ (୪ ଜୁନିୟରଙ୍କ ସମେତ) ଓ ୮ ଅନ୍ତର୍ଜାତୀୟ ଖେଳାଳି ସାମିଲ। ମହିଳା ଏଚ୍‌ଆଇଏଲ୍‌ର ଫାଇନାଲ ରାଞ୍ଚିରେ ୨୦୨୫ ଜାନୁଆରୀ ୨୬ରେ ଏବଂ ପୁରୁଷ ଏଚ୍‌ଆଇଏଲ୍ ଫାଇନାଲ ଫେବୃଆରୀ ୧ରେ ରାଉରକେଲାରେ ଖେଳାଯିବ। ଉଦ୍‌ଘାଟନୀ ସମାରୋହ ଡିସେମ୍ବର ୨୮ରେ ରାଉରକେଲାରେ ଅନୁଷ୍ଠିତ ହେବ। ଇତିମଧ୍ୟରେ ଟିମ୍ ଗୋନାସିକାର ଲୋଗୋ ଉନ୍ମୋଚିତ ହୋଇଯାଇଛି।

-ପ୍ରସ୍ତୁତି: ତପନ ସ୍ୱାଇଁ

### କେଉଁ ଦଳରେ କିଏ (ମହିଳା)

| ଖେଳାଳି | ମୂଲ୍ୟ |
|---|---|
| **ଦିଲ୍ଲୀ ଏସ୍‌ଜି ପାଇପର୍ସ** | |
| ସୁନେଲିତା ଟପ୍ପୋ | ୨୪ ଲକ୍ଷ |
| **ଓଡ଼ିଶା ୱାରିୟର୍ସ** | |
| ଦୀପ୍‌ଗ୍ରେସ ଏକ୍କା | ୧୦ ଲକ୍ଷ |
| ଜ୍ୟୋତି ଛତ୍ରୀ | ୫ ଲକ୍ଷ |
| ମାଥୁରି କିଣ୍ଡୋ | ୩.୪ ଲକ୍ଷ |
| ଅଞ୍ଜଲି ବାରଓ୍ୱା | ୨ ଲକ୍ଷ |
| ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ | ୨ ଲକ୍ଷ |
| **ସୁର୍‌ମା ହକି କ୍ଲବ** | |
| ଆଜମିନା କୁଜୁର | ୨ ଲକ୍ଷ |

### କେଉଁ ଦଳରେ କିଏ (ପୁରୁଷ)

| ଖେଳାଳି | ମୂଲ୍ୟ |
|---|---|
| **ତାମିଲନାଡୁ ଡ୍ରାଗନ୍ସ** | |
| ଅମିତ ରୋହିଦାସ | ୪୮ ଲକ୍ଷ |
| ଅମନଦୀପ ଲାକ୍ରା | ୯ ଲକ୍ଷ |
| ଆନନ୍ଦ ଲାକ୍ରା | ୫ ଲକ୍ଷ |
| **ଟିମ୍ ଗୋନାସିକା** | |
| ନୀଲମ ସଞ୍ଜୀପ ଖେସ୍ | ୧୭ ଲକ୍ଷ |
| ବୀରେନ୍ଦ୍ର ଲାକ୍ରା | ୧୦ ଲକ୍ଷ |
| ଅନମୋଲ ଏକ୍କା | ୯.୨ ଲକ୍ଷ |
| ଦୀପସାନ ତିର୍କୀ | ୬.୬ ଲକ୍ଷ |
| **ହାଇଦ୍ରାବାଦ ତୋଫାନ୍ସ** | |
| ଶିଳାନନ୍ଦ ଲାକ୍ରା | ୨୧ ଲକ୍ଷ |
| **କଳିଙ୍ଗ ଲାନ୍ସର୍ସ** | |
| ରୋଶନ କୁଜୁର | ୧୨.୫ ଲକ୍ଷ |
| ମୁକେଶ ଟପ୍ପୋ | ୫ ଲକ୍ଷ |
| ରୋଶନ ମିଞ୍ଜ | ୨ ଲକ୍ଷ |
| ସାହିଲ କୁମାର ନାୟକ | ୨ ଲକ୍ଷ |
| ପ୍ରତାପ ଲାକ୍ରା | ୨ ଲକ୍ଷ |
| ରୋହିତ କୁଲୁ | ୨ ଲକ୍ଷ |
| **ସୁର୍‌ମା ହକି କ୍ଲବ** | |
| ସୁନୀତ ଲାକ୍ରା | ୧୪.୧ ଲକ୍ଷ |
| **ୟୁପି ରୁଦ୍ରସ** | |
| ସୁଦୀପ ଚିରମାକୋ | ୧୨ ଲକ୍ଷ |
| ସୁନୀଲ ଜୋଜୋ | ୨ ଲକ୍ଷ |
| ପ୍ରଶାନ୍ତ ବାର୍ଲା | ୨ ଲକ୍ଷ |

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୫/୨୦୨୪ Bhubaneswar, Friday, October 25/ 2024

# ନ୍ୟୁଜିଲାଣ୍ଡ ୨୫୯ରେ ସୀମିତ

**ପୁଣେ,୨୪।୧୦(ପି.ଟି.)**

ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ୨୫୯ ରନ୍‌ରେ ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୧ ଉଇକେଟରେ ୧୬ ରନ୍ ସ୍କୋର କରିଛି। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ଚମତ୍କାର ବୋଲିଂ କରି ୭ ଉଇକେଟ ନେଇଛନ୍ତି। ଭାରତ ଏହି ମ୍ୟାଚ୍‌ରେ ଲୋକେଶ ରାହୁଲ, କୁଲଦୀପ ଯାଦବ ଓ ମହମ୍ମଦ ସିରାଜଙ୍କ ସ୍ଥାନରେ ଶୁବମାନ ଗିଲ୍, ୱାଶିଂଟନ୍ ସୁନ୍ଦର ଓ ଆକାଶ ଦୀପ୍‌ଙ୍କୁ ଖେଳାଇଥିଲା।

## ଦ୍ୱିତୀୟ ଟେଷ୍ଟ
### ୱାଶିଂଟନ୍ ସୁନ୍ଦରଙ୍କୁ ୭ ଉଇକେଟ

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ମ୍ୟାଟ୍ ହେନରୀଙ୍କ ସ୍ଥାନରେ ମିଚେଲ ସାଣ୍ଟନରଙ୍କୁ ଖେଳାଇଥିଲା। ପୁଣେର ସ୍ପିନିଙ୍ଗ ଟ୍ରାକରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା।

ଯଶପ୍ରୀତ୍ ବୁମ୍‌ରା ଓ ଆକାଶ ଦୀପ ମାତ୍ର ୧୪ ଓଭର ବୋଲିଂ କରି ଉଇକେଟ ଶୂନ୍ୟ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ଓପନର ଟମ୍ ଲାଥାମ୍(୧୫) ଓ ଡେଭନ୍ କନ୍‌ୱେ(୭୬) ସତର୍କତାର ସହ ବ୍ୟାଟିଂ ଆରମ୍ଭ କରି ୩୨ ରନ୍ ଯୋଡ଼ିଥିଲେ। ଲାଥାମଙ୍କୁ ଲେଗ୍ ବିଫୋର କରି ଅଶ୍ୱିନ ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ପରେ ୱିଲ ୟଙ୍ଗ(୧୮) କ୍ରିଜରେ ଯୋଗ ଦେଇ କନ୍‌ୱେଙ୍କ ସହ ୪୪ ରନ୍ ଯୋଡ଼ିଥିଲେ। ୟଙ୍ଗଙ୍କୁ ଆଉଟ କରି ଅଶ୍ୱିନ ଭାରତକୁ ଦ୍ୱିତୀୟ ସଫଳତା ପ୍ରଦାନ କରିଥିଲେ। ପ୍ରଥମ ମ୍ୟାଚ୍‌ର ପ୍ଲେୟର ଅଫ୍ ଦ ମ୍ୟାଚ୍ ରାଚିନ ରବୀନ୍ଦ୍ର ବ୍ୟାଟିଂ କରିବାକୁ ଆସି କନ୍‌ୱେଙ୍କ ସହ ୬୨ ରନ୍ ଯୋଡ଼ିଥିଲେ। ୧୪୧ ବଲ୍ ଖେଳି କନ୍‌ୱେ ୧୧ ଚୌକା ସହ ୭୬ ରନ୍ କରିଥିବା ବେଳେ ଅଶ୍ୱିନଙ୍କ ତୃତୀୟ ଶିକାର ହୋଇଥିଲେ। ରବୀନ୍ଦ୍ର ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କରି ୬୫ ରନ୍ କରି ଚତୁର୍ଥ ଖେଳାଳି ଭାବେ ଆଉଟ ହେବା ପରେ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ସେ ୧୦୫ ବଲ୍ ଖେଳି ୫ ଚୌକା ଓ ୧ଛକା ମାରି ସୁନ୍ଦରଙ୍କ ବଲରେ ବୋଲ୍ଡ ହୋଇଥିଲେ। ଏକଦା ୧୯୭/୩ ଥିବା ନ୍ୟୁଜିଲାଣ୍ଡ ଏହାର ଅନ୍ତିମ ୭ ଉଇକେଟ ୬୨ ରନ୍ ମଧ୍ୟରେ ହରାଇଥିଲା। ସମସ୍ତ ୭ ଉଇକେଟ ଅକ୍ତିଆର କରିବା ସହ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଥିଲେ ୱାଶିଂଟନ୍ ସୁନ୍ଦର। ସୁନ୍ଦରଙ୍କ ବ୍ୟତୀତ ରବିଚନ୍ଦ୍ରନ ଅଶ୍ୱିନ ୩ ଉଇକେଟ ନେଇଥିଲେ।

ଦିନର ୧୧ ଓଭର ଖେଳ ବାକି ରହିଥିବା ବେଳେ ଭାରତ ଷ୍ଟମ୍ପ ଅପସାରଣ ବେଳକୁ ୧ ଉଇକେଟ ହରାଇ ୧୬ ରନ୍ କରିଛି। ଅଧିନାୟକ ରୋହିତ ଶର୍ମା ଖାତା ଖୋଲିବା ଆଗରୁ ଟିମ୍ ସାଉଦିଙ୍କ ବଲରେ ଆଉଟ ହୋଇଥିଲେ। ଷ୍ଟମ୍ପସ ବେଳକୁ ଶୁବମାନ ଗିଲ୍ ୧୦ ଓ ଯଶସ୍ୱୀ ଜୟସ୍ୱାଲ ୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ହାତରେ ୯ ଉଇକେଟ ବାକି ରହିଥିବା ବେଳେ ଭାରତ ୨୪୩ ରନ୍ ପଛରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୭୯.୧ ଓଭରରେ ୨୫୯/୧୦ (ଡେଭନ୍ କନ୍‌ୱେ-୭୬, ରାଚିନ୍ ରବୀନ୍ଦ୍ର-୬୫, ମିଚେଲ୍ ସାଣ୍ଟନର-୩୩, ୱାଶିଂଟନ୍ ସୁନ୍ଦର-୭/୫୯, ରବିଚନ୍ଦ୍ରନ ଅଶ୍ୱିନ-୩/୬୪)। ଭାରତ ପ୍ରଥମ ଇନିଂସ ୧୧ ଓଭରରେ ୧୬/୧(ଶୁବମାନ ଗିଲ୍-୧୦*, ଟିମ୍ ସାଉଦି-୧/୪)।




ଉଇକେଟ ନେବା ପରେ ୱାଶିଂଟନ୍ ସୁନ୍ଦରଙ୍କୁ ବଧେଇ।

### ଷ୍ଟାଡିୟମରେ ପାଣି ମିଳିଲାନି

ପାଣି ବୋତଲ ପହଞ୍ଚିବାରେ ବିଳମ୍ବ କାରଣରୁ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟରେ ଦର୍ଶକଙ୍କୁ ହଇରାଣ ହେବାକୁ ପଡ଼ିଛି। ପୁଣେର ଏମ୍‌ସିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯାଇଥିବା ବେଳେ ପାଣି ବୋତଲ ବିଳମ୍ବରେ ପହଞ୍ଚିଥିଲା। ସକାଳ ସେସନ୍ ପାଇଁ ପ୍ରାୟ ୧୮ ହଜାର ଦର୍ଶକ ଷ୍ଟାଡିୟମକୁ ଆସିଥିଲେ। ଷ୍ଟାଡିୟମରେ ଛାତ ନ ଥିବା ବେଳେ ପ୍ରବଳ ଖରାରେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି କିଛି ଲୋକ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ବିପକ୍ଷରେ ନାରା ମଧ୍ୟ ଲଗାଇଥିଲେ। ପରବର୍ତ୍ତୀ ସମୟରେ କ୍ରିକେଟ ଆସୋସିଏଶନ ସମ୍ପାଦକ କମଳେଶ ପିସାଲ ଦର୍ଶକଙ୍କୁ କ୍ଷମା ମାଗିଥିଲେ। ଚଳିତ ବର୍ଷ ଦର୍ଶକମାନଙ୍କୁ ଥଣ୍ଡା ପାଣି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଟ୍ରାଫିକ କାରଣରୁ ଟ୍ୟାଙ୍କର ପହଞ୍ଚି ପାରି ନ ଥିବା ବେଳେ ସମସ୍ତଙ୍କୁ ମାଗଣା ପାଣି ବୋତଲ ଦିଆଯାଇଥିବା ପିସାଲ କହିଛନ୍ତି।

# ରାଣୀ ରାମ୍‌ପାଲଙ୍କ ଅବସର

**ନୂଆଦିଲ୍ଲୀ,୨୪।୧୦(ପି.ଟି.)**

ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରାଣୀ ରାମ୍‌ପାଲ ଗୁରୁବାର ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି। ହରିୟାଣାର ଏକ ଛୋଟ ସହରରୁ ଆସି ହକି ଖେଳିବା ସହ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଦୀର୍ଘ ୧୬ ବର୍ଷ ଧରି ଭାରତ ପାଇଁ ଖେଳିବା ପରେ ରାଣୀ ଅବସର ଘୋଷଣା କରିଛନ୍ତି। ଭାରତୀୟ ହକିର ଶ୍ରେଷ୍ଠ ଅଧିନାୟକ ଭାବରେ ୨୯ ବର୍ଷୀୟା ରାଣୀଙ୍କ ନେତୃତ୍ୱରେ ଅଲିମ୍ପିକ୍ସରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଏକ ଖବରଦାତା ସମ୍ମିଳନୀ କରି ସେ ନିଜର ଅବସର ଘୋଷଣା କରିଛନ୍ତି। ଭାରତ ପକ୍ଷରୁ



ଖେଳିବା ଏକ ସ୍ମରଣୀୟ ଯାତ୍ରା। ଦାରିଦ୍ର୍ୟ ମଧ୍ୟରେ ବଡ଼ ହୋଇଥିବା ବେଳେ ଦେଶର ପ୍ରତିନିଧିତ୍ୱ କରିବା ସର୍ବଦା ଲକ୍ଷ୍ୟ ରହିଥିଲା। ଦେଶର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିବା ବେଳେ ମୁଁ ସର୍ବଦା ଗର୍ବିତ। ଫରୱାର୍ଡ ପୋଜିଶନରେ ଖେଳୁଥିବା ରାଣୀ ୨୦୦୮ରେ ମାତ୍ର ୧୪ ବର୍ଷ ବୟସରେ ଭାରତ ପାଇଁ ପଦାର୍ପଣ କରିଥିଲେ। ଭାରତ ପାଇଁ ୨୫୪ ମ୍ୟାଚ୍‌ରୁ ସେ ୨୦୫ ଗୋଲ ସ୍କୋର କରିଛନ୍ତି। ୨୦୨୦ରେ ତାଙ୍କୁ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିବା ବେଳେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଯାଇଥିଲା। ନିକଟରେ ତାଙ୍କୁ ଜାତୀୟ ସବ୍ ଜୁନିୟର ବାଳିକା ଦଳର କୋଚ୍ ଘୋଷଣା କରାଯାଇଥିଲା। ରାଣୀଙ୍କ ନେତୃତ୍ୱରେ ଭାରତ ଏସିଆନ୍ ଗେମ୍ସରେ ଥରେ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ୨୦୧୪ ଏସିଆନ୍ ଗେମ୍ସରେ ଭାରତ ବ୍ରୋଞ୍ଜ ଜିତିଥିବା ବେଳେ ୨୦୧୮ରେ ରୌପ୍ୟ ଜିତିଥିଲା।

# ସାଜିଦ୍ ଖାନ୍‌ଙ୍କୁ ୬ ଉଇକେଟ

**ରାୱଲପିଣ୍ଡି,୨୪।୧୦**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ୧୯୪ ରନ୍ ପଛରେ ରହିଛି ପାକିସ୍ତାନ। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୨୬୭ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଷ୍ଟମ୍ପ ଅପସାରଣ ବେଳକୁ ପାକିସ୍ତାନ ୩ ଉଇକେଟ ହରାଇ ୭୩ ରନ୍ କରିଛି। ହାତରେ ୭ ଉଇକେଟ ରହିଥିବା ବେଳେ ଦଳ ୧୯୪ ରନ୍ ପଛରେ ରହିଛି। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବେନ୍ ଡକେଟ୍(୫୨) ଓ ଜ୍ୟାକ୍ କ୍ରଲି (୨୯) ଦଳ ପକ୍ଷରୁ ଧୂଆଁଧାର ଆରମ୍ଭ କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୫୬ ରନ୍ ଯୋଡ଼ିଥିଲେ। ନୋମାନ ଅଲୀ ଏହି ଯୋଡି ଭାଙ୍ଗିଥିଲେ। ଡକେଟ୍ ୮୪ ବଲ୍ ଖେଳି ୪ ଚୌକା ଓ ୧ ଛକା ସହାୟତାରେ ୫୨ ରନ୍ କରିଥିଲେ। ପରେ ମଧ୍ୟକ୍ରମରେ ଓଲି ପୋପ୍(୩), ଜୋ ରୁଟ୍(୫) ଓ ହ୍ୟାରୀ ବ୍ରୁକ୍(୫)ଙ୍କୁ ଆଉଟ କରି ସାଜିଦ୍ ଖାନ୍ ଇଂଲଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ପରବର୍ତ୍ତୀ ବ୍ୟାଟର ବେନ୍ ଷ୍ଟୋକ୍ସ ମାତ୍ର ୧୮ ରନ୍ କରି ସାଜିଦ୍‌ଙ୍କ ଚତୁର୍ଥ ଶିକାର ହୋଇଥିଲେ। ୧୧୮ ରନ୍‌ରେ ଇଂଲଣ୍ଡ ଏହାର ୬ ଉଇକେଟ ହରାଇଥିବା ବେଳେ ଉଇକେଟ୍ କିପର ଜେମି ସ୍ମିଥ୍ କାଉଣ୍ଟର ଆଟାକ୍ କରିଥିଲେ। ସ୍ମିଥ୍ ୧୧୯ ବଲ୍ ଖେଳି ୫ ଚୌକା ଓ ୬ ଛକା ସହାୟତାରେ ୮୯ ରନ୍ ସ୍କୋର କରିଥିଲେ। ନିମ୍ନକ୍ରମରେ ଗସ୍ ଆଟକିନସନ୍(୩୯) ଓ ଜ୍ୟାକ୍ ଲିଚ୍ (୧୬) ଉପଯୋଗୀ ଅବଦାନ ଦେବାରୁ ଇଂଲଣ୍ଡ ୨୬୭ ରନ୍‌ରେ ପହଞ୍ଚିଥିଲା। ପାକିସ୍ତାନ ପକ୍ଷରୁ ସାଜିଦ୍ ଖାନ୍ ୬ ଉଇକେଟ ନେଇଥିବା ବେଳେ ନୋମାନ ଅଲୀ ୩ ଓ ଜାହିଦ ମେହମୁଦ ୧ ଉଇକେଟ ନେଇଥିଲେ।

ଜବାବରେ ପାକିସ୍ତାନ ପ୍ରଥମ ଦିନର ଷ୍ଟମ୍ପସ ବେଳକୁ ୩ ଉଇକେଟରେ ୭୩ ରନ୍ କରିଛି। ସାଇମ ଆୟୁବ ସର୍ବାଧିକ ୧୯ ରନ୍ କରିଥିବା ବେଳେ ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଶାନ୍ ମାସୁଦ୍ ୧୬ ଓ ସୌଦ୍ ଶକିଲ ୧୬ ରନରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ ଜ୍ୟାକ୍ ଲିଚ୍, ଗସ୍ ଆଟକିନସନ ଓ ଶୋଏବ ବଶିର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।




ସାଜିଦ୍ ଖାନ

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୬୮.୨ ଓଭରରେ ୨୬୭/୧୦ (ଜେମି ସ୍ମିଥ୍-୮୯, ବେନ୍ ଡକେଟ୍-୫୨, ଗସ୍ ଆଟକିନସନ୍-୩୯, ସାଜିଦ୍ ଖାନ-୬/୧୨୮, ନୋମାନ ଅଲୀ-୩/୮୮, ଜାହିଦ ମେହମୁଦ-୧/୪୪)। ପାକିସ୍ତାନ ପ୍ରଥମ ଇନିଂସ ୨୩ ଓଭରରେ ୭୩/୩ (ସାଇମ ଆୟୁବ-୧୯,ଶାନ୍ ମାସୁଦ-୧୬*, ସୌଦ ଶକିଲ-୧୬*, ଗସ୍ ଆଟକିନସନ୍-୧/୨, ଶୋଏବ ବଶିର-୧/୨୯, ଜ୍ୟାକ ଲିଚ୍-୧/୩୩)।

# ବ୍ରାଜିଲରେ ୨୫୦ ଉରୁଗୁଏ ଫ୍ୟାନ୍ ଅଟକ




ପୋଲିସକୁ ଆକ୍ରମଣ କରୁଛନ୍ତି ଜଣେ ଦର୍ଶକ।

**ରିଓ ଡି ଜେନେରିଓ, ୨୪।୧୦ (ପି.ଟି.)**

କୋପା ଲିବାର୍ଟଡୋର୍ସ ଟୁର୍ନାମେଣ୍ଟର ସେମି ଫାଇନାଲ ମ୍ୟାଚ୍‌ରେ ପୋଲିସ୍ ଉପରକୁ ଆକ୍ରମଣ ଘଟଣାରେ ୨୫୦ରୁ ଅଧିକ ଉରୁଗୁଏ ଫ୍ୟାନଙ୍କୁ ବ୍ରାଜିଲରେ ଅଟକ ରଖାଯାଇଛି। ଉରୁଗୁଏ କ୍ଲବ ପେନାରୋଲ ଓ ବ୍ରାଜିଲିଆନ୍ କ୍ଲବ ବୋଟାଫୋଗୋ ମଧ୍ୟରେ ମ୍ୟାଚ୍ ଖେଳା ଯାଉଥିଲା। ବୋଟାଫୋଗୋ ଏହି ମ୍ୟାଚ୍‌କୁ ୫-୦ରେ ଜିତି ନେଇଥିବା ବେଳେ ପେନାରୋଲ ସମର୍ଥକ ମାନେ ହିଂସାକାଣ୍ଡ କରିଥିଲେ। ବୋଟାଫୋଗା ପକ୍ଷରୁ ଜେଫେରସନ୍ ସାଭାରିନୋ(୫୧, ୫୯), ଆଲେକଜାଣ୍ଡ୍ରା ବାର୍ବୋଜା (୫୫), ଲୁଇଜ୍ ହେନରିକ୍ (୭୩) ଓ ଇଗୋର ଜେସସ(୭୯) ମିନିଟରେ ଗୋଲ ସ୍କୋର କରିଥିଲେ। ଉପସ୍ଥିତ ସୁରକ୍ଷା କର୍ମୀଙ୍କ ଉପରକୁ ଆକ୍ରମଣ କରିବା ସହ ଷ୍ଟାଡିୟମ ଭଙ୍ଗାରୁଜା କରିଥିଲେ। ଏକାଧିକ ପୋଲିସ ଗାଡି ଭଙ୍ଗାରୁଜା କରିବା ସହ ପୋଲିସ୍ ଉପରକୁ ଟେକା ପଥର ମାଡ କରିଥିଲେ। ପରବର୍ତ୍ତୀ ସମୟରେ ଟିଭି ଫୁଟେଜ ଆଧାରରେ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବା ଆରମ୍ଭ କରିଥିଲା। ପୋଲିସ ୨୫୦ରୁ ଅଧିକ ଲୋକଙ୍କୁ ଅଟକ ରଖିଥିବା ଜଣାପଡିଛି।

# ପ୍ୟାରିସ୍ ମାଷ୍ଟର୍ସରୁ ଓହରିଲେ ଜୋକୋଭିଚ୍

**ପ୍ୟାରିସ୍, ୨୪।୧୦ (ଏପି)**

ଗତଥରର ଚାମ୍ପିୟନ ନୋଭାକ ଜୋକୋଭିଚ୍ ପ୍ୟାରିସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟରୁ ଓହରିଯାଇଥିବା ଆୟୋଜକଗଣ କହିଛନ୍ତି। ୩୭ବର୍ଷୀୟ ଜୋକୋଭିଚ୍ ଗତ ସପ୍ତାହରେ ସିକ୍ସ କିଙ୍ଗ୍ସ ସ୍ଲାମ ପ୍ରଦର୍ଶନୀ ମ୍ୟାଚ ଖେଳିଥିଲେ। ଜୋକୋଭିଚ୍ କାହିଁକି ଓହରିଲେ ସେ ସମ୍ପର୍କରେ ଆୟୋଜକଗଣ କୌଣସି ସୂଚନା ଦେଇନାହାନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କିଙ୍ଗ ଖେଳାଳି ଏକ ଇନଷ୍ଟାଗ୍ରାମ୍ ପୋଷ୍ଟିଂରେ କହିଛନ୍ତି, ଏଠାରେ ତାଙ୍କ ଖେଳ ଦେଖିବା ପାଇଁ ଯେଉଁମାନେ ଆଶା ରଖିଥିଲେ, ସେମାନଙ୍କ ପାଇଁ ସେ ଦୁଃଖିତ। ଜୋକୋଭିଚ୍ ପ୍ୟାରିସ ଇନ୍‌ଡୋର ଟୁର୍ନାମେଣ୍ଟରେ ରେକର୍ଡ ୭ଥର ଟାଇଟଲ ବିଜୟୀ ହୋଇଛନ୍ତି। ତାଙ୍କର ନିଷ୍ପତ୍ତି ବର୍ଷର ଶେଷ ଏଟିପି ଫାଇନାଲ୍ସ ଯୋଗ୍ୟତା ହାସଲ ସମ୍ଭାବନାକୁ ବିପଦରେ ପକାଇପାରେ।

# ଭାରତୀୟ ଦଳ ପ୍ରତ୍ୟାହୃତ

**ନୂଆଦିଲ୍ଲୀ, ୨୪।୧୦ (ପି.ଟି.)**

## ବିଶ୍ୱ କୁସ୍ତି ଚାମ୍ପିୟନଶିପ୍

କ୍ରୀଡ଼ା ମନ୍ତ୍ରଣାଳୟ ଏହାର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରୁଛି ବୋଲି ଦର୍ଶାଇ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ବୁଧବାର ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରୁ ଭାରତୀୟ ଦଳକୁ ପ୍ରତ୍ୟାହାର କରିନେଇଛି। ମହାସଂଘ ଏହାର ନିଷ୍ପତ୍ତି ସମ୍ପର୍କରେ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ଅବଗତ କରାଇଛି। ସିନିୟର ବିଶ୍ୱ ଚାମ୍ପିୟନଶିପ୍ ୧୨ଟି ଅଣ ଅଲିମ୍ପିକ କାଟେଗୋରୀକୁ ନେଇ ଅକ୍ଟୋବର ୨୮ରୁ ଆଲବାନିଆର ଟିରାନାଠାରେ ଆୟୋଜନ ହେବାକୁ ଯାଉଛି। ଡବ୍ଲ୍ୟୁଏଫ୍ଆଇ ନିକଟରେ ୨୩ବର୍ଷରୁ କମ୍ ଏବଂ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ସିଲେକ୍ସନ ଟ୍ରାଏଲ ଘୋଷଣା କରିଥିଲା। କିନ୍ତୁ ଏହାକୁ କୋର୍ଟଙ୍କୁ ଅବମାନନା କରାଯାଇଛି ବୋଲି ଦର୍ଶାଇ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନେ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ମହାସଂଘ ବର୍ତ୍ତମାନ ସସ୍‌ପେଣ୍ଡ ହୋଇଥିବାରୁ ଚୟନରେ ବୈଧତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ଡବ୍ଲ୍ୟୁଏଫ୍ଆଇ ଏହାର ସିଲେକ୍ସନ ଟ୍ରାଏଲ୍ସକୁ ପ୍ରତ୍ୟାହାର କରିନେବା ସହ ଅକ୍ଟୋବର ୪ରେ ଅଦାଲତ ଅବମାନନା ମାମଲାରେ କୌଣସି ପଦକ୍ଷେପ ନ ନେବା ଲାଗି ନିଷ୍ପତ୍ତି ନେଇଥିଲା। ଡବ୍ଲ୍ୟୁଏଫ୍ଆଇ କୋର୍ଟଙ୍କ ଆଦେଶର ଅବମାନନା କରୁଛି। ତେଣୁ ଏହା ବିରୋଧରେ ଆବଶ୍ୟକ ପଦକ୍ଷେପ ପାଇଁ ସାକ୍ଷୀ ମଲିକଙ୍କ ସ୍ୱାମୀ ସତ୍ୟବ୍ରତ କାଡିଆନ ନିକଟରେ କୋର୍ଟରେ ଆବେଦନ କରିଥିଲେ। ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍ଆଇକୁ ସସ୍‌ପେଣ୍ଡ କରିଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ କୁସ୍ତିଯୋଦ୍ଧାମାନେ ଅସୁବିଧାରେ ପଡୁଛନ୍ତି। ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂ ୟୁଡବ୍ଲ୍ୟୁଡବ୍ଲ୍ୟୁ ନିକଟକୁ ଲେଖିଥିବା ତାଙ୍କର ଏକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କ୍ରୀଡ଼ାମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍ଆଇର ସ୍ୱାଧୀନତା ଉପରେ ହସ୍ତକ୍ଷେପ ଜାରି ରଖିବା ଦୁର୍ଭାଗ୍ୟଜନକ। ନୂଆ କର୍ମକର୍ତ୍ତା ନିର୍ବାଚିତ ହେବାପରେ ୨୦୨୩ ଡିସେମ୍ବର ୨୪ରେ ଡବ୍ଲ୍ୟୁଏଫ୍ଆଇକୁ ସସ୍‌ପେଣ୍ଡ କରିଥିଲା କ୍ରୀଡ଼ା ମନ୍ତ୍ରଣାଳୟ। ଏଥିସହିତ ଡବ୍ଲ୍ୟୁଏଫ୍ଆଇର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବା ଲାଗି ଏକ ଆଡହକ୍ କମିଟି ଗଠନ ଲାଗି ଭାରତୀୟ ଅଲିମ୍ପିକ ଆସୋସିଏଶନକୁ ନିର୍ଦ୍ଦେଶ ଦେଇଥିଲା। ୟୁଡବ୍ଲ୍ୟୁଡବ୍ଲ୍ୟୁ ଗତ ଫେବୃଆରୀରେ ଡବ୍ଲ୍ୟୁଏଫ୍ଆଇ ଉପରୁ ବାସନ୍ଦ ହଟାଇଦେବା ପରେ ଆଇଓଏ ମହାସଂଘ ପରିଚାଳନା ଦାୟିତ୍ୱରେ ଥିବା ଆଡହକ୍ କମିଟିକୁ ଭଙ୍ଗ କରିଦେଇଥିଲା। ତେବେ ଏହାପରେ ଡବ୍ଲ୍ୟୁଏଫ୍ଆଇ ପି.ଟି. ଉଷାଙ୍କ ନେତୃତ୍ୱାଧୀନ ଭାରତୀୟ ଅଲିମ୍ପିକ ଆସୋସିଏଶନଠାରୁ ସମର୍ଥନ ପାଇ ଆସୁଥିଲା। ମାତ୍ର ୨୦୨୩ ଡିସେମ୍ବର ୨୪ରେ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଜାରି କରାଯାଇଥିବା ଚିଠିକୁ ଡବ୍ଲ୍ୟୁଏଫ୍ଆଇ ପ୍ରଶାସନରେ ହସ୍ତକ୍ଷେପ କରାଯାଉଛି ବୋଲି ଅଭିଯୋଗ କରାଯିବା ପରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ସମସ୍ୟା ସୃଷ୍ଟି କରିଆସୁଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ